
◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-256 •SUNDAY •15 MARCH 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨୫୬ •ରବିବାର •୧୫ ମାର୍ଚ୍ଚ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦ (ସିନ୍ଦୂରା ସହ)


### ରାଜ୍ୟସଭା ରାଜନୀତି ଉଷ୍ମ

# ଆଶା-ଆଶଙ୍କାରେ ତିନି ଦଳ

■ ଭୁବନେଶ୍ୱର, ୧୪।୩ (ସମିସ): ରାଜ୍ୟସଭାର ୩୭ଟି ଆସନ ପାଇଁ ୧୦ଟି ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ଏହି ୧୦ଟି ରାଜ୍ୟ ମଧ୍ୟରୁ ଅଧିକାଂଶ ରାଜ୍ୟରେ ଭୋଟ୍ ଗ୍ରହଣର ଆବଶ୍ୟକତା ନ ଥିବା ବେଳେ ଓଡ଼ିଶା, ବିହାର ଓ ହରିୟାଣାରେ ଭୋଟିଂ ପାଇଁ ସ୍ଥିର ହୋଇଛି। ଏହି ୩ଟି ରାଜ୍ୟରେ ଆସନ ସଂଖ୍ୟା ତୁଳନାରେ ପ୍ରାର୍ଥୀଙ୍କ ସଂଖ୍ୟା ଅଧିକ ଥିବାରୁ ୧୬ ତାରିଖରେ ଭୋଟିଂ ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ତେବେ ଭୋଟ୍ ଗ୍ରହଣ ହେବାକୁ ଥିବା ୩ ଟି ରାଜ୍ୟ ମଧ୍ୟରୁ ଓଡ଼ିଶା ବର୍ତ୍ତମାନ ସବୁଠୁ ଚର୍ଚ୍ଚିତ ରହିଛି। କାରଣ ଓଡ଼ିଶାର ୪ଟି ଆସନ ମଧ୍ୟରୁ ଦୁଇଟି ବିଜେପି ଓ ଗୋଟିଏ ଆସନ ବିଜେଡିକୁ ସହଜ ବିଜୟ ମିଳୁଥିଲେ ମଧ୍ୟ ଚତୁର୍ଥ ଆସନ ପାଇଁ ରୋଚକ ଲଢ଼େଇ

**ଶାସକ ଦଳକୁ ବିରୋଧୀ ବିଜେଡି ସଦସ୍ୟଙ୍କ ଶାଣିତ ନିଶାଣ**

**ମୋହନା ବିଧାୟକ ଦାଶରଥୀ ଗମାଙ୍ଗୋଙ୍କ ପତ୍ତା ପାଉନି କଂଗ୍ରେସ**

**ଦଳୀୟ ଶୃଙ୍ଖଳା ଭଙ୍ଗକଲେ କଠୋର କାର୍ଯ୍ୟାନୁଷ୍ଠାନ ଚେତାବନୀ**

ଜାରି ରହିଛି। ଚତୁର୍ଥ ଆସନ ପାଇଁ ବିଜେଡି, କଂଗ୍ରେସ ଓ ସିପିଆଇ(ଏମ୍) ସମର୍ଥନରେ ଡାକ୍ତର ଦତ୍ତେଶ୍ୱର ହୋତା ମିଳିତ ପ୍ରାର୍ଥୀ ହୋଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ପ୍ରାର୍ଥିତ୍ୱକୁ ବିଜେପି ସମର୍ଥନ ଦେଇଛି। ଓଡ଼ିଶାରେ ଗୋଟିଏ ଆସନ ଜିତିବା ପାଇଁ ୩୦ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକତା ପଡୁଥିବା ବେଳେ ସଂଖ୍ୟା ଦୃଷ୍ଟିରୁ ଚତୁର୍ଥ ଆସନ ମିଳିତ ପ୍ରାର୍ଥୀଙ୍କ ସପକ୍ଷରେ ରହୁଛି। ଏହାସତ୍ତ୍ୱେ ବିଜେପି ପକ୍ଷରୁ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ବିଜୟ ପାଇଁ ସବୁ ପ୍ରକାର ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ରାଜ୍ୟସଭା ରାଜନୀତି ରୋଚକ ସ୍ଥିତିରେ ଥିବାବେଳେ ଚତୁର୍ଥ ଆସନରେ ପ୍ରାର୍ଥୀଙ୍କ ବିଜୟ ନେଇ ଶାସକ ବିଜେପି, ବିରୋଧୀ ବିଜେଡି ଏବଂ କଂଗ୍ରେସର ନେତୃବୃନ୍ଦ ଆଶା-ଆଶଙ୍କାରେ ରହିଛନ୍ତି। ଅନ୍ୟପଟେ ଘୋଡ଼ା ବେପାରକୁ ଲକ୍ଷ୍ୟ କରି କଂଗ୍ରେସ ନିଜର ▶ପୃଷ୍ଠା-୭

## ବିଜେପି କରୁଛି ଘୋଡ଼ା ବେପାର: ନବୀନ



■ ଭୁବନେଶ୍ୱର, ୧୪।୩ (ସମିସ): ରାଜ୍ୟସଭା ନିର୍ବାଚନ ପାଇଁ ଆଉ ଦିନକ ପରେ ଭୋଟ୍ ଗ୍ରହଣ ହେବ। ଏହା ପୂର୍ବରୁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ନିଜର ପ୍ରାର୍ଥୀଙ୍କ ବିଜୟ ପାଇଁ ଜୋରଦାର ଉଦ୍ୟମ ଜାରି ରଖିଛନ୍ତି। ଏହି ସମୟରେ ରାଜ୍ୟରେ ଘୋଡ଼ା ବେପାରକୁ ନେଇ ଜୋରଦାର ଚର୍ଚ୍ଚା ଭିତରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ଶାସକ ବିଜେପିକୁ ନିଶାଣ କରିଛନ୍ତି। ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ଘୋଡ଼ା ବେପାର କରୁଛି। ବିଜେପିର ୩ ଜଣ ପ୍ରାର୍ଥୀ ଘୋଡ଼ା ବେପାର ପାଇଁ ସବୁ ପ୍ରକାର ଉଦ୍ୟମ କରୁଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ ଜିତିବା ପାଇଁ ଏହା କରିବା ଏକ ▶ପୃଷ୍ଠା-୭

**ଗଣତାନ୍ତ୍ରିକ ପ୍ରକ୍ରିୟାରେ ଏହା ଅପରାଧ ସଦୃଶ**

## ଶାସକ ଦଳକୁ ବି କ୍ରସ୍ ଭୋଟିଂ ଭୟ



**୩ଟି ବସ୍‌ରେ ପାରାଦୀପ ଗଲେ ବିଜେପି ବିଧାୟକ**

■ ଭୁବନେଶ୍ୱର, ୧୪।୩ (ସମିସ): ଚଳିତ ରାଜ୍ୟସଭା ନିର୍ବାଚନରେ ଚତୁର୍ଥ ଆସନକୁ ନେଇ ଘୋଡ଼ା ବେପାର ପଲିଟିକ୍ସ ଜାରି ରହିଛି। ସଂଖ୍ୟା ଗଣିତକୁ ନେଇ ଏହି ଆସନ ପାଇଁ କ୍ରସ୍ ଭୋଟିଂ ହେବାର ଆଶଙ୍କା ବଢ଼ିଛି। ଶାସକ ବିଜେପି ମଧ୍ୟ ଏହି ଭୟରୁ ବାଦ୍ ପଡ଼ିନାହିଁ। ସ୍ୱାଧୀନ ପ୍ରାର୍ଥୀଙ୍କୁ ଚତୁର୍ଥ ଆସନରେ ଜିତାଇବା ପାଇଁ ପଣ କରିଥିବା ବିଜେପି ଦଳୀୟ ବିଧାୟକଙ୍କ ଦ୍ୱାରା କ୍ରସ୍ ଭୋଟିଂ ଆଶଙ୍କା କରି ନିର୍ବାଚନ ପୂର୍ବରୁ ସମସ୍ତ ▶ପୃଷ୍ଠା-୭

### ମଧ୍ୟପ୍ରାଚ୍ୟରେ ଅସ୍ଥିରତା: ସଙ୍କଟରେ ଜୀବନଜୀବିକା

# ଚାକିରି ଛାଡ଼ି ସ୍ୱଦେଶ ଫେରୁଛନ୍ତି ଭାରତୀୟ



**ବର୍ଷକୁ ପ୍ରାୟ ୫୧ ବିଲିୟନ ଡଲାର ଅର୍ଥ ପଠାଉଛନ୍ତି**

**କାରବାର କରିପାରୁନାହାନ୍ତି ଭାରତୀୟ ବ୍ୟବସାୟୀ**

**ଯୁଦ୍ଧରେ ୫ ଭାରତୀୟ ନାଗରିକଙ୍କ ମୃତ୍ୟୁ, ୪ ନିଖୋଜ**

■ ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି): ସମଗ୍ର ବିଶ୍ୱ ଏବେ ଶକ୍ତି ଏବଂ ମାନବୀୟ ସଙ୍କଟର ସମ୍ମୁଖୀନ ହୋଇଛି। ଇସ୍ରାଏଲ ଏବଂ ଆମେରିକାର ଇରାନ ଉପରେ ସମ୍ମିଳିତ ଆକ୍ରମଣ ପରେ ଏପରି ସ୍ଥିତି ସୃଷ୍ଟି ହୋଇଛି। ଏଥିଯୋଗୁଁ ମଧ୍ୟପ୍ରାଚ୍ୟ ଅସ୍ଥିରତା ମଧ୍ୟକୁ ଠେଲି ହୋଇଯାଇଛି। ଏହି ଆକ୍ରମଣକୁ ନେଇ ଇରାନ ରକ୍ତମୁଖା ହୋଇ ପ୍ରମୁଖ ଶକ୍ତି ଯୋଗାଣ ମାର୍ଗ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେଇଛି। ଯାହା ଫଳରେ ବୈଶ୍ୱିକ ସ୍ତରରେ ଶକ୍ତି ସଙ୍କଟ ଘନେଇଛି।

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ୧୫ଦିନ ବିତିଥିବା ବେଳେ ଉପସାଗରୀୟ ଦେଶରେ ଥିବା ଆମେରିକା ନୌସେନା ଘାଟୀକୁ ନିଶାଣ କରି ଇରାନ ଜୋରଦାର କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ କରିଚାଲିଛି। ଏହି ଯୁଦ୍ଧର ବିଭୀଷିକା ଭାରତୀୟ ଅର୍ଥ ବ୍ୟବସ୍ଥା ପାଇଁ ଘାତକ ହୋଇଛି। ମଧ୍ୟପ୍ରାଚ୍ୟରେ ଜାରି ଏହି ସଂଘର୍ଷ ଲାଗି ବିଦେଶରେ ରହୁଥିବା ଭାରତୀୟ ନାଗରିକ ବହୁଳ ଭାବେ ପ୍ରଭାବିତ ହୋଇଛନ୍ତି। ଏହା ଭାରତର ଅର୍ଥ ବ୍ୟବସ୍ଥାକୁ ମୋଡ଼ି ମକଚି ଦେଇଛି।

ସୂଚନା ଅନୁଯାୟୀ, ଉପସାଗରୀୟ ଦେଶରେ ପ୍ରାୟ ୯୭ ଲକ୍ଷ ଭାରତୀୟ ରହୁଛନ୍ତି। ଭାରତୀୟ ଅର୍ଥନୀତି ପାଇଁ ଏମାନଙ୍କ ଯୋଗଦାନ ଅତୁଳନୀୟ ରହିଛି। ଏହି ଅଞ୍ଚଳରେ ଥିବା ଭାରତୀୟ ନାଗରିକ ପ୍ରତିବର୍ଷ ଦେଶକୁ ୫୦ରୁ ୫୧ ବିଲିୟନ ଡଲାର ପଠାଇ ଥାଆନ୍ତି। ସାରା ବିଶ୍ୱର ଭାରତୀୟମାନେ ପଠାଉଥିବା ଅର୍ଥ (ରେମିଟାନ୍ସ)ର ଏହା ୩୮ ପ୍ରତିଶତ ହୋଇଥିବା ବେଳେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଏହାର ଯୋଗାଦନ ୩.୫ ପ୍ରତିଶତ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତକୁ ମୋଟ ୧୧୮.୭ ବିଲିୟନ ଡଲାର ଅର୍ଥ ଆସିଥିଲା। ଏଥିରେ ଆମେରିକାରେ ▶ପୃଷ୍ଠା-୭

**ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ**

# ଉତ୍କଟ ହେଉଛି ଗ୍ୟାସ୍ ସଙ୍କଟ

**ୟୁପି-ପଞ୍ଜାବରେ ସିଲିଣ୍ଡର ପାଇଁ ଲାଇନ ଦେଇ ୨ ମୃତ**

**୫ ଦିନ ପରେ ବାଣିଜ୍ୟିକ ସିଲିଣ୍ଡର ଯୋଗାଣ ଆରମ୍ଭ**

**ପିଏନ୍‌ଜି ଗ୍ରାହକଙ୍କୁ ଦିଆଯିବନି ଏଲ୍‌ପିଜି**

**ସ୍ଥିତି ସଙ୍କଟଜନକ; ଗ୍ୟାସ ସମ୍ପୂର୍ଣ୍ଣ ସରିଯାଇନି: କେନ୍ଦ୍ର**

■ ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଉତ୍ତେଜନା ପାଇଁ ଭାରତରେ ଏଲ୍‌ପିଜି ସଙ୍କଟ ବୃଦ୍ଧି ପାଇଛି। ଅନେକ ସ୍ଥାନରେ ରୋଷେଇ ଗ୍ୟାସ ମିଳୁନାହିଁ। ଏଥିପାଇଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ସବୁ ରାଜ୍ୟରେ ସିଲିଣ୍ଡର ପାଇଁ ଲମ୍ବା ଧାଡ଼ି ଲାଗି ରହିଛି। ଲୋକେ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରି ବି ଗ୍ୟାସ ପାଉନାହାନ୍ତି। ଏହାକୁ ନେଇ ଗଣ୍ଡଗୋଳ ହେଉଥିବାରୁ ମଧ୍ୟପ୍ରଦେଶରେ ପୁଲିସ ମୁତୟନ କରିବାକୁ ପଡ଼ିଛି। ଉତ୍ତର ପ୍ରଦେଶେ ସିଦ୍ଧାର୍ଥ ନଗରରେ ଲୋକେ ରାତିରୁ ଏଜେନ୍ସି ଆଗରେ ଛିଡ଼ା ହେଉଛନ୍ତି। ଗ୍ରାମାଞ୍ଚଳଠାରୁ ସହରାଞ୍ଚଳର ସ୍ଥିତି ବଳି ଯାଇଛି। ହଠାତ ଗ୍ୟାସ ସରି ଯାଇଥିବା ଲୋକେ କ'ଣ କରିବେ ବାଟ ପାଉ ନାହାନ୍ତି। ଗ୍ୟାସ ଆସୁ ନ ଥିବା କହି ଏଜେନ୍ସି ଦୋଷ ଛଡ଼େଇ ଦେଉଛନ୍ତି। ମାତ୍ର ସଙ୍କଟର ସୁଯୋଗ ନେଇ ଅସାଧୁ ବ୍ୟବସାୟୀ କଳା ବଜାରୀ ଆରମ୍ଭ କରିଦେଇଛନ୍ତି। ଯେଉଁ ଗ୍ୟାସ ୧୦୦୦ ଟଙ୍କାରେ ବିକ୍ରି ହେଉଥିଲା ଏବେ ତାହା ୧୮୦୦ ଟଙ୍କା ପାର କରିଯାଇଛି। ଅଧିକ ଟଙ୍କା ହେଲେ ବି ସଙ୍କଟ ପାଇଁ ଲୋକେ ଅର୍ଥ ଦେବାକୁ ପଛାଉ ନାହାନ୍ତି। ମାତ୍ର ଟଙ୍କା ଦେଲେ ବି ଗ୍ୟାସ ମିଳୁନାହିଁ। ସରକାର ମଧ୍ୟ ସଙ୍କଟ ଥିବା ମଙ୍ଗିଛନ୍ତି, ମାତ୍ର ଗ୍ୟାସ ସମ୍ପୂର୍ଣ୍ଣ ଶେଷ ହୋଇଯାଇନାହିଁ ▶ପୃଷ୍ଠା-୭

## ୪୧% ବଢ଼ିଲାଣି ଅଶୋଧିତ ତୈଳ ଦର

**୧୫୦ ଡଲାର୍ ଛୁଇଁବା ଆଶଙ୍କା**

■ ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି): ଇରାନ ଯୁଦ୍ଧ ପାଇଁ ଅଶୋଧିତ ତୈଳ ମୂଲ୍ୟରେ ନିଆଁ ଲାଗିଛି। ଏହା ହୁ ହୁ ହୋଇ ବଢ଼ିବାର ଲାଗିଛି। ଯୁଦ୍ଧର ମାତ୍ର ୧୫ ଦିନ ମଧ୍ୟରେ ଅଶୋଧିତ ତୈଳ ମୂଲ୍ୟ ୪୧ ପ୍ରତିଶତ ବୃଦ୍ଧି ପାଇଲାଣି। କାରଣ ଯୋଗାଣ ଶୃଙ୍ଖଳ ପ୍ରଭାବିତ ହୋଇଯାଇଛି। ହର୍ମୁଜ ଷ୍ଟ୍ରେଟକୁ ବନ୍ଦ କରି ଇରାନ ଶକ୍ତି ସୁରକ୍ଷାକୁ ଅସୁରକ୍ଷା ମଧ୍ୟକୁ ଠେଲି ଦେଇଛି। ଏହାରି ପ୍ରଭାବରେ ବିଶ୍ୱ ଶକ୍ତି ବଜାର, ବିଶେଷ କରି ଏସିଆ ଦେଶ ଉପରେ ଚାପ ବଢ଼ିବାରେ ଲାଗିଛି। ସୂଚନା ଅନୁଯାୟୀ, ଫେବୃଆରୀ ୨୭ରେ ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ▶ପୃଷ୍ଠା-୭






**ଅଟକ ଆଦେଶ ପ୍ରତ୍ୟାହାର କଲେ କେନ୍ଦ୍ର ସରକାର**

## ୬ ମାସ ପରେ ଜେଲ୍‌ରୁ ମୁକୁଳିଲେ ସୋନମ୍ ୱାଙ୍ଗଚୁକ୍



■ ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି): ବିଶିଷ୍ଟ ପରିବେଶବିତ୍ ତଥା ଲଦାଖର ଜଳବାୟୁ କାର୍ଯ୍ୟକର୍ତ୍ତା ସୋନମ ୱାଙ୍ଗଚୁକ ଆଜି ଜେଲରୁ ମୁକୁଳିଛନ୍ତି। ୱାଙ୍ଗଚୁକ୍ ଯେଉଁ ଜାତୀୟ ସୁରକ୍ଷା ଆଇନ୍ (ଏନ୍‌ଏସ୍‌ଏ) ଅଧୀନରେ ବନ୍ଦୀ ଥିଲେ, ସେ ସଂକ୍ରାନ୍ତ ଆଦେଶକୁ କେନ୍ଦ୍ର ସରକାର ଶନିବାର ପ୍ରତ୍ୟାହାର କରିନେବା ପରେ ତାଙ୍କୁ ରାଜସ୍ଥାନର ଯୋଧପୁର ଜେଲ୍‌ରୁ ମୁକ୍ତ କରାଯାଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି ଯେ ଲଦାଖର ଶାନ୍ତି, ସ୍ଥିରତା ଓ ପାରସ୍ପରିକ ବିଶ୍ୱାସର ବାତାବରଣ ସୃଷ୍ଟି କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ସରକାର ଓ ସ୍ଥାନୀୟ ▶ପୃଷ୍ଠା-୭




## ରକ୍ତଶିକୁଳି ପୀଡିତା ଶାରଦାଙ୍କ ହୋଇପାରୁନି ଆଧାର କାର୍ଡ

# ଅଧା ରହିଯାଇଛି ପାଠପଢ଼ା; ସ୍ୱପ୍ନ ପାଲଟିଛି ସରକାରୀ ସହାୟତା

ରାୟଗଡ଼ା, ୧୪।୩(ସମିସ)

ରାୟଗଡ଼ା ଜିଲ୍ଲା ସଦର ବ୍ଲକ କେରଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅତଡା ଗ୍ରାମର ୨୪ ବର୍ଷିୟ ଝିଅ ଶାରଦା ହାରିକାଙ୍କ ଆଧାର କାର୍ଡ ହୋଇପାର ନଥିବା ସେ ସରକାରୀ ଯୋଜନା ଓ ସହାୟତାରୁ ବଞ୍ଚିତ ହୋଇଛନ୍ତି। ସେ ସିକଲିନ୍ (ରକ୍ତଶିକୁଳି) ରୋଗରେ ପୀଡିତ। ଦୀର୍ଘ ୮ବର୍ଷ ହେଲାଣି ସେ ଏହି ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଛନ୍ତି। ବର୍ଷକୁ ୪ଥର ରକ୍ତ ନେବାକୁ ପଡୁଛି। ଗୋଟିଏ ଥର ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରୁ ମିଳୁଥିବା ବେଳେ ବଳକା ତିନି ଥର ପାଇଁ ଅନ୍ୟ ପ୍ରକାରେ ଯୋଗାଡ କରିବାକୁ ପଡୁଛି। ଯାହାକି ଶାରଦା ଓ ତାଙ୍କ ପରିବାର ପାଇଁ କଷ୍ଟସାଧ ହେଉଛି। ସେ ଘରେ ରହି ମା'ଙ୍କୁ ଘର କାମରେ ଅଳ୍ପ ବହୁତ ସାହାଯ୍ୟ କରିଥାନ୍ତି। ଏଭଳି ଯନ୍ତ୍ରଣା ମଧ୍ୟରେ ଶାରଦାଙ୍କ ଆଧାର କାର୍ଡ ନ ଥିବାରୁ ସେ ଅଧାରୁ ପାଠପଢ଼ା ବନ୍ଦ କରିଦେଇଥିବା ବେଳେ ରାସନ କାର୍ଡରେ ଚାଉଳ କିମ୍ବା ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଜଣାପଡ଼ିଛି। ଆଧାର କାର୍ଡ ପାଇଁ ଆଧାର କେନ୍ଦ୍ର ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ଯାଏଁ ଦୌଡି ଦୌଡି ସେ ନୟାନ୍ତ ହେଲେଣି। ବିଶେଷ କରି ତାଙ୍କର ଫିଙ୍ଗର ପ୍ରିଣ୍ଟ ଓ ଆଖି ସ୍କାନିଂ ହୋଇ



ପାରୁ ନ ଥିବା ତାଙ୍କ ବାପା ତିରୁପତି ହାରିକା କହିଛନ୍ତି। ଶାରଦା ଦଶମ ଶ୍ରେଣୀ ଯାଏଁ ପଢ଼ିବା ପରେ ଆଉ ଉଚ୍ଚ ଶିକ୍ଷା ପାଇଁ ପାଠ ପଢ଼ି ପାରି ନ ଥିଲେ। ଅଧାରୁ ପାଠ ଛାଡିବାର ଆଧାର କାର୍ଡ ଏକ ମୁଖ୍ୟ କାରଣ ବୋଲି ବାପା କହିଛନ୍ତି। ସେ ଜଣେ ଉଚ୍ଚ ଶିକ୍ଷିତା ହେବା ପାଇଁ ସ୍ୱପ୍ନ ଦେଖିବା ସହ ଜଣେ ଶିକ୍ଷୟତ୍ରୀ ହେବାକୁ ଆଶା ରଖିଥିଲେ ବୋଲି ଶାରଦାଙ୍କ ମାଆ ପଦ୍ମାବତୀ ହାରିକା କହିଛନ୍ତି। ଶାରଦା ରକ୍ତଶିକୁଳି ରୋଗରେ ପୀଡିତ ଥିବା ଯୋଗୁଁ ଅନେକ ସମୟରେ ରକ୍ତାଭାବ ପାଇଁ ଶାରଦାଙ୍କ ମୁହଁ, ଗୋଡ ଓ ହାତ ଫୁଲି ଯାଉଛି। ଆର୍ଥିକ ସମ୍ବଳ ନ ଥିବା ବେଳେ ବାପା ତିରୁପତି ଜଣେ ଦିନ ମଜୁରିଆ ଭାବେ କାମ କରି ନିଜ ସ୍ତ୍ରୀ, ଦୁଇ ଝିଅ ଓ ଗୋଟିଏ ପୁଅକୁ ଭରଣ ପୋଷଣ କରୁଛନ୍ତି। ଗରୀବ ପରିବାରକୁ ସହାୟତା କରିବା ପାଇଁ ଶାରଦା ନିବେଦନ କରିଛନ୍ତି। ଶାରଦାଙ୍କ ପରିବାର ମୁଣ୍ଡ ଗୁଂଜିବା ପାଇଁ ପକ୍କା ଘରଟିଏ ନ ଥିବା ବେଳେ ଚାଳଛପର ସହ ଘର ଚାରିକାନ୍ଥ ବାଉଁଶ ଡେରି ଝାଟିମାଟିରେ ତିଆରି ଘରେ ୬ପ୍ରାଣୀ କୁଟୁମ୍ବ ରହୁଛନ୍ତି। ଅପରପକ୍ଷେ ଏନେଇ ରାୟଗଡ଼ା ଉପଜିଲ୍ଲାପାଳ ରମେଶ କୁମାର ଜେନାଙ୍କ ପ୍ରତିକ୍ରିୟା ନେବାରୁ ଯଥାଶୀଘ୍ର ଆଧାର କାର୍ଡ କରାଯିବା ସହିତ ପ୍ରଶାସନ ପକ୍ଷରୁ ପରିବାରକୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ଅବକାରୀ ଚଢ଼ଉ; ସଲପ ତାଡ଼ି ଜବତ



ନନ୍ଦାହାଣ୍ଡି, ୧୪।୩(ସମିସ): ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଅବକାରୀ ବିଭାଗ ଶନିବାର ଖାତିଗୁଡ଼ା ଥାନା ଅଧୀନସ୍ଥ ନନ୍ଦାହାଣ୍ଡି ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଲାଉଗୁଡ଼ା ଛକ ନିକଟରେ ଦୁଇଜଣ ବେପାରୀଙ୍କ ନିକଟରୁ ସଲପ ତାଡ଼ି ଜବତ କରିଛନ୍ତି। ଉକ୍ତ ଦୁଇଜଣ କୋରାପୁଟ ଜିଲ୍ଲା ବି. ସିଙ୍ଗପୁର ଥାନା ଅନ୍ତର୍ଗତ ଚୋପାଡ଼ି ଗ୍ରାମର ବିନଦ ବିଷୋୟୀ ଓ ମକର ନାୟକ ବୋଲି ଜଣାପଡ଼ିଛି। ଜଣଙ୍କ ଠାରୁ ପଚିଶ ଲିଟର ସଲପ ସହ ଏକ ମୋପେଡ ଗାଡ଼ି ଜବତ କରାଯାଇଛି। ଅନୁରୂପ ଭାବେ କମଳ ନାୟକ ଠାରୁ ମଧ୍ୟ କୋଡ଼ିଏ ଲିଟର ସଲପ ସମେତ ମୋପେଡ୍ ଗାଡ଼ି ଜବତ କରାଯାଇଛି। ଉଭୟଙ୍କୁ ନବରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ପିଆର ସଂଖ୍ୟା ୧୩୯/୨୦୨୫-୨୬ ଓ ୧୪୦/୨୦୨୫-୨୬ ରେ ପୃଥକ୍ ପୃଥକ୍ ମୋକଦ୍ଦମା ଦାଏର କରାଯାଇଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା-୩୫ ଆଧାରରେ ଉଭୟଙ୍କୁ ଘଟଣା ସ୍ଥଳରେ ହିଁ ଛାଡ଼ି ଦିଆଯାଇଥିଲା। ଏହି ଚଢ଼ଉ ଟିମରେ ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ସମେତ ରିସ୍ମା ସୁନା ଓ ଆକ୍ରମ୍ ଖାନ ସାମିଲ ଥିଲେ।

● ମାରଣାସ୍ତ୍ର ଦେଖାଇ ଘରୁ ଲୁଟ୍ ଘଟଣା

# ଆଉ ୨ ଡକାୟତ ଗିରଫ

ଉମରକୋଟ, ୧୪।୩(ସମିସ): ଗତ ଫେବୃଆରୀ ୨୩ରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅନ୍ତର୍ଗତ କୋଚିନିଆମ୍ବା ଗ୍ରାମର ଅମୁଲ୍ୟ ଜେନାଙ୍କ ଘରୁ ମାରଣାସ୍ତ୍ର ଦେଖାଇ ୭୦ ଲକ୍ଷ ଟଙ୍କା ଓ ସୁନା ଗହଣା ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି ଉମରକୋଟ ପୋଲିସ। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ୭ ଜଣ ଲୁଟେରାଙ୍କୁ ମାର୍ଚ୍ଚ ୩ରେ ଗିରଫ କରିବାରେ ସଫଳ ହୋଇଥିବା ବେଳେ ଆଜି ପୁଣି ଆଉ ଦୁଇ ଜଣଙ୍କୁ ଗିରଫ କରିଛି ଉମରକୋଟ ପୋଲିସ। ସେମାନଙ୍କ ଠାରୁ ୩ ଲକ୍ଷ ଦୁଇ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଜବତ କରାଯାଇଛି। ଦୁଇ ଲୁଟେରା



**୩ ଲକ୍ଷ ୨ ହଜାର ଟଙ୍କା ସହ ମୋବାଇଲ ଜବତ**

ପାପଡ଼ାହାଣ୍ଡି ବ୍ଲକର ଧାରନା ବେଢ଼ା ଗ୍ରାମର ଖିରୋଜ ଭକ୍ତ ଓ ଚୈତନ ହରିଜନ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ୨୩ ତାରିଖରେ କୋଚିନିଆମ୍ବ ଗ୍ରାମର ଅମୂଲ୍ୟ ଜେନାଙ୍କ ଘରେ ଛଅ ମୁଖା ପିନ୍ଧା ଡକାୟତ ଘର ଭିତରେ ପଶି ଅମୂଲ୍ୟ ଜେନାଙ୍କ ବେକରେ ଭୁଜାଲି ରଖି, ହାତ ଗୋଡ଼ ବାନ୍ଧି ଗଡ଼ରେଜରୁ ୭୦ ଲକ୍ଷ ଟଙ୍କା ଓ ସୁନାମୁଦୀ ୧୪ ଟି ଓ ସୁନା ଲକେଟ ତିନୋଟି ଓ ମାଙ୍କ କାନଫୁଲ ଲୁଟି ନେଇଥିଲେ। ନବରଙ୍ଗପୁର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଉମରକୋଟ ଏସଡିପିଓଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ୨୧ ଲକ୍ଷ ୩୩ ହଜାର ଟଙ୍କା, ଏକ ଅର୍ଟିଗା କାର୍, ଏକ ସ୍କୁଟି ଏବଂ ୩୦ ଗ୍ରାମ ସୁନା ଗହଣା ଜବତ କରାଯିବା ସହ ମାର୍ଚ୍ଚ ୩ରେ ୭ ଜଣଙ୍କୁ ପୁଲିସ ଗିରଫ କରିଥିଲା। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ମୋଟ ୯ ଜଣ ଗିରଫ ହୋଇଥିବା ବେଳେ ଆହୁରି ତଦନ୍ତ ଚାଲିଛି। ଏଥିରେ ଆହୁରି ସମ୍ପୃକ୍ତ ଥିବା ସମସ୍ତଙ୍କୁ ଗିରଫ କରାଯିବ ବୋଲି ନବରଙ୍ଗପୁର ଅତିରିକ୍ତ ଏସପି ଆଦିତ୍ୟ ସେନ ସୂଚନା ଦେଇଛନ୍ତି।

# ବିପଦସଙ୍କୁଳ ରାଜସ୍ୱ ଅତିଥି ବଙ୍ଗଳା

ବନ୍ଧୁଗାଁ, ୧୪।୩(ସମିସ): ବନ୍ଧୁଗାଁ ବ୍ଲକସଦର ପଞ୍ଚାୟତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଥିବା ରାଜସ୍ୱ ବିଭାଗର ଅତିଥି ବଙ୍ଗଳା ଗୃହ ସମ୍ପୂର୍ଣ୍ଣ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ୧୯୮୦ ମସିହାରେ ରାଜସ୍ୱ ଅତିଥି ବଙ୍ଗଳା ଗୃହ ନିର୍ମିତ ହୋଇଥିଲା। ଆନ୍ଧ୍ର ପ୍ରଦେଶ ସୀମାନ୍ତକୁ ଲାଗି ଥିବା ବନ୍ଧୁଗାଁ ବ୍ଲକକୁ ସେହି ସମୟରେ ଯେଉଁ ମନ୍ତ୍ରୀ, ସରକାରୀ ଅଧିକାରୀମାନେ ପରିଦର୍ଶନ ପାଇଁ ଆସୁଥିଲେ ଏହି ଅତିଥି ବଙ୍ଗଳା ଗୃହରେ ଆଶ୍ରୟ ନେଇ ଯାଉଥିଲେ। ସେହି ସମୟରେ ଉଲ୍ଲୁକା ରାମଚନ୍ଦ୍ର ମନ୍ତ୍ରୀ ଥିବା ବେଳେ ଦୁଇ ଥର ମରାମତି କରିଥିଲେ। ଆଜି ସେହି ରାଜସ୍ୱ ଅତିଥି ବଙ୍ଗଳା



ଗୃହର ରକ୍ଷଣବେକ୍ଷଣ ଦିଗରେ ସ୍ଥାନୀୟ ରାଜସ୍ୱ କାର୍ଯ୍ୟାଳୟ କିମ୍ବା ବ୍ଲକ କାର୍ଯ୍ୟାଳୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଆଜି ଏହା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବର୍ତ୍ତମାନ ସେହି ଘରେ ଗାଇ ଗୋରୁ ଅଡ୍ଡା ଜମାଉଥିବା ବେଳେ କିଛି ଲୋକ ଯାଇ ରହୁ ଥିବା ଦେଖିବାକୁ ମିଳିଛି। କେତେବେଳେ ଘରଟି ଭୁଶୁଡ଼ି ପଡ଼ିବ ଏବଂ ଜୀବଜନ୍ତୁ ଓ ନିରୀହ ଲୋକଙ୍କ ଜୀବନ ଚାଲିଯିବ ତାହା କହି ହେବ ନାହିଁ। କିଛି ଅଘଟଣ ଘଟିବା ପୂର୍ବରୁ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ପକ୍ଷରୁ ଅତିଥି ବଙ୍ଗଳା ଗୃହକୁ ସମ୍ପୂର୍ଣ୍ଣ ନଷ୍ଟ କରି ନୂତନ ଭାବରେ ତିଆରି କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଅନୁରୋଧ କରିଛନ୍ତି।

# ହୃଦ୍‌ଘାତରେ ବିଜେଡି ନେତାଙ୍କ ପରଲୋକ





**ଶେଷ ଦର୍ଶନ କଲେ ପୂର୍ବତନ ବିଧାୟକ ଓ ଦଳୀୟ ନେତା**

କୋରାପୁଟ, ୧୪।୩(ସମିସ): ଅବସରପ୍ରାପ୍ତ ହାଲ କର୍ମଚାରୀ ତଥା କୋରାପୁଟ ଜିଲ୍ଲା ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ତ୍ରିନାଥ ପାତ୍ରଙ୍କର ଶନିବାର ଅପରାହ୍ନରେ ହୃଦଘାତରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ସ୍ୱର୍ଗତ ପାତ୍ରଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ଶନିବାର ଅପରାହ୍ନରେ ସେ ପୂଜାରିପୁଟ ସ୍ଥିତ ନିଜ ଘରେ ଥିବା ସମୟରେ ଅଚାନକ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକ ତୁରନ୍ତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲକୁ ନେଇଥିଲେ, କିନ୍ତୁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, କୋରାପୁଟ ପୌର ଅଧ୍ୟକ୍ଷ ତଥା ବିଜୁ ଯୁବ ଜନତା ଦଳ ଜିଲ୍ଲା ସଭାପତି ଲଲାଟ ରଞ୍ଜନ ସେଠୀ, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ପାଣିଗ୍ରାହୀ, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି ପ୍ରମୁଖ ସ୍ୱର୍ଗତ ପାତ୍ରଙ୍କ ବାସ ଭବନରେ ପହଞ୍ଚି ଶୋକ ବ୍ୟକ୍ତ କରିବା ସହ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ପାତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସମୟରୁ ଜନତା ଦଳ ଏବଂ ପରବର୍ତ୍ତୀ ସମୟରେ ବିଜୁ ଜନତା ଦଳରେ ରହି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଜଣେ ଦୃଢ଼ ସମର୍ଥକ ଭାବେ କାମ କରି ବର୍ତ୍ତମାନ ଜିଲ୍ଲା ସାଧାରଣ ସମ୍ପାଦକ ଦାୟିତ୍ୱ ତୁଲାଉଥିଲେ। ସେହିପରି ସ୍ୱର୍ଗତ ପାତ୍ର କୋରାପୁଟ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ଜଣେ ସକ୍ରୀୟ ଆଜୀବନ ସଦସ୍ୟ ଭାବରେ ସେବା କରି ଆସୁଥିଲେ। ଶ୍ରୀ ପାତ୍ରଙ୍କ ମୃତ୍ୟୁରେ କୋରାପୁଟ ଜିଲ୍ଲା ବିଜେଡି ଜଣେ ସଚ୍ଚୋଟ ସ୍ୱଷ୍ଟବାଦୀ ନେତା ହରାଇଲା ବୋଲି ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ମତବ୍ୟକ୍ତ କରିବା ସହ ତାଙ୍କ ବିୟୋଗ କୋରାପୁଟ ବିଜେଡି ପାଇଁ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ଝିନ୍ନ ହିକକା, ପୁର୍ବତନ ବିଧାୟକ ପ୍ରଭୁ ଜାନି, ପୀତମ୍ ପାଡୀ, ପ୍ରଫୁଲ୍ଲ ପାଙ୍ଗି, ମହିଳା ବିଜେଡି ଜୋନାଲ କାର୍ଯ୍ୟକାରୀ ସଭାନେତ୍ରୀ ଲତା ସାହୁ, କାଉନସିଲର କାଦମ୍ବିନୀ ସେଠୀ, ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ ଉର୍ମିଳା ମୁଦୁଲି, ମହିଳା ବିଜେଡି ନଗର ସଭାନେତ୍ରୀ ଦେବିଶ୍ରୀ ପ୍ରଧାନ, ଜିଲ୍ଲା ଉପସଭାନେତ୍ରୀ ଲିଲି ବୁରୁଡି ଏବଂ ଅନ୍ୟମାନେ ଶ୍ରୀ ପାତ୍ରଙ୍କ ବିୟୋଗରେ ଦୁଃଖ ପ୍ରକାଶ କରି ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷ କୃତ୍ୟ ସମ୍ପର୍ଣ୍ଣ ହେବ ବୋଲି ଜଣାପଡ଼ିଛି।

# ଅଗ୍ନିବୀର ଯୋଜନା ସଚେତନତା କାର୍ଯ୍ୟକ୍ରମ



ଜୟପୁର, ୧୪।୩(ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟଠାରେ ୧୫ତମ ଏନସିସି ଓଡ଼ିଶା ବ୍ୟାଟାଲିୟନ୍ ଏନସିସି ପକ୍ଷରୁ ଅଗ୍ନିବୀର ଯୋଜନା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଏନ୍‌ସିସି ଛାତ୍ର, ଛାତ୍ରୀ ଓ ଯୁବମାନଙ୍କୁ ଭାରତୀୟ ସେନାରେ ଯୋଗଦାନ ପାଇଁ ପ୍ରେରଣା ଦିଆଯାଇଥିଲା। ଅଗ୍ନିବୀର ଯୋଜନା ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସେନା ଓ ପ୍ରଶାସନିକ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଛାତ୍ରମାନଙ୍କ ଯୋଜନାର ଯୋଗ୍ୟତା, ଚୟନ ପ୍ରକ୍ରିୟା, ପ୍ରଶିକ୍ଷଣ ଓ ଭବିଷ୍ୟତ ସୁଯୋଗ ବିଷୟରେ ଅବଗତ କରାଯାଇଥିଲା। ଏହି ଅବସରର ଗୋପାଳପୁର ସେନା କାର୍ଯ୍ୟାଳୟର ସୁବେଦାର ମେଜର ସନ୍ତୋଷ କୁମାର, ହାବିଲଦାର ସୁଭାଷ ଘୋଷ, ଏମ୍‌ଟିଏସ୍ ସୁଧୀର କୁମାର ରାଣା, ଓ ଯୁଗଳ କିଶୋର କୁଶ୍ରାହେ, ଜୟପୁର ଏନସିସି ୧୫ତମ ବାଟାଲିୟନ କେନ୍ଦ୍ରର ଲେଫନାଣ୍ଟ କର୍ଣ୍ଣଲ ପ୍ରୀତି ରଞ୍ଜନ ଦାଶ, ସୁବେଦାର ଜଗଦୀଶ ପ୍ରସାଦ ଯାଦବ, ହାବିଲଦାର ଅମନଦୀପ ସିଂହ ଓ ବିକ୍ରମ ସିଂହ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଏନସିସି ପ୍ରଶିକ୍ଷକ କ୍ୟାପେଟନ ଡ. ଲକ୍ଷ୍ମଣ ପାତ୍ର, ଲେଫ୍ଟନାଣ୍ଟ ସନ୍ତୋଷୀ ମୁଣ୍ଡା, ଆଲୁମିନି ନିଶାନ ପଟ୍ଟନାୟକ, ପରିଚାଳନା କରିଥିଲେ। ଏହି ଅବସରରେ ଏନସିସି ଛାତ୍ରଛାତ୍ରୀ ଓ ଯୁବକମାନଙ୍କୁ ଦେଶସେବାର ମହତ୍ତ୍ୱ ବିଷୟରେ ଜଣାଇବା ସହିତ ଅଗ୍ନିବୀର ଯୋଜନା ମାଧ୍ୟମରେ ଭାରତୀୟ ସେନାରେ ଯୋଗଦାନ କରି ଦେଶର ସୁରକ୍ଷାରେ ନିଜ ଅବଦାନ ରଖିବାକୁ ଅତିଥିମାନେ ପ୍ରେରଣା ଦେଇଥିଲେ।

● ଗୁଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

# ୩୧ ମାମଲାର ସମାଧାନ, ୧ ଲକ୍ଷ ୮୦ ହଜାର ଜରିମାନା ଆଦାୟ

ଗୁଣପୁର, ୧୪।୩(ସମିସ): ଗୁଣପୁର ବିଚାର ବିଭାଗୀୟ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଦେବଦତ୍ତ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଦୌରା କୋର୍ଟ, ସିଭିଲ ଜଜ କୋର୍ଟ ଓ ଏସଡିଜେଏମ ଅଦାଲତର ମୋଟ ୯୨ ମାମଲାର ବିଚାର କରି ୩୧ ଟି ମାମଲା ସମାଧାନ କରି ସମୁଦାୟ ୧ ଲକ୍ଷ ୮୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିରେ ଫୌଜଦାରୀ, ଚେକ୍ ବାଉନ୍ସ, ମୋଟର ଯାନ ଦୁର୍ଘଟଣା, ବ୍ୟାଙ୍କ ଋଣ, ଶ୍ରମ ଓ ବିଦ୍ୟୁତ୍, ପାରିବାରିକ ଏବଂ ବୈବାହିକ ମାମଲା, ଜମି ଅଧିଗ୍ରହଣ, ରାଜସ୍ୱ, ଖାଉଟି ବ୍ୟାପାର ଭଳି ବହୁ ଜନ ଉପଯୋଗୀ ମାମଲାର ବିଚାର ହୋଇଥିବା କୁହାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଦେବଦତ୍ତ ପଟ୍ଟନାୟକ ଓ ଏସଡିଜେଏମ ବିଜୟ ଲକ୍ଷ୍ମୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ବି କୋଲା ମୃଦୁ ପାନୀୟ ଉଦ୍ୟୋଗ ଉଦ୍‌ଘାଟିତ



ମାଲକାନଗିରି, ୧୪।୩(ସମିସ): ମାଲକାନଗିରି ଜିଲ୍ଲା ସଦରର ବାସନ୍ତୀ ନଗରରେ ଆରବି କୋଲା ନାମକ ମୃଦୁ ପାନୀୟ ଜଳ ପ୍ରସ୍ତୁତ କାରୀ ଏକ ଘରୋଇ ଉଦ୍ୟୋଗର ଉଦଘାଟିତ ହୋଇଛି। ଏହି ଉଦଘାଟନ କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଅଶୋକ ମିଶ୍ର, ସମ୍ପାଦକ ବି. ଶ୍ରୀନିବାସ ପାତ୍ର, ବରିଷ୍ଠ ସାମ୍ବାଦିକ ଗୋପିକୃଷ୍ଣ ପଟ୍ଟନାୟକ ଉପସ୍ଥିତ ରହି ଏହାର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଜରୁରୀ କାର୍ଯ୍ୟ ଯୋଗୁଁ ସେ ଏଥିରେ ଅନୁପସ୍ଥିତ ରହିଥିଲେ। ତେବେ ଅନୁଷ୍ଠାନର ଉନ୍ନତି କାମନା କରି ଶୁଭେଚ୍ଛା ଜଣାଇଥିଲେ। ଏହି ଆରବି କୋଲା ମୃଦୁ ପାନୀୟ ଜଳ ଉତ୍ପାଦନକାରୀ ସଂସ୍ଥାର ମାଲିକ ରାଜେଶ କୁମାର ବେପାରୀ ନିଜସ୍ୱ ଉଦ୍ୟମରେ ଏହାର ଆରମ୍ଭ କରିଥିବା ବେଳେ ଏହି ଉଦ୍ୟୋଗ ଜିଲ୍ଲାବାସୀଙ୍କୁ ଉତ୍ତମ ମୃଦୁ ପାନୀୟ ଜଳ ଯୋଗାଇବା ସହ ସ୍ଥାନୀୟ ଆଞ୍ଚଳରେ ଯୁବକ ଯୁବତୀଙ୍କ ପାଇଁ ରୋଜଗାରର ପନ୍ଥା ସୃଷ୍ଟି କରିବ ବୋଲି ସେ ପ୍ରକାଶ କରିଛନ୍ତି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ପ୍ରତିଷ୍ଠିତ ବ୍ୟକ୍ତି, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ନୀଳାବାଡି ଅଗ୍ନି ଗଙ୍ଗାମା ଯାତ୍ରାରେ ୧୯, ୨୮, ୨୮୩ ଟଙ୍କା ସଂଗ୍ରହ

ବନ୍ଧୁଗାଁ, ୧୪।୩(ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ନୀଳାବାଡି ଅଗ୍ନି ଗଙ୍ଗାମା ଠାକୁରାଣୀ ଯାତ୍ରାର ହୁଣ୍ଡି ଖୋଲାଯାଇଛି। ସ୍ଥାନୀୟ ତହସିଲଦାର ସୋନାଲି ପାତ୍ର, ପୂଜା କମିଟି ସଭାପତି ବି. ସତ୍ୟମ ନାଇଡୁ, ତହସିଲ ସୁପରଭାଇଜର ଭାସ୍କର ଚରଣ ଗମାଙ୍ଗ ଓ ସ୍ଥାନୀୟ ଆରଆଇଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇ ଗଣତି କରାଯାଇଛି। ଗଣତି ସମୟରେ ମୋଟ ୧୯ ଲକ୍ଷ ୨୮ ହଜାର ୨୮୩ ଟଙ୍କା, ସୁନା ୨ ମିଲିଗ୍ରାମ୍ ଓ ରୂପା ୧୦ ଗ୍ରାମ ସଂଗ୍ରହ ହୋଇଛି। ଗଣତିରେ ପୂଜା ମଣ୍ଡପରୁ ଟିକେଟ



ବିକ୍ରି ୬ ଲକ୍ଷ ୨୭ ହଜାର ୫ ଶହ ଟଙ୍କା, ଦେବୀଙ୍କ ଦର୍ଶନ ଟିକେଟ ବିକ୍ରି ୧ ଲକ୍ଷ ୫ ହଜାର ୬ ଶହ ଟଙ୍କା, ମନ୍ଦିର ହୁଣ୍ଡିରୁ ୨ ଲକ୍ଷ ୮୬ ହଜାର ୭୦ ଟଙ୍କା, ମଣ୍ଡପ ହୁଣ୍ଡିରୁ ୪ ଲକ୍ଷ ୭୭ ହଜାର ୮୪୪ ଟଙ୍କା, ପ୍ରସାଦ ବିକ୍ରିରୁ ୧ ଲକ୍ଷ ୬୧ ହଜାର ଟଙ୍କା, ମା ଅଗ୍ନି ଗଙ୍ଗାମାଙ୍କ ଫୋଟ ବିକ୍ରିରୁ ୩୫ ହଜାର ଟଙ୍କା, ମୁଣ୍ଡରୁ ବାଳ ଲଣ୍ଡା ୧ ଲକ୍ଷ ୭୦ ହଜାର ଟଙ୍କା, ଚପଲ ଷ୍ଟାଣ୍ଡ ରୁ ୩ ହଜାର ୫ ଶହ ଟଙ୍କା, ୨ ଟି ବାଇକ ଷ୍ଟାଣ୍ଡ ରୁ ୮ ହଜାର ଟଙ୍କା, ହାତ ଡନେସନ ୫୩ ହଜାର ୭୬୯ ଟଙ୍କା ସହିତ ସୁନା ୨ ମିଲି ଗ୍ରାମ ଓ ରୂପା ୧୦ ଗ୍ରାମ ବାହାରି ଥିଲା। ଏହି ସମୟରେ ପୂଜା କମିଟିର ଉପ ସଭାପତି ଜନାର୍ଦ୍ଦନ ସାହୁକାର, ସମ୍ପାଦକ ଜି. ରବିଶଙ୍କର, ଯାତ୍ରା ପରିଚାଳନା କମିଟିର ପ୍ରସନ୍ନ ପଟ୍ଟନାୟକ, ବିଜେଡି ବ୍ଲକ ସଭାପତି ଦୁର୍ଯ୍ୟ ନାଗ, ସୁରେଶ କୁମାର ପଣ୍ଡିତ, ବି ମହେଶ କୁମାର ନାଇଡୁ, ସଦାନା ପିଡ଼ିକା, ଜିଆନା ମେଲେକା, ଜି ଆପଲ ନାଇଡୁ, ସରପଞ୍ଚ ୱାଟାକା ଜାଗାନା ଓ ଲାଚିଗା ବେନିଆ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ କଳାକ୍ଷେତ୍ର ତ୍ରିବେଣୀ ମହୋତ୍ସବ

# ରାୟଗଡ଼ାର ୩୧ ଲୋକକଳା ଦଳ ଚୟନ

ରାୟଗଡ଼ା, ୧୪।୩(ସମିସ)

ରାୟଗଡ଼ା ସହରର ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ରାଜ୍ୟସ୍ତରୀୟ କଳାକ୍ଷେତ୍ର ତ୍ରିବେଣୀ ମହୋତ୍ସବ ତଥା ଜିଲ୍ଲାର ଲୋକକଳା ଦଳମାନଙ୍କ ଚୟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ରାୟଗଡ଼ା ଜିଲ୍ଲାର ୧୧ଗୋଟି ବ୍ଲକରୁ ଆସିଥିବା ୩୧ଗୋଟି ଲୋକକଳା ଦଳମାନଙ୍କୁ ପରିବେଷଣ ମାଧ୍ୟମରେ ବର୍ଗୀକରଣ ଓ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଯୋଗଦେଇଥିବା ବେଳେ ଜିଲ୍ଲା ବିଜେପି ସଭାପତି ଗୋପୀ ଆନନ୍ଦ ଉଦଘାଟକ ଭାବେ ଏବଂ ଓଡିଆ




ସିନେ ଅଭିନେତା ତଥା କଳାକ୍ଷେତ୍ର ଅନୁଷ୍ଠାନର ସଭାପତି ଅଶ୍ରୁମୋଚନ ମହାନ୍ତି ଓ ପ୍ରତିଷ୍ଠାତା ସଦସ୍ୟ ବାସୁଦେବ ମାଳବିଷୋୟୀ ଓ ଅନ୍ୟାନ୍ୟ ଅତିଥି ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ତ୍ରିବେଣୀ ମହୋତ୍ସବ-୨୦୨୬କୁ ଉଦଘାଟନ କରାଯାଇଥିଲା। ପ୍ରତିବର୍ଷ ଏହା ଚନ୍ଦ୍ରପୁର ଠାରେ କଳାକ୍ଷେତ୍ର ଅନୁଷ୍ଠାନ, ଜିଲ୍ଲା ଓ ବ୍ଲକ ପ୍ରଶାସନର ସହାୟତାରେ ଆୟୋଜନ କରି ନିୟମିତ କ୍ୟାଲେଣ୍ଡର କାର୍ଯ୍ୟକ୍ରମ ଆକାରରେ କରାଯିବ ବୋଲି ମୁଖ୍ୟ ଅତିଥି, କଳାକ୍ଷେତ୍ରର ସଭାପତି, ସଦସ୍ୟ, ସମ୍ପାଦକ ଓ ଉଦଘାଟକ ଗୋପି ଆନନ୍ଦ ପ୍ରମୁଖ ମତ ଦେଇଥିଲେ। ପରେ ରାୟଗଡ଼ା ଜିଲ୍ଲା କଳାକ୍ଷେତ୍ର ଅନୁଷ୍ଠାନ ତରଫରୁ 'ଗାଁ ମୋ ମାଁ' କାର୍ଯ୍ୟକ୍ରମକୁ ପ୍ରତି ଗ୍ରାମରେ ପହଞ୍ଚାଇବା ପାଇଁ ଲୋଗୋର ଉଦ୍‌ଘାଟନ କରାଯାଇଥିଲା ଏବଂ ଜେକେପୁରର ଗେଟିପଡ଼ା ଗ୍ରାମକୁ କଳାକ୍ଷେତ୍ର ଗ୍ରାମର ଘୋଷଣା କରାଯାଇଥିଲା। ପରେ ୩୧ଟି ଲୋକକଳା ଦଳକୁ ପ୍ରତିଭା ପରିବେଷଣ ମାଧ୍ୟମରେ ବର୍ଗୀକରଣ ଓ ଚୟନ କରାଯାଇଥିଲା। ଏଥିରେ 'ଏ' ବର୍ଗରେ ଆଠ, 'ବି' ବର୍ଗରେ ଦଶ ଓ 'ସି'ବର୍ଗରେ ତେର ଦଳକୁ ଜୁରୀ କମିଟି ଦ୍ୱାରା ନିର୍ଣ୍ଣୟ କରାଯାଇଥିଲା। ଏଥିରେ ମୋଟ ୩୧ଟି ଦଳମାନଙ୍କ ମଧ୍ୟରୁ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାରଙ୍କର ସହାୟତାରେ କଳାକ୍ଷେତ୍ର ଅନୁଷ୍ଠାନ ମାଧ୍ୟମରେ କୋଣାର୍କରେ ଏକ ବଡ଼ ଧରଣର ପରିବେଷଣ କାର୍ଯ୍ୟକ୍ରମ ଆୟୋଜିତ ହେବ। ତେଣୁ ବର୍ଷର ୩୦୦ଦିନ ଲୋକକଳା ପରିବେଷଣ ମାଧ୍ୟମରେ କଳାକାରମାନଙ୍କୁ ଆର୍ଥିକ ସହାୟତା ଓ ଓଡ଼ିଶାର କଳାର ପ୍ରଚାର ପ୍ରସାର ପାଇଁ କଳାକ୍ଷେତ୍ର ଅନୁଷ୍ଠାନ ଭୁବନେଶ୍ୱର ତରଫରୁ ପର୍ଯ୍ୟଟନ ବିଭାଗକୁ ଏକ ତାଲିକା ପ୍ରେରଣ କରାଯାଇଛି ବୋଲି କୁହାଯାଇଛି। ଆଜିର କାର୍ଯ୍ୟକ୍ରମରେ ପ୍ରାୟ ୧ ହଜାର କଳାକାର ଭାଗ ନେଇଥିଲେ ଏବଂ କାର୍ଯ୍ୟକ୍ରମକୁ କଳାକ୍ଷେତ୍ର ଅନୁଷ୍ଠାନର ଅଧିକାରୀ ସଦସ୍ୟ ତଥା ରାଜ୍ୟ କାର୍ଯ୍ୟକ୍ରମ ଆୟୋଜକ ଅଧିକାରୀ ପ୍ରେମାନନ୍ଦ ବେହେରା, ଜିଲ୍ଲା ସଂଯୋଜକ ସୁନୀଲ ଖରା, ଜିଲ୍ଲା ସହ ସଂଯୋଜକ ସନ୍ତୋଷ ତାଣ୍ଡି, ଜ୍ୟୋତି ବାଚେଲି, ଝିଲି ତାଣ୍ଡି, ସୁକାନ୍ତ ଜାଟାଙ୍କ ସମେତ ଜେଏଏସ ଟିମ ଓ ଏମଏମ କେପି ଅନୁଷ୍ଠାନ ସହାୟତା କରିଥିବା ବେଳେ ଉତ୍କଳ ଆଲୁମିନା କମ୍ପାନୀ ମଧ୍ୟ ସହଯୋଗ କରିଥିବା ନେଇ କଳାକ୍ଷେତ୍ର ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।



# ମାଲକାନଗିରିରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ




**ମାଲକାନଗିରି, ୧୪।୩(ସମିସ):** ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଆଜି ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ତାଲୁକ ଆଇନ ସେବା ପ୍ରାଧିକରଣ ମୋଟୁ, ଜେଏମଏଫସି ମାଥିଲି, ଜେଏମଏଫସି କୁଡୁମୁଲୁଗୁମ୍ମା, ଗ୍ରାମ ନ୍ୟାୟଳୟ କୋରୁକୋଣ୍ଡା, ଦ୍ୱାରା ପ୍ରଥମ ଜାତୀୟସ୍ତରୀୟ ଲୋକ ଅଦାଲତ ମାଲକାନଗିରିର ସମସ୍ତ ବିଚାରଳୟ ତଥା ମାଥିଲି, ମୋଟୁ, କୁଡୁମୁଲୁଗୁମ୍ମାଠାରେ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା ଜଜ ତଥା ଆଇନ ସେବା ପ୍ରାକରଣର ଅଧକ୍ଷ୍ୟ ଡ. ପ୍ରସନ୍ନ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଜଜ ଶାନ୍ତନୁ କୁମାର ଦାସ, ଜିଲ୍ଲା ଆଇନ ସେବା ପ୍ରାଧ୍କରଣ ସଚିବ ତଥା ବରିଷ୍ଠ ଦେୱାନୀ ବିଚାରପତି ସଙ୍ଗୀତା ପାତ୍ର, ଉପଖଣ୍ଡ ଦଣ୍ଡାକରି ପ୍ରତିମା ସାହୁ ଏବଂ ଗ୍ରାମ ନ୍ୟାୟକାରୀ ପରିନିତା ନାୟକ, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରି, ମାଥିଲି ପଦ୍ମନାଭ ମାଝି, ପ୍ରଥମ ଶ୍ରେଣୀ ଦଣ୍ଡାକାରୀ ମୋଟୁ ଅଂଶୁମାନ ଦାସ, ପ୍ରଥମ ଶ୍ରେଣୀ ଦଣ୍ଡାକାରୀ କୁଡୁମୁଲୁଗୁମ୍ମା ବିମଲ ଲକ୍ଷ୍ମୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମୋକଦ୍ଦମାର ଫଇସଲା କରିଥିଲେ। ଏହି ଜିଲ୍ଲାସ୍ତରୀୟ ଲୋକ ଅଦାଲତରେ ମୋଟ ୭୭୨୩ ଗୋଟି ମକଦ୍ଦମାର ଫଇସଲା କରାଯାଇ ୬୮୬୧୦୮୫ ଟଙ୍କା ଧାର୍ଯ୍ୟ କରଯାଇଥିଲା। ଏହି ଲୋକ ଅଦାଲତରେ ସମସ୍ତ ନ୍ୟାୟଳୟର କର୍ମଚାରୀ ଏବଂ ଆଇନସେବା ପ୍ରତିପକ୍ଷ ଓକିଲଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହ ମାଲକାନଗିରି ଏବଂ ମୋଟୁର ଓକିଲ ସଂଘର ସଭ୍ୟ ଗଣ ଉପସ୍ଥିତ ରହି ଅଦାଲତ କାର୍ଯ୍ୟରେ ସହଯୋଗ କରିଥିଲେ।

## ସଚେତନତାର ଅଭାବ; ବିଧବା ଭତ୍ତାରୁ ବଞ୍ଚିତ ବହୁ ମହିଳା

# ମୃତ୍ୟୁ ପ୍ରମାଣ ପତ୍ର ନ ଥିବାରୁ ମିଳୁନି ସହାୟତା

ମୁନିଗୁଡ଼ା, ୧୪।୩(ସମିସ)



ସରକାର ଦ୍ୱାରା ଗରିବ ଓ ନିରାଶ୍ରୟ ମହିଳାଙ୍କ ପାଇଁ ବିଭିନ୍ନ କଲ୍ୟାଣମୂଳକ ଯୋଜନା ରହିଥିଲେ ମଧ ସଚେତନତା ଅଭାବ ଯୋଗୁଁ ଅନେକ ଯୋଗ୍ୟ ହିତାଧିକାରୀ ସେଥିରୁ ବଞ୍ଚିତ ହେଉଥିବା ଦେଖାଯାଉଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଡିମିରିଗୁଡା ପଞ୍ଚାୟତ ଅନ୍ତର୍ଗତ କୁଲୁଞ୍ଜା ଗ୍ରାମରେ। କୁଲୁଞ୍ଜା ଗ୍ରାମର ନିନ ମାଝୀଙ୍କୁ ୬୦ ଛୁଇଁ ଲାଣି। ଦୀର୍ଘ ବର୍ଷ ହେଲା ନିନଙ୍କ ସ୍ୱାମୀ ସେକ ମାଝୀଙ୍କ କୌଣସି କାରଣରୁ ମୃତ୍ୟୁ ହୋଇଛି। ହେଲେ ସଚେତନତା ଅଭାବରୁ ମୃତ୍ୟୁକାଳୀନ ପ୍ରମାଣ ପତ୍ର ଆବେଦନ କରି ନାହାନ୍ତି ନିନ। ଯାହାଦ୍ୱାରା ବିଧବା ଭତ୍ତା ମିଳି ନଥିବା ବେଳେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ୬୦ ବର୍ଷ ଅପେକ୍ଷାରେ ଜଗି ବସିଛନ୍ତି ସେ। ସେହିପରି ସେହି ଗାଁର ଗାରୁଲି ମାଝୀ ବୟସ ୮୦ ଛୁଇଁଲାଣି ନା ଅଛି ସ୍ୱାମୀଙ୍କ ମୃତ୍ୟୁକାଳିନ ପ୍ରମାଣ ପତ୍ର ନାଁ ମିଳୁଛି ବାର୍ଦ୍ଧକ୍ୟ କି ବିଧବା ଭତ୍ତା।

ସେହିପରି ଗୋଚକାବାଙ୍ଗୁ ଗ୍ରାମର ୱାନୀରି ମାଝୀ ଓ ଡେମୁଞ୍ଜନି ମାଝୀଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ବିତି ଗଲାଣି। ଭତ୍ତା ମିଳିବା ଦୂରର କଥା ମୃତ୍ୟୁ କାଳିନ ପ୍ରମାଣ ପତ୍ର ମିଳି ନାହିଁ। ଖାଲି ନିନ, ଗାରୁଲି, ୱାନୀରି କିମ୍ବା ଡେମୁଞ୍ଜନି ନୁହନ୍ତି କୁଲୁଞ୍ଜା ଓ କୋଚାଙ୍ଗବାଙ୍ଗୁ ଗ୍ରାମ ଭଳି ଅନେକ ଗାଁ ଅଛି ଯେଉଁଠି ପ୍ରଶାସନର ପାଦ ମଧ ପଡ଼େନି। ଗ୍ରାମର ଏକାଧିକ ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲେ ମଧ ସେମାନେ ଆଜି ପର୍ଯ୍ୟନ୍ତ ବିଧବା ଭତ୍ତା ପାଇପାରୁନାହାନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ଆବଶ୍ୟକ ଥିବା ମୃତ୍ୟୁକାଳିନ ପ୍ରମାଣ ପତ୍ର ସେମାନେ ସମୟରେ କରାଇନଥିବା ଓ ଅଧିକାଂଶ ମହିଳା ଅଶିକ୍ଷିତ ଓ ଉପାନ୍ତ ଅଞ୍ଚଳରେ ବସବାସ କରୁଥିବାରୁ ସରକାରୀ ପ୍ରକ୍ରିୟା ସମ୍ପର୍କରେ ସେମାନଙ୍କ ଜ୍ଞାନ ନଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ଏହାର ପରିଣାମରେ ସ୍ୱାମୀଙ୍କ ମୃତ୍ୟୁ ପରେ ଜୀବନ ଜୀବିକା ଚାଲାଇବାକୁ ସଂଘର୍ଷ କରୁଥିବା ଏହି ମହିଳାମାନେ ବିଧବା ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ବିକଳ୍ପ ନଥିବାରୁ ସେମାନେ ବର୍ତ୍ତମାନ ବାର୍ଦ୍ଧକ୍ୟ ଭତା ପାଇଁ ୬୦ ବର୍ଷ ବୟସ ପୂରଣ ହେବାକୁ ଅପେକ୍ଷା କରୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଗ୍ରାମ ଅଞ୍ଚଳରେ ସରକାରୀ ଯୋଜନା ସମ୍ପର୍କରେ ଯଥେଷ୍ଟ ସଚେତନତା କାର୍ଯ୍ୟକ୍ରମ ହେଉନଥିବାରୁ ଏପରି ସମସ୍ୟା ଦେଖାଦେଉଛି। ଯଦି ସମୟରେ ମୃତ୍ୟୁ ପ୍ରମାଣ ପତ୍ର କରାଯାଇଥାନ୍ତା, ତେବେ ଏହି ମହିଳାମାନେ ସହଜରେ ବିଧବା ଭତ୍ତାର ଲାଭ ପାଇପାରିଥାନ୍ତେ। ଗ୍ରାମ ସ୍ତରରେ ସଚେତନତା ବୃଦ୍ଧି କରାଯାଉ ଏବଂ ଯେଉଁ ମହିଳାମାନେ ଆବଶ୍ୟକ କାଗଜପତ୍ର ନଥିବାରୁ ବଞ୍ଚିତ ହେଉଛନ୍ତି ସେମାନଙ୍କୁ ସହଯୋଗ କରି ବିଧବା ଭତ୍ତା ଯୋଗାଇ ଦିଆଯାଉ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ସମନ୍ୱିତ କୃଷି ପ୍ରଣାଳୀ ଉପରେ ପ୍ରଶିକ୍ଷଣ

**ଗୁଣପୁର, ୧୪।୩(ସମିସ):** ଗୁଣପୁର ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ପରିସରରେ ସମନ୍ୱିତ କୃଷି ପ୍ରଣାଳୀ ଇଣ୍ଟିଗ୍ରେଟେଡ୍ ଫାର୍ମିଙ୍ଗ ସିଷ୍ଟମ ମାଧ୍ୟମରେ କୃଷକଙ୍କ ସ୍ଥାୟୀ ଉନ୍ନତି ବିଷୟରେ ଏକ ଦିନିଆ ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ପ୍ରଶିକ୍ଷଣରେ ବହୁ ସଂଖ୍ୟକ କୃଷକ ଯୋଗଦେଇଥିବା ସହ ବିଭିନ୍ନ ବିଭାଗର ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ଜିଲ୍ଲାସ୍ତରର ସହାୟକ ମୃତ୍ତିକା ସଂରକ୍ଷଣ ଅଧିକାରୀ କାର୍ଯ୍ୟକ୍ରମର ଆରମ୍ଭରେ କୃଷକ ଓ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଶିକ୍ଷଣ ସମୟରେ କୃଷି ଓ ପଶୁପାଳନ ବିଭାଗର ଅଧିକାରୀମାନେ ସମନ୍ୱିତ କୃଷି ପ୍ରଣାଳୀର ଗୁରୁତ୍ୱ, ଏହାର ଲାଭ ଓ କୃଷକଙ୍କ ଆର୍ଥିକ ଉନ୍ନତି ସହ ସ୍ଥାୟୀ ଚାଷ ପାଇଁ ଏହା କିପରି ଉପକାରୀ, ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସହାୟକ କୃଷି ଅଧିକାରୀ, ସହାୟକ ଉଦ୍ୟାନ ଚାଷି ଅଧିକାରୀ, ପଶୁ ଚିକିତ୍ସା ଅଧିକାରୀ, ସହାୟକ ବନ ଅଧିକାରୀ ଓ ସହାୟକ ମାଟି ସଂରକ୍ଷଣ ଅଧିକାରୀ ସହ ମାଟି ସଂରକ୍ଷଣ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଶେଷରେ ଏଏସ୍‌ସିଓ ଗୁଣପୁର ଡ଼ା. ସୁପ୍ରଭା ରଥ ସମନ୍ୱିତ କୃଷି ପ୍ରଣାଳୀର ଗୁରୁତ୍ୱ ଉପରେ ସାରାଂଶ ଉପସ୍ଥାପନ କରିଥିବା ସହ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ପଶ୍ଚିମବଙ୍ଗ ବିଜେପିର ପରିବର୍ତ୍ତନ ସଂକଳ୍ପ ସଭା

● ମାଲକାନଗିରି ବିଜେପି କର୍ମୀ ଓ ବଙ୍ଗୀୟ ବୁଦ୍ଧିଜୀବୀ ନେଲେ ନେତୃତ୍ୱ

**କାଲିମେଳା, ୧୪।୩(ସମିସ):** ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକର କାଲିମେଲା ଓ ଏମଭି -୭୯ଠାରେ ପଶ୍ଚିମବଙ୍ଗର ଭାରତୀୟ ଜନତା ପାର୍ଟି ଦ୍ୱାରା ଆୟୋଜିତ ପରିବର୍ତ୍ତନ ସଂକଳ୍ପ ସଭାକୁ ମାଲକାନଗିରି ଜିଲ୍ଲା ବିଜେପି କର୍ମୀ ଓ ବଙ୍ଗୀୟ ବୁଦ୍ଧିଜୀବୀମାନେ ନେତୃତ୍ୱ ଦେଇଥିଲେ। ପଶ୍ଚିମବଙ୍ଗର ବ୍ରିଗେଡ୍ ପ୍ୟାରେଡ୍ ଗ୍ରାଉଣ୍ଡରେ ଆୟୋଜିତ ପରିବର୍ତ୍ତନ ସଂକଳ୍ପ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଭାଷଣ ଏଲଇଡି ମାଧ୍ୟମରେ ଜିଲ୍ଲା ବିଜେପି କର୍ମୀ ଓ ବଙ୍ଗୀୟ ବୁଦ୍ଧିଜୀବୀମାନେ ଶୁଣିଥିଲେ। ଏହି ସଭା ପଶ୍ଚିମବଙ୍ଗରେ ବିଜେପିର ପରିବର୍ତ୍ତନ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଥିଲା ବୋଲି ସେମାନେ କହିଛନ୍ତି। ପ୍ରଧାନମନ୍ତ୍ରୀ ବିକାଶ, ସୁଶାସନ ଓ ରାଜ୍ୟରେ ପରିବର୍ତ୍ତନର ଆହ୍ୱାନ ଦେଇଥିଲେ। ସେ ରାସ୍ତା, ରେଳପଥ, ବନ୍ଦର ଓ ଶିପିଙ୍ଗ୍ ସମ୍ବନ୍ଧୀୟ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ଯାହାର ମୂଲ୍ୟ ପ୍ରାୟ ୧୮୬୮୦ କୋଟି ଟଙ୍କା ରହିଛି। ଏହି ସଭାରେ ଜିଲ୍ଲା ସଂଯୋଜକ ନିହାର ରାୟ, କାଲିମେଲା ସହ ସଂଯୋଜକ ଭବାନୀ ଶଙ୍କର ମୁଖାର୍ଜୀ, ଏମଭି -୭୯ ସହ-ସଂଯୋଜକ ସପନ ରାୟ ନେତୃତ୍ୱ ଦେଇଥିଲେ। ଏହାସହ ଉକ୍ତ ସଭାରେ ବିଜେପି ପୂର୍ବତନ ଜିଲ୍ଲା ସଭାପତି ନିମାଇଁ ଚନ୍ଦ୍ର ପାଲ, କାଲିମେଲା ମଣ୍ଡଳ ସଭାପତି ରାମ ଚନ୍ଦ୍ର ବେଟି ଏବଂ ଜୟନ୍ତ ମଜୁମଦାର ଉପସ୍ଥିତ ଥିଲେ।

● ମିସ୍ ରାୟଗଡ଼ା ପ୍ରତିଯୋଗିତା

# ଅମ୍ବାଦଳା ଝିଅ ଝାନ୍ସୀ ରନର୍ସ-ଅପ୍



**ମୁନିଗୁଡ଼ା, ୧୪।୩(ସମିସ):** ରାୟଗଡ଼ା ସହରରେ ବଂଶୀକ୍ରିଷ୍ଣା ଫଙ୍କସନ ହଲରେ ମିସ ରାୟାଗଡ଼ା ପ୍ରତିଯୋଗିତା ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୩୦ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗିନୀମାନଙ୍କ ଆତବିଶ୍ୱାସ, ପ୍ରତିଭା ଓ ପ୍ରଦର୍ଶନକୁ ବିଚାରକମାନେ ମୂଲ୍ୟାୟନ କରିଥିଲେ। ପ୍ରତିଯୋଗିତାରେ ଶାନ୍ତି ପ୍ରିୟା ମିସ ରାୟଗଡ଼ା ଜିତିଥିବା ବେଳେ ରନର୍ସ ଅପ୍ ହୋଇଛନ୍ତି ଅମ୍ବାଦଳା ଝିଅ ଝାନ୍ସୀ କରକରିଆ। ଶାନ୍ତିପ୍ରିୟା ବିଶାଖାପାଟଣାର ହୋଇଥିବା ବେଳେ ଝାନ୍ସୀ ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ବଡ଼ସାହି ଅନଙ୍ଗ କରକରିଆ ଓ ମିସିମା କରକରିଆଙ୍କ ମଝିଆ ଝିଅ। ଝାନ୍ସୀ ମିସ ରାୟଗଡ଼ା ପ୍ରତିଯୋଗିତାରେ ରନର୍ସ ହୋଇଥିବାରୁ ସ୍ଥାନୀୟ ବାସିନ୍ଦା ଦକ୍ଷ ବାତ୍ରା, ରଞ୍ଜନ ସ୍ୱାଇଁ, ଆନନ୍ଦ ଟାକ୍ରୀ, ଅନନ୍ତ ଦୁର୍ଗା, ରାମ ପ୍ରକାଶ କରକରିଆ, ଧୀରେନ୍ଦ୍ର ପାଣିଗ୍ରାହି, ଜଗା ଆଚାରି, ରଜନୀ କାନ୍ତ ପୋଡ଼ାଲଙ୍କ ସମେତ ଅଞ୍ଚଳବାସୀଙ୍କ ପକ୍ଷରୁ ବହୁ ପ୍ରଶଂସା କରାଯାଇଛି।

# ଓଷ୍ଟାର ବ୍ଲକସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ

**ମାଲକାନଗିରି, ୧୪।୩(ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ପକ୍ଷରୁ ମାଲକାନଗିରି ଜିଲ୍ଲାର ବ୍ଲକସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ କାଲିମେଲା ବ୍ଲକର ବିବେକାନନ୍ଦ ବିଦ୍ୟାପୀଠ ଏମଭି-୭୨ ଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଥିବା ସମସ୍ତ ଉଚ୍ଚ ବିଦ୍ୟାଳୟ ଶିକ୍ଷକ, ସଂଘର ଜିଲ୍ଲା ନେତୃତ୍ୱ ମାନେ ଏଥିରେ ଅଂଶ ଗ୍ରହଣ କରି କାଲିମେଲା ବ୍ଲକର କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା କରିଥିଲେ। ଓଷ୍ଟାର ଜିଲ୍ଲା ଇସି ମେମ୍ବର ଅଜୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଜିଲ୍ଲା ଓଷ୍ଟା ସାଧାରଣ ସମ୍ପାଦକ ମନୋଜ ମହାପାତ୍ର, ଯୁଗ୍ମ ସମ୍ପାଦକ ଦୀନବନ୍ଧୁ ବେଜ, ଉପ ସଭାପତି ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, କୋରୁକୋଣ୍ଡା ବ୍ଲକ ସମ୍ପାଦକ ସୂର୍ଯ୍ୟ ନାରାୟଣ ନାୟକ, କାଲିମେଲା ବ୍ଲକ ସମ୍ପାଦକ ଗୋଦାବରୀଶ ଦାସ, ପ୍ରଧାନ ଶିକ୍ଷକ ଅନୁପ କୁମାର ଆଚାରୀ ପ୍ରମୁଖ ଅଂଶ ଗ୍ରହଣ କରି ଏହି ଶିକ୍ଷକ ସଂଗଠନର ବ୍ଲକସ୍ତରୀୟ କାର୍ଯ୍ୟକର୍ତ୍ତା ଚୟନ କରିଥିଲେ। ଜିଲ୍ଲା ସମ୍ପାଦକ ମନୋଜ କୁମାର ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସାଂଗଠନିକ ବୈଠକରେ କାଲିମେଲା ବ୍ଲକ ପାଇଁ ସର୍ବ ସମ୍ମତିକ୍ରମେ ସଭାପତି ଭାବେ କମଳାକାନ୍ତ ବାରିକ, ଉପସଭାପତି ସକୁନ୍ତଳା ଓଝା, ସମର ମଣ୍ଡଳ, ସମ୍ପାଦକ ଦିଲ୍ଲିପ କୁମାର ସ୍ୱାଇଁ, ସହ ସମ୍ପାଦକ ରଘୁଦତ୍ତ ମହାପାତ୍ର, ରଞ୍ଜନ ସିଲ, ରାଜ୍ୟ କାଉନସିଲର ସଦସ୍ୟ ନାରାୟଣ କୁମାର ପଣ୍ଡା ଏବଂ



ଜିଲ୍ଲା କାଉନସିଲର ସଦସ୍ୟ ଭାବରେ ମୃଣାଳ ମିସ୍ତ୍ରୀ ଚୟନିତ ହୋଇଥିଲେ। ସେହିପରି ଭାବରେ ପଡ଼ିଆ ବ୍ଲକର ସଭାପତି ବାସୁଦେବ ନାୟକ, ଉପ ସଭାପତି ହାଡ଼ିବନ୍ଧୁ ସାହୁ, ଆଦିକନ୍ଦ ରାଉତ, ସମ୍ପାଦକ ଜିତୁ ରଞ୍ଜନ ସ୍ୱାଇଁ, ସହ ସମ୍ପାଦକ ଅଲେଖ ଚନ୍ଦ୍ର ତ୍ରିପାଠୀ, ଅମୀୟ ରଞ୍ଜନ ମିଶ୍ର, ରାଜ୍ୟ କାଉନସିଲର ସଦସ୍ୟ ଦିପକ କୁମାର ରାୟ ଓ ଜିଲ୍ଲା କାଉନସିଲର ସଦସ୍ୟ ଭାବରେ ପ୍ରଭାକର ପାଢ଼ୀ ଚୟନିତ ହୋଇଛନ୍ତି। ଏହି ଅବସରରେ ସର୍ବଶ୍ରୀ ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ସୂର୍ଯ୍ୟ ନାରାୟଣ ନାୟକ, ନାରାୟଣ କୁମାର ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆଗାମୀ ତିନିବର୍ଷ ପାଇଁ ଏହି କମିଟି ଜିଲ୍ଲା କମିଟି ତତ୍ତ୍ୱାବଧାନରେ କାର୍ଯ୍ୟ କରିବା ପାଇଁ ପୂର୍ବତନ ସମ୍ପାଦକ ଗୋଦାବରୀ ଦାସଙ୍କ ଦ୍ୱାରା ଶପଥ ପାଠ କରିଥିଲେ। ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଜିଲ୍ଲା ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶିକ୍ଷକ କମଳାକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# କଣ୍ଟେନର ସହ ୮୧ ଗାଇ ଉଦ୍ଧାର; ଚାଳକ ଅଟକ

**ମାଲକାନଗିରି, ୧୪।୩(ସମିସ):** ମାଲକାନଗିରି ଜିଲ୍ଲାରେ ଧରାପଡ଼ିଲେ ଗୋ ଚୋରା ଚାଲାଣକାରୀ। ନବରଙ୍ଗପୁର ଜିଲ୍ଲାରୁ ୮୧ ଗାଇଙ୍କୁ ନେଇ ଏକ କଣ୍ଟେନର ମାଧ୍ୟମରେ ଚୋରାଚାଲାଣ କରାଯାଉଥିବା ବେଳେ ମାଲକାନଗିରି ପୁଲିସ ଦ୍ୱାରା ଧରା ପଡ଼ିଥିଲେ। ପୋଲିସ ନିକଟରୁ ମିଳିଥିବା ସୂଚନାନୁଯାୟୀ, ମାଲକାନଗିରି ଆଦର୍ଶ ଥାନା ପୋଲିସ ପକ୍ଷରୁ ନୀତିଦିନିଆ ପାଟ୍ରୋଲିଂ ବେଳେ ଏକ କଣ୍ଟେନରରେ ଗାଇ ଚୋରାଚାଲାଣ ହେଉଥିବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ମାଲକାନଗିରି ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କ ନେତୃତ୍ୱରେ ଜିଲ୍ଲାର ଚମ୍ପାଖାରି ଚେକ୍ ପୋଷ୍ଟ ନିକଟରେ ଏଚ ଆର ୫୫ ଭି ୯୮୮୬ ନମ୍ବର ଥିବା କଣ୍ଟେନରକୁ ଅଟକାଇ ଯାଞ୍ଚ କରିଥିଲେ ପୋଲିସ ଦଳ। ଏହି ଯାଞ୍ଚ ବେଳେ କଣ୍ଟେନର ଭିତରେ ୮୧ ଗାଇ ଥିବା ଜଣାପଡ଼ିଥିଲା। ତୁରନ୍ତ କଣ୍ଟେନରକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରାଖୀ ଗାଇ ଗୁଡିକୁ କାଞ୍ଜିଆହୁଦାକୁ ନେଇଥିଲା ପୋଲିସ। ତେବେ ଏନେଇ ଏକ ମାମଲା ରୁଜୁ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ କିଣ୍ଡୋ ପ୍ରକାଶ କରିଛନ୍ତି।

# 'ଜଙ୍ଗଲ ନିଆଁ ନିୟନ୍ତ୍ରଣ, ବନ୍ୟଜନ୍ତୁ ସୁରକ୍ଷା' ସଚେତନତା ଶିବିର

**ଏମିଭି-୭୯ (ସମିସ), ୧୪।୩:** ମାଲକାନଗିରି ଜିଲ୍ଲା ମୋଟୁ ବନାଞ୍ଚଳ ପକ୍ଷରୁ ଏମ୍‌ଭି-୭୯ଠାରେ ଜଙ୍ଗଲ ନିଆଁ ନିୟନ୍ତ୍ରଣ ଓ ବନ୍ୟଜନ୍ତୁ ସୁରକ୍ଷା ନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୋଟୁ ବନବିଭାଗ ଏମ୍‌ଭି-୭୯ ସ୍ଥିତ ରେଞ୍ଜ କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏସିଏଫ ମୋନସୁନ ଖେମୁଣ୍ଡୁ, ରେଞ୍ଜ ଅଫିସର ତନୁଜା କାର୍ତିକି, ପରିଚାଳନାରେ ତପନ କୁମର ସାହା, ମୋଟୁ ଫରେଷ୍ଟର ମୁରଲୀ ଧର ଅନୁଗୁଳିଆ, ଦୀପଙ୍କର ଶିଉଳି ଫରେଷ୍ଟର ଏବଂ ଅତିଥି ଭାବେ ଏମ୍‌ଭି-୭୯ ଡଃ ଶ୍ୟାମା ପ୍ରସାଦ ଡିଗ୍ରୀ ମହାବିଦ୍ୟାଳୟର ଯୁକ୍ତ ତିନି ଅଧକ୍ଷା ପ୍ରଭାସିନୀ ମହାପାତ୍ର ସହ ଆଖ ପାଖ ଗ୍ରାମର ଭିଏସଏସ ମେମ୍ବର ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବଣ ଅଗ୍ନିକୁ ରୋକିବା ପାଇଁ ଅଣ୍ଟା ଭିଡିଲା ବନ ବିଭାଗ। ଗ୍ରୀଷ୍ମ ଋତୁ ପୂର୍ବରୁ ଜଙ୍ଗଲକୁ ନିଆଁରୁ ରକ୍ଷା କରିବା ପାଇଁ ମୋଟୁ ରେଞ୍ଜ ଅଫିସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜଙ୍ଗଲ ସୁରକ୍ଷା କମିଟିର ସଭାପତିମାନଙ୍କୁ ସାମିଲ କରାଯାଇ ନିଆଁ ଲିଭାଇବାର ବିଭିନ୍ନ କୌଶଳ ଶିଖାଯାଇଛି। ବନ ବିଭାଗ ଅଧିକାରୀଙ୍କ କହିବା ଅନୁସାରେ, ଜଙ୍ଗଲ ହେଉଛି ଆମର ଜାତୀୟ ସମ୍ପତ୍ତି। ଏଥିରେ ନିଆଁ ଲାଗିଲେ ବହୁ ମୂଲ୍ୟବାନ ଗଛଲତା ଓ ପଶୁପକ୍ଷୀ ପ୍ରାଣ ହରାନ୍ତି। ତେଣୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ଜଙ୍ଗଲକୁ 'ଅଗ୍ନିମୁକ୍ତ' ରଖିବା ପାଇଁ ଏହି ପ୍ରୟାସ କରାଯାଇଛି। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳା ଓ ସ୍ଥାନୀୟ ଗ୍ରାମବାସୀମାନେ ମଧ ଜଙ୍ଗଲ ବଞ୍ଚାଇବାକୁ ଶପଥ ନେଇଛନ୍ତି।



# ଚାଷ ଜମିରୁ ମୃତଦେହ ଉଦ୍ଧାର; କାରଣ ଅସ୍ପଷ୍ଟ

● ବାପାଙ୍କୁ ମୁଖାଗ୍ନି ଦେଲା ଝିଅ ସୋନାଲି

**ବିଷମ କଟକ, ୧୪।୩(ସମିସ):** ରାୟଗଡ଼ା ଜିଲ୍ଲା ବିଷମ କଟକ ଥାନା ଅନ୍ତର୍ଗତ ଚାଟିକଣା ପଞ୍ଚାୟତର ପୁରୁଣାପଦର ଗ୍ରାମ ନିକଟର ଏକ ଚାଷ କିଆରିରେ ଜଣେ ବ୍ୟକ୍ତିର ମୃତଦେହ ଠାବ ହୋଇଛି। ମୃତକ ଜଣକ ହେଲେ ବିଷମ କଟକ ସଦର ଥାନାରେ ହେମଗିରି ସାହିର ନବୀନ ସନ୍ତୋଷ ରାୟ ବୋଲି ଜଣାପଡ଼ିଛି। ସୂଚନାରୁ ଜଣାପଡ଼ିଛି, ଗତ ଦୁଇ ଦିନ ହେବ ନବୀନ ଘରେ କିଛି ନ କହି କେଉଁ ଆଡେ ଚାଲିଯାଇଥିଲେ। ପରିବାର ଲୋକେ ତାଙ୍କ ସମ୍ପର୍କୀୟ ମାନଙ୍କୁ ଯୋଗାଯୋଗ କରି ନବୀନ ସମ୍ପର୍କମରେ ପଚାରି ବୁଝୁଥିଲେ ମଧ୍ୟ କୌଣସି ଖବର ପାଉନଥିଲେ। ଆଜି ସକାଳେ ପୁରୁଣାପଦର ଗ୍ରାମ ନିକଟର ଏକ ଚାଷ କିଆରିରେ ଜଣେ ବ୍ୟକ୍ତିର ମୃତ ଦେହ ପଡ଼ିଥିବା ଖବର ପାଇବା ସହ ସାମାଜିକ ଗଣମାଧରେ ମୃତକଙ୍କ ଫଟୋ ଚିହ୍ନଟ କରିଥିଲେ। ଏନେଇ ବିଷମ କଟକ ପୁଲିସ୍‌କୁ ଖବର ଦେଇଥିଲେ। ଖବର ପାଇ ବିଷମ କଟକ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ସରଜମିନ ତଦନ୍ତ କରିଛି। ସାଇଣ୍ଟିଫିକ ଟିମ ସହାୟତାରେ ସମସ୍ତ ନମୁନା ସଂଗ୍ରହ କରିଛି। ବିଷମ କଟକ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବିଷମ କଟକ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ସୂଚନା ଦେଇଛନ୍ତି। ମୃତ ନବୀନ ଦୀର୍ଘ ଦିନ ହେବ ଆର୍ଥୀକ ଅନାଟନ ଦେଇ ଗତି କରୁଥିଲେ। ତାଙ୍କର ଦୁଇଟି ଝିଅ ରହିଛନ୍ତି। ମୃତ ନବୀନଙ୍କ ପୁଅ ନଥିବାରୁ ତାଙ୍କ ବଡ ଝିଅ ସୋନାଲି ସନ୍ତୋଷ ରାୟ ସ୍ଥାନୀୟ ଶ୍ମଶାନରେ ମୃତ ପିତାର ଶବକୁ ମୁଖାଗ୍ନି ଦେଇଛନ୍ତି। ନବୀନଙ୍କ ଅକାଳ ବିୟୋଗ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ପ୍ରବନ୍ଧ ସମିତି ବୈଠକ

**ଜୟପୁର, ୧୪।୩(ସମିସ):** ଜୟପୁର ସହରର ଗେଟଗୁଡାସ୍ଥିତ ଶିକ୍ଷା ସମିତିର ଦକ୍ଷିଣ ସମ୍ଭାଗ ସରସ୍ୱତୀ ପ୍ରଶିକ୍ଷଣ ମନ୍ଦିରଠାରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ପ୍ରବନ୍ଧ ସମିତିର ଦୁଇଦିନିଆ ବୈଠକ ଆଜି ଠାରୁ ଆରମ୍ଭ ହୋଇଯାଇଛି। ଏଥିରେ ପରିଷଦର ଓଡ଼ିଶା ପଶ୍ଚିମ ପ୍ରାନ୍ତ ଅନ୍ତର୍ଗତ ସପ୍ତମ ବିଭାଗସ୍ଥ ୨୨ ଜିଲ୍ଲାର କର୍ମକର୍ତ୍ତା ଯୋଗଦେଇଛନ୍ତି। ଜୟପୁର ଜିଲ୍ଲା କାର୍ଯ୍ୟକାରୀ ସଭାପତି ତେଜେଶ୍ୱର ପଣ୍ଡା ଏବଂ ବିଭାଗ ସମ୍ପାଦକ ନବକୃଷ୍ଣ ରଥଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଭାବେ ପରିଷଦର କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ସୋହନ୍ ସିଂ ସୋଲାଙ୍କି ଯୋଗ ଦେଇଥିବା ବେଳେ ପ୍ରାନ୍ତ ସଂଗଠନ ମନ୍ତ୍ରୀ ସତ୍ୟ ନାରାୟଣ ଥାନାପତି, ପ୍ରାନ୍ତ ସମ୍ପାଦକ ଯୋଗେନ୍ଦ୍ର ଦାସ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ଆଗାମୀ ଦିନରେ ଭବାନୀପାଟଣାରେ ହେବାକୁ ରହିଥିବା ଦୁର୍ଗା ବାହିନୀର ପ୍ରଶିକ୍ଷଣ ବର୍ଗ, ସୋନପୁରରେ ହେବାକୁ ଥିବା ମାତୃଶକ୍ତି ପ୍ରାନ୍ତ ପ୍ରଶିକ୍ଷଣ ବର୍ଗ ଏବଂ ଝାରସୁଗୁଡ଼ାରେ ପ୍ରସ୍ତାବିତ ବଜରଙ୍ଗ ଦଳ ପ୍ରାନ୍ତ ପ୍ରଶିକ୍ଷଣ ବର୍ଗ ଉପରେ ଆଲୋଚନା ହୋଇଥିଲା। ଧର୍ମରକ୍ଷା ନିଧି ସହ ଧର୍ମାନ୍ତୀକରଣ କିଭଳି ରୋକାଯାଇ ସ୍ୱଧର୍ମ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେବ ତାହା ଉପରେ ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକ୍ରମରେ ବିଭାଗ ସଂଗଠନ ମନ୍ତ୍ରୀ ରାମଚନ୍ଦ୍ର ନାୟକ, ଜୟପୁର ଜିଲ୍ଲା ସଭାପତି ଅଜିତ ନାୟକ, ସମ୍ପାଦକ କମଳାକାନ୍ତ ବିଶ୍ୱାଳ, ପୂର୍ବତନ ପ୍ରାନ୍ତ ଉପସଭାପତି ବାବୁ ଭାଇ ବଜରଙ୍ଗି, କୋଷାଧ୍ୟକ୍ଷ ଗଙ୍ଗାଧର ନାୟକ, ମଠ ମନ୍ଦିର ସୁରକ୍ଷା ପ୍ରମୁଖ ଲକ୍ଷ୍ମୀ ନାରାୟଣ ପାଢ଼ୀ, ଜିଲ୍ଲା ସେବା ବିଭାଗ ପ୍ରମୁଖ ଅକ୍ଷୟ କୁମାର ସାହୁ, ଜିଲ୍ଲା କୋଷାଧ୍ୟକ୍ଷ ନିବେଦିତା ରଥ, ରଜତ ବାଘ, ପ୍ରାନ୍ତ ଧର୍ମ ପ୍ରଚାର ସହ ସଂଯୋଜକ ଦୁର୍ଯୋଧନ ମାଳି, ଜିଲ୍ଲା ବିଧି ପ୍ରକୋଷ୍ଠ ପକ୍ଷରୁ ଆଇନଜୀବୀ ଜ୍ୟୋତି ରଞ୍ଜନ ପୂଜାରୀ. ଲଛମନ ମହାପାତ୍ର, ରାଜେନ୍ଦ୍ର ଗୌଡ, ଶଶି ଭୂଷଣ ଦାସ ଯୋଗ ଦେଇ ସହଯୋଗ କରିଥିଲେ। ଆଗାମୀ ଦିନରେ ଜିଲ୍ଲାରେ କିଭଳି ଶ୍ରୀରାମ ନବମୀ ପାଳନ, ହିନ୍ଦୁ ନବବର୍ଷ, ମାତୃଶକ୍ତି ବର୍ଗ, ହନୁମାନ ଜୟନ୍ତି ସହ ପରିଷଦର ବର୍ଗ ଆୟୋଜନ ହେବ ସେନେଇ ବିଷଦ ଆଲୋଚନା ହୋଇଥିଲା।

## ନୂତନ ଜିଲ୍ଲାପାଳଙ୍କ ପ୍ରଥମ ପ୍ରଶାସନିକ ସମୀକ୍ଷା ବୈଠକ

# ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ

ମାଲକାନଗିରି, ୧୪।୩(ସମିସ)



ମାଲକାନଗିରିର ନୂତନ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସମସ୍ତ ବିଭାଗୀୟଅଧିକାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ସରକାରୀ ସମୀକ୍ଷା ବୈଠକ ଥିଲା। ଯେଉଁଥିରେ ସେ ଜିଲ୍ଲାର ପ୍ରଗତି ଏବଂ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲାପାଳ କହିଥିଲେ, ସରକାରଙ୍କ ପ୍ରତ୍ୟେକ ଯୋଜନା ଯେପରି ଜିଲ୍ଲାର ଶେଷ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ, ତାହା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ। ବୈଠକରେ ବର୍ଷା ଋତୁ ପୂର୍ବରୁ ସମସ୍ତ ନିର୍ମାଣାଧୀନ ସେତୁ ଓ ରାସ୍ତା କାର୍ଯ୍ୟ ଶେଷ କରିବାକୁ ରାସ୍ତା ଓ କୋଠାବାଡ଼ି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ ସମସ୍ତ ସିଏଚ୍‌ସି, ପିଏଚ୍‌ସି, କଲ୍ୟାଣ ମଣ୍ଡପ ଏବଂ ବ୍ଲକ କାର୍ଯ୍ୟାଳୟରେ ପ୍ରଚାର ପତ୍ର ଲଗାଇବାକୁ ଶ୍ରମ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପ୍ରାଣୀ ସମ୍ପଦ, ଉଦ୍ୟାନ କୃଷି, ପାନୀୟ ଜଳ, ବିଦ୍ୟୁତ୍ ଏବଂ ଜଳସେଚନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ସ୍ଥିତି ପରଖିଥିଲେ ଜିଲ୍ଲାପାଳ। ଆସନ୍ତା ଏପ୍ରିଲରୁ ଆରମ୍ଭ ହେବାକୁ ଥିବା ଜନଗଣନା କାର୍ଯ୍ୟ ପାଇଁ ପ୍ରଶିକ୍ଷଣ ଶିବିର ଓ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ଜନଜାତି ଉନ୍ନୟନ ବିଭାଗ ସହ ଜିଲ୍ଲାର ଜନଜାତିଙ୍କ ଉନ୍ନୟନ ନିମନ୍ତେ କ'ଣ ସବୁ ପଦକ୍ଷେପ ନିଆଯାଇଛି ପଚାରି ବୁଝିଥିଲେ ଜିଲ୍ଲାପାଳ। ଜିଲ୍ଲାରେ ଆଦର୍ଶ ଗ୍ରାମ ଗଢିବା ପାଇଁ ଜନଜାତି ଉନ୍ନୟନ ବିଭାଗକୁ ଦିଗଦର୍ଶନ ପ୍ରଦାନ କରିଥିଲେ ଜିଲ୍ଲାପାଳ। ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଡୋଳାମଣି ପ୍ରଧାନ ଉପସ୍ଥିତ ଥିଲେ।

# ପରକୀୟା ପ୍ରୀତି ବେଳେ ଧରିଲା ସ୍ତ୍ରୀ !

**ମାଲକାନଗିରି, ୧୪।୩(ସମିସ):** ପରକୀୟ ପ୍ରୀତି ବେଳେ ସ୍ୱାମୀକୁ ଧରିଲା ସ୍ତ୍ରୀ। ସ୍ୱାମୀ ଅନ୍ୟ ମହିଳାଙ୍କ ସହ ସମ୍ପର୍କ ରଖୁଥିବା ବେଳେ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ଉଭୟଙ୍କୁ ଏକାଠି ଦେଖି ସ୍ତ୍ରୀ ବିରୋଧ କରିଥିଲେ। ଶେଷରେ ସ୍ୱାମୀ ଓ ଉକ୍ତ ମହିଳାଙ୍କ ବିରୋଧରେ ଥାନାର ଦ୍ୱାରସ୍ଥ ହେଲେ ସ୍ତ୍ରୀ। ଏମିତି କିଛି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ସଦର ମହକୁମାରେ। ଅଭିଯୋଗ ମୁତାବକ, ମାଲକାନଗିରି ଜିଲ୍ଲା ଏମ୍ଭି୭୯ ଥାନା ଅନ୍ତର୍ଗତ ଏମପିଭି ୪୬ ଗ୍ରାମର ପରିମଲ ବାଡଇ ନାମକ ଯୁବକ ଦୀର୍ଘ ପ୍ରାୟ ୭ ବର୍ଷ ପୂର୍ବେ ମାଲକାନଗିରିର ପଡୋଶୀ ରାଜ୍ୟ ତେଲେଙ୍ଗାନାର ଯୁବତୀ ରାଧିକାଙ୍କ ସହ ପ୍ରେମ ସମ୍ପର୍କ ରଖି ତାଙ୍କୁ ବାହା କରିଥିଲେ। ରାଧିକା ତାଙ୍କ ପରିବାରର ଏକ ମାତ୍ର ଝିଅ ହୋଇଥିବା ବେଳେ ପରିମଲ ରାଧିକାଙ୍କ ଠାରୁ ଟଙ୍କାନେଇ ଠିକାଦାରି କାର୍ଯ୍ୟରେ ଲଗାଉଥିଲେ। ତେବେ ସାମାଜିକ ଗଣମାଧମରେ ମଞ୍ଜୁ ମଣ୍ଡଳ ନାମକ ଅନ୍ୟ ଏକ ମହିଳାଙ୍କ ସହ ପରିମଲ ପ୍ରେମରେ ପଡ଼ିଥିଲେ। ଯାହାର ଖବର ପାଇ ପରିମଲଙ୍କ ସ୍ତ୍ରୀ ନିଜ ସ୍ୱାମୀଙ୍କ ଉପରେ ନଜର ରଖିଥିଲେ। ତେବେ ତାଙ୍କ ସ୍ୱାମୀ ପରିମଲ ଓ ସମ୍ପର୍କରେ ଥିବା ମଞ୍ଜୁ ନାମକ ମହିଳାଙ୍କୁ ମାଲକାନଗିରି ସଦର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ଥିବା ବେଳେ ଧରି ପକାଇଥିଲେ ସ୍ତ୍ରୀ ରାଧିକା। ଯାହାକୁ ନେଇ ବଚସା ହୋଇଥିବା ବେଳେ ନିଜର ବିବାହିତ ସ୍ତ୍ରୀଙ୍କୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମାଡ଼ ମାରିବାକୁ ଉଦ୍ୟମ କରିଥିଲେ ପରିମଲ। ସେଠାରେ ଏହି ଘର କଳି ପଦାରେ ପଡ଼ିଥିବା ବେଳେ ସ୍ଥିତି ଉତ୍ତେଜନା ମୂଳକ ହୋଇଥିଲା। ପରେ ରାଧିକା ସେଠାରୁ ବାହାରି ନିଜ ସ୍ୱାମୀଙ୍କ ନାମରେ ମାଲକାନଗିରି ଆଦର୍ଶ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତୁରନ୍ତ ଅଭିଯୋଗ ଆଧାରରେ ଉଭୟ ପକ୍ଷଙ୍କୁ ନେଇ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।



# ୧୫ ଦିନ ହେଲା ନଳକୂପ ଅଚଳ; ଲୋକେ ହନ୍ତସନ୍ତ



**ବଣାଇଁ,୧୪।୩(ସମିସ):** ବଣାଇଁ ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ବାଉରକେଲା ଭୁୟାଁ ସାହି ଆଗରେ ଥିବା ନଳକୂପଟି ୧୫ ଦିନହେବ ଅଚଳ ହୋଇ ପଡ଼ିରହିଛି। ଏଣୁ ଗାଁର ୨୦ ପରିବାରର ଲୋକ ପାଣିପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି। ପ୍ରବଳ ଖରା ହେଉଥିବାରୁ ପ୍ରଶାସନ ପକ୍ଷରୁ ନଳକୂପ ଖରାପ ହେବାର ୨୪ ଘଣ୍ଟା ମଧ୍ୟରେ ମରାମତି କରାଯିବାର ନିୟମ ଅଛି। ହେଲେ ପଞ୍ଚାୟତ ଓ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ୧୫ ଦିନହେବ ନଳକୂପ ମରାମତି ହୋଇ ପାରି ନ ଥିବା ଦୁଃଖର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ଯାହାଫଳରେ ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟପାଇଁ ବେଳେବେଳେ କେନାଲରେ ଆସୁଥିବା ପାଣିକୁ ବ୍ୟବହାର କରୁଥିବା କହିଛନ୍ତି ଗ୍ରାମବାସୀ। ନଳକୂପ ତୁରନ୍ତ ମରାମତି କରି ଲୋକଙ୍କ ପାଣି ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

**ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିର ଗାର**

# ତିନି ମାସ ହେଲା ଶ୍ରମିକଙ୍କୁ ମିଳିନି ପାରିଶ୍ରମିକ

ରାଉରକେଲା,୧୪।୩(ସମିସ)

ସୀମାନ୍ତ ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ ବ୍ଲକ୍ ଅଧୀନ୨୦ଟି ପଞ୍ଚାୟତର ମନରେଗା ଯୋଜନାରେ ଶ୍ରମିକମାନେ କାମ କରି ତିନି ମାସ ହେବ ମଜୁରି ପାଇ ନ ଥିବା ଅଭିଯୋଗ ହୋଇଛି। ମଜୁରି ପାଇ ନ ଥିବାରୁ ସେମାନଙ୍କ ପରିବାର ଭୋକଉପାସରେ କାଳାତିପାତ କରୁଥିବା ସୂଚନା ମିଳିଛି। ଏହାର ପ୍ରତିବାଦରେ ଶହଶହ ଶ୍ରମିକ ମଜୁରୀ ପାଇବା ଦାବିରେ ବ୍ଲକ୍ ଅଫିସ ଆଗରେ ମହିଳା ପୁରୁଷ ଶ୍ରମିକମାନେ ଧାରଣା ଦେବା ସହ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସେମାନଙ୍କ ଦାବିପତ୍ର ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ ଯେ, ନୂଆଗାଁ ବ୍ଲକ୍‌ର ୨୦ଟି ପଞ୍ଚାୟତର ବିଭିନ୍ନ ଗ୍ରାମର ଅଣକୁଶଳୀ ଶ୍ରମିକମାନେ ମନରେଗା ଯୋଜନାରେ କାମ କରିଥିଲେ। ହେଲେ ବିଗତ ତିନିମାସ ହେବ ସେମାନେ ଏହି କାର୍ଯ୍ୟର ପାରିଶ୍ରମିକ ବାବଦରେ ଟଙ୍କାଟିଏ ବି ପାଇ ନାହାନ୍ତି। କେତେକ ପଞ୍ଚାୟତରେ ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ମଜୁରୀ ପାଇଥିବା ବେଳେ କେତେକ ପଞ୍ଚାୟତରେ ଜାନୁଆରୀ ମାସରୁ ପାରିଶ୍ରମିକ ବାବଦରେ ଟଙ୍କାଟିଏ ପାଇ ନାହାନ୍ତି। ଯାହାଫଳରେ ସେମାନେ ପରିବାର କିପରି ଚଳାଇବେ ଭାବି ଭୋକ ଉପାସରେ ଦିନ କାଟୁଛନ୍ତି। ଏପଟେ ଗ୍ରାମରେ ଥିବା କିମ୍ବା କାର୍ଯ୍ୟ ତଦାରଖ କରୁଥିବା ଅଧିକାରୀ କାମ ନ କଲେ ଜବ୍‌କାର୍ଡ କଟିଯିବ ବୋଲି ଚେତାବନୀ ଦେଉଛନ୍ତି। ଫଳରେ ବାଧ୍ୟ ହୋଇ କାମ କରିବାକୁ ପଡୁଛି ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଗତ କିଛିଦିନ ତଳେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ନୂଆଗାଁ ବ୍ଲକ୍ ଗସ୍ତରେ ଆସି ମନରେଗା ଯୋଜନାରେ କାମକରି ଥିବା ଶ୍ରମିକମାନଙ୍କୁ ୧୫ ଦିନ ଭିତରେ ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କାଯିବ ବୋଲି ଘୋଷଣା କରିଥିଲେ। ଯାହାକି ଏବେ ପାଣିରଗାର ସଦୃଶ ହୋଇଛି। ୧୫ ଦିନ ତ ନହେଁ ଇତିମଧ୍ୟରେ ୩ ମାସ ବିତି ଯାଇଥିଲେ ମଧ୍ୟ ସେମାନେ ମଜୁରି ପାଇଁ ନାହାନ୍ତି। ମନ୍ତ୍ରୀଙ୍କ ଭାଷଣ କେବଳ ଧୂଆଁବାଣ ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଏନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତିବିକାଶ ଦାଶଙ୍କ କହିବା କଥା ଯେ ମଜୁରୀ ପାଇନଥିବା ଶ୍ରମିକମାନଙ୍କ ଟଙ୍କା ଆସିଲେ ସେମାନଙ୍କ ବ୍ୟାଙ୍କ ଖାତାକୁ ପଠାଯିବ। ଉଲ୍ଲେଖଯୋଗ୍ୟ ଯେ କିଛି ମାସ ହେଲା ମନରେଗା ଯୋଜନାରେ ସରକାରଙ୍କ ଅବହେଳା ଯୋଗୁଁ ଲୋକେ କାମ କରି ସୁଦ୍ଧା ନିଜ ପାରିଶ୍ରମିକ ପାଇ ପାରୁନାହାନ୍ତି। ସେପଟେ ବ୍ଲକ ପ୍ରଶାସନ ମଧ୍ୟ ଶ୍ରମିକମାନଙ୍କ ମଜୁରୀ ପ୍ରଦାନ ଉପରେ ସେତେଟା ତତ୍ପରତା ପ୍ରକାଶ କରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। କେବଳ ବିଭିନ୍ନ ଯୋଜନାରେ ଆସୁଥିବା କଂକ୍ରିଟ କାମ, ଗାଡୱାଲ ନିର୍ମାଣ, ମରାମତି ଆଦି ବିଭିନ୍ନ କାମ ଉପରେ ବ୍ଲକ ପ୍ରଶାସନ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ମନରେଗା ଉପରେ ଅତିମନ୍ଥର ଗତିରେ କାମ କରାଯାଉ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ମାସମାସ ଧରି ଝାଳବୁହା ପରିଶ୍ରମ କରି କାମ କରିଥିବା ଶ୍ରମିକମାନେ କେବେ ସେମାନଙ୍କ ମଜୁରୀ ପାଇବେ ତାହା ଦେଖିବାକୁ ବାକି ରହିଲା।



# ଆଞ୍ଚଳିକ ଯୁବ ସଂସଦର ବାର୍ଷିକ ଉତ୍ସବ ପ୍ରସ୍ତୁତି



**ବଣାଇଁ,୧୪।୩ (ସମିସ):** ବଣାଇଁ ଆଞ୍ଚଳିକ ଯୁବ ସଂସଦର ୨୯ ତମ ବାର୍ଷିକ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବାବା ବାଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ରଞ୍ଜିତ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏବର୍ଷ ବାର୍ଷିକ ଉତ୍ସବ କିପରି ସୁରୁଖୁରୁରେ ପାଳନ ହେବ ତା'ଉପରେ ସମସ୍ତ ସଦସ୍ୟ ଆଲୋଚନା କରିଥିଲେ। ଚଳିତବର୍ଷ ମଧ୍ୟ କୃଷି, ଶିକ୍ଷା, କ୍ରୀଡା ଏବଂ ସମାଜ ସେବାରେ ଉତ୍ସର୍ଗୀକୃତ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବା ପାଇଁ ସ୍ଥିର ହୋଇ ଥିବାବେଳେ ଏ ବର୍ଷର ମୁଖ୍ୟ ଆକର୍ଷଣ ହାସ୍ୟ ଅଭିନେତ୍ରୀ କ୍ରିଷ୍ଣା ଏବଂ ତାଙ୍କ ଗ୍ରୁପ ଆସିବାର କାର୍ଯ୍ୟକ୍ରମ ରହିଛି। ବୈଠକରେ କମିଟିର ସମ୍ପାଦକ ଧର୍ମବୀର ଦାସ, ବଳଦେବ ମହାନ୍ତି, ବିଷ୍ଣୁ ବାରିକ, ପ୍ରଭାତ ସ୍ୱାଇଁ, ବିଶ୍ୱଜିତ ବାରିକ, ପରେଶ କାଲ, ସୁଜିତ ମହାପାତ୍ର, ଉମେଶ ସାହୁ, ରାଜେଶ, ବିରଜା ପ୍ରସାଦ ମହାନ୍ତି, ସୁରଜ ପ୍ରତାପ ମହାନ୍ତି, ଚିନ୍ମୟ ତ୍ରିପାଠୀ, ହେମନ୍ତ ପାତ୍ରଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ପରେଶ କାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ତୁମକଳାରେ ଅଷ୍ଟପ୍ରହର ନାମଯଜ୍ଞ

**ଲହୁଣୀପଡ଼ା,୧୪।୩(ସମିସ):** ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ତୁମକଳା ଗ୍ରାମ୍ୟ ବିକାଶ ସମିତି ଆନୁକୂଲ୍ୟରେ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା, ଯୁବତୀ ମାନସିକ ଧାରି ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ପୂର୍ଣ୍ଣକଳସି ଧରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ସହିତ ଯଜ୍ଞସ୍ଥଳରେ ପହଞ୍ଚିବା ପରେ ଘଟସ୍ଥାପନ ଓ ଅଧିବାସ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଗୁରୁବାର ନାମ ଯଜ୍ଞ କରାଯାଇଥିବା ବେଳେ ଶୁକ୍ରବାର ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ନାମ ଯଜ୍ଞରେ ବରଗଡ(ଜାମପାଲି), ରାଉରକେଲା ଝିରପାଣି, କେନାଭେଟା, ଗୋବିନ୍ଦପୁର, କଂସରା, ଦେଓଗାଁ, ଗମଲେଇ, ଜମିରପୋଷ, ଅର୍କେଇକଳା ଭଳି କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଏଥିରେ କର୍ତ୍ତାଭାବେ ରମେଶ କୁମାର କରସହ ଧର୍ମିଣୀ ଆରତୀ କର କର୍ତ୍ତା ଦାଟିତ୍ୱ ତୁଲାଇଥିବା ବେଳେ ପୂଜକ ଭାବେ ରମେଶ ଚନ୍ଦ୍ର ନନ୍ଦ ଯୋଗ ଦେଇ ପୂଜାର୍ଚ୍ଚନା କରିଥିଲେ। ତୁମକଳା ଗ୍ରାମ୍ୟ ବିକାଶ ସମିତି ସଭାପତି ସମ୍ପାଦକ ଦୟାନିଧି କର, ସୁବାସ କୁମାର ପାଲଙ୍କ ସହ ବିକାଶ ସମିତିର ସମସ୍ତ ସଭ୍ୟଙ୍କ ମିଳିତ ସହଯୋଗରେ ପରିଚାଳନା ହୋଇଥିଲା।



# ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କ କୃତିତ୍ୱ

**କୁତ୍ରା,୧୪।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଦୁଇଜଣ ଛାତ୍ରୀ ଏନ୍‌ଆରଟିଏସ୍ ଛାତ୍ର ବୃତ୍ତିରେ ପରୀକ୍ଷାରେ କଟଙ୍ଗ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରୁ ସଫଳତା ଅର୍ଜନ କରିଛନ୍ତି। ସମାନେ ହେଲେ ଶୀତଳ ବଲଙ୍ଗିଆ ଏବଂ ଭୂମିକା ସାହୁ। ଗ୍ରାମୀଣ ଅଞ୍ଚଳରେ ଶ୍ରେଣୀ-୯ରେ ଅଧ୍ୟୟନରତ ପ୍ରତିଭାଶାଳୀ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଆଗକୁ ଆଣିବା ଉଦ୍ଦେଶ୍ୟରେ ଏହି ପରୀକ୍ଷା ଆୟୋଜନ କରାଯାଇଥାଏ। ଏହି ସଫଳତା ଫଳରେ ଦୁଇ ଛାତ୍ରୀ ଶ୍ରେଣୀ-୯ ଓ ୧୦ ଅବଧିରେ ପାଠପଢ଼ା ଖର୍ଚ୍ଚ ପାଇଁ ୨୪ ମାସ ପର୍ଯ୍ୟନ୍ତ ପ୍ରତିମାସ ୨୫୦ ଟଙ୍କାର ଛାତ୍ରବୃତ୍ତି ପାଇବେ। ଏହି ସଫଳତା ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ ସହିତ ସମଗ୍ର କଟଙ୍ଗ ଅଞ୍ଚଳ ପାଇଁ ଗର୍ବର ବିଷୟ ହୋଇଛି। ଗ୍ରାମୀଣ ପରିବେଶରେ ଅଧ୍ୟୟନ କରୁଥିବା ଛାତ୍ରୀମାନେ ଏପରି ସଫଳତା ଅର୍ଜନ କରି ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ହୋଇଛନ୍ତି। ପ୍ରଧାନଶିକ୍ଷକ ଡ. ନିତ୍ୟାନନ୍ଦ ବେହେରା ଦୁଇ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି କଟଙ୍ଗ ସରପଞ୍ଚ ପୁଷ୍ପା କେର୍କେଟା ମଧ୍ୟ ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।





**ରବିଧାନ ବିକ୍ରୟ ପଞ୍ଜୀକରଣ ନିମନ୍ତେ ସମସ୍ୟା ସାଜୁଛି ଜଳକର ରସିଦ**

# ସମସ୍ୟା ସମାଧାନ ପାଇଁ ଉପଜିଲ୍ଲାପାଳଙ୍କୁ ଚାଷୀ ଫେରାଦ



**ବଣାଇଁ,୧୪।୩(ସମିସ):** ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ୍ ଅଧୀନ ନରେନ୍ଦ୍ର ପଞ୍ଚାୟତ ଅଧୀନସ୍ଥ ରୁକୁଡ଼ା ଜଳସେଚନ ପ୍ରକଳ୍ପ ଅଧୀନ ଚଳିତ ରବିରତୁ ୨୦୨୫-୨୬ ବର୍ଷରେ ଧାନ ଚାଷ କରିଥିବା କୃଷକ ସମୂହ ଉପୁଜିଥିବା ଜଳକର ରସିଦ ସମସ୍ୟାର ସମାଧାନ ନିମନ୍ତେ ବଣାଇଁ ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଗତବର୍ଷ ବିନା ଜଳକର ରସିଦରେ ଚାଷୀ ପଞ୍ଜିକରଣ କରି ଧାନ ବିକ୍ରୟ କରିଥିବାସ୍ଥଳେ ଏହି ବର୍ଷ ଧାନ ବିକ୍ରୟ ନିମନ୍ତେ ଚାଷୀ ପଞ୍ଜିକରଣ ପାଇଁ ଜଳକର ରସିଦ ଆବଶ୍ୟକ ବୋଲି ଲ୍ୟାମ୍ପସ କର୍ତ୍ତୃପକ୍ଷଙ୍କଠାରୁ ଜାଣିଥିଲେ। ଜଳକର ଦେବା ନିମନ୍ତେ ରୁକୁଡ଼ା ପ୍ରକଳ୍ପରେ ଧାନ ଚାଷ କରିଥିବା ନରେନ୍ଦ୍ର ପଞ୍ଚାୟତର ୫୦୦ ଜଣ ଚାଷୀ ରାଜି ଅଛନ୍ତି। ଚଳିତ ରବି ଋତୁରେ ପ୍ରାୟ ୪୫୦ ହେକ୍ଟର ଜମିରେ ଚାଷ କରିଛନ୍ତି। ଉପରୋକ୍ତ ଚାଷ ଜମିରେ ଚାଷ କରାଯାଇଥିବା ଧାନକୁ ସୁରୁଖୁରୁରେ ବିକ୍ରି ନିମନ୍ତେ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ ବିନା ଜଳକର ରସିଦରେ ଅନୁମତି ପ୍ରଦାନ କରିବା ପାଇଁ ଉପ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ଯେହେତୁ ଜଳକର ସଂଗ୍ରହ କରିବା ସମୟ ସାପେକ୍ଷ ହୋଇଥିବାରୁ ଜଳକର ରସିଦ ପଞ୍ଜିକରଣ ସମୟରେ ଦାଖଲ କରିବା ସମ୍ଭବପର ନୁହଁ। ଏଣୁ କୃଷକ ମାନଙ୍କ ସମସ୍ୟାକୁ ପ୍ରାଧାନ୍ୟ ଦେବା ସହିତ ପଞ୍ଜିକରଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ଉପ ଜିଲ୍ଲାପାଳଙ୍କୁ ନରେନ୍ଦ୍ର କୃଷକମାନେ ନିବେଦନ କରିଥିବାବେଳେ ଉପଜିଲ୍ଲାପାଳ ସୋମବାର ଏହି ସମ୍ପର୍କରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଆର୍‌ଏସ୍‌ପିରେ ଅଣମୁଭିଂ ଇନ୍‌ଭେଣ୍ଟରୀ ଆଇଟମ୍ ପ୍ରଦର୍ଶନୀ

**ରାଉରକେଲା, ୧୪।୩(ସମିସ):** ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସାମଗ୍ରୀ ପରିଚାଳନା ବିଭାଗର କେନ୍ଦ୍ରୀୟ ଷ୍ଟୋର୍ସ ୟୁନିଟ୍ ଦ୍ୱାରା ସେଣ୍ଟ୍ରାଲ୍ ଷ୍ଟୋର ପରିସରରେ ଅଣମୁଭିଂ ଇନଭେଣ୍ଟରୀ ଆଇଟମ୍ସର ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, କାରଖାନାର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ନିର୍ବାହୀ ନିର୍ଦ୍ଦେଶକ ବି.କେ ଗିରି, ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ନିର୍ବାହୀ ନିର୍ଦ୍ଦେଶକ, ଅନିଲ କୁମାର ଏବଂ ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହଙ୍କ ଉପସ୍ଥିତିରେ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ଲାଣ୍ଟର ଅନେକ ବରିଷ୍ଠ ଅଧିକାରୀ ଏବଂ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଡିଆଇସି ଶ୍ରୀ ବର୍ମା ମୂଲ୍ୟ ନିୟନ୍ତ୍ରଣର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ ପ୍ରଭାବଶାଳୀ ଇନଭେଣ୍ଟରୀ ପରିଚାଳନା ସମ୍ବଳକୁ ଅନୁକୂଳ କରିବା ଓ କାର୍ଯ୍ୟକ୍ଷମ ଦକ୍ଷତା ଉନ୍ନତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ସେ ସାମଗ୍ରୀ ପରିଚାଳନା ବିଭାଗର ଦୀର୍ଘ ଅବ୍ୟବହୃତ ଜିନିଷଗୁଡ଼ିକୁ ଚିହ୍ନଟ ଓ ପ୍ରଦର୍ଶନ କରିବାର ପଦକ୍ଷେପକୁ ପ୍ରଶଂସା କରିଥିଲେ ଯାହାଦ୍ୱାରା ଏହି ସାମଗ୍ରୀଗୁଡ଼ିକୁ ବିଭିନ୍ନ ବିଭାଗ ଦ୍ୱାରା ଉତ୍ପାଦନଶୀଳ ଭାବରେ ବ୍ୟବହାର କରାଯାଇପାରିବ ଓ ଅନାବଶ୍ୟକ କ୍ରୟ ହ୍ରାସ ପାଇବ ତଥା ସମ୍ବଳର ସର୍ବୋଚ୍ଚ ଉପଯୋଗ ହୋଇପାରିବ ବୋଲି କହିଥିଲେ। ଅନୀଲ କୁମାର ଏପରି ଅଭିନବ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଏମ୍ ଇନ୍‌ଚାର୍ଜ ଆଶିଷ ରଞ୍ଜନ ସମାବେଶକୁ ସ୍ୱାଗତ କରିଥିଲେ। ଆସିଷ୍ଟାଣ୍ଟ ମିଜିଆର ଷ୍ଟୋର ମମତା ସେନାପତି ସଂଯୋଜନା କରିଥିଲାବେଳେ ବି.କେ ଚୌଧୁରୀ ଧନ୍ୟବାଦ ଦେଇଥିଲେ। ସହଜ ଚିହ୍ନଟ ଏବଂ ବିଶେଷ ବିବରଣୀ ପାଇଁ ଉପଯୁକ୍ତ ଟ୍ୟାଗିଂ ଏବଂ କ୍ୟୁଆର୍ କୋଡ୍ ସହିତ ସେଣ୍ଟ୍ରାଲ୍ ଷ୍ଟୋରଗୁଡ଼ିକର ବିଭିନ୍ନ ସ୍ଥାନରେ ପ୍ରାୟ ୩ ହଜାର ଅଣ-ବ୍ୟବହୃତ ଉକ୍ତ ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଛି।



# ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ବିଶ୍ୱ ବୃକ୍କ ଦିବସ

ରାଉରକେଲା,୧୪।୩(ସମିସ)

ରାଉରକେଲା ଇସ୍ପାତ କାରଖାନା ଅଧୀନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ବିଶ୍ୱ କିଡ୍‌ନୀ ଦିବସ ପାଳନ କରାଯାଇଥିଲା। ଆରୋଗ୍ୟ ଆଶାୟୀ, ସେମାନଙ୍କ ତତ୍ତ୍ୱାବଧାରକ ଏବଂ ସାଧାରଣ ଲୋକଙ୍କୁ କିଡ୍‌ନୀ ସ୍ୱାସ୍ଥ୍ୟର ଗୁରୁତ୍ୱ ଏବଂ ଏଥି ସମ୍ବନ୍ଧୀୟ ରୋଗର ପ୍ରତିରୋଧ ବିଷୟରେ ସଚେତନ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ୍‌ଚାର୍ଜ ଡା. ଜୟନ୍ତ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନେଫ୍ରୋଲୋଜିଷ୍ଟ ଡ. ସରୋଜ କୁମାର ରାଉତ ଅତିଥି ବକ୍ତାଭାବେ ଯୋଗ ଦେଇଥିବାବେଳେ ଅତିରିକ୍ତ ସିଏମ୍‌ଓ ଏବଂ ଏଚ୍‌ଓଡି (ମେଡିସିନ୍) ଡ. କେ.ଏଲ୍. ହେମ୍ବ୍ରମ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଆଇଜିଏଚର ବହୁ ଡାକ୍ତର, ନର୍ସ, କିଡନୀ ରୋଗୀ ଏବଂ କର୍ମଚାରୀଯୋଗ ଦେଇଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଆଇଜିଏଚ୍‌ର ନେଫ୍ରୋଲୋଜି ବିଭାଗ ଦ୍ୱାରା କିଡ୍‌ନୀ ରୋଗର ବର୍ଦ୍ଧିତ ବୋଝ ଏବଂ ପ୍ରାରମ୍ଭିକ ଚିହ୍ନଟ ସହ ଉପଯୁକ୍ତ ଚିକିତ୍ସା ସେବାର ଆବଶ୍ୟକତା ଉପରେ ଆଲୋକପାତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମାବେଶକୁ ସମ୍ବୋଧିତ କରି, ଡ. ଆଚାର୍ଯ୍ୟ ଦୀର୍ଘକାଳୀନ କିଡ୍‌ନୀ ରୋଗକୁ ରୋକିବା ନିମନ୍ତେ ସାମୂଦାୟିକ ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଡ. ସରୋଜ କୁମାର ରାଉତ ରୋଗୀମାନେ କିଭଳି ବୃକକ୍ ଏବଂ ନିଜ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ କିପରି ନେଇପାରିବେ ସେ ବିଷୟରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ। ଡା. କେ ଏଲ୍. ହେମ୍ବ୍ରମ, ବିଶ୍ୱ ବୃକକ୍ ଦିବସ ପାଳନର ଗୁରୁତ୍ୱ ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟସେବାର ଗୁରୁତ୍ୱ ଉପରେ ନିଜର ମତ ପ୍ରଦାନ କରିଥିଲେ। ଏହି ଅବସରରେ ବୃକକ୍ ଯତ୍ନ ଏବଂ ଚିକିତ୍ସାକୁ ବର୍ଣ୍ଣନା କରୁଥିବା ଶିକ୍ଷାଗତ ସାମଗ୍ରୀ ଏବଂ ଡାଏଲିସିସ୍ କିଟ୍ ମଧ୍ୟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମାଟ୍ରନ୍ ମୀରା ପତି ଏବଂ ବରିଷ୍ଠ ନର୍ସିଂ ଅଧିକାରୀ ଅନିତା ରାୟ ସମସ୍ତ ଡାଏଲିସିସ୍ ୟୁନିଟ୍ କର୍ମଚାରୀଙ୍କ ସକ୍ରିୟ ସମର୍ଥନ ସହିତ ପରିଚାଳନା କରିଥିଲେ। ଡା.ଏମ୍. ସାମନ୍ତରାୟ ଜନସାଧାରଣଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସ୍ୱାସ୍ଥ୍ୟସେବାର ଲାଭ ବିଷୟରେ ସୂଚନା ମଧ୍ୟ ଦେଇଥିଲେ, ଯେଉଁଥିରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଅନ୍ୟାନ୍ୟ ବୀମା ସୁବିଧା ଅନ୍ତର୍ଭୁକ୍ତ ଥିଲା। ମାଟ୍ରନ୍ ମୀରାପତି ଧନ୍ୟବାଦ ଅର୍ପଣ କରିଥିଲେ।




# ରକ୍ତଦାନ ଶିବିର: ୩୯ ୟୁନିଟ୍ ସଂଗ୍ରହ



**କୁତ୍ରା,୧୪।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅଧୀନ ବୁଡ଼ାକଟାଠାରେ ଥିବା ସ୍କାନଷ୍ଟିଲ ଲିମିଟେଡ (ୟୁନିଟ-୨)ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରକ୍ତଦାନ ଶିବିର ୩୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ଶିବିରଟି କାରଖାନା ଚେୟାରମ୍ୟାନ ରାଜେଶ ଗଗୋଡିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ଆରଜିଏଚ୍ ଡାକ୍ତରଖାନାର ଡା ପବିତ୍ର କୁମାର ପଲେଇ, କୌଶିକ ରଣା ଓ ସୁଭେନ୍ଦୁ ନାୟକ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରକୁ ସ୍କାନଷ୍ଟିଲର ନିର୍ଦ୍ଦେଶକ ଅନଙ୍କୁର ମଦନ ଉଦ୍‌ଘାଟନ କରି ଶୁଭାରମ୍ଭ କରିବା ସହିତ ଉପସ୍ଥିତ ରହି ରକ୍ତଦାନ କରିବା ପାଇଁ କର୍ମଚାରୀମାନଙ୍କର ମନୋବଳ ଦୃଢ଼ କରିଥିଲେ। ଏହି ଶିବିରରେ ଦିପକ ଶର୍ମା(ମେନେଜର), ପ୍ରଭୁରାମ ଦେ(ଏଚ୍‌ଆର ହେଡ), ରମାକାନ୍ତ ସାହୁ, ଏଲ୍‌କେ ରାଧାକୃଷ୍ଣା, ବିପିନ ସାହୁ, ରମାକାନ୍ତ ସାହ, ସରୋଜ ମହାକୁଡ଼, ସୁବାସ ମଲ୍ଲିକ, ବିଟୁ ଠାକୁର, ସନ୍ତୋଷ ପାସୱାନ, ଯୋଗେଶ ଶର୍ମା, ଏସ୍‌ସ୍ୱାଇଁ, ହରିଓମ ବିନ୍ଦ, ବିରାଜ ମହାନ୍ତି ରକ୍ତଦାନ କରିଥିଲେ।

ସକାଳ THE SAKALA



www.sakalaepaper.com

# ଖବର ପ୍ରକାଶ ପରେ ମରାମତି ହେଲା ନଳକୂପ



■ ମାସେ ହେଲା ଅଚଳ ଥିଲା
■ ୩୦ ପରିବାର ଜଳକଷ୍ଟ ଭୋଗୁଥିଲେ

'ସକାଳ' ପ୍ରଭାବ

ଶଗଡା,୧୪।୩ (ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଦପଲାରେ ଥିବା ମୁଢ଼ି ମିଲ୍ ଆଗରେ ଥିବା ଅଚଳ ନଳକୂପଟି ଶେଷରେ ମରାମତି ହୋଇଛି। ଦୀର୍ଘ ଏକ ମାସ ହେବ ଏହା ଅଚଳ ହୋଇ ପଡିରହିଥିଲା। ଏଣୁ ଗାଁର ୩୦ ପରିବାରର ୭୫ ଜଣ ସଦସ୍ୟ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ; ହେଲେ ଏହାର କୌଣସି ସମାଧାନ ହୋଇ ନ ଥଲା। ପ୍ରବଳ ଖରା ହେଉଥିବାରୁ ପ୍ରଶାସନ ପକ୍ଷରୁ ନଳକୂପ ଖରାପ ହେବାର ୨୪ ଘଣ୍ଟା ମଧ୍ୟରେ ମରାମତି କରିବାର ନିୟମ ଅଛି; ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ୧ ମାସ ହେଲା ନଳକୂପ ଅଚଳ ହୋଇ ପଡିଥିଲା। ଏ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶିତ ହେବା ପରେ ବରଗଡ଼ ଜିଲ୍ଲାର ରମେଶ ମେହେର, ବିନୋଜ କନ୍ଧେର, ଅତାବିରାର ରିଙ୍କୁ ଜଗଦଲା, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ବଲାଙ୍ଗୀର ଜିଲ୍ଲାର ସୁଶାନ୍ତ ପ୍ରଧାନ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲା କଣ୍ଟାମାଳର ଆଜାଦ କଳତା, ଅନନ୍ତ ମିଶ୍ର ଓ ମନଧର କର୍ମୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପ୍ରଶାସନ ସହ ଜଳ ଓ ପରିମଳ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଶନିବାର ବିଭାଗ ପକ୍ଷରୁ ଗ୍ରାମର ଏହି ନଳକୂପକୁ ମରାମତି କରାଯାଇଛି। ଏଥିରେ ଲୋକେ ଖୁସି ବ୍ୟକ୍ତ କରିବା ସହ 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।

# ୧୧ ଦିନ ଧରି ନାରାୟଣନଗରରେ ଆମିଷ ବାରଣ

## ୨୭ରୁ ରାମଲୀଳା ଉତ୍ସବ

ଜହ୍ନାପଙ୍କ,୧୪।୩ (ସମିସ): ବୌଦ୍ଧ ଜିଲ୍ଲା ଲୋକକଲା ଗ୍ରାମ ନାରାୟଣନଗରରେ ୨୭ରୁ ଶ୍ରୀ ରାମଲୀଳା ଉତ୍ସବ ଆୟୋଜିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଶ୍ରୀ ଜଗନ୍ନାଥ ଓ ଶ୍ରୀ ଶ୍ରୀରାମଙ୍କ ଯୁଗ୍ମ ମନ୍ଦିର ମନ୍ଦିର ପରିସରରେ ଏହା ଅନୁଷ୍ଠିତ ହୋଇଥିଲା। ରାମଲୀଳା ସମୟରେ ଗାଁରେ ଆମିଷ ଭକ୍ଷଣ ସମ୍ପୂର୍ଣ୍ଣ ବାରଣ କରାଯାଇଛି।

ଏଥିରେ ଶ୍ରୀ ଶ୍ରୀ ରାମଲୀଳା ସାଂସ୍କୃତିକ ପରିଷଦର ବରିଷ୍ଠ ସଦସ୍ୟ ବିଦେଶୀ ମେହେର ସଭାପତିତ୍ୱ କରିଥିଲେ। ବୈଠକରେ ସମ୍ପାଦକ ଗୋପାଳକୃଷ୍ଣ ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ। ଶ୍ରୀ ଜଗନ୍ନାଥ ଓ ଶ୍ରୀ ରାମ ଯୁଗ୍ମ ମନ୍ଦିରର ସଭାପତି ରାଜେନ୍ଦ୍ର ମେହେର ଉତ୍ସବକୁ ଆକର୍ଷଣୀୟ କରିବାକୁ ମତ ଦେଇଥିଲେ। ୧୧ ଦିନ ଧରି ରାମଲୀଳା ଉତ୍ସବ ମନ୍ଦିର ସାମ୍ନାରେ ଅନୁଷ୍ଠିତ ହେବ। ରାବଣ ପୋଡ଼ି ଉତ୍ସବ ହାଟପଦାଠାରେ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶେଷ ରାତିରେ ରାବଣ ପୋଡି ଉତ୍ସବକୁ ଆକର୍ଷଣ କରିବା ସହ ଶୋଭାଯାତ୍ରା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ରାବଣ ପୋଡି ଉତ୍ସବରେ ୪୦ ଫୁଟ ରାବଣ ତିଆରି କରି ରାବଣ ପୋଡି କରାଯିବାକୁ ଆଲୋଚନା କରାଯାଇଛି। ଉତ୍ସବ ସମୟରେ ନାରାୟଣନଗର ଗ୍ରାମକୁ ଅଯୋଧ୍ୟା ଗ୍ରାମ ଭାବେ ଗଢ଼ି ତୋଳିବାକୁ ସମସ୍ତ ସଦସ୍ୟଙ୍କୁ ସୂଚନା ଦିଆଯାଇଛି। ମନ୍ଦିର ନିର୍ମାଣ କମିଟି ଉପସଭାପତି ଉପେନ୍ଦ୍ର ମେହେର, ଫକିର ମେହେର, ହରି ମେହେର, ବୁଦ୍ଧଦେବ ମେହେର, ନେପାଳ ମେହେର, ନବକିଶୋର ମେହେର, ରାଜା ମେହେର, ପୀତାମ୍ବର ମେହେର, ରବି ମେହେର, ସୁଶାନ୍ତ ମେହେର, ଛବି ମେହେର, ଶଶିଭୂଷଣ ମେହେର, ପୌଲସ୍ତି ମେହେର, ଧର୍ମୁଧର ମେହେରଙ୍କ ସମେତ ରାମଲୀଳା ସାଂସ୍କୃତିକ ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସଦସ୍ୟ ବିଜୟ ସାହୁ ଧନ୍ୟବାଦ ଦେଇଥିଲେ।

# ଲୋକଅଦାଲତରେ ୨ ଲକ୍ଷ ୨୯ ହଜାର ଟଙ୍କା ଜରିମାନା ଆଦାୟ



ତରଭା,୧୪।୩(ସମିସ): ଆଞ୍ଚଳିକ ପରିବହନ ଅଧିକାରୀ ପ୍ରିୟବ୍ରତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶନିବାର ଜିଲ୍ଲା ନ୍ୟାୟାଳୟ ପରିସରରେ ଅବସ୍ଥିତ ଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ କର୍ମଚାରୀଙ୍କ ଦ୍ୱାରା ସଡ଼କ ସୁରକ୍ଷାର ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ୨୦୦ ନୋଟିସ୍ କରାଯାଇଥିଲା। ସେଥିମଧ୍ୟରୁ ୧୧୯ ଟି ମାମଲାର ସମାଧାନ କରାଯାଇ ଉଲ୍ଲଂଘନକାରୀଙ୍କଠାରୁ ୨,୨୯,୦୦୦/- ଟଙ୍କା ଆଦାୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ପରିବହନ ବିଭାଗର ମୋଟରଯାନ ନିରୀକ୍ଷକ ଅଜିତ କୁମାର ନାୟକ, କନିଷ୍ଠ ମୋଟରଯାନ ନିରୀକ୍ଷକ ଦେବବ୍ରତ ପଟ୍ଟା, ଟ୍ରାଫିକ ସବ୍ ଇନ୍ସପେକ୍ଟର ମିସ ପୂଜା ଭେଙ୍ଗରା, ପୁନମ ପଣ୍ଡା, ଅବିନାଶ ଭୁଏ, ହିମାଂଶୁ ରଞ୍ଜନ ସାହୁ, ଚିତ୍ତରଞ୍ଜନ ଭୋଇ, ଜ୍ୟୋତିପ୍ରସାଦ ସାହୁ, ମଳୟ ପ୍ରତାପ ପାଣିଗ୍ରାହୀ, ପଞ୍ଚାନନ ଦଲାଇ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହଯୋଗରେ ଲୋକ ଅଦାଲତ ସମାପନ ହୋଇଥିଲା।

# ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଯାପିତ

ତରଭା,୧୪।୩(ସମିସ): ସୋନପୁର ଜିଲ୍ଲାସ୍ତରୀୟ ପିଏମଶ୍ରୀ ମେଳା କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟ ଡୁଙ୍ଗୁରିପାଲିରେ ଉଦ୍‌ଯାପିତ ହୋଇଛି। ଉଦଯାପନୀ ଦିବସରେ ଶିକ୍ଷକ ଜୟନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଘନଶ୍ୟାମ ମେହେରଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବରେ ସୋନପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ସମ୍ମାନିତ ଅତିଥିଭାବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ପୁରାତନ ଛାତ୍ର ତଥା ସାଂସଦ ପ୍ରତିନିଧି ସାନନ୍ଦ ମେହେର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପିପିଲିପାଲିର ମୁଖ୍ୟ ଅରୁଣ ମହାକୁଡ଼ ତଥା ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପର୍ଶୁରାମ ମେହେର ଯୋଗଦେଇ ଥିଲେ। ପ୍ରଧାନଶିକ୍ଷକ ପଦ୍ମନାଭ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

# କାମକୁ ନେଇ ପଡ଼ାବାସୀଙ୍କ ରାସ୍ତାରୋକ



ଡୁଙ୍ଗୁରିପାଲି,୧୪।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ବଡ଼କଲେରେ ରାସ୍ତା କାମକୁ ନେଇ ଲୋକେ ତାତିଛନ୍ତି। ଏହି କାମକୁ ନେଇ ପଡ଼ାବାସୀଙ୍କ ରାସ୍ତା ରୋକ କରିବାକୁ ପଛାଇ ନାହାନ୍ତି। ରାସ୍ତା ଉପରେ ଗଛ ପକାଇ ସେମାନେ ପ୍ରତିବାଦ କରିଥିଲେ। ପଣ୍ଡକିଟାଲରୁ ଗଜବନ୍ଧ କେନାଲ ରାସ୍ତା କାମ ଅଧାରେ ଅଟକି ରହିଛି। ରାସ୍ତାରେ କେବଳ ବଡ଼ ବଡ଼ ଚିପ୍ସ ଓ ପଥରଗୁଣ୍ଡ ପକାଇ ଦେଇ ଠିକାଦାର ଫେରାର ଅଛନ୍ତି। ଏଥିଯୋଗୁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଥିପାଇଁ ଲୋକଙ୍କ ଭିତରେ ଅସନ୍ତୋଷ ଦେଖା ଦେଇଛି। ଶେଷରେ ସେମାନେ ଆନ୍ଦୋଳନ ପନ୍ଥା ଆପଣେଇଛନ୍ତି। ତେବେ ରାସ୍ତା ଉପରେ ଗଛ ରଖି ପ୍ରତିବାଦ ଯୋଗୁ ଲୋକେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ରାମପୁର ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇ ଥିଲା। ଏହାପରେ ଲୋକେ ରାସ୍ତା ଅବରୋଧରୁ ଓହରିଥିଲେ।

# ରାମେଶ୍ୱର ମନ୍ଦିର ପ୍ରତିଷ୍ଠା, ଚଣ୍ଡୀଯଜ୍ଞ ଓ କର୍ଣ୍ଣାଭିଷେକ

ବୀରମହାରାଜପୁର,୧୪।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଟିଠିପାଲିଠାରେ ରାମେଶ୍ୱର ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସକାଳେ ଚଣ୍ଡୀ ଯଜ୍ଞ ଆରମ୍ଭ ହୋଇଥିଲା ବେଳେ ସେପଟେ ରାମାୟଣ ପରାୟଣ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ଜଳନ୍ଧର ଦରବାରରେ ରାଜଅତିଥି ଭାବେ ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ କୁମାର ରାଓ, ବିଡିଓ ରାଜୀବ କୁମାର ହାଁସଦା, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଯୋଗ ଦେଇଥିଲେ। ଡେପୁଟି କଲେକ୍ଟର ପ୍ରିତମ୍ ମହାନ୍ତି ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିବା ବେଳେ ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ ଧନ୍ୟବାଦ ଅର୍ପଣ କରିଥିଲେ। ଜଳନ୍ଧର ଭୂମିକାରେ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ ଅଭିନୟ କରି ଆସୁଥିବା ଭୁବନେଶ୍ୱର ବେହେରାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଆଜିର ପରାୟଣର ଗାୟକ ଭାବେ ବିଶିଷ୍ଟ ପୁରାଣ ଗାୟକ ମନୋରଂଜନ ମିଶ୍ର ପୁରାଣ ପାଠ କରୁଥିବାବେଳେ ମୁଖ୍ୟ ଆଚାର୍ଯ୍ୟ ଭାବେ ଚକ୍ରଧର ଚାନ୍ଦଙ୍କ ସହ ରାଜୀବ ପ୍ରସାଦ ପାଢ଼ୀ, ଗୌରୀକାନ୍ତ ମିଶ୍ର, ଗୌତମ ପଣ୍ଡା, ଜଗନ୍ନାଥ ଦାସ ଓ ପ୍ରଭଞ୍ଜନ ରଥ କାର୍ଯ୍ୟ ତୁଲାଉଛନ୍ତି। ଟିଠିପାଲି ମଠର ମଠାଧୀଶ ମହନ୍ତ ସୀତାରାମ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ଦିର ପ୍ରତିଷ୍ଠାର ମୁଖ୍ୟକର୍ତ୍ତା ଭାବେ ଭୀଷ୍ମ ଦେବ ଅମାତ ଓ ତାଙ୍କ ଧର୍ମପତ୍ନୀ ପ୍ରେମଶିଳା ଅମାତ, କର୍ତ୍ତା ଭାବେ ସୁରୁବବୁ ପଧାନ ସପତ୍ନିକ କାର୍ଯ୍ୟ ନିର୍ବାହ କରୁଛନ୍ତି। କମିଟିର ସଭାପତି ବିଦେଶୀ ମହକୁର, ସମ୍ପାଦକ ମଳୟ କୁମାର ଅମାତ, ବରିଷ୍ଠ ଦୌଲତ ଅମାତ, ହିମାଂଶୁ ଖମାରୀ, ବିଶ୍ୱାମିତ୍ର ଦେହେରି, ଚନ୍ଦନ ପାତ୍ର, ଝାନ୍ତୁ ପଧାନ, ରଶ୍ମୀରଞ୍ଜନ ଅମାତ, ସଞ୍ଜୟ ଖମାରୀ, ସୁବ୍ରତ କୁମାର ପାତ୍ରଙ୍କ ସହ ମନ୍ଦିର କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ବଲାକିରା ସିଦ୍ଧେଶ୍ୱର ମନ୍ଦିରର ହୁଣ୍ଡି ଭାଙ୍ଗି ଦାନ ଟଙ୍କା ଚୋରି

ବୌଦ୍ଧ,୧୪।୩ (ସମିସ): ବୌଦ୍ଧ ବ୍ଲକ୍ ମୁଣ୍ଡିପଦର ପଞ୍ଚାୟତ ବଲାକିରା ଗ୍ରାମରେ ଥିବା କେଉଟୁଣୀଚୁଆ ଶ୍ରୀ ସିଦ୍ଧେଶ୍ୱରମନ୍ଦିରର ହୁଣ୍ଡି ଭାଙ୍ଗି ଦାନ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି।



ମନ୍ଦିର କମିଟି ସମ୍ପାଦକ ସୁମନ୍ତ ସାହୁଙ୍କଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ ସକାଳେ ପୂଜକ ମନ୍ଦିରର ଖୋଲିବାକୁ ଯିବା ବେଳେ ମନ୍ଦିରର ଦାନବାକ୍ସ ତା ସ୍ଥାନରେ ନ ଥିଲା। ଏ ସମ୍ପର୍କରେ ପୂଜକ କମିଟି ସଦସ୍ୟଙ୍କୁ ଜଣାଇଥିଲେ। ଖୋଜାଖୋଜି କରିବା ପରେ ମନ୍ଦିରଠାରୁ କିଛି ଦୂରରେ ଦାନ ବାକ୍ସ ମିଳିଥିଲା। ସେଥିରେ ଥିବା ପ୍ରାୟ ୧୦ ହଜାର ଟଙ୍କା ଚୋରି ହୋଇ ଯାଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ବାଉଁଶୁଣୀ ପୁଲିସକୁ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ଲିଖିତ ଅଭିଯୋଗ କରାଯିବ ବୋଲି ସମ୍ପାଦକ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

# ଅମରପାଲି ହାଇସ୍କୁଲରେ ପ୍ଲାଷ୍ଟିକମୁକ୍ତ ସଚେତନତା



ବୀରମହାରାଜପୁର,୧୪।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅଧୀନ ଅମରପାଲି ହାଇସ୍କୁଲରେ ଶନିବାର ପ୍ଲାଷ୍ଟିକମୁକ୍ତ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଇକୋ-କ୍ଲବ ଏବଂ ହତିଲିମୁଣ୍ଡା ବନ ବିଭାଗର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ହାତିଲିମୁଣ୍ଡା ବନପାଳ ଶଙ୍କର ବାଗ, ବନରକ୍ଷୀ ଶିବସମ୍ଭୁ ସା, ଗୌଡ଼ଗାଡ଼ ବିଟ୍‌ର ବନରକ୍ଷୀ ରାମେଶ୍ୱର ମୁର୍ମୁ, ସ୍କୁଲର ଶିକ୍ଷକ ଶ୍ୟାମସୁନ୍ଦର ସେଠୀ, ପଦ୍ମନାଭ ପ୍ରଧାନ, ଇକୋ କ୍ଲବର ସମ୍ବିତ ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ, ନଟବର ରଣା ପ୍ରମୁଖ ଯୋଗଦେଇ ଥିଲେ। ନଟିଆ ଚରଣ ସାହୁ, ଗୋବର୍ଦ୍ଧନ ନାଏକ ଓ ଜଗନ୍ନାଥ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଜନଗଣନା କ୍ଷେତ୍ର ପ୍ରଶିକ୍ଷକଙ୍କ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ




ତରଭା,୧୪।୩(ସମିସ): ମାର୍ଚ୍ଚ ୧୧ ରୁ ୧୩ ତାରିଖ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲ୍ଲାର ଜନଗଣନା ୨୦୨୭ ର ପ୍ରଥମ ପର୍ଯ୍ୟାୟ କ୍ଷେତ୍ର ପ୍ରଶିକ୍ଷକଙ୍କ ତାଲିମ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀକକ୍ଷରେ ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀଙ୍କ ଦ୍ୱାରା ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ମାଷ୍ଟରଟ୍ରେନ୍‌ର ପ୍ରଫୁଲ୍ଲ ଦାସ ଓ ଉପଜିଲ୍ଲାପାଳ ସୌମ୍ୟରୁପା ରଥ କ୍ଷେତ୍ର ପ୍ରଶିକ୍ଷକମାନଙ୍କୁ କିପରି ଘର ତାଲିକା ପ୍ରସ୍ତୁତି ଓ ଘର ଗଣନା କରାଯିବ ସେ ବିଷୟରେ ତିନିଦିନ ଧରି ତାଲିମ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଅଞ୍ଜଳିନା ପ୍ରଧାନ ଉପସ୍ଥିତ ରହି ତଦାରଖ କରିଥିଲେ। ଶିବମ ଜୟଶ୍ୱାଲ ଜିଲ୍ଲା ସଂଯୋଜକ ଭାବେ ରାଜ୍ୟସ୍ତରରୁ ତିନିଦିନ ବ୍ୟାପି ଯୋଗଦାନ କରିଥିଲେ। ଜିଲ୍ଲାସ୍ତରରୁ ଡେପୁଟି କଲେକ୍ଟର ଆଜାଦ ସାହୁ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସର୍ବମୋଟ ୨୪ ଜଣ କ୍ଷେତ୍ର ପ୍ରଶିକ୍ଷକ ଯୋଗଦାନ କରିଥିଲେ। ଉଭୟ ସମ୍ମିଳନୀ କକ୍ଷରେ ତାଲିମ ଗ୍ରହଣ କରିବା ସହିତ କ୍ଷେତ୍ରସ୍ତରରେ ବିଭିନ୍ନ ଗାଁ ଗୁଡ଼ିକ ପରିଦର୍ଶନ କରି ବ୍ୟବହାରିକ ଓ ପ୍ରାୟୋଗିକ ତାଲିମ ଗ୍ରହଣ କରିଥିଲେ। ତାଲିମ କାର୍ଯ୍ୟକ୍ରମରେ ଉଭୟ ଉପଜିଲ୍ଲାପାଳଙ୍କ ସହକାରୀ ଓ ଡେପୁଟି କଲେକ୍ଟର, ତହସିଲ କାର୍ଯ୍ୟାଳୟର ରେଭିନ୍ୟୁ ସୁପରଭାଇଜର, ବିଭିନ୍ନ ବ୍ଲକର ପଞ୍ଚାୟତ ଉନ୍ନୟନ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ବ୍ଲକ ମତ୍ସ୍ୟ ଅଧିକାରୀ, ଅତିରିକ୍ତ ପ୍ରୋଗ୍ରାମ ଅଧିକାରୀ ଓ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ କ୍ଷେତ୍ର ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ।

# ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ତୁଳସା

ବୌଦ୍ଧ,୧୪।୩ (ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ବୃଦ୍ଧ ଓ ଅସହାୟ, ବିକଳାଙ୍ଗଙ୍କ ଭତ୍ତା ରାଶି ବୃଦ୍ଧି କରାଯାଇଛି। ସେହି ବର୍ଦ୍ଧିତ ଭତ୍ତା ପାଇବାରେ କିନ୍ତୁ କୁମାରୀ ଗ୍ରାମର ତୁଳସା ଖଟୁଆ (୮୬) ବଞ୍ଚିତ ହୋଇଛନ୍ତି।



ବାର୍ଦ୍ଧକ୍ୟ ବର୍ଦ୍ଧିତ ଭତ୍ତା ବାବଦକୁ ସେ ୩୫୦୦ଟଙ୍କା ପାଇବା କଥା। ଏଥିପାଇଁ ବୟସର ମାନଦଣ୍ଡ ଅନୁସାରେ ତାଙ୍କର ଯୋଗ୍ୟତା ରହିଛି; ହେଲେ ତୁଳସା ଏଥିରୁ ବଞ୍ଚିତ ହୋଇଛନ୍ତି। ଦୀର୍ଘଦିନ ଧରି ସେ ସରକାରୀ ଭତ୍ତା ଉପରେ ନିର୍ଭର କରି ଜୀବନ ଯାପନ କରୁଛନ୍ତି; କିନ୍ତୁ ସରକାରଙ୍କ ପକ୍ଷରୁ ଭତ୍ତା ରାଶି ବୃଦ୍ଧି ହୋଇଥିବା ସତ୍ତ୍ୱେ ତାଙ୍କୁ ପୁରୁଣା ଭାବେ ମାତ୍ର ୧ ହଜାର ଟଙ୍କା ଭତ୍ତା ମିଳୁଛି। ବୃଦ୍ଧା ଅବସ୍ଥାରେ ଏବେ ତାଙ୍କ ନିକଟରେ ଅନ୍ୟ କୌଣସି ଆୟର ପନ୍ଥା ନାହିଁ। ଭତ୍ତା ହିଁ ତାଙ୍କର ତାଙ୍କର ଏକମାତ୍ର ସମ୍ବଳ। ଏ ନେଇ ସେ ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଅନେକ ଥର ସେ ଅବଗତ କରିଛନ୍ତି; ହେଲେ ଏପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ଥିବା ସେ ଅଭିଯୋଗ କରିଛନ୍ତି।

# ଗୋଷ୍ଠୀକେନ୍ଦ୍ର ଓ ମଣ୍ଡପ ଉଦ୍‌ଘାଟିତ

ଶଗଡା,୧୪।୩ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଆମ୍ବଗାଁ ପଞ୍ଚାୟତ ଦେଢ଼ନମାଲ ଗ୍ରାମରେ ଗୋଷ୍ଠୀକେନ୍ଦ୍ର ଓ ମଣ୍ଡପ ଉଦ୍‌ଘାଟିତ ହୋଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କଣ୍ଟାମାଳ ବିଧାୟକ ମହୀଧର ରଣା ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଆମ୍ବଗାଁ ସରପଞ୍ଚ ପ୍ରତିମା ରଣା, ସମିତି ସଭ୍ୟ ଦେବେନ୍ଦ୍ର ରଣା, ନାଏବ ସରପଞ୍ଚ ଶକୁନ୍ତଳା ଯାନୀ, ୱାର୍ଡ ସଭ୍ୟା ନନ୍ଦିନୀ ବାଘ, ଗୀତାଞ୍ଜଳି ସାହୁ ଓ ପଦ୍ମାବତୀ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ବୌଦ୍ଧରେ ରାଷ୍ଟ୍ରୀୟ ଲୋକ ଅଦାଲତ

ବୌଦ୍ଧ,୧୪।୩ (ସମିସ): ବୌଦ୍ଧ ଜିଲ୍ଲା ନ୍ୟାୟାଳୟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଉଦ୍‌ଘାଟିତ ହୋଇଯାଇଛି। ଏହି ଲୋକ ଅଦାଲତରେ ବ୍ୟାଙ୍କ ଋଣ ଖିଲାପକାରୀ, ବିଦ୍ୟୁତ୍ ଦେୟ ଖିଲାପକାରୀ ଉପଭୋକ୍ତା, ମୋଟର ଯାନ ଚାଳନା ବେଳେ ହୋଇଥିବା ଚାଲାଣ ଆଦିର ଆପୋଷ ସମାଧାନ କରା ଯାଇଛି। ଏହି ଲୋକ ଅଦାଲତରେ ଜିଲ୍ଲାର ବିଭିନ୍ନ ବ୍ୟାଙ୍କର ଅଧିକାରୀ, ବିଦ୍ୟୁତ୍ ବିଭାଗ ଅଧିକାରଙ୍କ ସମେତ ପ୍ରଭାବିତ ଗ୍ରାହକ ଓ ଉପଭୋକ୍ତା ଅଂଶ ଗ୍ରହଣ କରିଥିଲେ। ବହୁ ଦିନରୁ ପଡି ରହିଥିବା ମାମଲାଗୁଡିକର ଆପୋଷ ସମାଧାନ ହୋଇଛି।

# ସୁବଲୟା କଲେଜରେ ଚକ୍ଷୁ ପରୀକ୍ଷା ଶିବିର

ବୀରମହାରାଜପୁର,୧୪।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସୁବଲୟା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟଠାରେ ବିଶ୍ୱ କଳା ମୋତିଆ ବିନ୍ଦୁ ଦିବସ ଉପଲକ୍ଷେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ବିରାମହରାଜପୁର ଏବଂ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ସୁବଲୟାର ମିଳିତ ଆନୁକୂଲ୍ୟରେ ଏହି ଶିବିରର ଆୟୋଜନ ହୋଇଥିବାବେଳେ ଶିବିରକୁ ସୁବଲୟା +୨ ମହାବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ଦେବାଶିଷ ପଧାନ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଶୟତ ତସିଫୁର ରେହେମାନଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ ସଭାରେ ଶ୍ରୀ ପଧାନ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଶିବିରରେ ୨୮ ଜଣ ଚକ୍ଷୁ ପରୀକ୍ଷା କରିଥିବାବେଳେ ତନ୍ମଧ୍ୟରୁ ଆସନ୍ତାକାଲି ୬ ଜଣଙ୍କ ମୋତିଆବିନ୍ଦୁ ଅପରେସନ ହେବ ଏବଂ ଅନ୍ୟସମସ୍ତଙ୍କୁ ଔଷଧ ପ୍ରଦାନ ସହ ଚଷମା ବ୍ୟବହାର ନିମନ୍ତେ ପରାମର୍ଶ ଦିଆଯାଇଛି। ସୁଜିତ ଥପ୍ପାଙ୍କ ନେତୃତ୍ୱରେ ଏକ ଅଭିଜ୍ଞ ଡାକ୍ତରୀଦଳ ରୋଗୀମାନଙ୍କ ପରୀକ୍ଷା ନିରୀକ୍ଷା କରିଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା

ଶଗଡା,୧୪।୩ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଯୋଗୀନ୍ଦ୍ରପୁର ପଞ୍ଚାୟତ ଗୋଛାପଡାରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଆଜି କଳସ ଯାତ୍ରା ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଆଜି ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଏକ ବିରାଟ ଶୋଭାଯାତ୍ରାରେ ବାହାରି ନିକଟସ୍ଥ ପୁଷ୍କରିଣୀରୁ କଳସରେ ପାଣି ଆଣି ଯଜ୍ଞ ସ୍ଥଳକୁ ଆଣିଥିଲେ। ରବିବାର ନାମ ଯଜ୍ଞ ଅନୁଷ୍ଠିତ ହେବ। ସୋମବାର ଏହା ଉଦ୍‌ଯାପିତ ହେବ। ସୋମବାର ଉଦ୍‌ଯାପନୀ ଦିବସରେ ଆମ୍ବାଗହଣା ଓ ଗୋପାଳମାଳ କୀର୍ତ୍ତନ୍ୟ ମଣ୍ଡଳୀଙ୍କୁ ନେଇ ଏକ କୀର୍ତ୍ତନ ବୈଠକି ଅନୁଷ୍ଠିତ ହେବ।

ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ପ୍ରହଲ୍ଲାଦ ପାଢ଼ୀ ଓ ତାଙ୍କ ପତ୍ନୀ ମମତା ପାଢ଼ୀ କାର୍ଯ୍ୟ ତୁଲାଇ ଥଲେ। କରୁଣାକର ପାଣିଗ୍ରାହୀ ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ।






## କାର୍ଯ୍ୟକ୍ଷମ ହୋଇପାରୁନି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ

# କର୍ଡାପାଲ ସାପ୍ତାହିକ ବଜାରରେ ଲୋକେ ହନ୍ତସନ୍ତ

ବୀରମହାରାଜପୁର,୧୪।୩(ସମିସ)

ବୀରମହାରାଜପୁର ବ୍ଲକ୍ ମୃସୁନ୍ଧି ପଞ୍ଚାୟତର କର୍ଡାପାଲସ୍ଥିତ ସାପ୍ତାହିକ ବଜାରରେ ଦୀର୍ଘଦିନ ହେଲା ଥଣ୍ଡା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ବଜାରକୁ ଆସୁଥିବା ଲୋକଓ ବାଟୋଇମାନେ ପାନୀୟ ଜଳ ପାଇଁ ନାହିଁନଥିବା ଅସୁବିଧା ହେଉଥିବା ଦେଖାଇବାକୁ ମିଳିଛି। ପ୍ରକାଶ ଯେ କର୍ଡାପାଲ ସାପ୍ତାହିକ ବଜାରଟି ପ୍ରତି ଗୁରୁବାର ୧୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବସିଥାଏ। ଏହି ବଜେଟରେ ଦୈନିକ ବ୍ୟବହାର ଉପଯୋଗୀ ଜିନିଷ ସମେତ ପନିପରିବା କିଣାବିକା ହୋଇଥାଏ। ତେଣୁ ଏହି ବଜାରକୁ ବହୁ ଦୂରଦୁରାନ୍ତରୁ ଲୋକମାନେ ବିଭିନ୍ନ ଜିନିଷ କିଣାବିକା କରିବାକୁ ଆସିଥାନ୍ତି। ଫଳରେ ଲୋକଙ୍କ ପିଇବା ପାଣି ପାଇଁ ଘୋର ସମସ୍ୟା ଦେଖାଦେଇଥିବାରୁ ୨୦୨୧-୨୨ ଆର୍ଥିକ ବର୍ଷରେ ପ୍ରାୟ ୧୦ଲକ୍ଷ ଟଙ୍କା ବ୍ୟୟଅଟକଳରେ ଏକ ଥଣ୍ଡାପାନୀୟ ଜଳ ପ୍ରକଳ୍ପ ତିଆରି ହୋଇଥିଲା। ଫଳରେ ଏହି ପ୍ରକଳ୍ପ ହେଲେ ଏହି ଅଞ୍ଚଳବାସୀଙ୍କ ପାନୀୟ ଜଳ ସମସ୍ୟା ଦୂର ହେବବୋଲି ଲୋକେ ଆଶା ରଖିଥିଲେ। ଏହି ବଜାର ଉପରେ ମୁର୍ଗୁନ୍ଧି, ଲୁତୁରଙ୍ଗ, କର୍ଡାପାଲ, ମାଣିକପୁର, ଗୋପପାଳି, ତେଲିପାଲି, କେଂଝିରିଆପାଲି, ବହଳପଦର ଆଦି ଲୋକ ନିର୍ଭର କରିଥାନ୍ତି। ଏଠାରେ ଥିବା ନଳକୂପର ପାଣି ଫ୍ଲୋରାଇଡ୍‌ଯୁକ୍ତ ହୋଇଥିବାରୁ ତାହା ପିଇବା ପାଇଁ ଯୋଗ୍ୟ ହୋଇପାରୁନାହିଁ। ତେଣୁ ଏଠାରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ହେଲେ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବାର ଆଶାରଖିଥିଲେ। ମାତ୍ର ପ୍ରାୟ ୨ବର୍ଷ ବିତିଯାଇଥିଲେ ହେଁ ପ୍ରକଳ୍ପ ଟି କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହି ପ୍ରକଳ୍ପର ପ୍ରାୟ ସମସ୍ତ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ଫଳରେ ଏହା କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହେଉଥିବା ଲୋକମାନେ କୁହନ୍ତି। ଏ ବିଷୟରେ ଆରଡବ୍ଲ୍ୟୁଏସ୍ ବିଭାଗୀୟ ଯନ୍ତ୍ରୀ ମଞ୍ଜୁଲତା ଗୌଡ଼ଙ୍କୁ ପଚାରିବାରୁ ଉକ୍ତ ପ୍ରକଳ୍ପ ତାଙ୍କ ବିଭାଗକୁ ଏଯାଏ ହସ୍ତାନ୍ତର କରାଯାଇନାହିଁ ବୋଲି କହିଛନ୍ତି। ବର୍ତ୍ତମାନ ଗ୍ରୀଷ୍ମ ଋତୁ ଚାଲିଥିବାରୁ ପାନୀୟଜଳ ପାଇଁ ଏହି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୁଏ।

# ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା ଓ ୩୦ହଜାର ଟଙ୍କା ଲୁଟ୍

**ଭେଡେନ, ୧୪।୩(ସମିସ):** ଭେଡେନ ଥାନା ବୁର୍ଦ୍ଦା ହାଇସ୍କୁଲ ପଡ଼ାରେ ରହୁଥିବା ସୁରେନ୍ଦ୍ର ମେହେରଙ୍କ ଘରୁ ଶୁକ୍ରବାର ରାତିରେ ନଗଦ ୩୦ ହଜାର ଟଙ୍କା ଓ ୫ ଭରିରୁ ଅଧିକ ସୁନା ସହିତ ବ୍ୟାଙ୍କ ପାସବୁକ, ୨ଟି ଏଟିଏମ କାର୍ଡ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୁଲିସ ରାତିରେ ଘଟଣାସ୍ଥଳକୁ ଆସି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁସାରେ, ପରିବାରର ସମସ୍ତ ଲୋକ ରାତି ଖିଆପିଆ ସାରି ଘରେ ତାଲା ଦେଇ ପଡ଼ାରେ ଚାଲିଥିବା ସଂକୀର୍ତ୍ତନ ଦେଖିବାକୁ ଯାଇଥିଲେ। କିଛି ସମୟ ପରେ ଘରକୁ ଫେରି ଦେଖନ୍ତି ତ ଆଲମାରୀ ଲକର ଭଙ୍ଗା ହୋଇଛି ଏବଂ ଗଡ଼ରେଜରେ ଥିବା ସୁନା ଅଳଙ୍କାର ଓ ଟଙ୍କା ଚୋରି ହୋଇଛି। ଏହା ଦେଖି ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ଚୋର ମାନେ ଛାତ ଉପର ବାଟେ ଘର ଭିତରେ ପଶି ଚୋରି କରିଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ଗତ ଏକ ସପ୍ତାହ ମଧ୍ୟରେ ଚିଚିଣ୍ଡାରେ ଘର ସମ୍ମୁଖରୁ ଏକ ବାଇକ, ମହୁଲପାଲି ଏକ ଦୋକାନରୁ ଚୋରି ସମେତ ବୁର୍ଦ୍ଦାର ସରୋଜ ସାହୁଙ୍କ ଏକ ବୋଲେରୋ ଚୋରି ଉଦ୍ୟମ ହୋଇଥିବା ଜଣା ପଡ଼ିଛି। ଭେଡେନ ବ୍ଲକର ସମସ୍ତ ଅଞ୍ଚଳରେ ନିଶା କୋରେକ୍ସ ସହ ନିଶା ଟାବଲେଟ ବିକ୍ରି ହେଉଥିବାରୁ ଚୋରି ଲୁଟ ଅଧିକ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି।

# ପାଣିରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ଭେଡେନ, ୧୪।୩(ସମିସ):** ଭେଡେନ ଥାନା ଅଧୀନ ଜାମଡୋଲ ଗାଁର କନକ ଦଳେଇ (୭୫)ଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି। ଗତକାଲି ସନ୍ଧ୍ୟାରେ ସେ ଶୌଚ ପାଇଁ ଗାଁ ମହାଦେବ ମନ୍ଦିର ପୋଖରୀକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ଭେଡେନ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଟିମ ଓ ଦମକଳ ବାହିନୀର ଟିମ ଖୋଜାଖୋଜି କରି ବୃଦ୍ଧାଙ୍କ ମୃତଦେହ ପୋଖରୀରୁ ଉଦ୍ଧାର କରିଥିଲେ। ଶୌଚ ପାଇଁ ଯାଇଥିବା ବେଳେ କୌଣସି କାରଣରୁ ପାଣିରେ ପଡ଼ିଯାଇଥିବା ଅନୁମାନ କରାଯାଇଛି। ଏନେଇ ଭେଡେନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ୬ ଦିନରେ ପହଞ୍ଚିଲା ଚାଷୀଙ୍କ ଧାରଣା

ବରଗଡ଼, ୧୪।୩(ସମିସ)

ଦୀର୍ଘ ୬ ଦିନ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣା ଚାଲିଛି। ସମସ୍ୟାର ସମାଧାନ ହେବା ପରି କୌଣସି ଦିଗରୁ ଆଶା ଦେଖା ଯାଉନି। କେତେ ଘାତ ପ୍ରତିଘାତ ମଧ୍ୟରେ ଚାଷୀ ନିଜର ଧାନ ଅମଳ କରୁଛି ଆଉ ଏବେ ସେହି ଧାନ ବିକ୍ରି କରିବା ପାଇ ଘର ଦ୍ୱାର ପରିବାର ଛାଡି ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ଭେଡେନ ବ୍ଲକ ସହରାଟିକ୍ରା ମଣ୍ଡି ଅନ୍ତର୍ଗତ ବହଲପାଲି, ତାଲମେଣ୍ଡା, ଦେକୁଳବା, ପାତରପଲି, ଦେହେରିପାଲି, ସାନପିପିଲି ପାଲି, ବଗର୍ତ୍ତିପାଲି, ଖଗସିପାଲି ଗାଁର ଚାଷୀମାନେ ନିଜ କଷ୍ଟ ଉପାର୍ଜିତ ଧାନ ବିକ୍ରି ନ ହେବାରୁ ବାଇକ୍‌ରେ ଧାନବସ୍ତା ଆଣି ଜିଲ୍ଲାପାଳ ଅଫିସରେ ୬ ଦିନ ପୂର୍ବରୁ ପକାଇ ଧାରଣାରେ ବସିଛନ୍ତି। ଗତ ଅଗଷ୍ଟ ମାସରେ ଧାନ ବିକ୍ରି ପଞ୍ଜୀକରଣ ପାଇଁ ଆବଶ୍ୟକ କାଗଜପତ୍ର ଦେଇ ଆବେଦନ କରିଥିଲେ। ହେଲେ



ପ୍ରଶାସନିକ ତ୍ରୁଟି କାରଣରୁ ପଞ୍ଜିକୃତ ହୋଇପାରିଲେ ନାହିଁ। ସେହିଦିନ ଠାରୁ ଚାଷୀ ବାରମ୍ବାର ଅଫିସ ଅଫିସ ଧାଇଁ ଧାଇଁ ନୟନ୍ତ ହୋଇଗଲେଣି। ହେଲେ ତାରିଖ ବ୍ୟତୀତ କୌଣସି ଉତ୍ତର ନାହିଁ। ବିଭିନ୍ନ ମଣ୍ଡି ମାନେ ବନ୍ଦ ହେବାକୁ ଗଲାଣି ହେଲେ ବଞ୍ଚିତ ଥିବା ଚାଷୀଙ୍କ ଟୋକନ ଆସିନାହିଁ ବା ଧାନ କିଣାଯାଉନାହିଁ।

**ସମସ୍ୟାର ସମାଧାନ ହେବ କେବେ**

ସେଥିପାଇଁ ଚାଷୀ ସାମୂହିକ ନିଷ୍ପତ୍ତି କରି ୫ ତାରିଖରେ ୧୫ ପାକେଟ ଧାନ ବସ୍ତା ପକାଇ ଧାରଣାରେ ବସିଥିଲେ। ରାତିରେ ଘରକୁ ଯାଇ ପୁଣି ସକାଳୁ ଆସିଲା ବେଳେକୁ ଜିଲ୍ଲାପାଳ ଅଫିସରେ ଧାନ ନାହିଁ ପୁଲିସକୁ ପଚାରିଲେ ଜାଣି ନ ଥିବା ପ୍ରକାଶ କରିଛନ୍ତି। ସରକାର ବାରମ୍ବାର ପ୍ରକୃତ ଚାଷୀଙ୍କ ଧାନ କିଣା ଯିବ ବୋଲି ବାହାସ୍ଫୋଟ ମାରୁଥିବାରୁ ଚାଷୀ ନିଜର କଷ୍ଟ ଉପାର୍ଜିତ ଧାନ ଧରି ଜିଲ୍ଲାପାଳ ଅଫିସରେ ପକାଇ ଧାରଣାରେ ବସିଛନ୍ତି। ଜିଲ୍ଲା ପ୍ରଶାସନ ତରଫରୁ ଏଆରସିଏସ ରାଧେ ମେହେର, ସିଏସଓ ବଡମାଳି, ବ୍ୟୋମକେଶ ମାଝୀ, ଅତିରିକ୍ତ ଉପଜିଲ୍ଲାପାଳ ମଦନଲାଲ ପଣ୍ଡା ଆସି ଦୁଇଦିନ ସମୟ ଦିଅନ୍ତୁ ବୋଲି କହିଥିଲେ। ହେଲେ ଚାଷୀ ମଧ ଧାନ ବିକ୍ରି ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ସ୍ୱଷ୍ଟ ଭାବେ ଶୁଣାଇ ଦେଇଛନ୍ତି। ଏହି ଧାରଣାରେ ବିଭିନ୍ନ ଗାଁର ରୋହିତ ଭୋଇ, ମନୋଜ ଭୋଇ, ଅଚ୍ୟୁତାନନ୍ଦ ସାହୁ, କଳାକାର ଦେହେରୀ, ଲିଙ୍ଗରାଜ ଦେହେରୀ, ଜୀବର୍ଦ୍ଧନ ଦେହେରୀ, ଶ୍ରଦ୍ଧା କର୍ମୀ, ଫକୀର ସାହୁ, ସୌରିନାରାୟଣ ବେହେରା, ଗଦାଧର ଦେହେରୀ, ଲକ୍ଷ୍ମଣ ସାହୁ ସମେତ ସଂଯୁକ୍ତ କୃଷକ ସଂଗଠନର ରମେଶ ମହାପାତ୍ର, ରବିଶଙ୍କର ପଧାନ, ସୁରେଶ ନିକେଣ୍ଟି, ଯୋଗେଶ ପଧାନ, ନିରଞ୍ଜନ ପଧାନ ନେତୃତ୍ୱ ନେଉଥିବା ବେଳେ ବିଭିନ୍ନ ଦଳର କର୍ମକର୍ତ୍ତା ମାନେ ସମର୍ଥନ ଦେଇଛନ୍ତି।

# ଶିକ୍ଷା ଓ ସେବା ପାଇଁ ସମର୍ପିତ ବୈଲୋଚନ

**ବରଗଡ଼, ୧୪।୩(ସମିସ):** ଆଜିର ସ୍ୱାର୍ଥପର ସଂସାରରେ ନିଜର ଲୋଭ ଓ ଲାଭ ଭିତରେ ମଣିଷ ହଜି ଯାଉଛି। ଚିନ୍ତା ଓ ଚେତନାରେ ସମାଜ ଓ ପରିବେଶ ପ୍ରତି ଥିବା ନିଜର ଦାୟିତ୍ୱକୁ ସମ୍ପୂର୍ଣ୍ଣ ପାଶୋରି ଦେଇଛି। ଏପରି ସମୟରେ ବୈଲୋଚନ ପଧାନ ନିଜର ଏକ ସ୍ୱତନ୍ତ୍ର ନିଃସ୍ୱାର୍ଥପର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ୨୦୦୬ରେ ଜହ୍ନାପଡ଼ା ଉଚ୍ଚବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବେ ଯୋଗ ଦେଇଥିଲେ। ପରୀକ୍ଷଣ ସହ ବିଜ୍ଞାନ ଶିକ୍ଷାଦାନ ଯୋଗୁଁ ଛାତ୍ରଛାତ୍ରୀଙ୍କର ପ୍ରିୟଭାଜନ ହୋଇପାରିଛନ୍ତି। ଛୁଟିଦିନ ମାନଙ୍କରେ ଅତିରିକ୍ତ କ୍ଲାସ, କ୍ୱିଜ୍, ବକ୍ତୃତା, ଯୋଗ ଆଦି ଶିକ୍ଷଣୀୟ କାର୍ଯ୍ୟକଳାପ ଆୟୋଜନ କରିବା ସହ ବିଦ୍ୟାଳୟକୁ ସବୁଜ ସୁନ୍ଦର



କରିବା, ରାସ୍ତାଘାଟ ସଫା କରିବା, ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ସହ ଘରଘର ବୁଲି ପଠପଢ଼ା ଜନୀତ ସନ୍ଦେହ ଦୂରୀକରଣ କରିଥାନ୍ତି। ଅସହାୟ ଗରିବ ରୋଗୀଙ୍କୁ ନିଜ କାରରେ ଡାକ୍ତରଖାନାକୁ ନେଇ ମାଗଣାରେ ଚିକିତ୍ସିତ କରାଇଥାନ୍ତି। ଏସବୁ କାର୍ଯ୍ୟପାଇଁ ସମଗ୍ର ଅଞ୍ଚଳରେ ସେ ଅନ୍ୟ ପାଇଁ ଉଦାହରଣ ଓ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଲେବିଡି-ଦଶମାଇଲ, ନଅଗାଁ, ଶ୍ରୀଗିଡା, ରେଙ୍ଗାଲି କ୍ୟାମ୍ପ ଓ ଜାଙ୍ଗେଡ ଗାଁରେ ପଥପ୍ରାନ୍ତ ବନୀକରଣ କାର୍ଯ୍ୟକ୍ରମ ଆୟୋଜନ କରି ପରିବେଶ ସୁରକ୍ଷାର ବାର୍ତ୍ତା ସମାଜ ନିକଟରେ ପହଞ୍ଚାଇଛନ୍ତି। କରୋନା ସମୟରେ ବରଗଡ଼ର ଆଖ ପାଖ ଅଞ୍ଚଳରେ ଶହ ଶହ ଗରିବ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରି ସମାଜସେବାର ଉଦାହରଣ ସୃଷ୍ଟି କରିଛନ୍ତି। ବର୍ତ୍ତମାନ ସେ ଲସ୍ତଲା ହାଇସ୍କୁଲରେ ବିଜ୍ଞାନ ଶିକ୍ଷକଭାବେ କାର୍ଯ୍ୟରତ। ଲସ୍ତଲାରେ ବିଜ୍ଞାନ ଶିକ୍ଷାକୁ ଏକ ନୂଆଁ ଦିଗ ଦେଇଛନ୍ତି। ତାଙ୍କ ମାର୍ଗଦର୍ଶନରେ ବିଜ୍ଞାନଭିତ୍ତିକ ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ଆଜି ରାଜ୍ୟ, ଜାତୀୟ ଓ ଅର୍ନ୍ତଜାତୀୟସ୍ତର ପର୍ଯ୍ୟନ୍ତ ପହଞ୍ଚି ବିଦ୍ୟାଳୟ ତଥା ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି। ବିଭିନ୍ନ ଗଠନମୂଳକ କାର୍ଯ୍ୟ ସହିତ ଓଡ଼ିଶା ସରକାରଙ୍କ ବିଜ୍ଞାନ ଏକାଡେମୀ ଦ୍ୱାରା ପ୍ରକାଶିତ ମାସିକ ବିଜ୍ଞାନ ପତ୍ରିକା 'ବିଜ୍ଞାନ ଦିଗନ୍ତ' ଓ 'ସାଇନ୍ସ ହରାଇଜନ୍'ର ସେ ଜଣେ ନିୟମିତ ଲେଖକ। ଶିକ୍ଷା ଓ ସେବା ପାଇଁ ବୈଲୋଚନଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ପ୍ରକୃତିବନ୍ଧୁ, ପ୍ରକୃତିମିତ୍ର, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଶରତ ଚନ୍ଦ୍ର ସାଇନ୍ସ ପ୍ରୋମୋସନ ପୁରସ୍କାର, ଇନ ସ୍ୱାୟାର ମାନକ୍ ନୂଆଦିଲ୍ଲୀ, ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ ମୁମ୍ବାଇ ସହ ୭୦ରୁ ଅଧିକ ସଂସ୍ଥା ଦ୍ୱାରା ସେ ସମ୍ବର୍ଦ୍ଧିତ ଓ ପ୍ରଶଂସିତ ହୋଇଛନ୍ତି। ବିଜ୍ଞାନ ଆଧାରିତ ଶିକ୍ଷିତ ସମାଜ ସୁସ୍ଥ, ସୁରକ୍ଷିତ ଓ ସବୁଜ ପୃଥିବୀର ସ୍ୱପ୍ନ ଦେଖୁଥିବା ବୈଲୋଚନଙ୍କ ସମସ୍ତ କାର୍ଯ୍ୟକୁ ସମାଜସେବୀ ତଥା ଡାକ୍ତର ରାମକୃଷ୍ଣ ପୁରୋହିତ, ଆଇଆଇଏମ୍ ପ୍ରଫେସର ଡ.ସୁଜିତ୍ ପୃଷେଠ, ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବେଶ୍ ପ୍ରଶଂସା କରିଛନ୍ତି।

# ଟୁଙ୍କୁ ମିଶ୍ରଙ୍କ ଜନ୍ମ ବାର୍ଷିକୀରେ ରକ୍ତଦାନ ଶିବିର

**ବରଗଡ଼, ୧୪।୩(ସମିସ):** ବରଗଡ଼ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଫର୍‌ର ପ୍ରତିଷ୍ଠାତା ସ୍ୱର୍ଗତ ଇଂ.ଦେବବ୍ରତ (ଟୁଙ୍କୁ) ମିଶ୍ରଙ୍କ ୫୯ ତମ ଜନ୍ମ ବାର୍ଷିକୀ ପାଳିତ ହୋଇ ଯାଇଛି। ଏହି ଅବସରରେ ଫର୍ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୩୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଆଜି ଘରୋଇ ବସଷ୍ଟାଣ୍ଡ ସ୍ଥିତ ସ୍ୱର୍ଗତ ଦେବବ୍ରତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା। ଅତିଥି ଭାବେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ସାଧୁ ଚରଣ ନେପାକ, ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିଦ ଆଚାର୍ଯ୍ୟ, ପୌର ପରିଷଦ ଅଧକ୍ଷା କଳ୍ପନା ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ସୁଶାନ୍ତ ମିଶ୍ର, କେଦାର ମିଶ୍ର, ଗୌର ହରି ମିଶ୍ର, ନରେନ୍ଦ୍ର ହୋତା, ନବ ମହନ୍ତମ, ହର ଦୀପ ସିଂ, ରାଜୁ ଘିବେଲା, ପ୍ରଦୀପ ଷଣ୍ଢ, କବି



ମହାରଣା, ପ୍ରମୋଦ ଛତର, ଅନୁରାଧା ଅଗ୍ରୱାଲ, କବିତା ବେହେରା, ଚିନ୍ନୁ ଦାସ, ସଂଘମିତ୍ରା ପଟେଲ, ସୁଷମା ଭୋଇ, ସୁଶିଲ ଭୋଇ, ଶିବାନୀ ଭୋଇ, ଆନନ୍ଦ ପ୍ରଧାନ, ଅଜୟ ଅଗ୍ରୱାଲ, ପରେଶ୍ ବିଶି, ଦୀପକ ଶର୍ମା, ଆଶିଷ ତ୍ରିପାଠୀ ଦିଲ୍ଲୀପ ଭୋଇ, ବାବୁ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଫର୍ ପରିବାରର ହୀନା ତ୍ରିପାଠୀ, ଆରତୀ ମହାପାତ୍ର, ଅନୁପମା ମିଶ୍ର, ନୀତିଶ ମିଶ୍ର, ରାଧାରାଣୀ ମିଶ୍ର, ଅନୁରାଠୋର, କାଶୀ ନାଏକ, ରାଜୁ ପାଣିଗ୍ରାହୀ, ବୁଦ୍ଧଦେବ ବାରିକ, ସପନ ମିଶ୍ର, ଲୀନା ମିଶ୍ର, ପ୍ରମୋଦ ଅଗ୍ରୱାଲ, ମନୋଜ ପାତ୍ର, ବିନୋଦ ମହାଣା, ପ୍ରଦୀପ ଥାପା, ଜୟନ୍ତ ଷଣ୍ଢ, ଭାଗିରଥି ଭେଶ୍ରା, ଉମେଶ ବେହେରା, ଅକ୍ଲେସ ଭୋଇ, ଗଣେଶ ବେହେରା, ସୂର୍ଯ୍ୟକାନ୍ତ ତାଣ୍ଡି, ସୁନିଲ ତାଣ୍ଡି, ଲକ୍ଷ୍ମଣ ମଲ୍ଲିକ, ସୁଶାନ୍ତ ପ୍ରଧାନ, ସୂର୍ଯ୍ୟକାନ୍ତ ବାରିକ, ଧର୍ମେନ୍ଦ୍ର ବେହେରା, ଦୀନବନ୍ଧୁ ନାଗ ଉମେଶ ସାହୁ, ହରିହର ଦାସ, ନିର୍ମଳ ପାତ୍ର, ବିଦ୍ୟାଧର ବାରିକ, ପ୍ରେମାନନ୍ଦ ବିଶ୍ୱାଳ, ଅଗସ୍ତି ବଗର୍ତ୍ତି, ପ୍ରଫୁଲ୍ଲ ଭୋଇ, ସଞ୍ଜୀବ ସାହୁ, ନଦୀ ନ ସାହୁ କାର୍ତ୍ତିକ ଭୋଇ, କାର୍ତ୍ତିକ ନାଏକ ଲକ୍ଷ୍ମୀ ମହାନ୍ତି, ଅନିଲ ବାରିକ, ଆନନ୍ଦ ମହାପାତ୍ର, ଆକୁଲ୍ ପ୍ରଧାନ, ବୁଲୁ ସାହୁ, ରାଜିନ ପ୍ରଧାନ, ପବିତ୍ର ଭୋଇ ମାନସ ମେହେର, ମହେନ୍ଦ୍ର ମେହେର, ନିରଞ୍ଜନ ମଲ୍ଲିକ, ଶ୍ରୀବତ୍ସ ଛତର, ଦୀପକ ବିଶ୍ୱାସ, ଅବିନାଶ ପ୍ରଧାନ, ସୋମନାଥ ବାଞ୍ଛୋର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଲାୟନ୍ସ କ୍ଲବ୍ ପଦ୍ମପୁର ପକ୍ଷରୁ ହୋଲି ମିଳନ



**ପଦ୍ମପୁର, ୧୪।୩(ସମିସ):** ପଦ୍ମପୁର ଲାୟନ୍ସ କ୍ଲବ୍ ତରଫରୁ ହୋଲି ମିଳନ ସହିତ ନୂତନ ଭାବେ ମନୋନୀତ ଭାଇସ୍ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମେଜର ଚିତ୍ତରଞ୍ଜନ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଲାୟନ୍ସ କ୍ଲବ୍ ସଭାପତି ପ୍ରିତମ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ବେଣୁ ମାଧବ ଦୋରା ଲାୟନ୍ସ କ୍ଲବ୍‌ର ବିଭିନ୍ନ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନବ ନିର୍ବାଚିତ ମେଜର ଦାଶଙ୍କୁ ପଦ୍ମପୁରର ବିଭିନ୍ନ ସଂଘଠନ ଯଥା ନାଗରିକ କମିଟି, ଦୁର୍ଗା ପୂଜା କମିଟି, ବାର ଆସୋସିଏସପ, ବ୍ରାହ୍ମଣ ସମାଜ, ଶିତଳଷଷ୍ଠୀ କମିଟି ସମେତ ବିଭିନ୍ନ ଅନୁଷ୍ଠାନ ତରଫରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ରାଧାମାଧବ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

# ଜେନିଥ୍ ଲିଓ ସ୍କୁଲ୍‌ରେ 'ବିଦ୍ୟାଳୟ ସ୍ନାତକ ଦିବସ'

**ପଦ୍ମପୁର, ୧୪।୩(ସମିସ):** ଜେନିଥ୍ ଲିଓ ସ୍କୁଲ୍‌ରେ ୟୁକେଜି ଶ୍ରେଣୀ ଓ ପଞ୍ଚମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ 'ବିଦ୍ୟାଳୟ ସ୍ନାତକ ଦିବସ' ଚଳିତ ମାସ ୧୩ ଓ ୧୪ ତାରିଖରେ ଆନନ୍ଦ ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବା ଏବଂ ସେମାନଙ୍କୁ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବା ଅବସରରେ




ଅଭିନନ୍ଦନ ଜଣାଇବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ଡ.ମନୋଜ ପଣ୍ଡା, ଉପାଧ୍ୟକ୍ଷା ମମତା ସିହ୍ନା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରତାପ ମିଶ୍ର ଓ ସଦସ୍ୟା ମୁଜାହିଦା ବାନୁ ଉପସ୍ଥିତ ଥିଲେ।

# ସାଇବର ଠକେଇରୁ ରକ୍ଷା ପାଇଁ ଆତ୍ମସଂଯମ ଓ ସତର୍କତା ଆବଶ୍ୟକ

**ବରଗଡ଼, ୧୪।୩(ସମିସ):** ଉପସ୍ଥିତ ବୁଦ୍ଧି, ଆତ୍ମସଂଯମ ଓ ସତର୍କତା ରଖିଲେ ସାଇବର ଠକେଇରୁ ବର୍ତ୍ତି ପାରିବେ ବୋଲି ବରଗଡ଼ରେ ଆୟୋଜିତ 'ସାଇବର ପାଠଶାଳା' ସଚେତନତା କାର୍ଯ୍ୟକ୍ରମରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଗଣଦୃଷ୍ଟି ମିଡିଆ ଓ ବରଗଡ଼ ଜିଲ୍ଲା

**ବରଗଡ଼ରେ 'ସାଇବର ପାଠଶାଳା'**

ପୁଲିସର ମିଳିତ ଆନୁକୂଲ୍ୟରେ ଶନିବାର ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପରିସରରେ ସାଇବର ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ 'ସାଇବର ପାଠଶାଳା' ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ପତିତପାବନ ସାହୁଙ୍କ ଅଧ୍ୟକ୍ଷତାରେ ଓ ଗଣଦୃଷ୍ଟି ମିଡିଆର ମୁଖ୍ୟ ସମ୍ପାଦକ ଉମେଶ ଚନ୍ଦ୍ର ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପୁଲିସ ପକ୍ଷରୁ ପୁଲିସ ଅଧିକାରୀ ଯାଜ୍ଞସିନୀ ନାୟକ, ଶୁକ୍ଳା ମଣ୍ଡଳ, ଜି.ଖାକା, ସାଇବରସେଲ ବିଶେଷଜ୍ଞ ମଙ୍ଗଳ କିସକୋ ଏବଂ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସରୋଜ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବକ୍ତାମାନେ ସାଇବର ଅପରାଧର ବିଭିନ୍ନ ପ୍ରକାର, ଠକେଇର ନୂତନ ପଦ୍ଧତି ଓ ଏଥିରୁ ସୁରକ୍ଷା ପାଇଁ ସତର୍କତା ବିଷୟରେ ବିସ୍ତୃତ ତଥ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଭାପତି କେଦାର ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅଭିପ୍ସା ପ୍ରତିବେଶୀ




ମହିଳା ସମିତିର ଉପସଭାନେତ୍ରୀ ମାନିନୀ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ସେମିନାରରେ ଯୋଗଦେଇ ପୁରସ୍କୃତ ହୋଇଥିବା ଆଇଆଇଟି ହାଇଦ୍ରାବାଦର ଗବେଷକ ଏବଂ ଭଟଲି ବ୍ଲକ ସୁଲସୁଲିଆ ଗାଁର ଅଲେଖ ମେହେରଙ୍କୁ ସମ୍ମାନିତ କରାଯାଇଥିଲା। ଯୋଗେଶ ନାୟକ, ପ୍ରଦୀପ ପାଢ଼ୀ, କାହ୍ନୁଚରଣ ପୃଷ୍ଟି, ରୁନୁପମା ପ୍ରଧାନ ଓ ସୁପ୍ରିୟା ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ଏଲିମେଣ୍ଟାରୀ ଶିକ୍ଷକ ସଂଘର ବାର୍ଷିକ ସମ୍ମିଳନୀ

**ଅତାବିରା, ୧୪।୩(ସମିସ):** ଅତାବିରା ବ୍ଲକ ଅବସରପ୍ରାପ୍ତ ଏଲିମେଣ୍ଟାରୀ ଶିକ୍ଷକ ସଂଘର ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଦୁର୍ଗା ମନ୍ଦିର କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ନିଶିକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସମ୍ପାଦକ ପଞ୍ଚାନନ ନାଥ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପୂର୍ବତନ ସଭାପତି ବେଣୁଧର ମିଶ୍ର, ଉପଦେଷ୍ଟା କମିଟି ସଦସ୍ୟ ଯାଚକେଶ୍ୱର ପ୍ରଧାନ, କୁଞ୍ଜ ବିହାରୀ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ରହିଥିଲେ। ପ୍ରତିବର୍ଷ ପରି ୮୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ଅବସରପ୍ରାପ୍ତ ଶିକ୍ଷକ ପବିତ୍ର ହୋତା ଓ ଭୀମସେନ ପତିଙ୍କୁ ଉତ୍ତରୀୟ ଓ



ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସଂଘକୁ ସୁଦୃଢ଼ କରି ରଖିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ନିଜର ମତାମତ ପ୍ରକାଶ କରିଥିଲେ। କୋଷାଧ୍ୟକ୍ଷ ଭୋଳନାଥ ପ୍ରଧାନ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ଉପସଭାପତି ପାନୀବୁଡି ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ସ୍ୱଭାବକବି ଗଙ୍ଗାଧରଙ୍କ ଶ୍ରାଦ୍ଧ ଉତ୍ସବ ପ୍ରସ୍ତୁତି

**ବିଜେପୁର, ୧୪।୩(ସମିସ):** ଖଗେଶ୍ୱର ସାହିତ୍ୟ କଳା ପରିଷଦ ବିଜେପୁର ପକ୍ଷରୁ ସ୍ୱଭାବ କବି ଗଙ୍ଗାଧରଙ୍କ ଶ୍ରାଦ୍ଧୋତ୍ସବ ପାଇଁ ଉପଦେଷ୍ଟା ଡ.ପ୍ରଦୀପ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରାରମ୍ଭିକ ପ୍ରସ୍ତୁତି ହୋଇଛି। ଏନେଇ ଶନିବାର ଜାଙ୍ଗି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୂର୍ଣ୍ଣାଙ୍ଗ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସମ୍ପାଦକ ରାଜେଶ୍ୱର ବେହେରାଙ୍କ ଆବାହକତ୍ୱ ତଥା ସ୍ଥାନୀୟ ସ୍କୁଲର ପ୍ରଧାନଶିକ୍ଷକ ଭାଦ୍ରବ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ମେହେର କବିଙ୍କ ଶ୍ରାଦ୍ଧୋତ୍ସବ



ପାଇଁ ଆଲୋଚନା ହୋଇଥିଲା। ଆଗାମୀ ୧୯ରେ ଶ୍ରାଦ୍ଧୋତ୍ସବ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ଖଗେଶ୍ୱର ସାହିତ୍ୟ କଳା ପରିଷଦ ବିଜେପୁର ଓ ଜାଙ୍ଗି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ଉଦ୍ୟମରେ ଆୟୋଜିତ ସମାରୋହରେ ସମ୍ବଲପୁରୀ କବିତା ଆସର, ମେହେର ସଙ୍ଗୀତ ପରିବେଷଣ କରାଯିବାକୁ ପ୍ରସ୍ତାବ ହୋଇଛି। ସଭାରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗଦାନ କରିଥିବା ବେଳେ ଶିକ୍ଷକ ପ୍ରେମରାଜ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

**ପାଇକମାଳ, ୧୪।୩(ସମିସ):** ପାଇକମାଳ ବ୍ଲକ ଜାମସେଠ ଓମ୍ ଷ୍ଟୋନ୍ କ୍ରସର ପରିସରରେ ଶ୍ରୀଶ୍ରୀ ପଞ୍ଚମୁଖୀ ହନୁମାନ ମହାପ୍ରଭୁ ଷଷ୍ଠ ବର୍ଷ ମନ୍ଦିର ପୂଜାନୋତ୍ସବ ଓ ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ



ଶନିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଗାଁର ମହିଳାମାନେ କଳସ ଶୋଭାଯାତ୍ରା ବାହାରି ଅଙ୍ଗ ନଦୀରେ ପୂଜାର୍ଚ୍ଚନା କରି ପୂର୍ଣ୍ଣ କଳସ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। କର୍ତ୍ତା ଭାବେ ଶତ୍ରୁଘ୍ନ ସାହୁ ଓ ତାଙ୍କ ପତ୍ନୀ ଜୟନ୍ତୀ ସାହୁ ପୂଜାରେ ବସିଥିବା ବେଳେ ମୁଖ୍ୟ ପୂଜକ ଭାବେ ପଣ୍ଡିତ କିଶୋର ଦାଶ ପୂଜା କାର୍ଯ୍ୟ ସମ୍ପାଦନା କରୁଛନ୍ତି। ରବିବାର ମନ୍ଦିର ପୂଜାର୍ଚ୍ଚନା ପରେ ଅଖଣ୍ଡ ନାମଯଜ୍ଞ ନାମାରମ୍ଭ ହୋଇ ମଙ୍ଗଳବାର ପୂର୍ଣ୍ଣାହୂତି ହୋଇ ନାମଯଜ୍ଞ ସମ୍ପନ୍ନ ହେବ। ସମସ୍ତ ଭକ୍ତଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଛି।

# ଦୁର୍ବୃତ୍ତଙ୍କ ଦ୍ୱାରା ଲକ୍ଷାଧିକ ମୂଲ୍ୟର କଲରା ଫସଲ ନଷ୍ଟ

ବରଗଡ଼, ୧୪।୩(ସମିସ)

ଜମୁର୍ଡା ଗାଁର ଗଜିନ ମାଝୀଙ୍କ ୩୦୦ କଲରା ଗଛ କିଛି ଦୁର୍ବୃତ୍ତ ଉପାଡ଼ି ନଷ୍ଟ କରିଦେଇଛନ୍ତି। ଗଜିନଙ୍କ ନିଜସ୍ୱ ଜମି ନାହିଁ। ସେ ଅନ୍ୟର ଜମି ଭାଗରେ ନେଇ ୪୦ ଡିସିମିଲରେ କଲରା, ବନ୍ଧା କୋବି ଆଦି ପନିପରିବା ଚାଷ କରିଥିଲେ। ଗଜିନଙ୍କ କାହାରି ସହିତ ଶତ୍ରୁତା ନଥିବା ସତ୍ତ୍ୱେ ତାଙ୍କର ୩୦୦ କଲରା ଫସଲ କିଏ ଏବଂ କାହିଁକି ନଷ୍ଟ କଲା ତାହା ଜଣାପଡ଼ି ନାହିଁ। ସକାଳୁ ଚାଷ ଜମିକୁ ଗଲା ବେଳେ ନଷ୍ଟ ହୋଇଥିବା କ୍ଷେତ ଦେଖି ଗଜିନ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ପରେ ଗାଁ ଲୋକଙ୍କ ସହଯୋଗରେ ଗ୍ରାମାଞ୍ଚଳ ଥାନରେ ଏତଲା ଦେଇଥିଲେ। ଥାନା ପକ୍ଷରୁ ସନ୍ଧନୀ କୁକୁର ସହାୟରେ ଅପରାଧୀକୁ ଚିହ୍ନଟ କରିବା ଚେଷ୍ଟା କରାଯାଇଥିଲେ କିନ୍ତୁ ସୁଫଳ ମିଳିପାରି ନାହିଁ। ପ୍ରକାଶଯୋଗ୍ୟ, ଗତ ଡିସେମ୍ବରରେ ମଧ ଏହି ଚାଷୀଙ୍କ ସମେତ ଅନେକ ଚାଷୀଙ୍କ ପନିପରିବା ପାରାକୁଇଟ



ଲଟାମରା ମାରି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିଲେ। ସେବେଠାରୁ ପ୍ରଶାସନ ତରଫରୁ କୌଣସି ସହାୟତା ମିଳି ନାହିଁ କି ନଷ୍ଟ କରିଥିବା ଅପରାଧୀ ଧରାପଡ଼ିଲେ ନାହିଁ। ଆଜି ପୁଣି ଫସଲ ନଷ୍ଟ ଘଟଣାର ପୁନରାବୃତ୍ତି ହୋଇଛି। ଘଟଣା ଜଣା ପଡ଼ିବା ପରେ ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି ସମବେଦନା ଜ୍ଞାପନ କରିଛନ୍ତି। ଦୋଷୀ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ବିକାଶ ନର୍ସିଂ କଲେଜ ପକ୍ଷରୁ ରାଷ୍ଟ୍ରୀୟ ରୋଗୀ ସୁରକ୍ଷା ସଚେତନତା ସପ୍ତାହ

**ବରଗଡ଼, ୧୪।୩(ସମିସ):** ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ନର୍ସିଂ କଲେଜ ପକ୍ଷରୁ କଳାପାଣି ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ରାଷ୍ଟ୍ରୀୟ ରୋଗୀ ସୁରକ୍ଷା ସଚେତନତା ନିମନ୍ତେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସାସ୍ଥ୍ୟ, ସାମାଜିକ ଏବଂ ଅର୍ଥନୈତିକ ପ୍ରଭାବର ଭୟଙ୍କରତା ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ ସାସ୍ଥ୍ୟ ସେବା ବ୍ୟବସ୍ଥାରେ ସୁରକ୍ଷା ଓ ବିଶ୍ୱାସ ମଜବୁତ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ବିକାଶ ନର୍ସିଂ କଲେଜର ତୃତୀୟ ସେମିଷ୍ଟାରର ଛାତ୍ରଛାତ୍ରୀ ଗୋଷ୍ଠୀ ସାସ୍ଥ୍ୟ ତଥା ରୋଗୀ ମାନଙ୍କ ସାସ୍ଥ୍ୟ ଉପରେ ଆଧାରିତ ଏକ ରୋଲପ୍ଲେ ଏବଂ ସାସ୍ଥ୍ୟ ଶିକ୍ଷା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମଟି ବିକାଶ ନର୍ସିଂ କଲେଜର ଅଧକ୍ଷା ଦିପାଞ୍ଜଳି ପଟେଲଙ୍କ



ତତ୍ତ୍ୱାବଧାନରେ ଅଧାପିକା ଦେବସ୍ମିତା ସାହୁ, ଆଞ୍ଚଳ ସାହୁ ଏବଂ ବିଏସ୍‌ସି ନର୍ସିଂ ତୃତୀୟ ସେମିଷ୍ଟାରର ଛାତ୍ରଛାତ୍ରୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଆୟୁଷ ଡ.ମନୋରଞ୍ଜନ ହୋତା, ମେଡିକାଲ ଅଫିସର ଡ.ମାସୁମୀ ଆର୍‌ଆଇ ଖଡଙ୍ଗା, ମହିଳା ସାସ୍ଥ୍ୟ ପରିଦର୍ଶିକା ଶୋଭ୍ୟା ଛତ୍ରିଆ ଓ ଆଶା କର୍ମଚାରୀ ସରସତୀ ମହାପାତ୍ରଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

### ସମ୍ବଲପୁରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

# ୨୪ ଦେୱାନୀ ଓ ୫୮୪ ଫୌଜଦାରୀ ମକଦ୍ଦମା ଫଇସଲା

**ସମ୍ବଲପୁର, ୧୪।୩ (ସମିସ)**

ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀଙ୍କ ଆନୁକୂଲ୍ୟରେ, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ସମ୍ବଲପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ତରଫରୁ ଆଜି ସମ୍ବଲପୁର ଜିଲ୍ଲା ସଦର ମହକୁମାଠାରେ ଅବସ୍ଥିତ କୋର୍ଟ ଗୁଡ଼ିକରେ ଏବଂ ଜିଲ୍ଲା ଅନ୍ତର୍ଗତ ତାଲୁକସ୍ତରୀୟ କୁଚିଣ୍ଡା ଏବଂ ରେଢ଼ାଖୋଲ କୋର୍ଟ ଗୁଡ଼ିକରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ମୋଟରଯାନ ଦୁର୍ଘଟଣା ଜନିତ ୧୫ଟି ମାମଲା ସମାଧାନ କରି କ୍ଷତିପୂରଣ ବାବଦକୁ ୧, ୬୧, ୪୦, ୦୦୦ ଟଙ୍କା ଦେବାପାଇଁ ଆଦେଶ ଦେଇଥିଲେ, ୮ଟି ପରିବାର ସଂକ୍ରାନ୍ତୀୟ ମାମଲାରେ ଫଇସଲା କରାଯାଇଛି, ୨୪ଟି ଦେୱାନୀ ମୋକଦ୍ଦମାର ଫଇସଲା କରାଯାଇ ୨୦, ୬୦୭, ୫୫୧.୨୨ ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ୫୮୪ଟି ଫୌଜଦାରୀ ମୋକଦ୍ଦମାର ଫଇସଲା କରାଯାଇଛି। ସେହିପରି ୧୨୩ଟି ଏନ୍‌ଆଇ ଆକ୍ଟ ଫଇସଲା କରାଯାଇ ୩, ୭୨, ୨୪, ୭୧୧.୮୪ ଟଙ୍କା ଆଦାୟ କରାଯାଇଛି। ସେହିପରି ଏହି ଲୋକ ଅଦାଲତରେ ବିଭିନ୍ନ ରାଷ୍ଟ୍ରାୟତ୍ତ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଯୋଗଦେଇ ୧୯ଟି ପ୍ରି-ଲିଟିଗେସନ କେସ୍‌ର ଫଇସଲା କରି ୩, ୨୮, ୯୯୧ ଟଙ୍କା ଆଦାୟ କରିଛନ୍ତି ଏବଂ ରାଜସ୍ୱ ବିଭାଗରେ ୫୨୬୪ଟି କେସ୍‌ର ଫଇସଲା କରାଯାଇ ୭, ୯୨, ୨୨୭ ଟଙ୍କା ଆଦାୟ କରାଯାଇଛି। ଜଜ୍ ଲୋକ ଉପଯୋଗୀ ସେବା, ଶିଶିର କୁମାର ରଥ ଲୋକ ଉପଯୋଗୀ ସେବାବିବାଦ ୮ଟି ବିବାଦର ସମାଧାନ କରିଥିଲେ ଓ ସେହିପରି ଇ-ଚାଲାଣ ବାବଦକୁ ୧୦୭ଟି ମାମଲାର ୨, ୧୯, ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା ବୋଲି ଆର୍‌ଟିଓ, ସମ୍ବଲପୁର ଜଣାଇଥିଲେ।

ସମ୍ବଲପୁରଠାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ଜିଲ୍ଲା ଜଜ ତଥା ଆଇନସେବା ପ୍ରାଧିକରଣ, ସମ୍ବଲପୁରର ଅଧ୍ୟକ୍ଷା ପ୍ରଜ୍ଞା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଜ ଦ୍ୱିତୀୟ ଏମ୍‌ଏସିଟି ସୁବ୍ରତ ମହାନ୍ତି ପ୍ରମୁଖ ବିଭିନ୍ନ ମୋଟର ଦୁର୍ଘଟଣା ଜନିତ ମୋକଦ୍ଦମା ଗୁଡିକର ସମାଧାନ, ଜଜ ଫ୍ୟାମିଲି କୋର୍ଟ ରୀନା ଚୌଧରୀ ପରିବାର ସମ୍ପର୍କୀୟ ମୋକଦ୍ଦମା ଗୁଡିକର ସମାଧାନ ଏବଂ ସିଭିଲ ଜଜ ସମାପିକା ମହାନ୍ତି, ସୋମାଲୀନ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ସିଭିଲ ଜଜ ବିଭିନ୍ନ ଦେୱାନୀ ମୋକଦ୍ଦମା ଗୁଡିକର ଫଇସଲା କରିଥିଲେ। ସେହିପରି ଫୌଜଦାରୀ ମୋକଦ୍ଦମା ଗୁଡିକର ଏସ୍‌ଡିଜେଏମ୍ ଶୁଭଙ୍କର ମହାପାତ୍ର ସମେତ ସିଦ୍ଧାନ୍ତ ମିଶ୍ର, ସ୍ୱୟଂସିକ୍ତା ପତି ପ୍ରଥମ ଶ୍ରେଣୀ ଜଜ୍ ମାନଙ୍କ ଦ୍ୱାରା ଫଇସଲା କରାଯାଇଥିଲା। ସେହିପରି ତାଲୁକସ୍ତରରେ କୁଚିଣ୍ଡାଠାରେ ଅତିରିକ୍ତ ଜିଲ୍ଲା ଜଜ ଡକ୍ଟର ପ୍ରଭାକର ଗଣ୍ଡିଆ ଏବଂ ତାଲୁକସ୍ତରରେ ରେଢ଼ାଖୋଲ ଠାରେ ଅତିରିକ୍ତ ଜିଲ୍ଲା ଜଜ ପାର୍ଥସାରଥୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସମ୍ବଲପୁରର ସଚିବ ସୌମ୍ୟା ପ୍ରଧାନ ଏବଂ ନିହାର ରଞ୍ଜନ ଲେଙ୍କା, ରେଜିଷ୍ଟ୍ରାର, ସିଭିଲକୋର୍ଟ, ସମ୍ବଲପୁର ଠାରେ ହୋଇଥିବା ଲୋକ ଅଦାଲତକୁ ପରିଚାଳନା କରିଥିଲେ।

## ଲୋକ ଅଦାଲତ ପଞ୍ଜୀକରଣ ନାଁରେ ଅସୁଲି, କେନ୍ଦ୍ର ମାଲିକ ଗିରଫ

**ସମ୍ବଲପୁର, ୧୪।୩ (ସମିସ) :** ଜାତୀୟ ଲୋକ ଅଦାଲତରେ ବିଭିନ୍ନ ମାମଲାର ସମାଧାନ କରାଇ ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକମାନଙ୍କୁ ଠକେଇ କରିଥିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜନସେବା କେନ୍ଦ୍ର ମାଲିକଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ନିକଟରୁ ଏକ ଲ୍ୟାପ୍‌ଟପ୍, ପ୍ରିଣ୍ଟର, ମୋବାଇଲ ସହ ୮୮ଟି ଆଧାର କାର୍ଡ ଓ ଡିଏଲଏସଏ ଫର୍ମ ଜବତ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ସଦର ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି। ସମ୍ବଲପୁର ଟାଉନ ଥାନା ଅଧିକାରୀ ସୁବ୍ରତ ମେହେର ଉପସ୍ଥିତ ଥିଲେ।



ସାମ୍ବାଦିକ ସମ୍ମିଳନୀରେ ସୂଚନା ଅନୁଯାୟୀ, ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ), ସମ୍ବଲପୁରରେ ପିଏଲ୍‌ଭି ଭାବେ କାର୍ଯ୍ୟରତ ସରୋଜ ବାଗଙ୍କ ଲିଖିତ ଅଭିଯୋଗ ଭିତ୍ତିରେ ଟାଉନ ଥାନା କେସ୍ ନମ୍ବର ୯୦/୨୦୨୬ ଦଫା ୩୦୮(୨) / ୩୧୮(୩) / ୩୧୯(୨) ବିଏନ୍‌ଏସ୍‌ରେ ଏକ ମାମଲା ରୁଜୁକରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ସମ୍ବଲପୁର ଟାଉନଥାନା ଅନ୍ତର୍ଗତ ମୁଦିପଡ଼ା ଆମ୍ବେଦକରନଗର ଅଞ୍ଚଳର ଆୟୁବ ଖାନ (୩୨) ପୀରବାବା ଛକ ନିକଟରେ 'ଆୟେସା କମ୍ୟୁନିକେଶନ' ନାମକ ଏକ ଜନସେବା କେନ୍ଦ୍ର ଚଳାଉଥିଲେ। ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ୧୪/୦୩/୨୦୨୬ ରେ ହେବାକୁ ଥିବା ଜାତୀୟ ଲୋକ ଅଦାଲତ ମାଧ୍ୟମରେ ସେମାନଙ୍କ ସମସ୍ୟାର ସମାଧାନ କରିବେ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ୧୦୦ ଟଙ୍କା ଆଦାୟ କରି ପଞ୍ଜିକରଣ କରିଥିଲେ। ଜଣେ ୟୁଟ୍ୟୁବର୍ ଏହି ସୂଚନାକୁ ପ୍ରସାର କରିବା ଫଳରେ ଅନେକ ଲୋକ ଏହାକୁ ପ୍ରକୃତ ବୋଲି ବିଶ୍ୱାସ କରିଥିଲେ। ଫଳସ୍ୱରୂପ, ୧୦୦ ରୁ ଅଧିକ ବ୍ୟକ୍ତି ଏହି ଠକେଇ କାର୍ଯ୍ୟକଳାପର ଶିକାର ହୋଇଥିଲେ। ଅଭିଯୁକ୍ତ ଆୟୁବ ଖାନ୍‌ଙ୍କୁ ଗିରଫ କରିବାସହ ତାଙ୍କଠାରୁ ଏକ ଲାପ୍‌ଟପ, ପ୍ରିଣ୍ଟର, ମୋବାଇଲ ସହ ୮୮ଟି ଆଧାର କାର୍ଡ ଓ ଡିଏଲଏସଏ ଫର୍ମ ଜବତ କରାଯାଇଛି। ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ର ବିଭିନ୍ନ ଧାରାରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଏସ୍‌ଡିପିଓ ଶ୍ରୀ ବାଗ ସୂଚନା ଦେଇଛନ୍ତି। ଅଭିଯୁକ୍ତକୁ ଆଜି କୋର୍ଟଚାଲାଣ କରାଯାଇଥିବାବେଳେ ୟୁଟ୍ୟୁବର୍‌ଙ୍କୁ ପଚରାଉଚୁରା ଚାଲିଥିବା ସେ କହିଛନ୍ତି।

## ୪୦ କେଜି ଗଞ୍ଜେଇ ଜବତ, ୩ ଗିରଫ



**ରେଢ଼ାଖୋଲ, ୧୪ ।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ଶନିବାର ଦିନ ଚଢାଉ କରି ବେଆଇନ ଚୋରା ଚାଲାଣ ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ମଧ୍ୟପ୍ରଦେଶ ରାଜ୍ୟର ସାଗର ଜିଲ୍ଲାର ଥାନା ଖେରେଇ ଅଞ୍ଚଳର ପ୍ରବେଶ ଅହିରୱାର୍(୨୫), ବାବୁଲି ଚୌଧୁରୀ(୪୨) ଓ ରାଜ୍ୟ ଝାରଖଣ୍ଡ ଜିଲ୍ଲା ଲୋହରଡ଼ଘ ଥାନା ବନ୍ଦ୍ରା ଅଞ୍ଚଳର ଅର୍ମନ୍ ଅନସାରୀ(୧୯) । ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ଅବକାରୀ ବିଭାଗ ଇନ୍ସପେକ୍ଟର ଦୃବଦଳ ବିଶ୍ୱାଳଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀମାନେ ବଡବାହାଲ ଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଉକ୍ତ ତିନିଜଣଙ୍କୁ ସନ୍ଦେହ କରି ଯାଞ୍ଚ କରିଥିଲେ। ସେମାନଙ୍କ ପାଖରୁ ଦୁଇଟି ବସ୍ତାରେ ୪୦ କେଜି ବେଆଇନ ଗଞ୍ଜେଇ ଜବତ କରି ଗିରଫ କରିଥିଲେ। ଏଥିରେ ଗଞ୍ଜେଇ ବେଆଇନ ଭାବେ ରାଜ୍ୟ ବାହାରକୁ ଚାଲାଣ କରାଯାଉଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରି ଉକ୍ତ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଜମନକିରା ରେଞ୍ଜ ଅଫିସର ନିଲମ୍ବିତ

**ଜମନକିରା, ୧୪ ।୩(ସମିସ):** ବାମରା ଡିଭିଜନ ଜମନକିରା ରେଞ୍ଜଅଫିସର ଲକ୍ଷ୍ମୀ ନାରାୟଣ ନାଏକଙ୍କୁ ସରକାର ମାର୍ଚ୍ଚ ୧୦ତାରିଖରୁ ମିସକଣ୍ଡକ ନେଇ ସସ୍‌ପେଣ୍ଡ କରି ଥିବା ଜଣାପଡ଼ିଛି। ଆମ ଜଙ୍ଗଲ ଯୋଜନା ଭେଲୁଲେଶନ ପାଇଁ ଭୋପାଳରୁ ଦୁଇ ଜଣ ଅଧିକାରୀ ଆସି ଥିବା ବେଳେ ଜମନକିରା ରେଞ୍ଜରଙ୍କ ମଧ୍ୟରେ ମିସକଣ୍ଡକ ନେଇ ସରକାର ସସ୍‌ପେଣ୍ଡ କରିଥିବା ବେଳେ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଶ୍ରୀ ନାଏକଙ୍କ ଅବସର ଆଉ ଏକ ବର୍ଷ ରହିଥିବା ବେଳେ ଘଟଣା ପାଇଁ ଅଫିସର ସମସ୍ତ କର୍ମଚାରୀଙ୍କୁ ଶ୍ରୀ ନାଏକଙ୍କ ବିଶେରେ ଜାଣିବା ପାଇଁ ଆସି ଥିବା ଅଧିକାରୀ ପଚାରି ବୁଝିଥିଲେ।

## ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ

**ସମ୍ବଲପୁର, ୧୪।୩(ସମିସ):** ହୀରାକୁଦ ସହରରେ ପ୍ରାୟ ୫୦ ହଜାର ଲୋକ ବସବାସ କରୁଛନ୍ତି। ଚିକିତ୍ସା ପାଇଁ ହୀରାକୁଦରେ ଥିବା ଗୋଷ୍ଠୀ ସ୍ୱାସ୍ଥ କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। କିନ୍ତୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ସଂଖ୍ୟା ଅଭାବ ରହିଛି। ଯାହାଫଳରେ ହୀରାକୁଦବାସୀ ନାହି ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହୀରାକୁଦ ସମାଜସେବୀ କାର୍ତ୍ତିକ କଲେତ ଏ ସମ୍ପର୍କରେ ସିଡିଏମ୍‌ଓଙ୍କୁ ଅଭିଯୋଗ କରିଛନ୍ତି।

## ଡିଏଭି ବୁର୍ଲାରେ ବିଶ୍ୱ ଖାଉଟି ଦିବସ

**ସମ୍ବଲପୁର, ୧୪।୩ (ସମିସ) :** ଡ଼ିଏଭି ବୁର୍ଲା ବିଦ୍ୟାଳୟ ପରିସରରେ ବିଶ୍ୱ ଖାଉଟି ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଡକ୍ଟର ଶାନ୍ତନୁ କୁମାର ତ୍ରିପାଠୀ ପ୍ରଦୀପ ପ୍ରଜ୍ୱଳନ ସମୟରେ ବୈଦିକ ମନ୍ତ୍ର ଉଚ୍ଚାରଣ କରିବା ସହିତ ଡିଏଭି ଗାନ ପରିବେଷଣ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ରୂପେ ବରିଷ୍ଠ ଶିକ୍ଷକ ସୌଭାଗ୍ୟ କୁମାର ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଖାଉଟି ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶିକ୍ଷକ ରାଜେଶ କୁମାର ଶର୍ମା, ରାହାସ ଚନ୍ଦ୍ର ହୋତା ଖାଉଟି ଦିବସ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶିକ୍ଷକ ସଞ୍ଜୟ କୁମାର ସାହୁ, ବୀରେନ୍ଦ୍ର ବିଶ୍ୱାଳ ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଆଶାରାଣୀ ପଣ୍ଡା ସଂଯୋଜନା ଓ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଆର୍ଥିକ ଓ ଉଦ୍ୟୋଗୀ କ୍ଲବ୍ ପକ୍ଷରୁ ଉତ୍ସବ ଆୟୋଜନ କରାଯାଇଥିଲା।

## ହୋମିଓପାଥି ଛାତ୍ରଙ୍କ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା

**ସମ୍ବଲପୁର, ୧୪।୩(ସମିସ):** ଓଡ଼ିଶା ମେଡିକାଲ କଲେଜ ଅଫ ହୋମିଓପାଥି, ରିସର୍ଚ୍ଚର ଛାତ୍ର ସଂଘ ଏବଂ ଏନ୍‌ଏସ୍‌ଏସ୍ ୟୁନିଟ୍ ତରଫରୁ ଭାଲୁବହାଲସ୍ଥିତ ବୈଦିକ କଲେଜରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ଅନୁଷ୍ଠିତ ହୋଇଛି।କଲେଜର ଅଧ୍ୟକ୍ଷ ଡ.ଦିପ୍ତିକାନ୍ତ ସିଂଙ୍କ ଅଧ୍ୟକ୍ଷତାରେ ହୋଇଥିଲା।ଛାତ୍ର ସଂଘ ଉପଦେଷ୍ଟା ଡ଼ ଅରୂପ ଆନନ୍ଦ ଦାସ ଏବଂ ଡ଼ ନିବେଦିତା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତରୀ ଛାତ୍ରଛାତ୍ରୀ ତଥା ଏନଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ସଂହତି ଶିବିର ଉଦ୍‌ଯାପିତ

**ସମ୍ବଲପୁର, ୧୪।୩(ସମିସ):** ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିଜୁପଟ୍ଟନାୟକ ପ୍ରେକ୍ଷାଳୟରେ ଆୟୋଜିତ ଜାତୀୟ ସଂହତି ଶିବିର ଅନୁଷ୍ଠିତ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହର ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ଏନଏସଏସ ଯୁବ ଅଧିକାରୀ ଅଜିତ କୁମାର ଖୁସୱା ମାଏ ଭାରତ ପୋର୍ଟାଲ, ନେତୃତ୍ୱ ଓ ବ୍ୟକ୍ତିତ୍ୱର ବିକାଶ ଉପରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସଂଯୁକ୍ତା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଅମିୟ କୁମାର ପଟେଲ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଓଡ଼ିଶା ରାଜ୍ୟ ଏନଏସଏସ ଆଞ୍ଚଳିକ ନିର୍ଦ୍ଦେଶିକା ଡ.ସରିତା ପଟେଲ, ରାଜ୍ୟ ଏନ୍‌ଏସ୍‌ଏସ ଯୁବ ଅଧିକାରୀ ଅଜିତ କୁମାର ଖୁସୱା ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ।କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଡ ବିରେନ୍ଦ୍ର ବେହେରା ସଂଯୋଜନା କରିଥିଲେ।ଶିବିରରେ ବିହାର, ହରିୟାଣା, ତେଲେଙ୍ଗାନା, ଉତ୍ତରପ୍ରଦେଶ, ଆସାମ, ଝାରଖଣ୍ଡ, ଗୁଜୁରାଟ, ମଧ୍ୟ ପ୍ରଦେଶ, ପଶ୍ଚିମବଙ୍ଗ, ଛତିଶଗଡ଼, କର୍ଣ୍ଣାଟକ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର ଓଡ଼ିଶାର ୨୨୦ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀମାନେ ଯୋଗ ଦେଇଥିଲେ। ଯୁବମାନଙ୍କ ମଧ୍ୟରେ ଏକତା ଓ ପାରସ୍ପରିକ ବୁଝାମଣା ବୃଦ୍ଧି କରିବା, ରାଷ୍ଟ୍ର ନିର୍ମାଣରେ ଯୁବମାନଙ୍କ ଭୂମିକା, ବିବିଧତା ମଧ୍ୟରେ ଏକତା, ନିସ୍ୱାର୍ଥପର ସମାଜ ସେବା ଉପରେ ଆଲୋଚନା ହୋଇଥିଲା। ଉଦଯାପନୀ



ସମାରୋହରେ ଡ. ଯୋଗମାୟା ପଣ୍ଡା, ଡ଼ ପ୍ରତାପ ଚନ୍ଦ୍ର ପଣ୍ଡା, ଡ଼ ରଘୁନାଥ ମଣ୍ଡଳ ଅତିଥି ରୂପେ ଉପସ୍ଥିତ ଥିଲେ। ଏଥିରେ କୋରକମିଟିର ସଦସ୍ୟ ଶାନ୍ତନୁ ପଧାନ, ରାଜୀବ ସାହୁ, ଦିବ୍ୟକାନ୍ତି ବିଲୁଙ୍ଗ, ସୁଶାନ୍ତ କୁମାର ପଟେଲ, ଡ. ଅଜିତ କୁମାର ନାଥ, ପ୍ରତୀକ୍ଷା ସେଠ, ଡ.ସିଦ୍ଧାନ୍ତ ମହାନ୍ତି, ଡ. ପୁଷ୍ପାଞ୍ଜଳି ରାବଣା, ଡ. ମହେନ୍ଦ୍ର ଧରୁଆ, ଡ. ଏସ.ରମାଦେବୀ, ଡ଼ ହରିଦାସ ମହନ୍ତ, ଡ. ଉଡୁଚି, ବିନୋଦ କୁମାର ପୃଷେଠ, ସୁରେଶ କୁମାର ଏକ୍କା, ଲଳିତ କୁମାର ରାଉଳ, ନିର୍ମଳ କୁମାର ବଗର୍ତ୍ତି, ଜ୍ୟୋତି କୁମାର ମିଞ୍ଜ, ଏସ. କେ ଫାଇଜାନ ପ୍ରମୁଖ ଶିବିରକୁ ସହଯୋଗ କରିଥିଲେ।

### କାର୍ ଧକ୍କାରେ ଜଣେ ମହିଳା ମୃତ, ୮ ଗୁରୁତର

## ଗୁରୁତରଙ୍କ ଚିକିତ୍ସା ଦାବିରେ ରାସ୍ତାରୋକ

**କୁଚିଣ୍ଡା, ୧୪ ।୩(ସମିସ):** କାର୍ ଧକ୍କାରେ ଗୁରୁତରଙ୍କ ଚିକିତ୍ସା ଦାବି ନେଇ ରାସ୍ତାରେ ଶବ ରଖି ରାସ୍ତା ରୋକ କଲେ ଗ୍ରାମବାସୀ। ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା କଦୋପଡ଼ା ଠାରେ କୁଚିଣ୍ଡା-ବଣେଇଁ ରାସ୍ତା ଅବରୋଧ କରିଥିଲେ କଦୋପଡ଼ା ଗ୍ରାମବାସୀ। ଗତ ୧୩ ତାରିଖ ବିଳମ୍ବିତ ରାତିରେ ଯାତ୍ରା ଦେଖି ଫେରୁଥିବା ବେଳେ, କାର୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୮ଜଣ ଗୁରୁତର ଆହତ ହୋଇଥିଲେ।ଉକ୍ତ ଦୁର୍ଘଟଣାରେ ଜଣେ ୬୦ ବର୍ଷୀୟା ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ, ୪ ଜଣ ଗୁରୁତର ଓ ୪ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୪ଜଣ ଗୁରୁତରଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିବା ବେଳେ, ଆହତ ୪ଜଣ କୁଚିଣ୍ଡା ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟରେ ଚିକିତ୍ସା କରାଯାଇଥିଲା। ମୃତ ଓ ଗୁରୁତର ସମସ୍ତେ ଟାଇଁସର ନିକଟ କଦୋପଡ଼ା ଗ୍ରାମର ଥିଲେ, ଘଟଣା ପରେ ମହୁଲପାଲି ଥାନା କୁସୁମୀ ଫାଣ୍ଡିର କଦପଡ଼ା ଠାରେ ଗ୍ରାମବାସୀ ଗୁରୁତରଙ୍କ ଚିକିତ୍ସା ଦାବିରେ ରାସ୍ତାରୋକ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଥିବାରୁ



ପୁଲିସ ଓ କୁଚିଣ୍ଡା ଏସ୍‌ଡିପିଓ ଉପସ୍ଥିତ ରହି ବୁଝାସୁଝା କରିଥିବା ବେଳେ ପରେ ଅତିରିକ୍ତ ତହସିଲଦାର ପହଞ୍ଚି ବୁଝାସୁଝା ସହ ଆହତଙ୍କୁ ଚିକିତ୍ସା କରାଇବା ଓ ରେଡ଼କ୍ରସରୁ ଟଙ୍କା ଦେବାପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନରେ ରାସ୍ତାରୋକ ହଟିଥିଲା।

## ୨୧ରୁ ଜାତୀୟ ନାଟ୍ୟ ଉତ୍ସବ 'ଶ୍ରୀରଙ୍ଗ ସମାଗମ'

**ସମ୍ବଲପୁର, ୧୪।୩ (ସମିସ):** ଶ୍ରୀକଲ୍‌ଚରାଲ୍ ଆସୋସିଏସନ୍, ସମ୍ବଲପୁର ଆନୁକୂଲ୍ୟରେ ଆସନ୍ତା ୨୧ ତାରିଖରୁ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଆୟୋଜିତ ହେବ ତିନିଦିନିଆ ଜାତୀୟ ନାଟ୍ୟ ଉତ୍ସବ 'ଶ୍ରୀରଙ୍ଗ ସମାଗମ'। ଏହି କାର୍ଯ୍ୟକ୍ରମର ପ୍ରାୟୋଜକ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଥିବାବେଳେ ଏଥିରେ ସହଯୋଗ କରୁଛନ୍ତି ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ। ନାଟ୍ୟ ଉତ୍ସବରେ ପ୍ରତ୍ୟେକ ଦିନ ସନ୍ଧ୍ୟା ୭ଟାରେ ଅତି ସଂକ୍ଷିପ୍ତ ସଭା କାର୍ଯ୍ୟପରେ ଦେଶର ଲବ୍ଧପ୍ରତିଷ୍ଠିତ ନାଟ୍ୟ ସଂସ୍ଥାମାନଙ୍କ ଦ୍ୱାରା ଗୋଟିଏ ପୂର୍ଣ୍ଣାଙ୍ଗ ନାଟକ ପ୍ରଦର୍ଶିତ ହେବ ବୋଲି ଶ୍ରୀକଲ୍‌ଚରାଲ୍ ଆସୋସିଏସନ୍‌ର ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହାସହ ୨୨ ତାରିଖ ପୂର୍ବାହ୍ଣରେ ଏକ ନାଟ୍ୟ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହେବ। ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଉପଦେଷ୍ଟା ଡକ୍ଟର ଶ୍ୟାମସୁନ୍ଦର ଧର ଓ ପ୍ରଫୁଲ୍ଲ କୁମାର ହୋତା ମଞ୍ଚାସୀନ ଥିଲେ।୨୧ ତାରିଖ ଉଦ୍‌ଘାଟନୀ ସନ୍ଧ୍ୟାରେ ଲାବଣ୍ୟ ଥିଏଟର, ଭୁବନେଶ୍ୱର ଦ୍ୱାରା ପ୍ରଦର୍ଶିତ ହେବ ଡକ୍ଟର ନାରାୟଣ ସାହୁଙ୍କ ରଚିତ ଓ ସତ୍ୟ ଜେନାଙ୍କ ନିର୍ଦ୍ଦେଶିତ ଓଡ଼ିଆ ନାଟକ 'ଅନାଗତ'। ଦ୍ୱିତୀୟ ଦିନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍



ଫେକ୍‌ଟୁଏଲ ଥିଏଟର ଆର୍ଟସ୍, କୋଲାକାତା, ପଶ୍ଚିମବଙ୍ଗ ଦ୍ୱାରା ବଙ୍ଗଳା ନାଟକ 'ଡଲିଆ' ପ୍ରଦର୍ଶିତ ହେବ। ଏହି ନାଟକରେ ବିଶ୍ୱକବି ରବୀନ୍ଦ୍ରନାଥ ଟେଗୋରଙ୍କ ମୂଳ କାହାଣୀକୁ ନାଟ୍ୟରୂପ ଦେଇଛନ୍ତି ହୃଷିକେଶ ସୁଲଭ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଦେବାଶିଷ ଦତ୍ତ। ଶେଷ ରଜନୀ ମାର୍ଚ୍ଚ ୨୩ ତାରିଖ ସନ୍ଧ୍ୟାରେ ମଞ୍ଚସ୍ଥ ହେବ ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ଦାମୁର୍'। ଏହାକୁ ପରିବେଷଣ କରିବେ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ, ଖଡ଼ିଆଳ, ନୂଆପଡ଼ାର କଳାକାରମାନେ। ଜାତୀୟ ନାଟ୍ୟ ଉତ୍ସବ ଅବସରରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ନାଟ୍ୟ ସମ୍ମାନ ପ୍ରଦାନ କରାଯିବ। ସମ୍ବଲପୁରର ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ପ୍ରଦୀପ କୁମାର ପଣ୍ଡାଙ୍କୁ 'ଶ୍ରୀ ନାଟ୍ୟ ସମ୍ମାନ' ପ୍ରଦାନ କରାଯିବାକୁ ଥିବାବେଳେ ଅଭିନେତ୍ରୀ ସାଧନା ବହିଦାରଙ୍କ ସ୍ମୃତିରେ ବରଗଡ଼ର ବିଶିଷ୍ଟ ଅଭିନେତ୍ରୀ କନକ ଡନ୍‌ସନାଙ୍କୁ 'ସାଧନା ସମ୍ମାନ' ଏବଂ ସୁନ୍ଦରଗଡ଼ର ବିଶିଷ୍ଟ ମଞ୍ଚ ଅଭିନେତା ବିଜୟ କୁମାର ମହାରଣାଙ୍କୁ 'ଡ. ପଞ୍ଚାନନ ମିଶ୍ର ସ୍ମୃତି ସମ୍ମାନ' ପ୍ରଦାନ କରାଯିବ ବୋଲି ଶ୍ରୀ ବେହେରା ସୂଚନା ଦେଇଛନ୍ତି।

ଜାତୀୟ ନାଟ୍ୟ ଉତ୍ସବ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ନିଃଶୁଳ୍କ ରହିଛି। ନାଟ୍ୟପ୍ରେମୀ, ଦର୍ଶକ ଓ ସମ୍ବଲପୁର ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେବାକୁ ଆୟୋଜକ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି।

## ପଞ୍ଚମୁଖୀ ଯୁବକ ସଂଘର କ୍ୟାରମ୍ ଚାମ୍ପିଅନସିପ୍




**ସମ୍ବଲପୁର, ୧୪।୩(ସମିସ):** ଧନୁପାଲି ପଞ୍ଚମୁଖୀ ଯୁବକ ସଂଘ ପକ୍ଷରୁ ସମ୍ବଲପୁର ଜିଲ୍ଲା କ୍ୟାରମ୍ ସଂଘ ସହଯୋଗରେ ସ୍ୱର୍ଗତ ଅଭୟ ପଟ୍ଟନାୟକଙ୍କ ସ୍ମୃତିରେ ଜିଲ୍ଲାସ୍ତରୀୟ ଓପନ କ୍ୟାରମ୍ ଚାମ୍ପିଅନସିପ୍ (ଡବଲ୍ସ) ଶନିବାର ଆଦିତ୍ୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି।ରେଙ୍ଗାଲି ପୂର୍ବତନ ବିଧାୟକ ନାଉରୀ ନାୟକ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହର, ପଞ୍ଚମୁଖୀ ଯୁବକ ସଂଘର ପରାମର୍ଶଦାତା ରାଜେନ୍ଦ୍ରପାଣ୍ଡା, ବରିଷ୍ଠ ବିଜେଡିନେତା ଦେବନ ପତି ଓ ସ୍ୱର୍ଗତ ଅଭୟ ପଟ୍ଟନାୟକଙ୍କ ପୁତ୍ର ଶୋଭନ ପଟ୍ଟନାୟକ ଅତିଥି ଭାବେ ଯୋଗେ ଦେଇଥିଲେ। ଏସ୍. କେ. ଅବ୍ଦୁଲ୍ଲା ଓ ଲୋକେଶ୍ୱର ରାଓ ମ୍ୟାଚ ପରିଚାଳନା କରୁଛନ୍ତି। ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିବା ବେଳ ଫାଇନାଲ୍ ମ୍ୟାଚ୍ ଆସନ୍ତା ୧୫ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ହେବ। ଅନିଲ ମିଶ୍ର, ପ୍ରଦୀପ ପାଢ଼ୀ, ଅର୍ପଣ ପ୍ରଧାନ, ବିକାଶ ମିଶ୍ର, ଶରତ୍ ଚନ୍ଦ୍ର ପାଢ଼ୀ, ରାହୁଲ ଠାକୁର, ବିବେକାନନ୍ଦ ନାୟକ, କାହ୍ନୁରାମ ଶର୍ମା ଓ ବଂଶୀଧର ବେହରା ପ୍ରମୁଖ ସହ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ରଞ୍ଜିତ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

# ଲୋକ ଅଦାଲତରେ ବିଦ୍ୟୁତ୍ ବିଲ୍‌କୁ ନେଇ ଉତ୍ତେଜନା

**ସମ୍ବଲପୁର, ୧୪।୩ (ସମିସ)**

ସମ୍ବଲପୁରରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଲୋକ ଅଦାଲତରେ ବିଦ୍ୟୁତ ବିଲ୍ ପଇଠକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉପଭୋକ୍ତା ମାନଙ୍କୁ ବିଦ୍ୟୁତ୍ ବିଲ୍ ମାମଲା ସମାଧାନ ପାଇଁ ହାଜର ହେବାକୁ ନୋଟିସ ଦିଆଯାଇଥିବାବେଳେ ବହୁ ସଂଖ୍ୟାରେ ଲୋକ ସେଠାକୁ ଆସିଥିଲେ।ସେମାନଙ୍କ ମଧ୍ୟରେ ୱେଷ୍କୋ ସମୟରୁ ଲକ୍ଷ ଲକ୍ଷ ଟଙ୍କା ବକେୟା ମଧ୍ୟ ରହିଥିବା ଦେଖାଯାଇଥିଲା। ତେବେ, ଲୋକ ଅଦାଲତରେ ଭାଗନେଇ ଟିପିଡବ୍ଲୁଓଡିଏଲ୍ ସମସ୍ୟାର ସମାଧାନ ନକରିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ବିଦ୍ୟୁତ୍ ଉପଭୋକ୍ତାମାନେ କୋର୍ଟ ସମ୍ମୁଖରେ ଧାରଣାରେ ବସି ଟାଟା ପାୱାର ବିରୋଧରେ ନାରାବାଜି କରିଥିଲେ। ଟାଟା ପାୱାର ମନମାନି କରି ବିଦ୍ୟୁତ୍ ବିଲ୍ ବୃଦ୍ଧି କରୁଥିବା ଅଭିଯୋଗ କରିବାସହ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେଉଥିବା ଲୋକେ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ସଦର ଏସ୍‌ଡିପିଓ ତୋଫାନ ବାଗ ଓ ପୁଲିସ ଅଧିକାରୀମାନେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ।



ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ) ପକ୍ଷରୁ ୧୪ ତାରିଖ ଜନସାଧାରଣ ତଥା ଏହାର ସମସ୍ତ ବିଦ୍ୟୁତ୍ ଗ୍ରାହକମାନଙ୍କୁ ଲୋକ ଅଦାଲତରେ ସାମିଲ ହୋଇ ବିଚାରାଧୀନ ରହିଥିବା ସମସ୍ତ ପ୍ରକାର ଅନାଧିକୃତ ବିଦ୍ୟୁତ୍ ବ୍ୟବହାର ତଥା ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନ କରାଇ ନେବାକୁ ସୂଚିତ କରାଯାଇଥିଲା। ଏହାକୁ ନେଇ ବହୁସଂଖ୍ୟାରେ ଲୋକ ଜିଲ୍ଲା ଅଦାଲତଠାରେ ସେମାନଙ୍କ ପୁରୁଣା ବିଲ୍ ଓ ଅନ୍ୟ ତଥ୍ୟ ନେଇ ହାଜର ହୋଇଥିଲେ। ଉପଭୋକ୍ତା ମାନଙ୍କ ପାଖକୁ ୨୧ ହଜାର, ୩୫ ହଜାର, ୪୫ ହଜାର ଆଦି ବକେୟା ଥିବା ଏବଂ ଲୋକ ଅଦାଲତରେ ହାଜର ହୋଇ ଏହାର ସମାଧାନ କରିବାକୁ ନୋଟିସ ଆସିଥିଲା। ସେମାନେ ନୋଟିସ ପାଇ ବୁଝାମଣା କରି ପଇଠ କରିବାକୁ ଆସିଥିବା ବେଳେ ଟାଟା ପାୱାର କର୍ମଚାରୀମାନେ ନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପୁଣି ଜଣେ ୮୦ ବର୍ଷ ବୟସ୍କ ବୃଦ୍ଧ ଚାଲି ପାରୁନଥିବାବେଳେ ନୋଟିସ ଯାଇଥିବାରୁ ସେ ତାହାର ସମାଧାନ ପାଇଁ ଆସିଥିଲେ, ତେବେ କର୍ମଚାରୀ ନଥିବାରୁ ଫେରିଯାଇଥିଲେ। ମାତ୍ର ୨୧ ହଜାର ଟଙ୍କା ବକେୟା ଥିବାରୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିବାବେଳେ ସେମାନଙ୍କ ପୁଅଝିଅ ପରୀକ୍ଷା ସମୟରେ ପାଠ କେମିତି ପଢ଼ିବେ ବୋଲି ମହିଳାମାନେ ପ୍ରଶ୍ନ କରିଛନ୍ତି। ଘର ମାନଙ୍କରେ ରୋଗୀଣା ବାପାମା' ରହିଛନ୍ତି ସେମାନେ କେମିତି କରିବେ? ଗରିବ ମହିଳାମାନେ ସେମାନଙ୍କ ୱେଷ୍କୋ ସମୟର ଦେଢ଼ ଲକ୍ଷ, ଅଢ଼େଇ ଲକ୍ଷ, ଚାରି ଲକ୍ଷ ଟଙ୍କାର ବକେୟା ତୁରନ୍ତ ପଇଠ କରିବାର ଯଥାର୍ଥତାକୁ ନେଇ ପ୍ରଶ୍ନ କରିବାସହ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ।

ଟିପିଡବ୍ଲୁଓଡିଏଲ୍ ପକ୍ଷରୁ କୁହାଯାଇଛି ଯେ, ପୂର୍ବରୁ ଲୋକ ଅଦାଲତ ହେବ ବୋଲି ପ୍ରେସ ବିଜ୍ଞପ୍ତି ଦିଆଯାଇଥିଲା। ଏଇଟା ପ୍ରଥମଥର ନୁହେଁ, ଚତୁର୍ଥଥର ପାଇଁ ଲୋକ ଅଦାଲତ ହେଉଛି ଏବଂ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମସ୍ତ ସେକ୍ସନ କାର୍ଯ୍ୟାଳୟରେ ଏହି ଅଦାଲତ ଅନୁଷ୍ଠିତ ହୋଇଯାଇଛି।



### ଗୋବିନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସେବା ବିପର୍ଯ୍ୟସ୍ତ

# ନିୟମିତ ଆସୁନାହାନ୍ତି ଡାକ୍ତର, ରୋଗୀ ହୀନସ୍ତା

ଗୋବିନ୍ଦପୁର,୧୪।୩(ସମିସ)




ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବାକୁ ଯୋଜନା କରୁଛନ୍ତି। ତେବେ ଗୋବିନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡାକ୍ତର ଓ ବିଭାଗୀୟ ଅଧିକାରୀଙ୍କ ଅସାଧୁ ନୀତି ଯୋଗୁ ସ୍ୱାସ୍ଥ୍ୟ ସେବାରୁ ଲୋକେ ବଞ୍ଚିତ ହେଉଛନ୍ତି।

ଆଳି ଧୋୟାଞ୍ଚଳର ୧୧ଟି ପଞ୍ଚାୟତର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ୧୯୬୨ରେ ଗୋବିନ୍ଦପୁରଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ପରିତାପର ବିଷୟ ଦୀର୍ଘଦିନ ହେବ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଡାକ୍ତର ନିୟମିତ ଆସନ୍ତିନାହିଁ। ଫଳରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡୁଛି। ଗତ ଜାନୁଆରୀ ମାସରେ ଜଣେ ନୂତନ ଡାକ୍ତର ନିଯୁକ୍ତି ପାଇଛନ୍ତି। ସେ କାଁଭାଁ ଆସୁଥିବା ଲୋକେ ଅଭିଯୋଗ କରିଛନ୍ତି। ଡାକ୍ତର ଅଧିକ ଦିନ ଅନୁପସ୍ଥିତ ରହୁଥିବାରୁ ରୋଗୀ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ଡାକ୍ତର ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ଆସି କେମିତି ଦରମା ନେଉଛନ୍ତି, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ଅବସ୍ଥା ଦୀର୍ଘଦିନ ହେଲା ଜାରି ରହିଛି। ଡାକ୍ତର ଓ ଆଳି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଅସାଧୁ ମେଣ୍ଟ ଯୋଗୁଁ ଦୀର୍ଘଦିନ ହେଲା ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ସାଧାରଣରେ ଅଭିଯୋଗ ହେଉଛି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଧୋୟାଞ୍ଚଳ ଲୋକେ ଦାବି କରିଛନ୍ତି।

# ଜିଲ୍ଲାରେ ଏଲ୍‌ପିଜି ଯୋଗାଣ ସୁନିଶ୍ଚିତ କରିବାକୁ ସମୀକ୍ଷା ବୈଠକ



କେନ୍ଦ୍ରାପଡ଼ା,୧୪।୩(ସମିସ): ଜିଲ୍ଲାରେ ଏଲ୍‌ପିଜି ଗ୍ୟାସର ଅଭାବ ପରିସ୍ଥିତିକୁ ସୁଚାରୁ ଭାବେ ପରିଚାଳନା କରି ସାଧାରଣ ଲୋକଙ୍କୁ ସମୟମତେ ଗ୍ୟାସ ବଣ୍ଟନ ସୁନିଶ୍ଚିତ କରିବା ନେଇ ଆଜି ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲାରେ ଗ୍ୟାସ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗ୍ରାହକ କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ ବୋଲି ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ଆଇଓସିଏଲ କର୍ପୋରେସନ, ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ କର୍ପୋରେସନ୍ ଓ ଭାରତ ପେଟ୍ରୋଲିୟମ୍ କର୍ପୋରେସନର ପ୍ରତିନିଧି ଉପସ୍ଥିତ ରହି ଜିଲ୍ଲାରେ ବର୍ତ୍ତମାନ ଏଲ୍‌ପିଜି ଯୋଗାଣ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହିତ ଜିଲ୍ଲା ଯୋଗାଣ ଅଧିକାରୀ ବୈଠକରେ ଯୋଗଦେଇ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଜିଲ୍ଲାପାଳ ରଘୁରାମ ଆର ଆୟର ବୈଠକରେ ଗ୍ୟାସ ବଣ୍ଟନ ବ୍ୟବସ୍ଥାକୁ ଅଧିକ ସୁସଂଗଠିତ କରିବା ସହ ଗ୍ରାହକଙ୍କୁ ସମୟମତେ ଗ୍ୟାସ ଉପଲବ୍ଧ କରାଇବା ପାଇଁ ସମ୍ବନ୍ଧିତ ତେଲ କମ୍ପାନୀଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗ୍ୟାସ ବଣ୍ଟନ ପ୍ରକ୍ରିୟାରେ କୌଣସି ପ୍ରକାର ଅନିୟମିତତା, କଳାବଜାରୀ କିମ୍ବା ମହଜୁତଦାରୀ ଘଟିବାକୁ ନ ଦେବା ଉପରେ ବିଶେଷ ଜୋର ଦିଆଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପରିସ୍ଥିତି ଉପରେ ନିୟମିତ ନଜର ରଖାଯାଉଥିବାବେଳେ ସାଧାରଣ ଲୋକଙ୍କୁ ଗ୍ୟାସ ପ୍ରଦାନରେ କୌଣସି ଅସୁବିଧା ନ ହେବାକୁ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ବୈଠକରେ ଜିଲ୍ଲାର ଗ୍ୟାସ ବଣ୍ଟନ ବ୍ୟବସ୍ଥାକୁ ଦୃଢ଼ କରିବା ଓ ଗ୍ରାହକଙ୍କ ସମସ୍ୟାକୁ ତୁରନ୍ତ ସମାଧାନ କରିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା।

### ● ବାର୍ ଆସୋସିଏସନ ନିର୍ବାଚନ

## ସହମତି ହୋଇପାରିଲାନି, ଏଥର ଲଢ଼େଇ

ରାଜନଗର, ୧୪।୩(ସମିସ): ରାଜନଗର ବାର୍ ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ। ସଭାପତି ପଦ ପାଇଁ ଆଇନଜୀବୀ ନଳିନୀକାନ୍ତ ମଙ୍ଗରାଜ ଓ ଉମେଶ ଦାସ, ଉପସଭାପତି ପଦ ପାଇଁ ଦେବଦତ୍ତ ସେଠୀ ଓ ମହେଶ୍ୱର ସେଠୀ, ସମ୍ପାଦକ ପଦ ପାଇଁ ଭଜକୃଷ୍ଣ ମିଶ୍ର, ଲକ୍ଷ୍ମଣ ରାଉତ, ଯୁଗ୍ମସମ୍ପାଦକ ପାଇଁ ବୀରକିଶୋର ମହାନ୍ତି ଓ ସରୋଜ ମହାନ୍ତିଙ୍କ ମଧ୍ୟରେ ମୁକାବିଲା ହେବ। କୋଷାଧ୍ୟକ୍ଷ ପଦ ପାଇଁ ମନ୍ମଥ ରାଉତ, ଲାଇବ୍ରେରୀ ସମ୍ପାଦକ ଭାବେ ନୟନାନନ୍ଦ ବେହୁରା, କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଜନ୍ମେଜୟ ବେହେରା ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ରାଜନଗର ବାର୍ ଆସୋସିଏସନର ନିର୍ବାଚନ ଅଧିକାରୀ ତଥା ଆଇନଜୀବୀ ବିଶ୍ୱନାଥ ବାରିକ ସୂଚନା ଦେଇଛନ୍ତି।

### ● ବେଆଇନ ବାଲିଘାଟ ଓ ଇଟାଭାଟି ଉପରେ ଚଢ଼ଉ

## ଜେସିବି ମେସିନ ଅଟକ, ଟ୍ରାକ୍ଟର ମାଲିକଙ୍କୁ ଜରିମାନା

ପଞ୍ଚୁପାଣ୍ଡବ,୧୪।୩(ସମିସ): ଡେରାବିଶ ତହସିଲ ଅଧୀନରେ ଥିବା ବେଆଇନ ବାଲିଘାଟରୁ ଏକ ଜେସିବି ମେସିନ ଜବତ ହୋଇଥିବାବେଳେ ଟ୍ରାକ୍ଟରରେ ବେଆଇନ ବାଲି ଚାଲାଣ ବେଳେ ଦୁଇଟି ଟ୍ରାକ୍ଟରରୁ ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। ନିକିରାଇ ଥାନା ଅଧୀନ ମଙ୍ଗଳପୁର ବେଆଇନ ବାଲିଘାଟରୁ ବିଳମ୍ବିତ ରାତ୍ରିରେ ନିକିରାଇ ଥାନା ଅଧିକାରୀ ବିମଳ ମଲ୍ଲିକଙ୍କ ନେତୃତ୍ୱରେ ଚଢ଼ଉ କରାଯାଇ ଗୋଟିଏ ଜେସିବି ଜବତ କରି ଥାନାରେ ଅଟକ ରଖିଥିବା ଅଧିକାରୀ କହିଛନ୍ତି। ସେହିପରି ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକଙ୍କ ନେତୃତ୍ୱରେ ଦୁଇଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟରରୁ ଜରିମାନା ଆଦାୟ କରିଥିବାବେଳେ ବେଣୀପୁର ପଞ୍ଚାୟତ ବଜାର ଗ୍ରାମରେ ଥିବା ବେଆଇନ ଇଟାଭାଟିରୁ ଜରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି। ଏହି ଚଢ଼ଉରେ ତହସିଲଦାର ସରୋଜ ନାୟକ, ସୁପରଭାଇଜର ମାନସ ନାଥ, ଛୋଟି ଆର୍‌ଆଇ ବିଶ୍ୱବିଜୟ ପରିଡ଼ା ଓ ରାଜନଗର ଆର୍‌ଆଇ ସାରଦା ପ୍ରସାଦ ପ୍ରଧାନ ସାମିଲ ଥିଲେ।

### ● ଦିବ୍ୟାଙ୍ଗ ଚାଷୀଙ୍କଠାରୁ ଧାନ କାଟିବା ଘଟଣା

## ତଦନ୍ତ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ

ମହାକାଳପଡ଼ା,୧୪।୩(ସମିସ): ଅଳାଇଲୋ ସେବା ସମବାୟ ସମିତି ଲିମିଟେଡ୍, ରାଜଗଡ଼କୁ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ବାଙ୍କିଛଦା ଗ୍ରାମର ୮୦ ପ୍ରତିଶତ ଦିବ୍ୟାଙ୍ଗ ଚାଷୀ ଚନ୍ଦନ ପାଇଟାଳ ତାଙ୍କ ଧାନ ବିକ୍ରି କରିବା ପାଇଁ ନେଇଥିଲେ। ତାଙ୍କ ଧାନ ଉଠାଇବାରେ ଅହେତୁକ ବିଳମ୍ବ କରିଥିଲେ କର୍ମଚାରୀ। ଏ ନେଇ ଜଣେ ସଚେତନ ନାଗରିକ ଘଟଣାକୁ ଭିଡିଓ କରିବାରୁ ଚନ୍ଦନଙ୍କ ଧାନ ଓଜନ କରାଯାଇଥିଲା। କ୍ୱିଣ୍ଟାଲ ପିଛା ୫ କିଗ୍ରା ହିସାବରେ ଚନ୍ଦନଙ୍କ ୨୫ ବସ୍ତା ଧାନର ୧୧.୭୮ କ୍ୱିଣ୍ଟାଲ ଧାନରୁ ୫୮ କିଲୋ ଧାନ କଟ୍‌ନି ଆକାରରେ କଟାଯାଇ ତାଙ୍କୁ ଅବଶିଷ୍ଟ ୧୧.୨୦ କ୍ୱିଣ୍ଟାଲ ଧାନର ଚିଠା ଦିଆଯାଇଥିଲା ବୋଲି ସେ ଅଭିଯୋଗ କରିଥିଲେ। କେବଳ ସେତିକି ନୁହେଁ ତାଙ୍କୁ ଧାନ ଭରିବା ପାଇଁ ଝୋଟ ଅଖା ମଧ୍ୟ ଯୋଗାଇ ଦିଆ ନ ଯିବାରୁ ସେ ବଜାରରୁ ୩୧ ଟଙ୍କା ହିସାବରେ ୨୫ଟି ଅଖାକୁ ୭୭୫ ଟଙ୍କା ଦେଇ କିଣି ଖର୍ଚ୍ଚାନ୍ତ ହୋଇଥିଲେ। ସମିତିରେ ଧାନ ବିକ୍ରି କରିବା ପରେ ମଧ୍ୟ ମିଲରଙ୍କ ଗାଡିରେ ଧାନ ଲୋଡ୍ ପାଇଁ ବସ୍ତା ପିଛା ଦୁଇଟଙ୍କା ଲେଖାଏଁ ମଧ୍ୟ ତାଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥିଲା। ଘଟଣା ଲୋକଲୋଚନକୁ ଆସିବା ପରେ ସମବାୟ ସମିତି ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜନସାଧାରଣ ଦାବି କରିଥିଲେ। ଏ ନେଇ ଅଭିଯୋଗ ପରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଅଭିଯୋଗ ପରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଉପବିଭାଗୀୟ ଅଧିକାରୀଙ୍କୁ ଅଧିକ ତଦନ୍ତ ସହ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେବେ ତଦନ୍ତ କରି ସମବାୟ ସମିତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ତାହା ଦେଖିବାକୁ ବାକି ରହିଲା।

## ଅଗ୍ନିବିପନ୍ନଙ୍କୁ ସହାୟତା

ଡେରାବିଶ,୧୪।୩(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ ଆଜି ଗରଦପୁର ବ୍ଲକ୍ ତେଣ୍ଡାକୁଡ଼ା ପଞ୍ଚାୟତ ବସନ୍ତପୁର ଗ୍ରାମର ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି। ବଦନୀଦେବୀ ଚାରିଟେବୁଲ ଟ୍ରଷ୍ଟ ପରିଚାଳିତ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ୍ ମନୋଜ ପ୍ରଧାନଙ୍କ ପକ୍ଷରୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଚିତ୍ତରଞ୍ଜନ ସାମଲ ଓ ବିଶ୍ୱଜିତ ଦାସ ବସନ୍ତପୁର ଗ୍ରାମର ବିପନ୍ନଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ବେତନ ବୃଦ୍ଧି ପାଇଁ ଓଡ଼ିଶା ଜୀବିକା ମିଶନ କର୍ମଚାରୀଙ୍କ ଦାବି

ମହାକାଳପଡ଼ା,୧୪।୩(ସମିସ): ମିଶନ ଶକ୍ତି ବିଭାଗ ଅନ୍ତର୍ଗତ ଓଡ଼ିଶା ଜୀବିକା ମିଶନ (ଓଏଲଏମ୍) ଅଧୀନରେ କାର୍ଯ୍ୟରତ ବ୍ଲକ୍ ମିଶନ ମ୍ୟାନେଜମେଣ୍ଟ ୟୁନିଟ୍ (ବିଏମଏମୟୁ) କର୍ମଚାରୀଙ୍କ ଦୀର୍ଘଦିନର ବେତନ ବୃଦ୍ଧି ଓ ସେବା ସୁବିଧା ସମ୍ପର୍କିତ ଦାବି ନେଇ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ (ଲୁଲୁଭାଇ) କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ପତ୍ର ପ୍ରେରଣ କରିଛନ୍ତି। ଏହି ପତ୍ର ଓଡ଼ିଶା ସରକାରଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ରାଜ୍ୟ ମିଶନ ନିର୍ଦ୍ଦେଶକଙ୍କ ସହ ମୁଖ୍ୟମନ୍ତ୍ରୀ, କେନ୍ଦ୍ରୀୟ ଗ୍ରାମୀଣ ବିକାଶ ମନ୍ତ୍ରୀ ଓ ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗ ଅଧ୍ୟକ୍ଷଙ୍କୁ ପ୍ରେରଣ କରାଯାଇଛି। ବିଏମଏମୟୁ କର୍ମଚାରୀ ବ୍ଲକ୍ ପ୍ରକଳ୍ପ ପ୍ରବନ୍ଧକ, ବ୍ଲକ୍ ଜୀବିକା ସମନ୍ୱୟକାରୀ, ସାମାଜିକ ବିକାଶ ସମନ୍ୱୟକାରୀ, ହିସାବରକ୍ଷକ ଇତ୍ୟାଦି ୨୦୧୪ରୁ ଉଭୟ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ଲକ୍ଷପତି ଦିଦି, ସୁଭଦ୍ରା ଯୋଜନା, ସ୍ୱୟଂସିଦ୍ଧା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଯୋଜନା, ଦୀନଦୟାଳ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଇତ୍ୟାଦିର କାର୍ଯ୍ୟାନ୍ୱୟନରେ ଅଗ୍ରଣୀ ଭୂମିକା ନେଇ ସରକାରଙ୍କ ସମସ୍ତ କାର୍ଯ୍ୟକୁ ସଫଳତାର ସହିତ କରିଆସୁଛନ୍ତି। କୋଭିଡ ମହାମାରୀ, ଘୂର୍ଣ୍ଣିଝଡ଼ ଓ ବନ୍ୟା ଭଳି ବିପର୍ଯ୍ୟୟ ସମୟରେ ମଧ୍ୟ ସେମାନେ ସମର୍ପିତ ଭାବେ ସେବା ପ୍ରଦାନ କରିଛନ୍ତି। ସେମାନଙ୍କର ସାମାନ୍ୟ ବେତନ ବୃଦ୍ଧି ହେଉଛି। ଏଥିସହିତ ମୋବାଇଲ୍ ଭତ୍ତା, ଗୋଷ୍ଠୀ ବୀମା, ସ୍ୱାସ୍ଥ୍ୟ ବୀମା ଭଳି ମୌଳିକ ସୁବିଧା ମଧ୍ୟ ଉପଲବ୍ଧ ନାହିଁ। ଚାକିରିର ନିୟମିତକରଣ ଓ ଉପଦେୟ ନୀତି ସମ୍ପର୍କରେ ମଧ୍ୟ ଏ ପର୍ଯ୍ୟନ୍ତ ସ୍ପଷ୍ଟତା ନାହିଁ। କେନ୍ଦ୍ରୀୟ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ୨୦୨୪ ଅକ୍ଟୋବର ୧୪ରେ ଜାରି ହୋଇଥିବା ଜାତୀୟ ଗ୍ରାମୀଣ ଜୀବିକା ମିଶନ ସଂଶୋଧିତ ମାନବ ସମ୍ପଦ ନିୟମାବଳୀ ଅନୁଯାୟୀ ବ୍ଲକ୍ ପ୍ରକଳ୍ପ ପ୍ରବନ୍ଧକଙ୍କ ପାରିଶ୍ରମିକ ୪୦,୦୦୦ ଟଙ୍କାରୁ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଥିବାବେଳେ ବ୍ଲକ୍‌ସ୍ତରୀୟ କର୍ମଚାରୀଙ୍କ ପାଇଁ ୩୫,୦୦୦ରୁ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ବେତନ ପ୍ରସ୍ତାବ ରହିଛି। ଓଡ଼ିଶାରେ ଏହାକୁ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ। ସ୍ୱାସ୍ଥ୍ୟ ବୀମା ଓ ବାର୍ଷିକ ୧୫ ପ୍ରତିଶତ ବେତନ ବୃଦ୍ଧି ପରି ସୁବିଧା ମଧ୍ୟ ଏହି ନିୟମାବଳୀରେ ଉଲ୍ଲେଖ ଥିବା ସତ୍ତ୍ୱେ ରାଜ୍ୟରେ ଲାଗୁ ହୋଇନାହିଁ। ଝାଡ଼ଖଣ୍ଡ, ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ଼, ରାଜସ୍ଥାନ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, ତାମିଲନାଡୁ ଓ ପଶ୍ଚିମବଙ୍ଗ ପରି ଅନେକ ରାଜ୍ୟରେ ଏହି ମାନଦଣ୍ଡ ଲାଗୁ କରାଯାଇ କର୍ମଚାରୀଙ୍କୁ ସୁବିଧା ପ୍ରଦାନ କରାଯାଇଛି। ଫଳରେ କର୍ମଚାରୀଙ୍କ ମନୋବଳ ବୃଦ୍ଧି ପାଇବା ସହିତ କାର୍ଯ୍ୟ ପାରଦର୍ଶିତାରେ ମଧ୍ୟ ବୃଦ୍ଧି ଘଟିଛି। ଓଡ଼ିଶାରେ ମଧ୍ୟ ଶୀଘ୍ର ଏହି ବ୍ୟବସ୍ଥାକୁ ଲାଗୁ କରି ଓଏଲଏମ୍ ଅଧୀନରେ କାର୍ଯ୍ୟରତ ବିଏମଏମୟୁ କର୍ମଚାରୀଙ୍କୁ ଯଥୋଚିତ ବେତନ ଓ ସେବା ସୁବିଧା ପ୍ରଦାନ କରିବାକୁ ଶ୍ରୀ ପ୍ରଶାନ୍ତ ସ୍ୱାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

### ନିଘୋଡ଼ ନିଦ୍ରାରେ ପ୍ରଶାସନ

# ଆଳି ବ୍ଲକ୍‌ରେ ଆବାସ ଅର୍ଥ ବାଟବଣା ଅଭିଯୋଗ

ଆଳି,୧୪।୩(ସମିସ): କଳସପୁର ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇଥିବା ରୁନାରାଣୀ ମଲିକଙ୍କୁ ୨୦୨୧-୨୨ ଆର୍ଥିକ ବର୍ଷରେ କାର୍ଯ୍ୟାଦେଶ ମିଳିଥିଲା। ଗୃହ ନିର୍ମାଣ ଆରମ୍ଭ ହେବା ପରେ ବ୍ଲକ ଅଫିସରଙ୍କ ପକ୍ଷରୁ ଫଟୋ ମଧ୍ୟ ଉଠାଯାଇଥିଲା। ସେ ନିଜର ପ୍ରଥମ କିସ୍ତି ଅର୍ଥ ନ ପାଇବାରୁ ବ୍ଲକ କାର୍ଯ୍ୟାଳୟ ଯାଇ ଖୋଳତାଡ଼ କରି ଦେଖନ୍ତି ତ ସେହି କଳସପୁର ପଞ୍ଚାୟତର ଜେନାଭଳି ଗ୍ରାମର ବୃନ୍ଦାବନ ଦାସଙ୍କ ପତ୍ନୀ ରୁନାରାଣୀ ଦାସଙ୍କ ଆକାଉଣ୍ଟକୁ ପ୍ରଥମ କିସ୍ତି ଟଙ୍କା ଯାଇଛି। ସେହିଭଳି ଛାତ ସେଣ୍ଟ୍ରିଂ କାର୍ଯ୍ୟ ଶେଷ ହେବା ପରେ ପୁଣି ୬୫ ହଜାର ଟଙ୍କା ରୁନାରାଣୀ ଦାସଙ୍କ ଆକାଉଣ୍ଟକୁ ଯାଇଥିଲା। ଏ ନେଇ ଯୋଗ୍ୟ ହିତାଧିକାରୀ ରୁନାରାଣୀ ମଲିକ ତତ୍କାଳୀନ ଆଳି ବିଡିଓ ମିନତି ଜଗଦେବଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଟଙ୍କା ଫେରାଇ ଆଣିବାକୁ ୨୦୨୪ ଅଗଷ୍ଟ ୨୮ ତାରିଖରେ ବିଡିଓ ଶ୍ରୀମତୀ ଜଗଦେବ ଆଳି ଥାନାରେ ଏକ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ତତ୍କାଳୀନ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ମାମଲା ରୁଜୁ କରି ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ମାତ୍ର ଅଭିଯୋଗକୁ ୧୯ ମାସ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ହିତାଧିକାରୀ ରୁନାରାଣୀ ମଲିକ ଦ୍ୱିତୀୟ କିସ୍ତି ଟଙ୍କା ପାଇଁ ବ୍ଲକ ଅଫିସ ଦୌଡ଼ି ଦୌଡ଼ି ନୟାନ୍ତ ହୋଇପଡ଼ିଥିଲେ ସୁଦ୍ଧା ବ୍ଲକ ପ୍ରଶାସନ ଚୁପ ରହିବା ସହିତ ଅଣଦେଖା କରୁଛନ୍ତି। ଘଟଣା ସମ୍ବନ୍ଧରେ ବର୍ତ୍ତମାନର ବିଡିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଯେଉଁ ଆକାଉଣ୍ଟକୁ ଅର୍ଥ ଯାଇଥିଲା ଥାନାରେ କେଶ ହୋଇ ଉକ୍ତ ଆକାଉଣ୍ଟ ବ୍ଲକ କରାଯାଇଛି। ଖୁବଶୀଘ୍ର ତଦନ୍ତ କରାଯାଇ ଯୋଗ୍ୟ ଆବାସ ହିତାଧିକାରୀଙ୍କୁ ଅବଶିଷ୍ଟ ଅର୍ଥରାଶି ପ୍ରଦାନ କରାଯିବ।



# ଫଳକ ଅନୁସାରେ କାମ ନ କରି ହରଡ଼ଘଣାରେ ଯନ୍ତ୍ରୀ

ରାଜକନିକା,୧୪।୩(ସମିସ): ରାଜକନିକା ବ୍ଲକ ଦେଉଳତରା ପଞ୍ଚାୟତ ମୁରାଦପୁର ଗାଁ ରାସ୍ତା ଫଳକ ଅନୁସାରେ ନିର୍ମାଣ ନ ହୋଇ ଚୋରି ହୋଇଯାଇଥିବା ନେଇ ଚର୍ଚ୍ଚା ହେଉଛି। ଓଡ଼ିଶା ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଅନ୍ତର୍ଗତ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ମୁରାଦପୁର ଗାଁ ହନୁମାନ ମନ୍ଦିରଠାରୁ ଶିବ ମନ୍ଦିର ଯାଏ କଂକ୍ରିଟ ରାସ୍ତା ନିର୍ମାଣର ଫଳକ ଲାଗିଛି। ବିଭାଗୀୟ ଯନ୍ତ୍ରୀଙ୍କ ନାମରେ ଏହି ଢଳେଇ କାମ ହେଉଛି। ଏଥିରେ ବ୍ୟୟବରାଦ ରହିଛି ୩ ଲକ୍ଷ ୬୯ ହଜାର ୮୫୪ ଟଙ୍କା। ଏହି ରାସ୍ତା ଗ୍ରାମର ଏକ ପ୍ରମୁଖ ରାସ୍ତା ହୋଇଥିବାରୁ ଏହାର ପୁନରୁଦ୍ଧାର ହେବାର ଆବଶ୍ୟକତା ଥିଲା। ରାସ୍ତାର ଅବସ୍ଥା ବି ଶୋଚନୀୟ ହେଲାଣି। ଏହି ରାସ୍ତା ନିମନ୍ତେ ଆର୍ଥିକ ବରାଦ ଥିବା ସତ୍ତ୍ୱେ ଅନ୍ୟତ୍ର ରାସ୍ତା ହୋଇଥିବାରୁ ଏହା ଚୋରି ହୋଇଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ହେବା ପରେ ବିଭାଗୀୟ ଯନ୍ତ୍ରୀଙ୍କ ନିଦ ଭାଙ୍ଗିଯାଇଛି। ତ୍ରୁଟିପୂର୍ଣ୍ଣ ଭାବେ ହୋଇଥିବା କାମର ବିଲ୍ ଅଟକା ଯାଇଥିଲା। ହେଲେ ଏବେ ପୁଣି ତତ୍ପର ହୋଇ କନିଷ୍ଠ ଯନ୍ତ୍ରୀ ଯେନତେନ ପ୍ରକାର କାମ କରିବାକୁ ସରପଞ୍ଚ, ପିଇଓଙ୍କୁ ରିପୋର୍ଟ ତଲବ କରିବା ପରେ ପୁଣି ନିର୍ଦ୍ଧାରିତ ସ୍ଥାନର ମାତ୍ର କେଇ ଫୁଟ ଢଳେଇ କାମ ଆଖି ପିଛୁଳାକେ ହୋଇଛି। ତାହା ପୁଣି ଅତି ନିମ୍ନମାନର ଧସା ବାଲି ଓ କମ୍ ସିମେଣ୍ଟ ଗୋଳେଇ ଏହି କାମ ହୋଇଥିବା ଅଭିଯୋଗ ହେଉଛି। ଏଥିପାଇଁ ବିଡିଓଙ୍କ ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି।

# ନିଖୋଜ ପୀତବାସଙ୍କ ମୃତଦେହ ଉଦ୍ଧାର

ପଟ୍ଟାମୁଣ୍ଡାଇ,୧୩।୩(ସମିସ): ଗତକାଲି ମଧ୍ୟାହ୍ନରେ ଶ୍ରୀରାମପୁର ନିକଟସ୍ଥ ବ୍ରାହ୍ମଣୀ ନଦୀରେ ବୁଡ଼ିଯାଉଥିବା ପୂଜା ମଲିକ ଓ ପରୀ ମଲିକଙ୍କୁ ଉଦ୍ଧାର କରିବାକୁ ଯାଉ ବୁଡ଼ିଯାଇଥିବା ସେହି ଗ୍ରାମର ପୀତବାସ ପରିଡ଼ାଙ୍କ ମୃତଦେହ ଆଜି ଉଦ୍ଧାର କରାଯାଇଛି। ୬୦ ବର୍ଷୀୟ ପୀତବାସ ଦୁଇ ନାବାଳିକାଙ୍କୁ କୂଳ ଠେଲିଦେଇ ନିଜେ ବୁଡ଼ିଯାଇଥିଲେ। ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ଓ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ପହଞ୍ଚି ନଦୀରେ ଖୋଜାଖୋଜି ଜାରି ରଖିଥିଲେ ହେଁ ସନ୍ଧ୍ୟା ପର୍ଯ୍ୟନ୍ତ ପୀତବାସଙ୍କ ପତ୍ତା ମିଳିପାରି ନ ଥିଲା। ଆଜି ମଧ୍ୟାହ୍ନରେ ପୀତବାସଙ୍କ ମୃତଦେହ ନଦୀରୁ ଉଦ୍ଧାର କରାଯାଇଥିଲା। ପୀତବାସଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ପୀତବାସଙ୍କ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ● ପୋଲ ଅପେକ୍ଷାରେ ଚାଷୀ

## କୁମ୍ଭୀର ଭୟରେ ଶହ ଶହ ଏକର ଚାଷଜମି ପଡ଼ିଆ

ପଟ୍ଟାମୁଣ୍ଡାଇ, ୧୪।୩(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ମାଳିପୁର, ଶାସନ, ଶ୍ରୀରାମପୁର ଓ ଉଦୟପୁର ଗ୍ରାମର ଶହ ଶହ ଚାଷୀ ପୋଲ ନ ଥିବାରୁ କୁମ୍ଭୀର ଭୟରେ ଚାଷ ଛାଡ଼ି ଜମି ପଡ଼ିଆ ପକାଇଲେଣି। ପଟ୍ଟାମୁଣ୍ଡାଇ-ରାଜନଗର ବ୍ରାହ୍ମଣୀ ବନ୍ୟାବନ୍ଧ ରାସ୍ତାର ଗୋଟିଏ ପାର୍ଶ୍ୱରେ ମାଳିପୁର, ଶାସନ ଗ୍ରାମ ଅବସ୍ଥିତ ଥିବାବେଳେ ବିପରୀତ ପାର୍ଶ୍ୱରେ ଧୋୟାଞ୍ଚଳରେ ଶ୍ରୀରାମପୁର ଓ ଉଦୟପୁର ଗ୍ରାମ ଅବସ୍ଥିତ। ଏହି ଚାରୋଟି ଗ୍ରାମର ପ୍ରତ୍ୟେକ ପରିବାର ଚାଷ ଉପରେ ନିର୍ଭରଶୀଳ। ବିଲକୁ ପାଣି ଯୋଗାଇବା ପାଇଁ ନଦୀବନ୍ଧ ପାଖେ ପାଖେ ଚାରିବର୍ଷ ତଳେ ବ୍ରାହ୍ମଣୀର ଏକ ଶାଖା ନାଳ ଖୋଳାଯାଇଥିଲା। ସେହି ନାଳ ହିଁ ଏବେ ଚାଷୀଙ୍କ ପାଇଁ ଆଶୀର୍ବାଦ ହେବା ପରିବର୍ତ୍ତେ ଅଭିଶାପ ପାଲଟିଛି। ନାଳ ଖୋଳା ହୋଇ ନ ଥିବାବେଳେ ଚାଷୀ ପାଣିରେ ପଶି ଯାଇ ଚାଷ କରୁଥିଲେ। ବିଗତ କିଛିବର୍ଷ ହେଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀ ନଦୀରେ ବିଭିନ୍ନ ଗ୍ରାମରେ କୁମ୍ଭୀର ଆତଙ୍କ ସୃଷ୍ଟି କରି ଜନଜୀବନ ହାନି କରୁଥିବାରୁ ଚାଷୀ ଖୋଳାଯାଇଥିବା ଗଭୀର ନାଳରେ ପଶି ପାରି ହେବାକୁ ଭୟ କରୁଛନ୍ତି। ଜୁଆର ସମୟରେ ପାଣିରେ ପଶି ଧାନ ଭାର ଓ ଚାଷ ଉତ୍ପାଦନ ସାମଗ୍ରୀ ଧରି ନାଳ ପାରି ହେବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡିଛି। ଅଧିକାଂଶ ଚାଷୀ ଚାଷ ଛାଡି ଦେଇଥିବାରୁ ଶହ ଶହ ଏକର ଚାଷ ଜମି ପଡ଼ିଆ ପଡ଼ିଛି। ପୋଲ ପାଇଁ ଅପେକ୍ଷା କରି ଶହ ଶହ ଚାଷୀ ଜୀବିକା ହରାଇ ହତାଶ ହୋଇପଡିଛନ୍ତି। କିଛିଦିନ ତଳେ ସରକାରଙ୍କ ପକ୍ଷରୁ ଏକ ପୋଲ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। କାମ ଆରମ୍ଭ ହେବାର କିଛିଦିନ ପରେ ଠିକାଦାର କାମ ଛାଡି ଚାଲିଯାଇଥିଲେ। ଯଦି ପୋଲ ପାଇଁ ଟେଣ୍ଡର ହୋଇଥିଲା ଓ କାର୍ଯ୍ୟ ଆରମ୍ଭ ହୋଇଥିଲା, ତେବେ ସେହି ପ୍ରକଳ୍ପ ଗଲା କୁଆଡେ ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି। ପ୍ରକଳ୍ପ ପାଇଁ ଆସିଥିବା ସରକାରୀ ଅନୁଦାନ ଅର୍ଥକୁ ହଡ଼ପ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଣୁ ଉକ୍ତ ପ୍ରକଳ୍ପର ଉଚ୍ଚସ୍ତରୀୟ ତଦନ୍ତ କରିବା ସହିତ ମାଳିପୁର ଗ୍ରାମର ପ୍ରସ୍ତାବିତ ସ୍ଥାନରେ ଏକ ପୋଲ ନିର୍ମାଣ ପାଇଁ ବ୍ୟବସ୍ଥା କରିବାକୁ ସତ୍ୟବାନ ମଲିକ, ଅର୍ଜୁନ ସାହୁ, ଅକ୍ଷୟ ମଲିକ, ତୀର୍ଥ ପରିଡା, ଗଣେଶ୍ୱର କୁଣ୍ଡ, ଉତ୍ତମ ଜେନା, ଦିଲ୍ଲୀପ ମଲିକ, ଆଶିଷ ମଲିକ, ରଶ୍ମିକାନ୍ତ କୁଣ୍ଡ, ବୈଜୟନ୍ତୀ କୁଣ୍ଡ ପ୍ରମୁଖ ସରକାରଙ୍କ ନିକଟରେ ଦାବି ରଖିଛନ୍ତି।

# ଅର୍ତ୍ତାମୂଳରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

ଡେରାବିଶ, ୧୪।୩(ସମିସ): ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତ୍ତାମୂଳ ଗ୍ରାମରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଏଲଡିଏମ୍ ରମାକାନ୍ତ ମାଝି, ଏଫଏଲସି ହରିନାଥ ପଣ୍ଡା ଓ ସିଏଫଏଲ ଶୁଭଲିକା ମହାନ୍ତି ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ବ୍ୟାଙ୍କରେ ଜମାଖାତା କିପରି ଖୋଲିବେ, ଜାମାଖାତା ଖୋଲି କିପରି ସେମାନଙ୍କ କଷ୍ଟାର୍ଜିତ ଟଙ୍କାକୁ କପିରି ସୁରକ୍ଷିତ ରଖିପାରିବେ, ସେ ସମ୍ପର୍କରେ ବୁଝାଇଥିଲେ। ଏଥିସହିତ ମହିଳା ଗୋଷ୍ଠୀ ବ୍ୟାଙ୍କରୁ କିପରି ଋଣ ଆଣି ସେମାନଙ୍କ କାର୍ଯ୍ୟରେ ଲଗାଇ ଆର୍ଥିକ ସଶକ୍ତୀକରଣ ହୋଇପାରିବେ, ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭାବେ ଗ୍ରାମାଞ୍ଚଳର ଜମାଖାତାଧାରୀ କିପରି ସାଇବର ଠକଙ୍କ କବଳରୁ ସେମାନଙ୍କ ଜମାପୁଞ୍ଜିକୁ ସୁରକ୍ଷିତ ରଖିପାରିବେ, ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏମ୍‌ବିକେ ତିଳୋତ୍ତମା ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗ୍ରାମର କୃଷ୍ଣଚନ୍ଦ୍ର ବଳଙ୍କ ସମେତ ବହୁ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ। ନିରୋଜନଳିନୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



# ପଟ୍ଟାମୁଣ୍ଡାଇରେ ରାଷ୍ଟ୍ରୀୟ ଲୋକ ଅଦାଲତ



ପଟ୍ଟାମୁଣ୍ଡାଇ,୧୪।୩(ସମିସ): ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ସିଭିଲ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାଜଜ ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟରେ ଆୟୋଜିତ ଅଦାଲତରେ ସିନିୟର ସିଭିଲ ଜଜ ଅପୂର୍ବା ଚୌଧୁରୀ, ଜେଏମଏଫସି ବିଦ୍ୟୁତଲତା ପ୍ରଧାନ ଯୋଗଦେଇ ଫୌଜଦାରୀ, ଚେକ ବାଉନ୍ସ, ଦେୱାନୀ ଜମି ଅଧିଗ୍ରହଣ ଆଦି ୭୫ଟି ବିଭିନ୍ନ ମାମଲା ଫଇସଲା କରି ୧୦ ଲକ୍ଷ ୯୦ ହଜାର, ଦୁର୍ଘଟଣା ମାମଲାରେ ୫ ଲକ୍ଷ ୫୦ ହଜାର ଆଦାୟ କରାଯାଇଥିଲା। ଅତିରିକ୍ତ ଜିଲ୍ଲାଜଜ ବିଦ୍ୟାଧର ପୃଷ୍ଟିଙ୍କ ସହିତ ଆଡଭୋକେଟ ମନୋଜ ନାୟକ, ସିନିୟର ସିଭିଲ ଜଜ ଅପୂର୍ବା ଚୌଧୁରୀଙ୍କ ସହିତ ଆଡଭୋକେଟ ପ୍ରଫୁଲ୍ଲ ଦାଶ, ଜେଏମଏଫସି ବିଦ୍ୟୁତଲତା ପ୍ରଧାନ, ଆଡଭୋକେଟ ବିଶ୍ୱନାଥ ରାଉତ ଓ ବେଞ୍ଚ ଆଡଭୋକେଟ ଭବାନୀ ପଣ୍ଡା, ସରକାରୀ ଆଡଭୋକେଟ ଧୀରେନ୍ଦ୍ର ସାହୁ, ସରକାରୀ ଆଡଭୋକେଟ ତଥା ଓକିଲ ସଂଘ ଉପସଭାପତି ସୁରେଶ ନରେନ୍ଦ୍ର, ହୃଦାନନ୍ଦ ମହାନ୍ତି, ସତ୍ୟନାରାୟଣ ନାୟକ, ବିଚିତ୍ର ସାହୁ, ଏଫ ଏମ ବେଗ, ଲିଗାଲ ଏଡ ରିଟେନର ଗୀତାଞ୍ଜଳି ପୃଷ୍ଟି ପ୍ରମୁଖ ଯୋଗଦେଇ ମାମଲା ଫଇସଲାରେ ସହଯୋଗ କରିଥିଲେ। ଏହି ଲୋକ ଅଦାଲତକୁ ଅପର୍ଣ୍ଣା ସାମଲ, ବକୁଳ ନାୟକ, ସୌମ୍ୟ ଶୁଭକାନ୍ତ ଷଢଙ୍ଗୀ, ନବେନ୍ଦୁ ତ୍ରିପାଠୀ, ଅକ୍ଷୟ ଲେଙ୍କା, ବିକ୍ରମ ସାମଲ, ଦେବାଶିଷ ମିଶ୍ର, ରାଜେନ୍ଦ୍ର ମୁର୍ମୁ ଓ ଚନ୍ଦ୍ରଶେଖର ଲେଙ୍କା ପରିଚାଳନା କରିଥିଲେ।

### ନିମ୍ନମାନର ବଳିଭଣ୍ଡା-ଉଜାଙ୍ଗ ରାସ୍ତା କାମ

# ମାସେ ପୂରିନି, ହାତ ମାରିଲେ ଉଠିଯାଉଛି ପିଚୁ

ରାଜକନିକା,୧୪।୩(ସମିସ)



ହେଁସ ମସିଣା ଗୁରେଇ ହେବା ସମସ୍ତେ ଦେଖିଛନ୍ତି। ହେଲେ ପିଚୁ ରାସ୍ତା ଗୁରେଇ ହେବା ବୋଧହୁଏ କେହି ଦେଖି ନ ଥିବେ। ଏଭଳି ରୋଚକ ଦୃଶ୍ୟ ରାଜକନିକା ବ୍ଲକ ବଳିଭଣ୍ଡା-ଉଜାଙ୍ଗ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କ୍ଷେତ୍ରରେ ଦେଖିବାକୁ ମିଳିଛି। ମାସକ ପୂର୍ବେ ୪.୨ କିମିର ପିଚୁ କାମ ସରିଯାଇଛି। ପିଚୁ କାମରେ ଅନିୟମିତତା ସେତେବେଳେ ବେଶ୍ ଚର୍ଚ୍ଚାର ପରିଧିକୁ ଆସିଥିଲା। ମାଟି ଉପରେ ପିଚୁ ଢଳାଯାଇଥିଲା। ଏହାସହିତ କେତେକ ସ୍ଥାନରେ ତଳେ ଡଷ୍ଟ ଗୋଡିକୁ ପାଣି ନ ପକାଇ କିମ୍ବା ରୋଲର୍ ନ ଚଳାଇ ତା' ଉପରେ ପିଚୁ ପକାଯାଇଥିଲା। ଏମିତିକି ରାତିରେ ପିଚୁ ପକାଯାଇ ଅତି ତରବରିଆ ଭାବେ କାମ ସାରି ଦିଆଯାଇଥିଲା। ଏବେ କିନ୍ତୁ ସବୁ ତ୍ରୁଟି ପଦାକୁ ଆସିଲାଣି। ଅତି ନିମ୍ନମାନର କାମ ହେବା ଦ୍ୱାରା ପିଚୁ ଏବେ ହାତରେ ଉଠିଯାଉଛି। ତାହା ପୁଣି ଗୁରେଇ ତୁରେଇ ହୋଇ ଆଗାମୀ ବର୍ଷା ଓ ବନ୍ୟାରେ କେମିତି ହେବ, ତାହା ଅନୁମେୟ। ଠିକାଦାର, ଯନ୍ତ୍ରୀଙ୍କ ସଲାସୁତ୍ରରାରେ ରାସ୍ତାକାମ ଏଭଳି ହୋଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ବିଭାଗୀୟ ଉଚ୍ଚ ଅଧିକାରୀ ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ହେଉଛି।

# ଜିଲ୍ଲାରେ ଗ୍ୟାସ୍ ସଙ୍କଟ; ଗୋଦାମରେ ଲମ୍ବା ଧାଡ଼ି

ଜଗତସିଂହପୁର,୧୪।୩(ସମିସ)



ଜଗତସିଂହପୁର ଜିଲ୍ଲାରେ ମଧ୍ୟ ରନ୍ଧନ ଗ୍ୟାସ ଆବଶ୍ୟକ ପରିମାଣରେ ମିଳୁ ନଥିବା କାରଣରୁ ଅନେକ ଘରେ ଚୁଲିରେ ରୋଷେଇ ଆରମ୍ଭ ହେଲାଣି। ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ୧୩ ତାରିଖରେ ଗ୍ୟାସ୍ ମିଳୁନଥିବା ପ୍ରଚାର ଏକ ଗୁଜବ ବୋଲି ଏକ ଜରୁରୀ ବୈଠକରେ ଘୋଷଣା କରାଯାଇଥିଲା। ଓଡ଼ିଶାରେ ଯଥେଷ୍ଟ ପରିମାଣରେ ରନ୍ଧନ ଗ୍ୟାସ ମହଜୁଦ ଥିବାରୁ ଏଥିପାଇଁ ବ୍ୟତିବ୍ୟସ୍ତ ନ ହେବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ହେଲେ ଆଜି ସକାଳ ଠାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଜଗତସିଂହପୁର ପୌରାଞ୍ଚଳରେ ଥିବା ଏକ ଗ୍ୟାସ ଗୋଦାମରେ ଶହ ଶହ ସଂଖ୍ୟାରେ ଗ୍ରାହକ ଭିଡ଼ ଜମାଇଥିବା ଦେଖାଯାଇଥିଲା। ଦୁଇଦିନ ବ୍ୟବଧାନରେ ଆସିଥିବା ଗ୍ୟାସ୍ ଗାଡିକୁ ଲୋକମାନେ ଘେରି ଯାଇଥିଲେ। ଘଣ୍ଟା ଘଣ୍ଟା ଧରି ଲୋକମାନେ ଖାଲି ସିଲିଣ୍ଡର ସହିତ ଧାଡ଼ିରେ ଠିଆ ହୋଇଥିଲେ। କିଛି ଲୋକ ମଧ୍ୟ ନିରାଶ ହୋଇ ଫେରିଥିବା ସୂଚନା ମିଳିଛି। ସେହିପରି ପ୍ରାୟ ସପ୍ତାହେ ଧରି ଗ୍ୟାସ ବୁକିଂ ସାଇଟ ବନ୍ଦ ଥିବାରୁ ଗ୍ରାହକ ମାନେ ଆଶା ଆଶଙ୍କା ମଧ୍ୟରେ ରହିଥିଲେ। ଏବେ ବୁକିଂ ସାଇଟ ଖୋଲିବା ପରେ କିଛିଟା ଆଶ୍ୱସ୍ତି ମିଳିଥିଲେ ମଧ୍ୟ ଯେତିକି ଗ୍ୟାସ ଜିଲ୍ଲାକୁ ଆସୁଛି ତାହା ଆବଶ୍ୟକତା ପୂରଣ କରିବା ସମ୍ଭବ ହେଉନାହିଁ ବୋଲି ସାଧାରଣରେ ଅଭିଯୋଗ କରାଯାଇଛି।

## ପାରାଦୀପରେ ଗ୍ୟାସ୍ କଳାବଜାର ବୃଦ୍ଧି

ପାରାଦୀପ, ୧୪।୩ (ସମିସ): ପଶ୍ଚିମ ଏସିଆରେ ଲାଗି ରହିଥିବା ଯୁଦ୍ଧର ପ୍ରଭାବ ସାରା ଦେଶ ଓ ରାଜ୍ୟରେ ପଡିଛି। ସେହିପରି ପାରାଦୀପ ଭଳି ଶିଳ୍ପ ସହରରେ ମଧ୍ୟ ଏହି ପ୍ରଭାବ ଦେଖିବାକୁ ମିଳିଛି। ପାରାଦୀପରେ ଗ୍ୟାସ୍‌ର କଳା ବଜାରୀ ବଢ଼ିବାରେ ଲାଗିଛି। ଯେହେତୁ ଏଠାରେ ବିଭିନ୍ନ ଶିଳ୍ପ କଳ କାରଖାନାରେ ହଜାର ହଜାର ଶ୍ରମିକ କର୍ମଚାରୀ କାମ କରୁଛନ୍ତି। ସେମାନେ ବିଭିନ୍ନ ଗେଷ୍ଟହାଉସ, ହଷ୍ଟେଲ, ମେସ୍ କରି ରହୁଛନ୍ତି। ସେମାନଙ୍କ ପାଇଁ ଏହି ରନ୍ଧନ ଗ୍ୟାସର ଆବଶ୍ୟକତା ରହିଛି। ଏବେ ରନ୍ଧନ ଗ୍ୟାସ୍ ଆବଶ୍ୟକ ଅନୁଶାରେ ମିଳୁ ନ ଥିବାରୁ ଗ୍ୟାସ୍ ଅଫିସ, ଗୋଦାମରେ ଭିଡ଼ ଦେଖିବାକୁ ମିଳିଛି। ଗାଡ଼ି ଆସିବାକୁ ନେଇ ଗ୍ୟାସ୍ ଗୋଦାମ ନିକଟରେ ଭିଡ଼ ମଧ୍ୟ ଜମିଛି। ଲୋକମାନେ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଛିଡ଼ା ହୋଇଥିବା ଦେଖାଯାଇଛି। ଗ୍ୟାସ ଗୋଦାମ ସମ୍ମୁଖରେ ଆଜି ସକାଳୁ ସକାଳୁ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଶତାଧିକ ଲୋକ ଗ୍ୟାସ ବୁକିଂ କରିଥିଲେ ମଧ୍ୟ ଗ୍ୟାସ ପାଇବାରୁ ବଞ୍ଚିତ ହୋଇଛନ୍ତି। ଯାହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ରନ୍ଧନ ଗ୍ୟାସ ଅଭାବରୁ ଖାଉଟି ହନ୍ତସନ୍ତ ହେଉଛନ୍ତି। ଗ୍ୟାସ୍ ବୁକିଂ କରିଥିବା ସତ୍ତ୍ୱେ ଗ୍ୟାସ୍ ନେବା ପାଇଁ ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନ ରେ ଛିଡା ହୋଇଛନ୍ତି। ତେବେ କେତେକ ସ୍ଥାନରେ କଳାବଜାରୀ ହେଉଥିବାର ମଧ୍ୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ଏନେଇ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ଜଗତସିଂହପୁର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଗ୍ୟାସ୍ କମ୍ପାନୀ ସହିତ ଆଲୋଚନା କରିବା ସହିତ ଗ୍ୟାସ କଳା ବଜାରୀ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରାଯାଇଛି। କଳା ବଜାରୀ ନ ହେବା ପାଇଁ ଜିଲାରେ ୧୧ଟି ଫ୍ଲାଇଂ ସ୍କ୍ୱାର୍ଡ ଗଠିତ କରାଯିବା ସହିତ କଳା ବଜାରୀ କଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ ବୋଲି ଜିଲ୍ଲାପାଳ କହିଛନ୍ତି। ଏହା ସହିତ ସାଧାରଣ ଲୋକ ମାନେ ଭୟଭୀତ ନହେବାକୁ ଲୋକଙ୍କୁ ଜିଲାପାଳଙ୍କ ଅପିଲ କରିଛନ୍ତି।

**ହୋଟେଲରେ ବିଧାୟକଙ୍କ ଭୋଜିଭାତ**

## ଗ୍ୟାସ୍ ନା କାଠଚୁଲାରେ ହେଲା ରୋଷେଇ ?

ପାରାଦୀପ : ଗ୍ୟାସ୍ ଅଭାବ କାରଣରୁ ପାରାଦୀପରେ ଅଧିକାଂଶ ହୋଟେଲ ବନ୍ଦ ହୋଇଗଲାଣି। ଏପରିକି ବଡ଼ ବଡ଼ ହୋଟେଲରେ ମଧ୍ୟ କଟକଣା ଲାଗୁ ହୋଇଛି। ତେବେ ଅଚାନକ ଶନିବାର ରାତିରେ ଦିଲ୍ଲୀପ ରାୟଙ୍କ ମେ'ଫେୟାର ହୋଟେଲରେ ବିଜେପି ବିଧାୟକଙ୍କ ମେଳି ବଢ଼ିବା ପରେ ଲୋକଙ୍କ ଭିତରେ ଉତ୍କଣ୍ଠା ବୃଦ୍ଧି ପାଇଛି। ରାତି ୧୨ଟା ସୁଦ୍ଧା ଶାସନ ଦଳର ବହୁ ବିଧାୟକ, ମନ୍ତ୍ରୀ ପାରାଦୀପରେ ପହଞ୍ଚିଥିଲେ। ରାଜ୍ୟସଭା ନିର୍ବାଚନ ପାଇଁ ଭୟଭୀତ ଥିବା ଶାସକ ଦଳ ନିଜର ସବୁ ବିଧାୟକଙ୍କୁ ପାରାଦୀପର ମେ' ଫେୟାର ହୋଟେଲରେ ମଉଜମସ୍ତି କରିବାକୁ ଆଣିଛି। ତେବେ ସେମାନଙ୍କ ପାଇଁ ଖାଦ୍ୟପେୟ ବ୍ୟବସ୍ଥା କରିବାକୁ ଗ୍ୟାସ୍ କେଉଁଠୁ ଆସିଲା ବୋଲି ଜନସାଧାରଣ ପ୍ରଶ୍ନ କରିଛନ୍ତି। ସାଧାରଣ ଲୋକ ଗ୍ୟାସ୍ ପାଇଁ ହନ୍ତସନ୍ତ ହେଉଥିବା ବେଳେ ବିଧାୟକମାନଙ୍କ ମଉଜମସ୍ତି ପାଇଁ ଏତେ ଗ୍ୟାସ୍ କେଉଁଠୁ ଆସିଲା। ସେମାନଙ୍କୁ ଗ୍ୟାସ୍‌ରେ ରୋଷେଇ କରି ଦିଆଗଲା ନା କାଠଚୁଲାରେ ବୋଲି ସାଧାରଣ ଲୋକ କୌତୁହଳରେ ପ୍ରଶ୍ନ କରିଛନ୍ତି।

## କୁଜଙ୍ଗ ଏନ୍ଏସି ପ୍ରସଙ୍ଗ; ବନ୍ଦ ସ୍ଥଗିତ

କୁଜଙ୍ଗ,୧୪।୩(ସମିସ): କୁଜଙ୍ଗକୁ ଏନଏସି ଦାବିକରି କୁଜଙ୍ଗ ସଚେତନତା ନାଗରିକ ମଞ୍ଚ ପକ୍ଷରୁ ଆସନ୍ତା ୧୭ ତାରିଖ ମଙ୍ଗଳବାର ଦିନକୁ ଘୋଷଣା କରାଯାଇଥିବା କୁଜଙ୍ଗ ବନ୍ଦ ପାଳନକୁ ସ୍ଥଗିତ କରାଯାଇଛି। ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ଜଗତସିଂହପୁର ଜିଲ୍ଲା ପ୍ରଶାସନ ସମସ୍ତ ଆନୁଷଙ୍ଗିକ କାଗଜପତ୍ର ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗକୁ ପଠାଇ ଦିଆଯାଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଫଳରେ ମଞ୍ଚ ପକ୍ଷରୁ ପୂର୍ବ ନିର୍ଦ୍ଧାରିତ ବନ୍ଦ ପାଳନକୁ ସ୍ଥଗିତ ରଖାଯାଇଛି। ଆସନ୍ତା ଏକ ସପ୍ତାହ ମଧ୍ୟରେ ମଞ୍ଚର ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ସାକ୍ଷାତ କରାଯାଇ ଏନ୍ଏସି ଦାବି ସମ୍ପର୍କରେ ଆଲୋଚନା କରିବେ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିବା ମଞ୍ଚର ଆବାହକ ରଘୁନାଥ ସାହୁ ସୂଚନା ପ୍ରଦାନ କରିଛନ୍ତି। ବୈଠକରେ ମଞ୍ଚର ଉପଦେଷ୍ଟା କବି ପୀତାମ୍ବର ତରାଇ ଓ ବାବୁରାମ ଚୌଧୁରୀ ସୂଚନା ପ୍ରଦାନ କରିଥିଲେ ଯେ ଗତ ୨୭ ତାରିଖରେ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ବିକ୍ଷୋଭ କରାଯାଇ ଦାବି ପ୍ରଦାନ କରାଯାଇଥିଲା। ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ କାଗଜପତ୍ର ସମ୍ପୃକ୍ତ ବିଭାଗକୁ ପଠାଇ ଦିଆଯାଇଥିବା ଜଣାପଡିବା ପରେ ମଞ୍ଚ ଆଶ୍ୱସ୍ତ ହୋଇଛି। ସୂଚନାଯୋଗ୍ୟ ୨୦୨୪ ମସିହା ମାର୍ଚ୍ଚ ମାସରେ ତତ୍କାଳୀନ ସରକାର କୁଜଙ୍ଗକୁ ଏନ୍ଏସି ଘୋଷଣା କରିଥିଲେ। ମାତ୍ର ଏବେର ସରକାର ଏହାକୁ ଅଣଦେଖା କରିଥିବାରୁ କୁଜଙ୍ଗବାସୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଜନସାଧାରଣ ସରକାରଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ନେଇ ଆନ୍ଦୋଳନ ଚଳାଇ ଆସୁଛନ୍ତି। ମଞ୍ଚ ପ୍ରତିନିଧି ମଣ୍ଡଳୀ ସରକାରଙ୍କ ସହିତ ଆଲୋଚନା କରିବା ପରେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ଆଜି ନିଷ୍ପତି ହୋଇଛି। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ କୁଳମଣୀ ସାମଲ, ରାମଦାସ ମହାନ୍ତି, ଦୁଷ୍ମନ୍ତ ମାଝୀ, ରଞ୍ଜିତ ବିଶ୍ୱାଳ, ରଶ୍ମିରଞ୍ଜନ ଦାଶ, ସୁଶାନ୍ତ କୁମାର ଦାସ, ବିବେକାନନ୍ଦ ଦାସ, ରଞ୍ଜିତ ପଣ୍ଡାଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗଦାନ କରିଥିଲେ।

## ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ

ପାରାଦୀପ,୧୪।୩(ସମିସ): ପାରାଦୀପ ଲକ୍ ଥାନା ଅଧୀନ ଫୁଲବେଲାରୀ ଗ୍ରାମର ବସନ୍ତ ପୃଷ୍ଟିଙ୍କ ପୁଅ ଶିଶିର ପୃଷ୍ଟି (୩୯) ଆଜି ସନ୍ଧ୍ୟାରେ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଯୁବକ ଜଣଙ୍କ ପାରାଦୀପରେ ଚଣ୍ଡିଖୋଲ-ପାରାଦୀପ ରାସ୍ତା ସମ୍ପ୍ରସାରଣ କାମ କରୁଥିବା ଏଆର୍ଏସ୍ଏସ୍ କମ୍ପାନୀରେ ସିକ୍ୟୁରିଟି ଭାବେ କାର୍ଯ୍ୟ କରୁଥିଲେ। ହଠାତ ନିଃଶ୍ୱାସ ପ୍ରଶ୍ୱାସରେ ଅସୁବିଧା ହେବାରୁ ତାଙ୍କୁ ସ୍ଥାନୀୟ ଅଠରବାଙ୍କୀ ମେଡିକାଲ ନିଆଯାଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବକୁ ପୋର୍ଟ ମେଡିକାଲ ସିଜରରେ ରଖାଯାଇଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

**■ ଜଳ ନିଷ୍କାସନ ସମସ୍ୟା**

## ଏନ୍ଏଚ୍ଏଆଇକୁ ଚିଠି ଲେଖିଲେ ସରପଞ୍ଚ

ବାଲିକୁଦା,୧୪।୩(ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ଅଳାଭର ପଞ୍ଚାୟତର ଅନେକ ଗ୍ରାମର ଚାଷ ଜମି ମଧ୍ୟ ଦେଇ ବହୁ ପ୍ରତିକ୍ଷିତ ଜାତୀୟ ରାଜପଥ ୫୫ ବହୁ ବିଳମ୍ବରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପଞ୍ଚାୟତର କଣିଆ, ଅଳାଭର, ରଣପୁର, ଅଲିକଣା, ମଝିଖୋରା ଆଦି ରାଜସ୍ୱ ଗ୍ରାମର କୃଷି କ୍ଷେତ୍ରରୁ ଜାତୀୟ ରାଜପଥ ନିର୍ମାଣ ପରେ ବର୍ଷା ଦିନରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହେବା ସହ ହେକ୍ଟର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇ ଚାଷୀଙ୍କ ଫସଲ ଉଜୁଡିଯିବା ଆଶଙ୍କା କରି ଏହି ଗ୍ରାମର ସମସ୍ତ ଗ୍ରାମବାସୀ ସରପଞ୍ଚଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ସରପଞ୍ଚ ମଧୁଛନ୍ଦା ସ୍ୱାଇଁ ଏହି ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ଜାତୀୟ ରାଜପଥ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଏକ ଚିଠି ଲେଖିଛନ୍ତି। ଜାତୀୟ ରାଜପଥ ନିର୍ମାଣ ସମୟରେ ବିଭାଗ ପକ୍ଷରୁ ସି ଏଚ୍ ୩୨୧/୬୦୫ରେ ଯେଉଁ ଜଳ ନିଷ୍କାସନ ପାଇଁ ଶୋଠ ବସାଇବାର ପ୍ରସ୍ତାବ ରହିଛି ସେଥିରେ ଜଳ ନିଷ୍କାସନ ହୋଇପାରିବ ନାହିଁ। ଏଣୁ ବିଭାଗ ପକ୍ଷରୁ ସିଏଚ୍ ୩୨୧/୫୮୦ରେ ଶୋଠ ନିର୍ମାଣ କଲେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ। ଜାତୀୟ ରାଜପଥ ନିର୍ମାଣକୁ ସମସ୍ତ ପଞ୍ଚାୟତବାସୀ ଖୁସିର ସହ ସ୍ୱାଗତ କରିଥିବା ବେଳେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ସେମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରବା ସହ ଜାତୀୟ ରାଜପଥ ନିର୍ମାଣ ରାସ୍ତା ଠାରୁ ଅଳାଭର ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଜାତୀୟ ରାଜପଥ ସଂଯୋଗ, ଥାଇଳ ଠାରେ ଜାତୀୟ ରାଜପଥ ନିର୍ମାଣ ସ୍ଥାନରେ ଭିୟୁପି ନିର୍ମାଣ ପାଇଁ ଦାବି କରିଛନ୍ତି। ଏହି ସମସ୍ୟାର ସମାଧାନ ହେଲେ ସମସ୍ତ ପଞ୍ଚାୟତବାସୀ ଉପକୃତ ହେବେ ବୋଲି ସରପଞ୍ଚ ଆଶା କରିଛନ୍ତି।

**ପ୍ରଦୂଷଣ ବଢ଼ାଉଛି ଜିପ୍‌ସମ୍**

## ରାସ୍ତାରେ ଉଡ଼ି ଲୋକଙ୍କୁ କରୁଛି କଲବଲ

ପାରାଦୀପ,୧୪।୩(ସମିସ): ରାସ୍ତାରେ ଉଡୁଛି ଜିପ୍‌ସମ୍। ରାସ୍ତା କାମରେ ବ୍ୟବହୃତ ଜିପସମ୍ ଏବେ ପାରାଦୀପ ବାସୀଙ୍କ ପାଇଁ କାଳ ପାଲଟିଛି। ଏହି ଗୁଣ୍ଡ ଉଡ଼ିବା ଦ୍ୱାରା ସାଧାରଣ ଜନତା ଅସ୍ତବ୍ୟସ୍ତ ହୋଇ ପଡିଲେଣି। ପାରାଦୀପ-ଚଣ୍ଡିଖୋଲ ୫୩ ନମ୍ବର ଜାତୀୟ ରାଜପଥ ନିର୍ମାଣରେ ବହୁଳ ପରିମାଣରେ ବ୍ୟବହୃତ ଜିପସମକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ଚିନ୍ତା ବଢିଯାଇଛି। ଯିଏ ପାରାଦୀପରୁ ଚଣ୍ଡିଖୋଲ ରାସ୍ତାରେ ଯାଇଛି ସେ ଜାଣିଛି ଜିପ୍‌ସମ୍ କିଭଳି କଲବଲ କରୁଛି। ଜିପସମ ରାସ୍ତାରେ ଉଡିବା ଦ୍ୱାରା ରାସ୍ତା ଦେଖାଯାଉନାହିଁ। ଆଖି, କାନ ଓ ନାକ ଭିତରେ ଏହି ଜିପସମ୍ ଗୁଣ୍ଡ ପଶି ଶରୀରରେ ରୋଗ ସୃଷ୍ଟି କରିବା ଏକ ପ୍ରକାର ନିଶ୍ଚିତ।

ଏହା ବ୍ୟତୀତ ପାଖ ନଦୀ, ନାଳ ଓ ପୋଖରୀରେ ମାଛ ମଡ଼କ ମଧ୍ୟ ଦେଖାଦେଲାଣି। କାର୍ଯ୍ୟ ଚାଲିଥିବା ବେଳେ ନା କୌଣସି ପାଣି ବ୍ୟବହାର କରାଯାଉଛି ନା ଜିପସମ୍ ନ ଉଡ଼ିବା ପାଇଁ କୌଣସି ପଦକ୍ଷେପ ନିଆଯାଉଛି। କେତେକ ଜାଗାରେ ଜିପସମ୍ ବ୍ୟବହାର ନିୟମକୁ ଉଲ୍ଲଙ୍ଘନ କରାଯାଉଥିବା ଅଭିଯୋଗ ଉଠିଛି। ବିଶେଷ କରି ଯେଉଁସବୁ ଜାଗାରେ ଓଭରବ୍ରିଜ ନିର୍ମାଣ ଚାଲିଛି ସେଠାରେ ଟନ୍ ଟନ୍ ଜିପସମ୍ ପାହାଡ଼ ଭଳି ଠୁଳ କରାଯାଇଛି। ଯାହା ଖରାରେ ଟିକେ ହାଲକା ପବନ ଦେଲେ ଉଡ଼ି ଯାତାୟାତ କରୁଥିବା ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଯାହା ଫଳରେ ସେଠାରେ ପ୍ରଦୂଷଣ ମାତ୍ରା ବଢ଼ି ବଢ଼ି ଚାଲିଛି। ଏବେ ପାରାଦୀପ-ଚଣ୍ଡିଖୋଲ ରାସ୍ତାର ୮ ଲେନ୍ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ ପାରାଦୀପ ଅଠରବାଙ୍କୀ ନିକଟରୁ ହିଁ ଆରମ୍ଭ ହୋଇ ଆସୁଛି। କାମ ଆରମ୍ଭ ହେବା ଦିନ ଠାରୁ ହିଁ ଏହି ଜିପସମ୍ ବ୍ୟବହାରକୁ ନେଇ 'ସକାଳ'ରେ ବାରମ୍ବାର ଖବର ପ୍ରସାରଣ ହେବା ପରେ ମଧ୍ୟ ପ୍ରଶାସନ ହେଉ କିମ୍ବା କାମ ନେଇଥିବା କମ୍ପାନୀ କର୍ତ୍ତୃପକ୍ଷ କୌଣସି ନିୟମ ନ ମାନି ଖୁଲମ ଖୋଲା ଦିନ ରାତି କାମ କରିଚାଲିଛନ୍ତି। ରାତିଦିନ ଲାଗି ଗୋଟିଏ ସ୍ଥାନରେ ଶହ ଶହ ଟ୍ରିପ ଜିପସମ୍ ପାହାଡ଼ ଭଳି ଗଦା କରି ସେଠାରୁ ପୁଣି ଗାଡ଼ି ଯୋଗେ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ତେବେ ଏହି ଲୋଡ୍ ଅନଲୋଡିଂ ବେଳେ ମଧ୍ୟ ଜିପସମ୍ ଗୁଣ୍ଡ ରାସ୍ତା ସାରା ଉଡୁଛି। ଯାହା ଯାତାୟାତରେ ଘୋର ସମସ୍ୟା ସୃଷ୍ଟି କରୁଛି।

ଏହି କାର୍ଯ୍ୟ ଚାଲିବା ଯାହା ନିୟମକୁ ଉଲ୍ଲଙ୍ଘନ କରୁଥିବା କୁହାଯାଉଛି। ଡାକ୍ତରଙ୍କ କହିବା ଅନୁଯାୟୀ ନିଃଶ୍ୱାସ ପ୍ରଶ୍ୱାସରେ ସିଧା ସିଧା ଜିପସମ୍ ଗଲେ ଶ୍ୱାସ ସମସ୍ୟା ସହିତ ଚର୍ମ ଓ ଆଖିରୋଗ ଖୁବ ଶୀଘ୍ର ବାହାରିଯାଇଥାଏ। ତେବେ ଏଠାରେ ପ୍ରଶ୍ନ ଉଠୁଛି ପାରାଦୀପରେ ପ୍ରଦୂଷଣ ବିଭାଗ ଥାଇ ମଧ୍ୟ ଯଦି ଏଭଳି ନିୟମ ବାହାରର କାର୍ଯ୍ୟ କରାଯାଉଛି, ତେବେ ବିଭାଗ କରୁଛି କ'ଣ। ପ୍ରଦୂଷଣ ବିଭାଗର ଅଧିକାରୀ ମାନେ ଦେଖି ନ ଦେଖିଲା ଭଳି ସେହି ପଟେ ଯାତାୟାତ କରୁଛନ୍ତି; ହେଲେ କୌଣସି ପଦକ୍ଷେପ ନେଉ ନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

## ମହୁ ଉତ୍ପାଦନ ସମ୍ପର୍କୀତ ତାଲିମ ଶିବିର



ଜଗତସିଂହପୁର,୧୪।୩(ସମିସ): ସର୍ବଭାରତୀୟ ସଂଯୋଜିତ ମହୁମାଛି ଓ ପରାଗ ସଂଗମକାରି କୀଟ ପ୍ରକଳ୍ପ, ଓୟୁଏଟି ଏବଂ କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁରର ମିଳିତ ପ୍ରୟାସରେ ଦୁଇଦିନିଆ ଫେଣା ମହୁର ଉତ୍ପାଦନ କୌଶଳ ଏବଂ ଚାଷୀ ମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଏକ ତାଲିମ ଶିବିର କୃଷି ବିଜ୍ଞାନ କେନ୍ଦ୍ର, ପରିସରରେରେ ମାର୍ଚ୍ଚ ୧୨ ଓ ୧୩ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତସିଂହପୁର ଜିଲ୍ଲାର ୨୦ ଜଣ ଅଗ୍ରଣୀ ମହୁ ଚାଷୀ ଅଂଶଗ୍ରହଣ କରିଥିଲେ। 'ଫେଣା ମହୁ ପ୍ରକଳ୍ପ' ଦ୍ୱାରା ଆୟୋଜିତ ଏହି ତାଲିମ କାର୍ଯ୍ୟରେ ଶୁଦ୍ଧ ମହୁର ଗୁଣବତ୍ତା ଯଥା -ଏହାର ଔଷଧୀୟ ଗୁଣ, ଉତ୍ତମ ପ୍ୟାକେଜିଂ ଓ ବଜାର ଚାହିଦା ସମ୍ବନ୍ଧରେ ପୂର୍ବତନ ଏମେରିଟସ୍ ବୈଜ୍ଞାନିକ ଡ. ସିଆର୍ ଶତପଥୀ ଆଲୋକପାତ କରିଥିଲେ। ଫେଣା ମହୁର ଜାତୀୟ ଓ ଆନ୍ତର୍ଜାତୀୟ ବଜାରରେ ଅଧିକ ଚାହିଦା ଥିବାରୁ ଚାଷୀମାନଙ୍କ ଆର୍ଥିକ ବୃଦ୍ଧି ପାଇଁ ଏହାର ବୈଜ୍ଞାନିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଜୀବନଜିତ୍ ସେନ୍ ଚାଷୀ ଓ ଲୋକଙ୍କ ମଧ୍ୟରେ ଫେଣା ମହୁର ପ୍ରସାର, ଆଦୃତ ବୃଦ୍ଧି ଓ ଆୟ ବୃଦ୍ଧି ନିମନ୍ତେ ଆହ୍ୱାନ କରିଥିଲେ। ପ୍ରକଳ୍ପର ମୁଖ୍ୟ ଗବେଷିକା ଡ. ପ୍ରଭାସିନୀ ବେହେରା ସ୍ୱାଗତ ଭାଷଣ ଦେବା ସହିତ ଏହାର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଧାରଣା ଦେଇଥିଲେ। ପ୍ରକଳ୍ପର ବୈଜ୍ଞାନିକ ଡ. ଉତ୍ତମ କୁମାର ବେହେରା ଫେଣା ମହୁର ପରିଚାଳନା ବିଷୟରେ ବୈଜ୍ଞାନିକ ବକ୍ତବ୍ୟ ଦେଇଥିଲେ। ପରିଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦେବାଶିଷ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ତାଲିମ ଶିବିର ପରିଚାଳନାରେ ମହୁମାଛି ବୈଷୟିକ ସହାୟକ ଯୁଧିଷ୍ଠିର ସ୍ୱାଇଁ ଓ ପୀତବାସ ଗଡ଼ଡ଼ ପ୍ରମୁଖ ସହଯୋଗ କରିଥିଲେ।

## ସଚ୍ଚିଦାନନ୍ଦ ପତିଙ୍କ ପରଲୋକ

ଏରସମା,୧୪।୩(ସମିସ): ଏରସମା ବ୍ଲକ ଅଧୀନ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ନଇଗୁଆଁ ଗ୍ରାମର ସଚ୍ଚିଦାନନ୍ଦ ପତି (ଶରତ ଭାଇନା)



ଙ୍କ ଅକାଳ ବିୟୋଗରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଧର୍ମ ପରାୟଣ ସହିତ ପରୋପକାରୀ ମଣିଷ ଥିଲେ। ତାଙ୍କର ଶେଷ ସମୟରେ ନିକଟରେ ଧର୍ମପତ୍ନୀ, ଝିଅ ଜ୍ୱାଇଁ, ପୁତୁରା ପୁତୁରା ବୋହୂ, ଶଳା, ଶଢୁ ଓ ଆତ୍ମୀୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

## ତିନି ମାସ ଧରି ଏଟିଏମ୍ ଅଚଳ




ଜଗତସିଂହପୁର,୧୪।୩(ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ କାଦୁଅପଡା ପଞ୍ଚାୟତର ମୁଖ୍ୟ ବଜାର ଡିଅସାହି ବଜାରରେ ଥିବା ଏକମାତ୍ର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଏଟିଏମ୍ ଦୀର୍ଘ ତିନି ମାସ ଧରି ଅଚଳ ହୋଇପଡିଛି। ଏହି ଏଟିଏମ୍ ଉପରେ ଆଖପାଖ ଅଞ୍ଚଳର ପାଖାପାଖି କୋଡିଏରୁ ଅଧିକ ଗ୍ରାମର ହଜାର ହଜାର ଲୋକ ନିର୍ଭରଶୀଳ ହେଉଥିବା ବେଳେ ଦୀର୍ଘ ଦିନ ଧରି ଏହି ଏଟିଏମ୍ ଅଚଳ ହୋଇପଡ଼ିବାରୁ ଜନସାଧାରଣ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବୃଦ୍ଧ, ମହିଳା ଓ ଛାତ୍ରଛାତ୍ରୀମାନେ ଘୋର ଅସୁବିଧାର ସାମ୍ନା କରୁଛନ୍ତି। ଏ ସଂକ୍ରାନ୍ତରେ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ତେଣୁ ଜନସାଧାରଣଙ୍କ ସୁବିଧା ପାଇଁ ଏହାକୁ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଆଇନଜୀବୀ ନରେଶ ଦାସଙ୍କ ସମେତ ବହୁ ସଚେତନ ନାଗରିକ ଅନୁରୋଧ କରିଛନ୍ତି।

## ବିବାହିତା ମହିଳାଙ୍କ ଆତ୍ମହତ୍ୟା

ପାରାଦୀପ,୧୪।୩(ସମିସ): ପାରାଦୀପ ଲକ୍‌ଥାନା ଅଧୀନ କତକୁଲା ଗ୍ରାମରେ ଜଣେ ବିବାହିତା ମହିଳା ଘରେ କେହି ନଥିବା ବେଳେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। କତକୁଲା ଗ୍ରାମର କ୍ଷେତ୍ରବାସୀ ସ୍ୱାଇଁଙ୍କ ବୋହୂ ପିଙ୍କି ରାଉତ (୨୮) ଆଜି ସକାଳୁ ସକାଳୁ ଘରେ ବେକରେ ରଶି ଲଗାଇଦେଇଥିଲେ। ତାଙ୍କ ସ୍ୱାମୀ ସୁରେଶ ସ୍ୱାଇଁ ଇଲେକ୍ଟ୍ରିକ ଅଫିସରେ ଡିୟୁଟି କରିବା ପାଇଁ ରାତିରେ ଯାଇଥିଲେ। ଘରେ ଏକମାତ୍ର ଝିଅ ଶୋଇଥିବା ବେଳେ ଭିତର ପଟୁ ପିଙ୍କି କବାଟ ଦେଇ ଫ୍ୟାନରେ ଝୁଲି ପଡ଼ିଥିଲେ। ପଡ଼ିଶା ଘର ଲୋକେ କବାଟ ବାଡ଼େଇବାରୁ ଝିଅ ନିଦରୁ ଉଠି କବାଟ ଖୋଲି ଦେଖିବା ବେଳେ ପିଙ୍କି ବେକରେ ରଶି ଲଗାଇଦେଇଥିଲେ। ତେବେ ଏ ସମ୍ପର୍କରେ ପଡ଼ୋଶୀ ଲୋକେ ସଙ୍ଗେ ପିଙ୍କିଙ୍କ ସ୍ୱାମୀଙ୍କୁ ଜଣାଇବା ସହିତ ଲକ୍‌ଥାନାକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କୁଜଙ୍ଗ ପଠାଇଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସବୁ ଜଣାପଡିବ ବୋଲି ପୁଲିସ ସୂଚନା ଦେଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଦେହ ଅସୁସ୍ଥ ଥିବା ନେଇ ମହିଳାଙ୍କ ମୃତ ହୋଇଥିବା ନେଇ ମହିଳାଙ୍କ ବାପା ଘର ପକ୍ଷରୁ ଅଭିଯୋଗ କରାଯାଇଛି।

**ଜଗତସିଂହପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ**

## ୧୩୮୧ ମାମଲା ଫଇସଲା; ୪.୧୩ କୋଟି ଟଙ୍କା ଆଦାୟ

ଜଗତସିଂହପୁର,୧୪।୩(ସମିସ)



ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଚର୍ଚ୍ଚିକା ବଜାର ସ୍ଥିତ ଜିଲ୍ଲା ଅଦାଲତରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ତଥା ସଚିବ ବିଡିଡି ଚନ୍ଦନାଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜଙ୍କ ସହିତ ପରିବାର ଅଦାଲତ ଜଜ୍ ରଶ୍ମିତା ଦଳେଇ, ମୁଖ୍ୟବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନୀଳିମା ପଣ୍ଡା, ମହିଳା ଅଦାଲତ ବିଚାରପତି ସ୍ୱପ୍ନଶ୍ରୀ ନାୟକ, ସବ ଜଜ୍ ରାକେଶ କୁମାର ମୁଦୁଲି, ସବ ଜଜ୍ (ଏଲ୍ଆର) ଶର୍ମିଷ୍ଠା ଶୁଭଦର୍ଶିନୀ ମହାନ୍ତି, ମୁନଶିଫ ଅନନ୍ୟା ଦାସ, ଏସ୍‌ଡିଜେଏମ୍ ପ୍ରତ୍ୟୁଷ କୁମାର ଚାନ୍ଦ, ଜେଏମ୍ଏଫସି ଅଙ୍କିତ ଦେୱାଙ୍ଗନ ପ୍ରମୁଖ ଯୋଗଦେଇ ମାମଲା ଗୁଡିକର ପରିଚାଳନା କରିଥିଲେ। ସେହିପରି କୁଜଙ୍ଗ, ତିର୍ତ୍ତୋଲ ଓ ଏରସମା ତାଲୁକ ଆଇନ ସେବା କମିଟି ପକ୍ଷରୁ ଅତିରିକ୍ତ ଜିଲ୍ଲା ଜଜ୍ ଦୀପ୍ତି ପ୍ରକାଶ ବ୍ରହ୍ମା, ସବଜଜ୍ ଅବକାଶ ଚୌଧୁରୀ, ଜେଏମଏଫସି ପାରସ ପାଢୀ, ରାଜେଶ ମିଶ୍ର, ସସ୍ମିତା ସେଠୀ ଓ ରୋଶ୍ନିବାଲା ସେନାପତିଙ୍କ ଅଧ୍ୟକ୍ଷତାରେ କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର ଓ ଏରସମା ଅଦାଲତରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଦୁର୍ଘଟଣା ଜନିତ ମକଦ୍ଦମାର ବିଚାର ପାଇଁ ଉଦ୍ଦିଷ୍ଟ ବେଞ୍ଚରେ ପବ୍ଲିକ୍ ପ୍ରୋସେକ୍ୟୁଟର ତପନ କୁମାର ପାଲ ଓ ଡ. ସିଦ୍ଧାର୍ଥ ଶଙ୍କର ମହାନ୍ତି ସଭ୍ୟ ଭାବେ ମକଦ୍ଦମା ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ, ସାଲିସ୍‌ଯୋଗ୍ୟ ଟ୍ରାଫିକ ଚାଲାଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବୈବାହିକ ବିବାଦ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ସହିତ ଜିଲ୍ଲାରେ ଥିବା ବ୍ୟାଙ୍କ ଋଣ ସମ୍ବନ୍ଧିୟ ପ୍ରାକ ମକଦ୍ଦମା ଆଦି ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଫଇସଲା ହୋଇଛି। ଜିଲ୍ଲାରୁ ମୋଟ ୧୮୮୫ ମାମଲାରୁ ୧୩୮୧ଟି ସଫଳତାର ସହ ଫଇସଲା ହେବା ସହିତ ୪ କୋଟି ୧୩ ଲକ୍ଷ ୫ ହଜାର ୮୯୩ ଟଙ୍କା ଆଦାୟ କରାଯାଇଛି। ସେହିପରି ବ୍ୟାଙ୍କ ଋଣ ସମ୍ବନ୍ଧିୟ ପ୍ରାକ ମୋକଦ୍ଦମାରେ ୫୧୫୩ ଟି ମାମଲା ମଧ୍ୟରୁ ୧୮୪ ଟି ସଫଳତାର ସହ ଫଇସଲା ହେବା ସହିତ ୬୫ ଲକ୍ଷ ୮ ହଜାର ୩ ଟଙ୍କା ଋଣ ଆଦାୟ କରାଯାଇଛି। ଜଗତସିଂହପୁର ଜିଲ୍ଲା ଅଦାଲତ ସମେତ କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର, ଏରସମା ଅଦାଲତ ଏବଂ ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ଏବଂ ମକଦ୍ଦମା ଗୁଡିକର ଫଇସଲା କରାଯାଇ ଟଙ୍କା ଆଦାୟ କରାଯାଇଛି।

# ଭଦ୍ରକରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ



**ଭଦ୍ରକ,୧୪।୩(ସମିସ):** ଜାତୀୟ ଆଇନସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ କଟକଙ୍କ ନର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା ନ୍ୟାୟାଳୟ, ନଳାଙ୍ଗ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାତ କୁମାର ରାଜଗୁରୁ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲା ଆଇନସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶିବାନୀ ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ। ମୋଟ ୧ କୋଟି ୯୪ ଲକ୍ଷ ୩୦ ହଜାର ୩୮୬ ଟଙ୍କାର ୧୦୫୦ଟି ମୋକଦ୍ଦମାର ଆପୋଷ ସମାଧାନ ହୋଇଥିଲା। ସେଗୁଡ଼ିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲର ବିଚାରାଧୀନ ଥିବା ୧୯ଟି ମାମଲାର ୧ କୋଟି ୪୪ ଲକ୍ଷ ୩୦ ହଜାର ଟଙ୍କାର, ୪୭ଟି ଚେକ୍ ବାଉନ୍ସ ପୁନରୁଦ୍ଧାର ମାମଲା ୫୦ ଲକ୍ଷ ୩୮୬ ଟଙ୍କାରେ, ୧୭ଟି ବୈବାହିକ ବିବାଦ, ୫୬୮ଟି ରାଜସ୍ୱ ମୋକଦ୍ଦମା, ୬୩ଟି ଅନ୍ୟାନ୍ୟ ଦେୱାନୀ ମାମଲାର ସମାଧାନ କରାଯାଇଛି। ସେହିପରି ପ୍ରାକ୍ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କର ୨୨୦ଟି ବ୍ୟାଙ୍କ ଋଣ ମାମଲା ୬୪ ଲକ୍ଷ ୬୬ ହଜାର ୫୪୧ ଟଙ୍କାରେ, ଭାରତ ସଞ୍ଚାର ନିଗମ ଲିମିଟେଡ୍‌ର ଟେଲିଫୋନ ବିଲ୍ ସମ୍ବନ୍ଧୀୟ ୧୮ଟି ମାମଲା ୨୬ ହଜାର ୬୭୮ ଟଙ୍କାରେ, ବିଦ୍ୟୁତ୍ ବିଭାଗର ୫୯୦ଟି ମାମଲା ୯୮ ହଜାର ୮୯୭ ଟଙ୍କାରେ, ୩୦ଟି ବକେୟା ଟ୍ରାଫିକ୍ ଚାଲାଣ ୧ ଲକ୍ଷ ୪୦ ହଜାର ୩୮୦ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଛି।

### ଭଦ୍ରକ ସ୍ୱୟଂଶାସିତ କଲେଜରେ ଛାତ୍ର ଅଶାନ୍ତି ବଳବତ୍ତର

# ୨ୟ ଦିନରେ ଛାତ୍ରଛାତ୍ରୀଙ୍କ ଧାରଣା

**ଭଦ୍ରକ,୧୪।୩(ସମିସ)**

ପୁଣି ଅଶାନ୍ତ ହୋଇପଡ଼ିଛି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ। ନବନିଯୁକ୍ତ କଲେଜ ଅଧ୍ୟକ୍ଷ ଏକଛତ୍ରବାଦ ଶାସନ ଚଳାଇଥିବା ଅଭିଯୋଗ କରି ୨ ଦିନ ହେବ କଲେଜରେ ଛାତ୍ର ଅଶାନ୍ତି

### ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକଙ୍କ ତଦନ୍ତ

ଲାଗିରହିଛି। ତୁରନ୍ତ ଅଧ୍ୟକ୍ଷ ପଦ ଛାଡ଼ିବା ଦାବି କରି ଦୁଇ ଦିନ ହେବ ଛାତ୍ରଛାତ୍ରୀମାନେ କଲେଜ ପରିସରରେ ଧାରଣା ଦେଉଛନ୍ତି। ଅନେକ ଅଧ୍ୟାପକ ଓ କଲେଜ କର୍ମଚାରୀ ମଧ୍ୟ ଅଧ୍ୟକ୍ଷଙ୍କ ବିରୋଧରେ ଆଗକୁ ବାହାରିଛନ୍ତି। ଯାହାକୁ ନେଇ କଲେଜରେ ପାଠପଢ଼ା ଠପ୍ ହୋଇଯାଇଛି।

ଅଭିଯୋଗ ଅନୁଯାୟୀ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପଦ ଦୀର୍ଘ ଦିନ ହେବ ଖାଲି ପଡ଼ିଥିବାବେଳେ ଚଳିତ ମାସ ୧ ତାରିଖରେ ନୂଆ ଅଧ୍ୟକ୍ଷଙ୍କୁ ନିଯୁକ୍ତି ମିଳିଥିଲା। ତେବେ ନୂତନ ଅଧ୍ୟକ୍ଷ ନିଯୁକ୍ତି ପରେ କଲେଜରେ ଅଧ୍ୟକ୍ଷ ଏକଛତ୍ରବାଦ ଶାସନ ଆରମ୍ଭ କରିଥିବା ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏପରିକି ଛାତ୍ରଛାତ୍ରୀଙ୍କୁ ଅଧ୍ୟକ୍ଷ ଜାତିଆଣ ଆକ୍ଷେପ କରୁଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଶୁକ୍ରବାରଠାରୁ କଲେଜରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶୁକ୍ରବାର ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରୁଥିବା ଛାତ୍ରଛାତ୍ରୀମାନେ ଶନିବାର କଲେଜ ପରିସରରେ ଧାରଣା ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ କେତେକ ଅଧ୍ୟାପକ ଓ କର୍ମଚାରୀ ମଧ୍ୟ ସମର୍ଥନ ଜଣାଇଛନ୍ତି। ତୁରନ୍ତ ଅଧ୍ୟକ୍ଷ ପଦ ଛାଡ଼ିବାକୁ ଦାବି କରିବା ସହ ଏହା ନ ହେଲେ ଆହୁରି ଆନ୍ଦୋଳନ ତୀବ୍ର ହେବ ବୋଲି ଛାତ୍ରଛାତ୍ରୀ ଚେତାବନୀ ଦେଇଛନ୍ତି।



ଅନ୍ୟପଟେ କଲେଜ ଆନ୍ଦୋଳନକୁ ନଜରରେ ରଖି ଶନିବାର ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ହେମନ୍ତ କୁମାର ଘଡ଼େଇ ମହାବିଦ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ବିଭିନ୍ନ ବିଭାଗର କର୍ତ୍ତୃପକ୍ଷଙ୍କ ସହ ୱାନ୍ ଟୁ ୱାନ ଆଲୋଚନା କରି ଅଭିଯୋଗ ଗ୍ରହଣ କରିଛନ୍ତି। ଆସିଥିବା ଅଭିଯୋଗ ଭିତିରେ ତଦନ୍ତ ପରେ ସେ ସରକାରଙ୍କୁ ସମସ୍ତ ତଥ୍ୟ ପ୍ରଦାନ କରିବେ ବୋଲି ସୂଚନା ଦେଇଛନ୍ତି।

### ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏଲ୍‌ପିଜି ଯୋଗାଣ ସ୍ଥିତିର ସମୀକ୍ଷା ବୈଠକ

# ବିତରକ ଓ ତେଲ କମ୍ପାନୀ ଅଧିକାରୀଙ୍କ ସହ ଆଲୋଚନା

**ଭଦ୍ରକ,୧୪।୩(ସମିସ):** ଭଦ୍ରକ ଜିଲ୍ଲାରେ ଏଲ୍‌ପିଜି ଗ୍ୟାସ୍‌ର ଉପଲବ୍ଧତା ଓ ଯୋଗାଣ ସ୍ଥିତି ସମ୍ବନ୍ଧରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଆୟୋଜିତ ହୋଇଯାଇଛି। ଜିଲ୍ଲାରେ ପ୍ରାୟ ୪.୫ ଲକ୍ଷ ଏଲ୍‌ପିଜି ଉପଭୋକ୍ତା ଥିବାବେଳେ ଯୋଗାଣ ବ୍ୟବସ୍ଥାକୁ ସୁଚାରୁ ରଖିବା ନେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଜିଲ୍ଲାରେ ବର୍ତ୍ତମାନ ୨୭ଟି ଏଲ୍‌ପିଜି ବିତରକ, ୬୩ଟି ଏମ୍‌ଏସ୍ ଓ ଏଚ୍‌ଏସ୍‌ଡି କ୍ଷୁଦ୍ର ବିକ୍ରେତା କାର୍ଯ୍ୟରତ ଥିବା ସୂଚନା ଦିଆଯାଇଥିଲା। ଜିଲ୍ଲାପାଳ ସାପ୍ତାହିକ ସମୀକ୍ଷା ବୈଠକ ସହିତ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗାଣ ସ୍ଥିତି ଉପରେ ନିୟମିତ ଭାବେ ନଜର ରଖୁଥିବା କଥା କହିଥିଲେ। ଏହି ସମୀକ୍ଷାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଓ ଉପଜିଲ୍ଲାପାଳ ମଧ୍ୟ ଉପସ୍ଥିତ ଥିଲେ। ବୈଠକରେ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ ଓ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍‌ର ୨ଜଣ ବିକ୍ରୟ ଅଧିକାରୀ ଉପସ୍ଥିତ ରହି ଜିଲ୍ଲାରେ ଏଲ୍‌ପିଜି ଯୋଗାଣ ସମ୍ପର୍କିତ ତଥ୍ୟ ଦେଇଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ, ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗର ପରୀକ୍ଷକମାନେ ବୈଠକରେ ଯୋଗଦେଇ ଜିଲ୍ଲାରେ ଗ୍ୟାସ୍ ଯୋଗାଣକୁ ସୁଚାରୁ ରଖିବା ନେଇ ମତାମତ ଦେଇଥିଲେ।

# ଟିଲୋ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ସିଏଜି ଦିଲ୍ଲୀ

**ବନ୍ତ/ଆଗରପଡ଼ା,୧୪।୩(ସମିସ):** ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଟିଲୋ ହନୁମାନଜୀଉ ମିନି ଷ୍ଟାଡିୟମ୍‌ରେ ଟିଲୋ ଆଥ୍‌ଲେଟିକ୍ ଆସୋସିଏସନ ଦ୍ୱାରା ଆୟୋଜିତ ୩୦ତମ ଅନ୍ତର୍ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ଆୟୋଜିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଏଏଣ୍ଡଏସ୍, କୋଲକାତାକୁ ପରାସ୍ତ କରି ସିଏଜି, ଦିଲ୍ଲୀ ଫାଇନାଲରେ ପ୍ରବେଶ କରିଛି। ସିଏଜି, ଦିଲ୍ଲୀକୁ ପ୍ରଥମେ ବ୍ୟାଟିଂ କରି ଅଭିରଥ ଏମ୍‌ଙ୍କ ୬୬, ସୁମିତ୍ ମାଧୁରଙ୍କ ୬୨ ଓ ଆର୍କପ୍ରଭା ସିହ୍ନାଙ୍କ ୭୪ ରନ୍ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ବିନିମୟରେ ୨୭୯ ରନ୍ ସଂଗ୍ରହ କରିଥିଲା। ଏଏଣ୍ଡଏସ୍, କୋଲକାତାର ରିଷିକେଶ ୩ଟି ୱିକେଟ ଅକ୍ତିଆର କରିଥିଲେ। ୨୮୦ ରନ୍‌ର ଲକ୍ଷ୍ୟକୁ ପୂରଣ କରିବାକୁ ଯାଇ ଏଏଣ୍ଡଏସ୍, କୋଲକାତା ୨୦ ଓଭରରେ ୯ ୱିକେଟ ହରାଇ ୧୮୭ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ସିଏଜି, ଦିଲ୍ଲୀର ରିତିକ୍ ଚାଟାର୍ଜୀ ୩ଟି ୱିକେଟ ଅକ୍ତିଆର କରିଥିଲେ। ସିଏଜି, ଦିଲ୍ଲୀର ଅଭିରଥ ଏମ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଥିଲା। ରବିବାର ଫାଇନାଲ ମ୍ୟାଚ୍‌ରେ ଏନ୍‌ସିସି, ଓଡ଼ିଶା ସହ ସିଏଜି, ଦିଲ୍ଲୀ ମୁହାଁମୁହିଁ ହେବେ।

# ମହାବିଦ୍ୟାପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ



**ତିହିଡ଼ି,୧୪।୩(ସମିସ):** ତିହିଡ଼ି ବ୍ଲକ୍ ଅଧୀନ ନୟାନନ୍ଦରେ ମା' ଦକ୍ଷିଣକାଳୀ ମନ୍ଦିରରେ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅବସରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥିଭାବେ ଯୋଗଦେଇ ମଣିଷର ଚେତନାର ଉତ୍ତରଣ ପାଇଁ ଆଧ୍ୟାତ୍ମିକ କାର୍ଯ୍ୟର ଆବଶ୍ୟକତା ଅଛି ବୋଲି କହିଛନ୍ତି। ଦୁଃଶାସନ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଧାରଣ ସଭାରେ ଜିଲ୍ଲାପାଳଙ୍କ ସମେତ ଅବସରପ୍ରାପ୍ତ ସିଡିଏମ୍‌ଓ ଡାକ୍ତର ଅନୀଲ କୁମାର ଦାଶ, ସମାଜସେବୀ ଇଂ.ଅଭୟ ସୂତାର, ସାମ୍ବାଦିକ ରବିନାରାୟଣ ଖିଲାର ପ୍ରମୁଖ ଅତିଥିଭାବେ ଯୋଗଦେଇ ନୂତନ ପୁସ୍ତକ ଉନ୍ମୋଚନ କରିଥିଲେ। ମଙ୍ଗଳାଚରଣ ସିଦ୍ଧି ଓ ପରୀ ଆଦି ନୃତ୍ୟ ପରିବେଷଣ କରାଯାଇଥିଲା। ଦିନରେ ଶିଖର କଳସ ସ୍ଥାପନ, ଧ୍ୱଜା ସ୍ଥାପନ, ସହସ୍ରା କୁମ୍ଭାଭିଷେକ ଅନୁଷ୍ଠିତ ହୋଇଥିଲା। ସୌରଭ ନାୟକ ଏବଂ ସାଥୀ କଳାକାରଙ୍କ ଦ୍ୱାରା ଭାବଭକ୍ତିର ଭଜନ ପରିବେଷିତ ହୋଇଥିଲା। ପ୍ରତିଷ୍ଠାତା ସାଧକ ପୀତାମ୍ବର ଦାସ କୃତଜ୍ଞତା ଜ୍ଞାପନ କରିଥିଲେ।

# ବିଶାଳ ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ପାଇଁ ବୈଠକ



**ତିହିଡ଼ି,୧୪।୩(ସମିସ):** ପ୍ରତିବର୍ଷ ପରି ଚଳିତ ବର୍ଷ ତିହିଡ଼ି ଶ୍ରୀରାମ ନବମୀ ସମିତି ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ସମିତିର ସମସ୍ତ କର୍ମକର୍ତ୍ତା, ବୁଦ୍ଧିଜୀବୀ, ଜନସାଧାରଣ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, କଳାକାର ସଂଘ, ବରିଷ୍ଠ ନାଗରିକ ମଞ୍ଚ, ଅବସରପ୍ରାପ୍ତ କର୍ମଚାରୀ ସଂଘର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଚଳିତ ବର୍ଷ ଏହି କାର୍ଯ୍ୟକ୍ରମକୁ କିପରି ଅଧିକ ସରସ ସୁନ୍ଦର କରି ପାଳନ କରାଯିବ ସେନେଇ ଆଲୋଚନା କରିଥିଲେ। ମଙ୍ଗଳବାର ବିଘ୍ନରାଜ ଗଣେଶଙ୍କ ପୂଜାର୍ଚ୍ଚନା କରାଯିବା ପରେ କମିଟିର କୋଷାଧ୍ୟକ୍ଷ ନୀଳମଣି ସାବତଙ୍କ ଦ୍ୱାରା ନିମନ୍ତ୍ରଣ ପତ୍ର ଓ ରସିଦ୍ ଲୋକାର୍ପିତ ହୋଇଥିଲା। ଗୁରୁବାର ତିହିଡ଼ି ସୈନିକ ସ୍କୁଲ ପରିସରରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଦଶମୀ ଦିନ ଅନୁଷ୍ଠିତ ହେବାକୁ ଥିବା ଶ୍ରୀରାମ ମେଢ଼ ଶୋଭାଯାତ୍ରାରେ ମହିଳା ଦର୍ଶକମାନଙ୍କର ସୁରକ୍ଷା, ଯାନବାହନ ପାଇଁ ପାର୍କିଂ ବ୍ୟବସ୍ଥା, ବିଭିନ୍ନ ଦିବସରେ ଗଣଦୌଡ଼, ବାଇକ୍ ଶୋଭାଯାତ୍ରା, ବାଲ୍ ବଜରଙ୍ଗୀ ଶୋଭାଯାତ୍ରା ଓ ସର୍ବୋପରି ପ୍ରାଶାସନିକ ସହଯୋଗ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମିତିର ସଭାପତି କିଶୋର ନାୟକ, ଉପସଭାପତି ରବୀନ୍ଦ୍ର ଦାସ, ସମ୍ପାଦକ ଯଯାତିକେଶରୀ ଦାସ, ସର୍ବବ୍ୟବସ୍ଥା ପ୍ରମୁଖ ସୀତାକାନ୍ତ ନାୟକ, ବ୍ୟବସ୍ଥା ପ୍ରମୁଖ ଶୁଭ୍ରନାରାୟଣ ସେଠୀ, ଉପଦେଷ୍ଟା ଡ. ଲକ୍ଷ୍ମୀଧର ତ୍ରିପାଠୀ, ଦୀନବନ୍ଧୁ ପତି, ସୋମନାଥ ପାଢ଼ୀ, ସରୋଜ ଦାସ, ସୁରେନ୍ଦ୍ର ନାୟକ, ବିଭୂତିଭୂଷଣ ସେନାପତି, ରଘୁନାଥ ପାତ୍ର, ବିଶ୍ୱଜିତ ବେହେରା, ହୃଷୀକେଶ ପଣ୍ଡା ପ୍ରମୁଖ ଶତାଧିକ ଜନସାଧାରଣ ଯୋଗଦେଇଥିଲେ।

# ଅନ୍ଧାରରେ କଟିଂ ଏସ୍କେପ ଭାଗ୍ୟ



**ବାରିକପୁର,୧୪।୩(ସମିସ):** ଭଦ୍ରକ ଜିଲ୍ଲା ଦେଇ ଯାଇଥିବା ପୁଣ୍ୟତୋୟା ବୈତରଣୀ ନଦୀର କଟିଂ ଏସ୍କେପ ଭଣ୍ଡାରିପୋଖରୀ, ଧାମନଗର ଓ ଚାନ୍ଦବାଲି ବ୍ଲକ୍‌ବାସୀଙ୍କ ପାଇଁ ଦୀର୍ଘ ବର୍ଷ ହେବ ଦୁଃଖର କାରଣ ପାଲଟିଛି। ଅତୀତର ମନୁଷ୍ୟକୃତ ତ୍ରୁଟି ଯୋଗୁଁ ୮ ଦଶନ୍ଧିରୁ ଅଧିକ ହେବ ହଜାର ହଜାର ଜନସାଧାରଣ ଏଥିପାଇଁ ବର୍ଷକୁ ବର୍ଷ ଦୁଃଖଯାତନା ଭୋଗୁଛନ୍ତି। ବର୍ଷା ଦିନେ ଏହି ବାଟେ ନଦୀର ଅର୍ଦ୍ଧାଧିକ ବନ୍ୟା ଜଳ ପ୍ରବାହିତ ହୋଇ ଭଣ୍ଡାରିପୋଖରୀ ବ୍ଲକ୍‌ର ଷୋଳମପୁର, ମାଳଦା, ରହଣିଆ, କୁରିଗାଁ, ନପଙ୍ଗ ପଞ୍ଚାୟତକୁ ଜଳମଗ୍ନ କରିଥାଏ। ଉକ୍ତ ଅଞ୍ଚଳକୁ ଛାଡ଼ିଦେଲେ ମଧ୍ୟ ଧାମନଗର ଓ ଚାନ୍ଦବାଲି ବ୍ଲକ୍‌ର ଅନେକ ପଞ୍ଚାୟତ ସିଧାସଳଖ କଟିଂ ଘାଇର ବନ୍ୟା ପାଣି ଦ୍ୱାରା ପ୍ରଭାବିତ ହୋଇଥାଏ।

ଦୀର୍ଘ ବର୍ଷ ଧରି ଏସ୍କେପଟି ସାମାନ୍ୟ ପଥର ନିର୍ମାଣ ସହିତ ମୁକୁଳା ପଡ଼ିଥିବାବେଳେ ୧୨/୧୪ ବର୍ଷ ପୂର୍ବରୁ ଜଳସମ୍ପଦ ବିଭାଗ ପକ୍ଷରୁ ୨୮୦ ମିଟର ଦୈର୍ଘ୍ୟ ବିଶିଷ୍ଟ ଏସ୍କେପକୁ ମାତ୍ର ୧ଫୁଟ୍ ଉଚ୍ଚତା ବିଶିଷ୍ଟ କଂକ୍ରିଟ ନିର୍ମାଣ କରାଯାଇଥିଲା। କିଛି ପଥର ପ୍ୟାକିଂ ତଥା ଗ୍ରାଉଟିଂ କାର୍ଯ୍ୟ ମଧ୍ୟ ହୋଇଥିଲା, ଯାହାକି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ପରିତାପର ବିଷୟ ଏସ୍କେପ ନିର୍ମାଣଶୈଳୀ ପୂର୍ବ ଭଳି ନଦୀ ପତନ ସହିତ ପ୍ରାୟ ସମାନ ରହିଥିବା ହେତୁ ଅବସ୍ଥା ପୂର୍ବରୁ ଯାହା ଥିଲା ଏବେ ବି ସେଇଆ ରହିଛି। ବନ୍ୟା ଆସିଲେ ଯେଉଁ ଦୁଃଖକୁ ସେହି ଦୁଃଖ ରହିଲା। ତେଣୁ ପରବର୍ତ୍ତୀ ସମୟରେ ଏସ୍କେପର ସ୍ଥାୟୀ ନିର୍ମାଣ ସହିତ ଉଚ୍ଚତା ବୃଦ୍ଧି କିମ୍ବା ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଅଞ୍ଚଳବାସୀ ଏବଂ ଆଞ୍ଚଳିକ ବନ୍ୟା ସୁରକ୍ଷା ସମିତି ବାରମ୍ବାର ଦାବି କରିଛି। ଦାବି ଅନୁଯାୟୀ, ପୂର୍ବ ସରକାରଙ୍କ ପ୍ରସ୍ତାବିତ ବୈତରଣୀ ବାମ ପାର୍ଶ୍ୱ ବନ୍ଧ ସୁଦୃଢ଼ୀକରଣ ଯୋଜନାରେ କଟିଂ ଏସ୍କେପର ଭାଗ୍ୟକୁ ଯୋଡ଼ାଯାଇଥିଲା। ଇତିମଧ୍ୟରେ ବାମ ପାର୍ଶ୍ୱ ନଦୀବନ୍ଧ ନବୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ପରିତାପର

### ଚଳିତ ବର୍ଷ ନବୀକରଣ ପାଇଁ ପ୍ରସ୍ତାବ ନାହିଁ

ବିଷୟ ଗୁରୁତ୍ୱ ଦୃଷ୍ଟିରୁ ଏଯାଏଁ ଏସ୍କେପର କୌଣସି କାର୍ଯ୍ୟ ହୋଇନାହିଁ। ଯଦିଓ ଜଳସମ୍ପଦ ବିଭାଗ ପକ୍ଷରୁ ଏସ୍କେପ ନବୀକରଣ ପାଇଁ ପ୍ରାଥମିକ ଆକଳନ ପ୍ରସ୍ତୁତ ହୋଇଥିଲା, କିନ୍ତୁ ତାହା ଅନ୍ଧାରରେ ରହିଥିବା ଭଳି ମନେ ହେଉଛି। ଚଳିତ ବର୍ଷ ନୂତନ ଭାବେ ଏସ୍କେପ ନିର୍ମାଣ ନେଇ ନାଁ ଉଠୁନାହିଁ। ଏପରିକି ଜଳସମ୍ପଦ ବିଭାଗ ପକ୍ଷରୁ ଅର୍ଥ ବ୍ୟୟ ବରାଦ କିମ୍ବା ପ୍ରସ୍ତାବ ମଧ୍ୟ ନ ଥିବା ଜଣାପଡ଼ିଛି। ଏମିତି ବର୍ଷ ବର୍ଷ ହେବ ଟେଣ୍ଡର ପରେ କାମ ହେବ ବୋଲି ଶୁଣିବାକୁ ମିଳୁଥିବାବେଳେ ଦିନ ପରେ ଦିନ ସମୟ ଗଡ଼ି ଚାଲିଛି। କେଉଁଦିନ କାମ ଆରମ୍ଭ ହେବ ଓ କଟିଂ ଏସ୍କେପ ଭାଗ୍ୟ ବଦଳିବ ତାହା ଏବେ ସନ୍ଦେହ ଘେରରେ ରହିଛି।

# କେବେ କଟାହେବ ବେଆଇନ ରାସନ କାର୍ଡଧାରୀଙ୍କ କାର୍ଡ

**ଦୋଳସାହି,୧୪।୩(ସମିସ):** ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ରାସନ କାର୍ଡ ହିତାଧିକାରୀଙ୍କ କାର୍ଡଧାରୀ କାର୍ଡ ଫେରସ୍ତ କରୁ ନ ଥିବାବେଳେ ବ୍ଲକ୍ ପ୍ରଶାସନ ପକ୍ଷରୁ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ



ମଧ୍ୟରେ ବେଆଇନ୍ ରାସନ କାର୍ଡଧାରୀ ସରକାରୀ ସହାୟତା ହାତେଇବା ପାଇଁ ଅନୈତିକ ଉପାୟରେ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ରାସନ କାର୍ଡ ହାତଉଥିଲାବେଳେ ବାସ୍ତବ ହିତାଧିକାରୀ ବାଦ୍ ପଡୁଥିବା ଦେଖିବାକୁ ମିଳୁଛି। ତେଣୁ କେବେ ତିହିଡ଼ି ବ୍ଲକ୍ ଯୋଗାଣ ବିଭାଗ ବେଆଇନ ରାସନ କାର୍ଡଧାରୀଙ୍କୁ କାଟିବ ଏନେଇ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍‌ର ୩୧ ପଞ୍ଚାୟତରେ ୩୧ ହଜାରରୁ ଅଧିକ ବେଆଇନ ରାସନ ହିତାଧିକାରୀ ରାସନ ସାମଗ୍ରୀ ଉଠାଉଥିବା ଜଣାଯାଇଛି। ଅଦ୍ୟାବଧି ଏହି ବେଆଇନ ରାସନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତରେ ସରକାରୀ ସହାୟତା ହାତେଇବା ପାଇଁ ପ୍ରଭାବଶାଳୀ ବ୍ୟକ୍ତିମାନେ ନେତା ଓ ପ୍ରଶାସନିକ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ହାତେଇଥିବା ଆଲୋଚନା ହେଉଥିବାବେଳେ ବହୁ ବାସ୍ତବ ହିତାଧିକାରୀ ବାଦ୍ ପଡୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଏହି ପଞ୍ଚାୟତରେ ୧୭୫୯ ଜଣଙ୍କର ଜଏଣ୍ଟ ରାସନ କାର୍ଡ ଥିବା ଜଣାପଡ଼ିଥିବା ବେଳେ ୮୦ ଜଣଙ୍କର ଅଲଗା ଅଲଗା ରାସନ ସରକାରୀ ସହାୟତା ହାତେଇବା ପାଇଁ ଅନୈତିକ ଉପାୟରେ ରାସନ କାର୍ଡ ହୋଇଥିବା ଜଣାପଡ଼ିଛି।

# ବର୍ଷିଆନ କମ୍ୟୁନିଷ୍ଟ ନେତାଙ୍କ ପରଲୋକ



**ଭଦ୍ରକ,୧୪।୩(ସମିସ):** ୧୯୭୦ ଦଶକରୁ ତିହିଡ଼ି ବ୍ଲକ୍‌ର ଚାଷୀ, ଭାଗଚାଷୀ ଓ ଶ୍ରମଜୀବୀ ମଣିଷଙ୍କ ନ୍ୟାଯ୍ୟ ଦାବି ଓ ଅଧିକାର ପାଇଁ ଲଢ଼େଇ କରି ଆସୁଥିବା ବର୍ଷିଆନ କମ୍ୟୁନିଷ୍ଟ ନେତା ସନାତନ ଦାସଙ୍କର ୮୦ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ମୃତ୍ୟୁ ଖବର ଶୁଣି ବହୁ ବିଶିଷ୍ଟ ବ୍ୟକ୍ତି, ଜ୍ଞାତି କୁଟୁମ୍ବ ଓ ଗ୍ରାମବାସୀ ତାଙ୍କ ଶବାଧାରରେ ସାମିଲ୍ ହୋଇ ପୁଷ୍ପ ଅର୍ପଣ କରିଥିଲେ। କମ୍ରେଡ୍ ସନାତନ ଦାସ ଲାଲ ସଲାମ୍ ଧ୍ୱନିରେ ଦୌଲତପୁର ପଞ୍ଚାୟତ ପ୍ରକମ୍ପିତ ହୋଇଥିଲା। ଶେଷରେ ତାଙ୍କ ମରଶରୀରକୁ ତାଙ୍କ ଘରବାରିରେ ଦାହ କରାଯାଇଥିଲା। ଏହି ଶବ ଶୋଭାଯାତ୍ରାରେ ସିପିଆଇ ଭଦ୍ରକ ଜିଲ୍ଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ସିପିଆଇ(ଏମ୍) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ସିପିଆଇର ବରିଷ୍ଠ ନେତା ସନ୍ଥ ଚରଣ ବିଶ୍ୱାଳ, ରମେଶ ଜେନା, ଗୌରହରି ମିଶ୍ର, ଭାଗିରଥି ରାଉତ, ନାରାୟଣ ତ୍ରିପାଠୀ, ରବିନ୍ଦ୍ର ବାରିକ୍, ଅଖାଲୁ ବାରିକ୍, ସନାତନ ବାବୁଙ୍କ ବଡ଼ପୁତ୍ର ରେଳ ଅଫିସର କାଶିନାଥ ଦାସ ପ୍ରମୁଖ ସାମିଲ୍ ହୋଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ବେଲଗଣ୍ଡରେ ବିଭାଗୀୟ ସଲାସୁତରା; ବିନା ସୂଚନାଫଳକରେ ଚାଲିଛି କାମ

# ପାଣିରେ ପଡ଼ିବ କୋଟିଏ ଟଙ୍କାର ପ୍ରକଳ୍ପ !

**ଦୋବଲ,୧୪।୩(ସମିସ)**

ବନ୍ୟା ବିଭୀଷିକାରୁ ମୁକ୍ତି ଦେବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ଧାମନଗର ଜଳସେଚନ ବିଭାଗର କିଛି ଅଧିକାରୀ ଓ ଲାଭଖୋର ଠିକାଦାରଙ୍କ ପାଇଁ ଏହା ଏବେ "ଦୁର୍ନୀତିର ଚରାଭୂଇଁ" ପାଲଟିଛି। ଫଳପୁର କଣ୍ଡିଆ ନଦୀର ବେଲଗଣ୍ଡଠାରେ ଚାଲିଥିବା ପଥର ଚଟାଣ ନିର୍ମାଣ କାର୍ଯ୍ୟରେ ସ୍ୱଚ୍ଛତାକୁ ଜଳାଞ୍ଜଳି ଦିଆଯାଇ କେବଳ ପକେଟ୍ ଗରମ କରିବାର ଅଭିସନ୍ଧି ରଖାଯାଇଛି। ସରକାରୀ ନିୟମ ଅନୁଯାୟୀ, ଅନ୍ୟ ସ୍ଥାନରୁ ମାଟି ଆଣି ବନ୍ଧ ପ୍ରସ୍ତୁତ ପୂର୍ବକ ପଥର ଚଟାଣ କରାଯିବାର ବିଧି ରହିଛି। କିନ୍ତୁ ଏଠାରେ ନଦୀ କୂଳରୁ ହିଁ ମାଟି ଖୋଳି ବନ୍ଧରେ ମାଟି ପକାଯାଉଛି। ଫଳରେ ନଦୀ ବନ୍ଧ ନିର୍ମାଣ ନୁହେଁ, ବରଂ ନଦୀର ସୁରକ୍ଷା ବଳୟକୁ ଅତି ଦୁର୍ବଳ କରାଯାଉଛି। ପ୍ରଥମ ବନ୍ୟା ବନ୍ଧ ଧୋଇଯିବା ଏକ ପ୍ରକାର ନିଶ୍ଚିତ। ପ୍ରକଳ୍ପର ମୂଲ୍ୟ କେତେ? କାର୍ଯ୍ୟର ସ୍ଥାୟିତ୍ୱ କେତେ ଦିନ? ଏହା ଜାଣିବାର ଅଧିକାର ଜନସାଧାରଣଙ୍କର ରହିଛି। ମାତ୍ର ଦୁର୍ନୀତିର ଗନ୍ଧ ଯେମିତି ବାହାରକୁ ନ ଆସୁ, ସେଥିପାଇଁ ସୂଚନାଫଳକକୁ ଜାଣିଶୁଣି ଠିକାଦାର କାର୍ଯ୍ୟସ୍ଥଳରେ ଲଗାଇ ନାହାନ୍ତି। କାର୍ଯ୍ୟସ୍ଥଳରେ ନା ଅଛନ୍ତି ଯନ୍ତ୍ରୀ, ନା ଦେଖା ମିଳୁଛି ଠିକାଦାରଙ୍କର। କେବଳ ଶ୍ରମିକଙ୍କ ଭରସାରେ କୋଟିଏ ଟଙ୍କାର କାମ ଚାଲିବା କେଉଁ ପ୍ରକାର ଶାସନ ବୋଲି ପ୍ରଶ୍ନ ଉଠୁଛି।



ବେଲଗଣ୍ଡରୁ ବନ୍ୟା ଜଳ ମାଡ଼ିଆସିଲେ ଭଟସାହି, କୋଠାର ଓ ବୟାଙ୍ଗଡିହୀ ଭଳି ପଞ୍ଚାୟତର ଚାଷୀକୁଳ ହାହାକାର କରନ୍ତି। ଲୋକଙ୍କ ଘରଦ୍ୱାର ଓ ରାସ୍ତାଘାଟ ନଷ୍ଟ ହୁଏ। ସରକାର ଏହାର ସ୍ଥାୟୀ ପ୍ରତିକାର ପାଇଁ ଅଣ୍ଟା ଭିଡ଼ିଥିବାବେଳେ ବିଭାଗୀୟ ଦୂରଦୃଷ୍ଟିର ଅଭାବ ଓ ଅସାଧୁ ବ୍ୟକ୍ତିଙ୍କ ଗୁପ୍ତ ବୁଝାମଣା ଯୋଗୁଁ ସାଧାରଣ ଲୋକେ ବଳି ପଡ଼ିବାକୁ ଯାଉଛନ୍ତି। ଏ ସମ୍ପର୍କରେ ଯନ୍ତ୍ରୀ ବିମଳ ବେହେରାଙ୍କୁ ପଚାରିବାରୁ, ସେ ଏହାକୁ "ସାଧାରଣ ପ୍ରକ୍ରିୟା" କହି ଏଡ଼ାଇ ଯାଉଥିବାବେଳେ, ବନ୍ୟା ପରେ ପୁଣି କାମ ହେବ ବୋଲି କହିଛନ୍ତି। ଯଦି ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନ କରନ୍ତି, ତେବେ କୋଟିଏ ଟଙ୍କାର ସରକାରୀ ପାଣ୍ଠି ପାଣିରେ ପଡ଼ିବ ଏବଂ ହଜାର ହଜାର ଚାଷୀ ସର୍ବସ୍ୱାନ୍ତ ହେବେ।

# ଅଲ୍ ଓଡ଼ିଶା କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଫାଇନାଲ୍‌ରେ ଇମେଜ୍ ୧୧

**ବନ୍ତ/ଆଗରପଡ଼ା,୧୪।୩(ସମିସ):** ବନ୍ତ ବ୍ଲକ୍ ଅନ୍ତର୍ଗତ ଆଳମଙ୍ଗା କ୍ରିକେଟ୍ ପଡ଼ିଆରେ ମା' ମନ୍ତ୍ରବାସୁଳି କ୍ରିକେଟ୍ କ୍ଲବ୍ ଆଳମଙ୍ଗା ପକ୍ଷରୁ ଅଲ୍ ଓଡ଼ିଶା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଭଦ୍ରକ ୨ୟ ଦିବସରେ ୩ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କ୍ରିକେଟ୍ ମହାକୁମ୍ଭରେ ଅତିଥି ସିଆର୍‌ସିସି ଗିରିଜା ଶଙ୍କର ଲେଙ୍କା, ପ୍ରଧାନଶିକ୍ଷକ ସୂର୍ଯ୍ୟମଣି ପାତ୍ର, ଶିକ୍ଷକ ଶ୍ରୀରାମରଘୁବୀର ଟୁଡୁ, ଶ୍ୟାମସୁନ୍ଦର ଦାସ, ଶିକ୍ଷୟିତ୍ରୀ ପ୍ରଜ୍ଞାସ୍ମିତା ବାରିକ୍, ଯମୁନା ମୁର୍ମୁ, ପ୍ରଧାନଶିକ୍ଷକ ରତିକାନ୍ତ ବେହେରା, କ୍ଲବ୍ ସଭାପତି ଅନୁପ ବେହେରା, ସମ୍ପାଦକ ରଞ୍ଜନ ବେଜ, ଅନୁରାଗ ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ କ୍ୱାର୍ଟର ମ୍ୟାଚ୍‌ରେ ଇମେଜ୍ ୧୧ ଭଦ୍ରକ ଓ ଏଏନ୍‌ଏସ୍ ୧୧ ସୋନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇମେଜ ୧୧ ଭଦ୍ରକ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୫ ୱିକେଟ ବିନିମୟରେ ୧୩୩ ରନ୍ ସଂଗ୍ରହ କରିଥିବାବେଳେ ଏଏନ୍‌ଏସ୍ ୧୧ ସୋନପୁର ୮ ଓଭରରେ ୪ ୱିକେଟ୍ ହରାଇ ୭୭ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ କ୍ୱାଟର ମ୍ୟାଚ୍ ଡିସିସି ସନ୍ଥପୁରା କେନ୍ଦ୍ରାପଡ଼ା ଓ ଫ୍ରେଣ୍ଡସ ୧୧ ବାଲେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଡିସିସି ସନ୍ଥପୁରା କେନ୍ଦ୍ରାପଡ଼ା ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୯ ୱିକେଟ ବିନିମୟରେ ୮୦ ରନ୍ ସଂଗ୍ରହ କରିଥିବାବେଳେ ଫ୍ରେଣ୍ଡସ ୧୧ ବାଲେଶ୍ୱର ୮ ଓଭରରେ ୫ ୱିକେଟ ହରାଇ ୭୦ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ୨ୟ ସେମିଫାଇନାଲ ଇମେଜ୍ ୧୧ ଭଦ୍ରକ ଓ ଡିସିସି ସନ୍ଥପୁରା କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇମେଜ୍ ୧୧ ଭଦ୍ରକ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ ୱିକେଟ୍ ବିନିମୟରେ ୧୧୪ ରନ୍ ସଂଗ୍ରହ କରିଥିଲା। ଅପରପକ୍ଷ ଡିସିସି ସନ୍ଥପୁରା କେନ୍ଦ୍ରାପଡ଼ା ନିର୍ଦ୍ଧାରିତ ୮ ଓଭରରେ ୭ ୱିକେଟ୍ ହରାଇ ୧୦୨ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିବାବେଳେ ଇମେଜ ୧୧ ଭଦ୍ରକ ଦ୍ୱିତୀୟ ଟିମ୍ ଭାବରେ ଫାଇନାଲ୍‌ରେ ପ୍ରବେଶ କରିଥିଲା। ରବିବାର ଇମେଜ୍ ୧୧ ଭଦ୍ରକ ଓ ହିଟ୍ ମାଇଣ୍ଡ ଆଗରପଡ଼ା ମଧ୍ୟରେ ୩ଟି ମ୍ୟାଚ୍ ଅନୁଷ୍ଠିତ ହେବ। ସେଥିମଧ୍ୟରୁ ୨ ମ୍ୟାଚ୍ ବିଜେତା ଟିମ୍‌କୁ ଚାମ୍ପିଅନ ଘୋଷଣା କରାଯିବ ବୋଲି କ୍ରିକେଟ୍ କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି। ଫାଇନାଲ ମ୍ୟାଚ୍‌ରେ ସିନେ ନାୟିକା ଭୂମିକା ଦାସ ଯୋଗଦେବେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ଅମ୍ପାୟାର ବବୁଲ ସାହୁ, ସୁଧାଂଶୁ ଶେଖର ଲେଙ୍କା, ଭାଷ୍ୟକାର ବୁଦ୍ଧଦେବ ମହାରଣା, ସଞ୍ଜୟ ମଜୁମ୍‌ଦାର, ଚନ୍ଦ୍ରକାନ୍ତ ବେହେରା, ସ୍କୋରର ସୌମ୍ୟ ରଞ୍ଜନ ରାଉଳ, ମନୀଷ ଧଳ କାର୍ଯ୍ୟ ତୁଲାଇଥିଲେ।

ସକାଳ THE SAKALA



www.sakalaepaper.com

# ବାଲେଶ୍ୱର ମେଡିକାଲ କାର୍ଯ୍ୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ବାଇକ୍ ରାଲି

**ରେମୁଣା,୧୪।୩ (ସମିସ):** ରେମୁଣା ଏନଏସି ଅନ୍ତର୍ଗତ ଫକୀର ମୋହନ ମେଡିକାଲ କଲେଜରେ ବ୍ୟାପକ ଅବ୍ୟବସ୍ଥା ନେଇ ରେମୁଣା ଡାକ୍ତରଖାନା ଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ମେଡିକାଲ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡା, ସମ୍ପାଦକ ପ୍ରଦୀପ ଦାସଙ୍କ ନେତୃତ୍ୱରେ ୫୦ରୁ ଅଧିକ ବାଇକ ରାଲିରେ ଶତାଧିକ ଲୋକମାନଙ୍କ ସହ ବାହାରି ଷ୍ଟେସନ ଛକ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟଦେଇ କଚେରୀ ବଜାର ଶୋଭାଯାତ୍ରା ଯାଉଥିବା ସମୟରେ ଫକୀରମୋହନ କଲେଜରେ ବିଭିନ୍ନ ଦାବୀ ସମ୍ବନ୍ଧରେ ପ୍ଲାକାର୍ଡ ଧରି ଯାତ୍ରା କରି ପରିଶେଷରେ ଷ୍ଟେସନକ୍ଲବରେ ଆୟୋଜିତ ଏକ ସଭାରେ ଫକୀର ମୋହନ ମେଡିକାଲ କଲେଜରେ ସ୍ନାୟୁରୋଗ ବିଶେଷଜ୍ଞ ହାର୍ଟ ସ୍ପେସିଆଲିଷ୍ଟ ପ୍ରଭୃତି ବହୁ ବିଭାଗରେ ଡାକ୍ତର ଓ ପ୍ରଫେସର ନଥିବାର ବହୁ ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ସେମାନଙ୍କ ମଧ୍ୟରେ ଭାରତୀ ପଣ୍ଡା, ବିଧାନ ଚନ୍ଦ୍ର ରାୟ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ତରୁଣ ଦାସ, କହେଁଇ ଚରଣ ବେହେରା, ଦୁଷ୍ମନ୍ତ ଦାସପ୍ରମୁଖ ବହୁ ବ୍ୟକ୍ତିତ୍ୱ ବାଲେଶ୍ୱର ଫକୀରମୋହନ କଲେଜ ଓ ଏମସ ରେ ଅଭାବ ଥିବା ପ୍ରଫେସର ନିଯୁକ୍ତି ଏବଂ ରୋଗୀର ଶଯ୍ୟା ବୃଦ୍ଧି କରିବା ପାଇଁ ବହୁ ବ୍ୟକ୍ତି ଦାବୀ କରିଥିଲେ।

# ଆଶାକର୍ମୀଙ୍କ ନାଁରେ ଅଭିଯୋଗ ପରେ ପୁଅର ଉନ୍ମତ୍ତକାଣ୍ଡ

**ନୀଳଗିରି, ୧୪।୩ (ସମିସ):** ନୀଳଗିରି ଥାନା ବେଗୁନିଆ ପଞ୍ଚାୟତ ଅଧୀନ ଦୋବାଟୀ ଗାଁରେ ଆଶା ଦିଦିଙ୍କ ନାଁରେ ଅଭିଯୋଗ ଆସିବା ପରେ ତାଙ୍କ ପୁଅ ଅଭିଯୋଗକାରୀଙ୍କ ସମେତ ଗ୍ରାମବାସୀଙ୍କୁ କଟୁରି ଧରି ଭୟଭୀତ କରାଇଲେ। ଏ ନେଇ ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ନ୍ୟାୟ ଦାବିରେ ଶହ ଶହ ଗ୍ରାମବାସୀ ପିଲାଛୁଆଙ୍କୁ ଧରି ରାଜରାସ୍ତାରେ ଧାରଣା ଦେଲେ। ସୂଚନା ଅନୁସାରେ ଆଶାଦିଦି ସୁମତି କୁଅଁର ବିଭିନ୍ନ ଅନିୟମିତତା କାର୍ଯ୍ୟରେ ଲିପ୍ତ ରହୁଥିବା ନେଇ ଅଭିଯୋଗ ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ପୁଅ ଏକ ତେଲଙ୍ଗା କଟୁରି ଧରି ଗ୍ରାମବାସୀଙ୍କୁ ଭୟଭୀତ କରି ଚାଲିବା ଏବଂ ହତ୍ୟା ଧମକ ଦେବା ଘଟଣାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଗତ ରାତିରେ ଗ୍ରାମବାସୀ ପିଲାଛୁଆଙ୍କୁ ଧରି ନ୍ୟାୟ ଦାବିରେ ଦୋବାଟୀ ଛକରେ ଅନଶନରେ ବସିଥିଲେ। ନୀଳଗିରି ପୁଲିସ ଖବର ପାଇ ଉତ୍ତେଜନା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଥିଲେ ହେଁ, ଅଭିଯୁକ୍ତଙ୍କୁ ଗିରଫ ନକରିବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ସୂଚନା ମିଳିଛି। ଶନିବାର ନୀଳଗିରି ପୁଲିସ ପାଖରେ ଦୁଇ ପକ୍ଷର ଅଭିଯୋଗ ତଥା ଯୋଗେନ୍ଦ୍ର ସିଂ ଓ ସୁମତି କୁଅଁର ଅଭିଯୋଗ କରିଥିବାବେଳେ ପୁଲିସ ଦୁଇଟି ମାମଲା ରୁଜୁ କରିଥିବାର ସୂଚନା ମିଳିଛି।

## ବାଲେଶ୍ୱର ଜିଲ୍ଲାରେ ୫ ଲକ୍ଷ ୪୦ ହଜାର ୮ ୭୩ ଏଲପିଜି ଉପଭୋକ୍ତା

# ବୁକିଂ ବନ୍ଦ, ଗ୍ୟାସ ଡେଲିଭରୀ ବିଳମ୍ବ

**ବାଲେଶ୍ୱର,୧୪।୩ (ସମିସ)**




ହୋଟେଲ ଶିଳ୍ପ ସଙ୍କଟରେ, କଳା ବଜାରରେ ବଢୁଛି ଦର

ମଧ୍ୟ ପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଏବେ ଭାରତ ସହ ଓଡ଼ିଶାର ଇନ୍ଧନ ଯୋଗାଣ ବ୍ୟବସ୍ଥା ଉପରେ ପ୍ରଭାବ ପଡ଼ିଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶରେ ଏଲପିଜି ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଥିବା କହାଯାଉଥିବା ବେଳେ ତୃଣମୂଳସ୍ତରରେ ଗ୍ୟାସ ସପ୍ଲାଇ ବିଳମ୍ବ ଓ ବୁକିଂ ସମସ୍ୟା ନେଇ ଲୋକଙ୍କ ଅସନ୍ତୋଷ ସୃଷ୍ଟି ହୋଇଛି। ବିଶେଷକରି ବାଲେଶ୍ୱର ଜିଲ୍ଲାରେ ଗ୍ରାହକମାନେ ପୂର୍ବରୁ ଗ୍ୟାସ ବୁକିଂ ପରେ ଡେଲିଭରୀ ବିଳମ୍ବ ନେଇ ଅସୁବିଧାରେ ପଡୁଥିବା ବେଳେ ଏବେ ବୁକିଂ ହେଉନଥିବା ମଧ୍ୟ ଅଭିଯୋଗ ଆଣିଛନ୍ତି।

ବାଲେଶ୍ୱର ଜିଲ୍ଲାରେ ୩ଟି ତେଲ କମ୍ପାନୀର ମୋଟ ୪୨ଟି ଏଲପିଜି ଗ୍ୟାସ ଏଜେନ୍ସି ରହିଛି ଏବଂ ଏହା ମାଧ୍ୟମରେ ଜିଲ୍ଲାର ୫ ଲକ୍ଷ ୪୦ ହଜାର ୮୭୩ ଜଣ ଗ୍ରାହକ ରନ୍ଧନ ଗ୍ୟାସ ସେବା ପାଉଛନ୍ତି। ଏତେ ବଡ଼ ଗ୍ରାହକ ଥିବା ସତ୍ତ୍ୱେ ଗତ କିଛି ଦିନ ଧରି ବିଭିନ୍ନ ସ୍ଥାନରୁ ଗ୍ୟାସ ବୁକିଂ ପରେ ଦିନ ଦିନ ପର୍ଯ୍ୟନ୍ତ ଡେଲିଭରୀ ମିଳୁନଥିବା ଅଭିଯୋଗ ଆସୁଛି। ସୋର, ଜଳେଶ୍ୱର, ବସ୍ତା, ଭୋଗରାଇ ଓ ବାଲେଶ୍ୱର ସହରର ବିଭିନ୍ନ ଅଞ୍ଚଳରେ ଗ୍ରାହକମାନେ ଗ୍ୟାସ ଏଜେନ୍ସୀ ସମ୍ମୁଖରେ ଅପେକ୍ଷା କରିବାକୁ ବାଧ୍ୟ ହେଉଥିବା ଦେଖାଯାଉଛି। ଏପରିସ୍ଥଳେ ଗତ କିଛିଦିନ ହେବ ଉପଭୋକ୍ତାମାନେ ବୁକିଂ କରୁଥିଲେ ସୁଦ୍ଧା ବୁକିଂ ହେଉନଥିବା ଜଣାଅପଡ଼ିଛି। ବାଲେଶ୍ୱରରେ ଇଣ୍ଡିଆନ ଅଏଲ କର୍ପୋରେସନର ନିଜସ୍ୱ ଏଲପିଜି ବଟଲିଂ ପ୍ଲାଣ୍ଟ ରହିଛି। ଏହି ପ୍ଲାଣ୍ଟରେ ପ୍ରତିଦିନ ଡିଲର ପଏଣ୍ଟର ଇଣ୍ଡେନ ଅନୁସାରେ ଏଲପିଜି ସିଲିଣ୍ଡର ବଟଲିଂ କରାଯାଇ ବାଲେଶ୍ୱର ଜିଲ୍ଲା ସହ ଅନ୍ୟ ଜିଲ୍ଲାମାନଙ୍କୁ ମଧ୍ୟ ଯୋଗାଯାଉଛି। ସେହିପରି ଜିଲ୍ଲାରେ କାର୍ଯ୍ୟରତ ଅନ୍ୟ ୨ଟି କମ୍ପାନୀର ବଟଲିଂ ପ୍ଲାଣ୍ଟ ବାଲେଶ୍ୱରରେ ନଥିବା ବେଳେ ସେମାନେ ଅନ୍ୟ ସ୍ଥାନରୁ ଏଲପିଜି ସିଲିଣ୍ଡର ଅନ୍ୟ ଜିଲ୍ଲାରୁ ଆଣି ବିତରଣ କରିଆସୁଥିଲେ। ହେଲେ ଗତ କିଛିଦିନ ହେବ ଗ୍ୟାସ ସଠିକ ସମୟରେ ଡେଲିଭରି ମିଳୁନଥିବା ବେଳେ ବୁକିଂ ମଧ୍ୟ ହେଉନାହିଁ। ଯାହା ଫଳରେ ଗ୍ରାହକ ଚିନ୍ତାରେ ପଡ଼ିବା ସହ ବିଭିନ୍ନ ଗ୍ୟାସ ଏଜେନ୍ସି ନିକଟରେ ଗ୍ୟାସ ଟାଙ୍କି ଧରି ଲାଇନ ଦେଉଥିବା ଭଳି ଦୁଃଖଦ ଚିତ୍ର ଦେଖିବାକୁ ମିଳିଛି। ହେଲେ ବାଲେଶ୍ୱର ଜିଲ୍ଲାରେ ଘରୋଇ ଗ୍ୟାସର ସିଲିଣ୍ଡର ୧୧ ହଜାର ୯୭୮ଟି ସିଲିଣ୍ଡର ଏବଂ ୩୯୭ଟି ବ୍ୟବସାୟିକ ସିଲିଣ୍ଡର ମହଜୁଦ ଥିବା ନେଇ ଜିଲ୍ଲା ଯୋଗାଣ ବିଭାଗ ସ୍ପଷ୍ଟ କରୁଥିବା ବେଳେ ବାସ୍ତବ ଚିତ୍ର ଭିନ୍ନ ତଥ୍ୟ ବଖାଣୁଛି। ସେପଟେ ଜିଲ୍ଲାରେ ଗ୍ୟାସ ସଙ୍କଟ ସହ ଗ୍ୟାସ ଯୋଗାଣରେ ବିଳମ୍ବ ହେବାରୁ ସାଧାରଣ ପରିବାରମାନେ ଅସୁବିଧାରେ ପଡୁଥିବା ବେଳେ ହୋଟେଲ ଓ ଛୋଟ ବ୍ୟବସାୟୀ ବ୍ୟବସାୟିକ ଗ୍ୟାସ ଡେଲିଭରୀ ବିଳମ୍ବ ହେବାରୁ ଚିନ୍ତାରେ ପଡ଼ିବା ସହ ଅନେକ ହୋଟେଲ ବନ୍ଦ ହେବାକୁ ବସିଲାଣି। କେତେକ ସ୍ଥାନରେ ଷ୍ଟକ୍ ନାହିଁ ବୋଲି କୁହାଯାଉଥିବା ବେଳେ ଗ୍ୟାସର ସଙ୍କଟ ଯୋଗୁଁ ଲୋକଙ୍କ ଆବଶ୍ୟକତା ବେଳେ ରନ୍ଧନ ଗ୍ୟାସ ସିଲିଣ୍ଡର କଳା ବଜାର ନେଇ ମଧ୍ୟ ଗ୍ରାହକମାନେ ଅଭିଯୋଗ କରିଛନ୍ତି। ସେପଟେ ଓଡ଼ିଶା ବିଧାନସଭାରେ ମଧ୍ୟ ବିରୋଧୀ ସରକାରଙ୍କୁ ଘେରିଥିବା ବେଳେ ରାଜ୍ୟରେ ଏଲପିଜି ଯୋଗାଣ ସାଧାରଣ ଭାବରେ ଚାଲିଛି ଓ କୌଣସି ଗୁରୁତର ଅଭାବ ନାହିଁ ବୋଲି ସରକାର କହୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରର ମନ୍ତ୍ରୀମାନେ ମଧ୍ୟ ପ୍ରାଚ୍ୟ ଯୁଦ୍ଧର ପ୍ରଭାବ ଥିଲେ ମଧ୍ୟ ଦେଶରେ ପର୍ଯ୍ୟାପ୍ତ ଏଲପିଜି ମହଜୁଦ ରହିଛି ଓ ସପ୍ଲାଏ ଚେନ୍ ଉପରେ ନଜର ରଖାଯାଉଛି ବୋଲି କହୁଛନ୍ତି। କିନ୍ତୁ ତୃଣମୂଳ ସ୍ତରରେ ଗ୍ରାହକମାନେ ଯେଉଁ ସମସ୍ୟା ଭୋଗୁଛନ୍ତି ତାହା ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିସ୍ଥଳେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ରାଜ୍ୟ ଯୋଗାଣ ବିଭାଗ ଉପରେ ଗୁରୁତର ପ୍ରଶ୍ନ ଉଠିଛି। ବାଲେଶ୍ୱରରେ ବଟଲିଂ ପ୍ଲାଣ୍ଟ ଓ ୪୨ଟି ଡିଲର ପଏଣ୍ଟ ଥିବା ସତ୍ତ୍ୱେ ୫ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ଠିକ୍ ସମୟରେ ସିଲିଣ୍ଡର ମିଳୁନି କାହିଁକି, ସପ୍ଲାଏ ଚେନରେ କେଉଁଠି ଅବ୍ୟବସ୍ଥା ହେଉଛି ଓ ଡିଲର ଏବଂ ବିତରଣ ବ୍ୟବସ୍ଥା ଉପରେ ପ୍ରଶାସନର ସଠିକ ଲଗାମ ଅଛି କି ନାହିଁ -ଏହି ପ୍ରଶ୍ନ ଏବେ ସାଧାରଣ ଗ୍ରାହକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇପଡ଼ିଛି। ଏ ନେଇ ବାଲେଶ୍ୱର ବେସାମରିକ ଯୋଗାଣ ଅଧିକାରୀ ନରସିଂହ ପଣ୍ଡା କୁହନ୍ତି ବିଭାଗ ପକ୍ଷରୁ ବାଲେଶ୍ୱରରେ ଇଣ୍ଡିଆନ ଅଏଲ କର୍ପୋରେସନର ଏଲପିଜି ବଟଲିଂ ପ୍ଲାଣ୍ଟକୁ ଯାଇ ଯାଞ୍ଚ କରିଥିଲୁ, ସେଠାରେ ବିଭିନ୍ନ ଗ୍ୟାସ ଏଜେନ୍ସିର ଇଣ୍ଡେନ ମୁତାବକ ଗ୍ୟାସ ଫିଲିଂ କରାଯାଉଛି, ଗ୍ୟାସ ମହଜୁଦ ଅଛି। ଜିଲ୍ଲାରେ ବର୍ତ୍ତମାନ ୧୧ ହଜାର ୯୭୮ଟି ଘରୋଇ ଗ୍ୟାସର ସିଲିଣ୍ଡର ଏବଂ ୩୯୭ଟି ବ୍ୟବସାୟିକ ସିଲିଣ୍ଡର ମହଜୁଦ ଅଛି। କମ୍ପାନୀର ବୁକିଂ ଜନିତ ସମସ୍ୟା ପାଇଁ ବୁକିଂ ହେବାରେ ସମସ୍ୟା ହେଉଛି। ମହଜୁଦ କରି କଳା ବଜାର ଉଦ୍ୟମ କରୁଥିବା ସନ୍ଦେହ କରି ଚଢ଼ାଉ ମଧ୍ୟ କରାଯାଉଛି। ଜିଲ୍ଲାରେ ପର୍ଯ୍ୟାପ୍ତ ଗ୍ୟାସ ସିଲିଣ୍ଡର ମହଜୁଦ ଥିବା ବେଳେ ଗ୍ରାହକମାନେ ଛାନିଆ ନ ହେବାକୁ ସେ ଅପିଲ କରିଛନ୍ତି।

# ସ୍ୱର୍ଣ୍ଣଚୁଡ଼ ଯୁବ ମହୋତ୍ସବ କମିଟି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



**ନୀଳଗିରି, ୧୪।୩ (ସମିସ):** ନୀଳଗିରି ସ୍ୱର୍ଣ୍ଣଚୁଡ଼ ଯୁବ ମହୋତ୍ସବ କମିଟି ପକ୍ଷରୁ ଚଳିତ ବର୍ଷ ମହାସମାରୋହରେ ପାଳନ କରିବାକୁ ଯାଉଥିବା ବେଳେ ତା ପୂର୍ବରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ନୀଳଗିରି ବ୍ରିଟ କଲ୍ୟାଣ ମଣ୍ଡପ ପରିସରରେ କମିଟିର ସଭାପତି ସବ୍ୟସାଚୀ ମହାପାତ୍ରଙ୍କ ନେତୃତ୍ୱରେ ଏହି ଶିବିରକୁ ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଓ ଏନ୍.ଏ.ସି ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା ଉପସ୍ଥିତ ରହି ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ ଉପସ୍ଥିତ ରହିଥିବା ବେଳେ ଏହି ଶିବିରରେ କେୟାର ହସ୍ପିଟାଲର ଭେଷଜ ଡାକ୍ତର ଅବିନାଶ ପଣ୍ଡା, ହୃଦରୋଗ ବିଶେଷଜ୍ଞ ଡାକ୍ତର ବିକ୍ରମ କେଶରୀ ମହାପାତ୍ର, ପେଟ ରୋଗ ବିଶେଷଜ୍ଞ ଡାକ୍ତର ଦିଲ୍ଲୀପ କୁମାର ମହାନ୍ତି ଉପସ୍ଥିତ ରହି ରୋଗୀଙ୍କୁ ମାଗଣାରେ ସେବା ଯୋଗାଇଛନ୍ତି। ଏହି ଶିବିରରେ ପାଖା ପାଖି ୨୦୦ଶହରୁ ଅଧିକ ଲୋକ ନିଜ ନିଜର ରୋଗ ବାବଦରେ ଦେଖାଇଥିଲେ। ଏଥିରେ ସହଯୋଗ କରିଥିଲେ ସଭାପତି ଶ୍ରୀ ମହପାତ୍ର ସହିତ ସମ୍ପାଦକ ଚିନ୍ମୟ ଶରଣ ରାଉତ, ଭାସ୍କର ବିଶ୍ୱାଳ, ପ୍ରତାପ ସେଠୀ, ନିଗମ ରଞ୍ଜନ ରାଉତ, ଦେବାଶିଷ ଜେନା, ଦେବାଶିଷ ଆଚାର୍ଯ୍ୟ, ରମାକାନ୍ତ ପ୍ରଧାନ, ଟୁଲୁ ସାହୁ, ରମେଶ ପାତ୍ର, ସନ୍ତୋଷ ସମୁଦ୍ର, ଟୁଲୁ ସାହୁ, ଦେବାଶିଷ ରାଉଳ, ପରିସ୍ମିତା ଦାସ, ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳେଶ୍ୱର ଦୈନିକ ବଜାରର ଅସୁବିଧା ଦୂର ପାଇଁ ଆର୍‌ଏମ୍‌ସିର ମାପଚୁପ

**ଜଳେଶ୍ୱର, ୧୪।୩ (ସମିସ):** ଜଳେଶ୍ୱର ଅଂଚଳର ଏକ ମାତ୍ର ସରକାରୀ ଦୈନିକ ବଜାର ଓ ସପ୍ତାହରେ ଥରେ ବସୁଥିବା ସୋମବାର ହାଟକୁ ନେଇ ଜଳେଶ୍ୱର ତଥା ଆଖପାଖ ଅଂଚଳର ଜନସାଧାରଣଙ୍କ ମଧ୍ୟରେ ବିଭିନ୍ନ ଅସନ୍ତୋଷ ଲାଗିରହିଛି। ରାଜ୍ୟ ସରକାରଙ୍କ ଆର୍.ଏମ୍.ସି ଦ୍ୱାରା ପରିଚାଳିତ ଏହି ଦୈନିକ ବଜାର ଏକ ସୁସ୍ଥ ବାତାବରଣ ମଧ୍ୟରେ ନ ରହି ଆବର୍ଜନା ପୂର୍ଣ୍ଣ ଓ ଦୁର୍ଗନ୍ଧମୟ ପରିବେଶ ମଧ୍ୟରେ ଚାଲିଛି। ଯାହାକୁ ନେଇ ଜଳେଶ୍ୱରବାସୀ ବାରଂବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସୀ ସଫଳ ପଦକ୍ଷେପ ଆଜିଯାଏ ଆର୍.ଏମ୍.ସି ତରଫରୁ ନିଆଯାଇନାହିଁ। ଏଥିନେଇ ଗତ ଜିଲ୍ଲାପାଳଙ୍କ ଯୁଗ୍ମ ଶୁଣାଣୀରେ ଜଳେଶ୍ୱର ଜନସାଧାରଣଙ୍କ ତରଫରୁ ଅଭିଯୋଗ ପ୍ରଦାନ କରାଯାଇଥିଲା। ଫଳରେ ଆର.ଏମ.ସି ତରଫରୁ ଦୈନିକ ବଜାରର ନୂତନ ଡିପିଆର ପ୍ରସ୍ତୁତି ପାଇଁ ତାର ପରିସରକୁ ମାପଚୁପ କରାଯାଉ ଥିବାର ଦେଖିବାକୁ ମିଳିଛି। ଏହି ଦୈନିକ ବଜାର ଓ ହାଟ ଉପରେ ଉତର ବାଲେଶ୍ୱର, ସୋର, ବାହାନଗା, ଭଦ୍ରକ ଜିଲ୍ଲାର କିଛି ବ୍ୟବସାୟୀ ଏପରିକି ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ କଂଚା ଓ ସତେଜ ପରିବା ପ୍ରତିଦିନ ଏହିଠାରୁ ଯାଉଥିବାର ଦେଖିବାକୁ ମିଳେ। ସୋମବାର ଦିନ ହାଟରେ ମୟୁରଭଂଜ ଜିଲ୍ଲାର ଅର୍ଦ୍ଧାଧିକ ଅଂଚଳ, ପଶ୍ଚିମବଙ୍ଗର ରାଜ୍ୟର ଦାନ୍ତୁନ ଥାନା ଓ ବେଲଦା ଥାନା ଅଂଚଳର ଦୋକାନୀ ଓ ଚାଷୀମାନେ ସେମାନଙ୍କର ଉତ୍ପାଦ ବିକାକିଣା ପାଇଁ ଏହା ଉପରେ ନିର୍ଭର କରିଥାନ୍ତି। ମାତ୍ର ଏହି ବହୁ ପୁରାତନ ବଜାରର ପରିମଳ ଅବସ୍ଥା ଶୋଚନୀୟ ହୋଇପଡିଛି। ମୁଖ୍ୟ ରାସ୍ତା କଡରେ ଥିବା ଡ୍ରେନ ଗୁଡିକ ବହୁଦିନରୁ ଭାଙ୍ଗିରୁଜି ଗଲାଣି ଫଳରେ ଆବର୍ଜନା ଭର୍ତି ହୋଇ ପଡିରହିଛି। ଯାହା ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ହାଟ ମଧ୍ୟଦେଇ ଯାଇଥିବା ରାସ୍ତାଟି ଲକ୍ଷ୍ମଣନାଥ ଓ ରାଇବଣିଆ ଅଂଚଳର ମୁଖ୍ୟ ରାସ୍ତା ହୋଇଥିବା ଓ ରାସ୍ତା ପାଖରେ ବ୍ୟବସାୟୀ ମାନେ ବସିବା ଫଳରେ ସକାଳ ୬ଟାରୁ ଦିନ ୧୦ଟା ଯାଏ ରାସ୍ତା ଜାମ ହୋଇ ରହିବା ଫଳରେ ଦୈନିକ ଯାତାୟତରେ ଅସୁବିଧା ଲାଗିରହିଛି। ଏହି ସବୁର ସମାଧାନ ପାଇଁ ନୂତନ ଡ୍ରେନ ନିର୍ମାଣ, ହାଟରୁ ପାଣି ନିଷ୍କାସନ, ଦୋକାନୀ ମାନଙ୍କ ପାଇଁ ଛପର ଥିବା ପିଣ୍ଡି ନିର୍ମାଣ, ପ୍ରତିଦିନ ଆବର୍ଜନା ନିଷ୍କାସନ ସହିତ ସଫା ସୁତୁରାର ବ୍ୟବସ୍ଥା, ରାସ୍ତା ପାଖରୁ ଜବର ଦଖଲ ଉଚ୍ଛେଦ ଇତ୍ୟାଦି କାର୍ଯ୍ୟ କରାଯିବା ସହିତ ଆର୍.ଏମ୍.ସିର କାର୍ଯ୍ୟାଳୟ ନିର୍ମାଣ ପାଇଁ ନୂତନ ଡିପିଆର ପ୍ରସ୍ତୁତ ହେବ ବୋଲି ଆର୍.ଏମ୍.ସି ତରଫରୁ ମାପଚୁପ କରାଯାଉଛି ବୋଲି ସୂଚନା ପ୍ରଦାନ କରାଯାଇଛି।



# କୁନ୍ତଳା କଲ୍ୟାଣୀ ସାହିତ୍ୟ ସଂସଦର ସାହିତ୍ୟ ଆସର



**ଖଇରା,୧୪।୩ (ସମିସ):** ପୂର୍ବରୁ ବସନ୍ତର ସେହି ମଳୟ ପବନ ବହୁ ନାହିଁ କି କୋକିଳର କୁହୁ କୁହୁ ସ୍ୱର ଶୁଣିବାକୁ ମିଳୁନାହିଁ। ବସନ୍ତର ସେହି ଉନ୍ମାଦନା, ଅନୁଭବ ଓ ଆକର୍ଷଣ କେବଳ କବିର କବିତାରେ ସିମିତ ହୋଇ ରହିଯାଇଛି ବୋଲି କୁନ୍ତଳା କଲ୍ୟାଣି ସାହିତ୍ୟ ସଂସଦର ବସନ୍ତ ଆସର, କବିତା ପାଠୋତ୍ସବ ତଥା ପୁସ୍ତକ ଉନ୍ମୋଚନ ଉତ୍ସବରେ ଯୋଗ ଦେଇଥିବା ସାରସ୍ୱତ ସାଧକମାନେ ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ପଳାସପୁର ଗ୍ରାମରେ ଆୟୋଜିତ ଉକ୍ତ ଉତ୍ସବରେ ସ୍ଥାୟୀ ସଭାପତି ସୁଦାମ ଚରଣ ରାଉତ ପୌରହିତ୍ୟ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ବସନ୍ତ କୁମାର ଖିଲାର ମୁଖ୍ୟ ଅତିଥି, ବିଶିଷ୍ଟ ପ୍ରାବନ୍ଧିକ, କବି ତଥା ପାଲଗାୟକ ହରିହର ପାଣିଗ୍ରାହୀ ମୁଖ୍ୟବକ୍ତା, ଡ. ଶରତ ଚନ୍ଦ୍ର ମହାନ୍ତି, ରବି ନାରାୟଣ ମିଶ୍ର ଓ ଚିନ୍ତାମଣି ସାହାଣି ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଲମ୍ବୋଦର ନନ୍ଦ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଲେଖକ ସୁଦାମ ଚରଣ ରାଉତଙ୍କ ଲିଖିତ 'କର୍ମରେ ସଂଯୋଗ' ଓ କୁନ୍ତଳା ମହାରଥାଙ୍କ ରଚିତ 'ମୋ ଜୀବନ ଗୀତି' କବିତା ସଂକଳନ ଉନ୍ମୋଚିତ ହୋଇଥିଲା। ଅବସରପ୍ରାପ୍ତ ଆଦର୍ଶ ଅଧ୍ୟାପକ ରମାକାନ୍ତ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଅଧିବେସନରେ ସୁରମା ପାଣିଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ କୁନ୍ତଳା ମହାରଥା,ଭଗବାନ ସେଠୀ,ବସନ୍ତ ଦାସ, ରଘୁନାଥ ପତ୍ରୀ, ସନ୍ଧ୍ୟାରାଣୀ ପଟ୍ଟନାୟକ, ଇଲାରାଣୀ କର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କଲ୍ୟାଣି ପଣ୍ଡା ଧନ୍ୟବାଦ ଅର୍ପଣ ଓ କୁଞ୍ଜଲତା ମାହୁନ୍ତ ସହଯୋଗ କରିଥିଲେ।

# ଏତଲାରେ ମୃତକଙ୍କୁ ଅଭିଯୋଗକାରୀ ଦର୍ଶାଇଲା ପୁଲିସ

**ଖଇରା,୧୪।୩ (ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ ସୋର-କୁପାରୀ ରାସ୍ତାରେ ଦୁର୍ଘଟଣା ଜନିତ ମୃତ୍ୟୁରେ ପୁଲିସ ପକ୍ଷରୁ ଏକ ମାମଲା(୫୫/୨୬) ରୁଜୁ କରାଯାଇଛି। ହେଲେ ପୁଲିସ ଏତଲାରେ ମୃତକ ସିମୁଳିଆ ଥାନା ବାଘୁଆ ଗ୍ରାମର ଗଜେନ୍ଦ୍ର ନାୟକଙ୍କୁ ଅଭିଯୋଗକାରୀ ଭାବେ ଦର୍ଶାଯାଇଛି। ପ୍ରକୃତରେ ଗଜେନ୍ଦ୍ରଙ୍କ ଭାଇ ହରିହର ନାୟକ ଅଭିଯୋଗକାରୀ ହୋଇଥିବା ବେଳେ ଜଣେ ତଦନ୍ତକାରୀ ଅଧିକାରିଣୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ତ୍ରୁଟିପୂର୍ଣ୍ଣ ଏତଲାକୁ ନେଇ ମୃତକଙ୍କ ପରିବାର ସଂଶୟରେ ଅଛନ୍ତି। ଏ ସମ୍ପର୍କରେ ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକଙ୍କୁ ଯୋଗାଯୋଗ କରିବାରେ ଅଭିଯୋଗକାରୀ ଲିଖିତ ଅଭିଯୋଗ କ୍ରମେ ଏତଲା ପ୍ରସ୍ତୁତ କରାଯାଇଛି। କିଭଳି ସଂଶୋଧନ କରାଯାଇ ପାରିବ ସେ ଚେଷ୍ଟା କରୁଥିବା କହିଛନ୍ତି। ୧୦ତାରିଖ ସଂଧ୍ୟାରେ ସୋର-କୁପାରୀ ରାସ୍ତାର ବ୍ରାହ୍ମଣପୋଖରୀ ପେଟ୍ରୋଲ ଟାଙ୍କି ନିକଟରେ ଗଜେନ୍ଦ୍ର ଛିଡା ହୋଇଥିବା ବେଳେ ଏକ ଅଜଣା ବୋଲେରୋ ତାଙ୍କୁ ଘୋଷାରୀ ନେଇଯିବାରୁ ଗଜେନ୍ଦ୍ର ଗୁରୁତର ହୋଇପଡିଥିବା ବେଳେ ମେଡିକାଲରେ ପହଞ୍ଚିବା ପୂର୍ବରୁ ସେ ମୃତ୍ୟୁ ବରଣ କରିଥିଲେ।

# ଶିଶୁ ସେବିକା ମନୋନୟନରେ ଅନିୟମିତତା ଅଭିଯୋଗ

**ବାଲେଶ୍ୱର ସଦର,୧୪।୩ (ସମିସ):** ବସ୍ତା ଗୋଷ୍ଠୀ ଶିକ୍ଷାଧିକାରୀ ଅଧୀନସ୍ଥ ଇଡ଼ିଦା ପଞ୍ଚାୟତ ଅନ୍ତର୍ଗତ ମଚ୍ଛଦା ପ୍ରାଥମିକ ବିଦ୍ୟାଳୟରେ ଶିଶୁ ସେବିକା ମନୋନୟନରେ ଅନିୟମିତତା ହୋଇଥିବା ନେଇ ୱାର୍ଡ ସଭ୍ୟା ସମେତ ଅଭିଭାବକ ବିଇଓଙ୍କ ନିକଟରେ ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ ମଚ୍ଛଦା ପ୍ରାଥମିକ ବିଦ୍ୟାଳୟରେ ଶିଶୁ ସେବିକା ପଦବୀ ପାଇଁ ଆବେଦନ ପତ୍ର ଆହ୍ୱାନ କରାଯାଇଥିଲା। ମାତ୍ର ବିଦ୍ୟାଳୟର ପ୍ରଧାନଶିକ୍ଷକ, ପୂର୍ବତନ ସଭାପତି, ନୂତନ ସଭାପତି ଚଞ୍ଚକତା ପୂର୍ବକ ନୋଟିସ ମାରି ତିନି ଜଣଙ୍କ ଫଟୋ ଉଠାଇ ସଙ୍ଗେ ସଙ୍ଗେ ନୋଟିସ ଉଠାଇନେଇ ଶିଶୁ ସେବିକାଙ୍କୁ ମନଇଚ୍ଛା ମନୋନୟନ କରିଥିବା ଗ୍ରାମର ୱାର୍ଡ ସଭ୍ୟା ମମତା ପ୍ରଧାନଙ୍କ ସମେତ ଅଭିଭାବକ ଅଭିଯୋଗ ଉଠାଇଛନ୍ତି। ଉକ୍ତ ନିଯୁକ୍ତି ପୂର୍ବରୁ ପରିଚାଳନା କମିଟି ସଦସ୍ୟ/ସଦସ୍ୟା ଏବଂ ୱାର୍ଡସଭ୍ୟାଙ୍କ ଉପସ୍ଥିତିରେ ମନୋନୟନ ପ୍ରକ୍ରିୟା କରାଯିବା ପାଇଁ ପ୍ରାବଧାନ ଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପ୍ରାକ୍ତନ ପରିଚାଳନା କମିଟି ସଭାପତି ଓ ଏବର ସଭାପତି ସେମାନଙ୍କୁ ନଜଣାଇ ଏପରି କାର୍ଯ୍ୟ କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟ ଜନକ କଥା ହେଲା ୪/୫ ଜଣ ଯେଉଁମାନେ ଏସଏମସି ସଦସ୍ୟ ଅଛନ୍ତି ସେହି ମାନଙ୍କ ସ୍ତ୍ରୀମାନେ ନିଯୁକ୍ତି ଫର୍ମ ଆବେଦନ କରିଥିବା ଜଣାପଡ଼ିଛି। ଫଳରେ ଗ୍ରାମର ଅନ୍ୟ ସ୍ତ୍ରୀ ଲୋକମାନେ ଶିକ୍ଷିତା ହୋଇ ମଧ୍ୟ ଏହି ନିଯୁକ୍ତି ଦରଖାସ୍ତ ଆବେଦନରୁ ବଞ୍ଚିତ ହୋଇଛନ୍ତି। ଉକ୍ତ ଆବେଦନ ପାଇଁ ହୋଇଥିବା ନୋଟିଫିକେସନକୁ ରଦ୍ଦ କରାଇବା ସହ ସମସ୍ତଙ୍କ ଅବଗତିରେ ନୋଟିଫିକେସନ୍ କରାଇ ପୁନଃ ଆବେଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ୱାର୍ଡସଭ୍ୟା ଶ୍ରୀମତି ପ୍ରଧାନଙ୍କ ସମେତ ଅଭିଭାବକ ବିଇଓଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ଭୋଗରାଇର ପର୍ଯ୍ୟଟନ ସ୍ଥଳୀ ବିକାଶକୁ ଆଉ କେତେ ବର୍ଷ ?

**ଭୋଗରାଇ,୧୪।୩ (ବିକାଶ ପାଣିଗ୍ରାହୀ)**





ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ବହୁ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଓ ବିଶ୍ୱସ୍ତରୀୟ ବେଳାଭୂମି ରହିଥିଲେ ବି ଆଶାତୀତ ବିକାଶ ହେଉନି। ଏଠାରେ ରହିଛି ଆକର୍ଷଣୀୟ ବିସ୍ତୀର୍ଣ୍ଣ ବେଳାଭୂମି ଉଦୟପୁର ଓ ତାଳସାରୀ। ଏହି ଦୁଇ ବେଳାଭୂମିରେ ଅନତି ଦୂରରେ ପଶ୍ଚିମବଙ୍ଗର ଦୀଘା ବେଳାଭୂମି ରହିଛି। ଦୀଘାକୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ସେଠାକାର ସରକାର ବହୁ ପଦକ୍ଷେପ ହାତକୁ ନେଇଛନ୍ତି। ସେଠାରେ ପ୍ରାୟ ୧ ହଜାର ହୋଟେଲ ରହିଥିବା ବେଳେ ୨୦ରୁ ଉର୍ଦ୍ଧ୍ୱ ତାରକା ହୋଟେଲ ରହିଛି । ଯାତ୍ରୀଙ୍କ ଯାତାୟତ ସୁବିଧା ପାଇଁ ସେଠାକୁ ରେଳ ସଂଯୋଗ ବି ହୋଇଛି। ପାର୍କ, ମ୍ୟୁଜିୟମ, ଦୀଘାକୁ ପ୍ରବେଶ ପଥରେ ଆକର୍ଷଣୀୟ ତୋରଣ, ସମୁଦ୍ର କୂଳରେ ବସିବା ପାଇଁ ସୁନ୍ଦର ବେଞ୍ଚର ବ୍ୟବସ୍ଥା ଇତ୍ୟାଦି କରାଯାଇଛି। ସେହିପରି ଏକ ସୁଦୃଶ୍ୟ ବୃହତକାୟ ଜଗନ୍ନାଥ ମନ୍ଦିର ବି ନିର୍ମାଣ କରାଯାଇଛି। କହିବାକୁ ଗଲେ ଦୀଘାକୁ ଦ୍ୱିତୀୟ ଗୋଆ ଭାବେ ଗଢି ତୋଳିବାକୁ ପଶ୍ଚିମବଙ୍ଗ ସରକାର ସମସ୍ତ ପ୍ରକାର ଉଦ୍ୟମ କରୁଛନ୍ତି। ଅପରପକ୍ଷରେ ପଶ୍ଚିମବଙ୍ଗ ସଂଲଗ୍ନ ଓଡ଼ିଶାର ଭୋଗରାଇରେ ଉଦୟପୁର ଓ ତାଳସାରି ଭଳି ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ବିସ୍ତୀର୍ଣ୍ଣ ୨ଟି ବେଳାଭୂମି ରହିଥିବା ବେଳେ ଏହାର ବିକାଶରେ ମନ୍ଥରଗତି ପରିଲକ୍ଷିତ ହେଉଛି। ଏହି ୨ ବେଳାଭୂମିରେ ନାଲି କଙ୍କଡାର ଲୁଚକାଳି ଖେଳ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ। ମାତ୍ର ବୋର୍ଟିଂ ବ୍ୟବସ୍ଥା ବ୍ୟତୀତ ଏଠାରେ ଅନ୍ୟ କୌଣସି ଆକର୍ଷଣୀୟ ବ୍ୟବସ୍ଥା ଅଦ୍ୟାବଧି ହୋଇନି। ଦୀଘାରେ ସମୁଦ୍ର ଥିଲେ ବି ଉଦୟପୁର - ତାଳସାରୀ ଭଳି ବିସ୍ତୀର୍ଣ୍ଣ ବେଳାଭୂମି ନାହିଁ। ଏହି କାରଣରୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଏହି ୨ଟି ବେଳାଭୂମିକୁ ଆସି ସମୁଦ୍ରରେ କେବଳ ଗାଧୋଇବାର ମଜ୍ଜା ନେଇ ପୁଣି ଦୀଘା ଫେରି ଯାଉଛନ୍ତି । ଭଲ ହୋଟେଲ ଥିବାରୁ ସେଠାରେ ଖାଇବା ସହିତ ରାତ୍ରିଯାପନ କରୁଛନ୍ତି। ସେହିପରି ଭୋଗରାଇ ବ୍ଲକର ଶ୍ରଦ୍ଧାପୁର ପଞ୍ଚାୟତରେ ରହିଛି ବିଚିତ୍ରପୁର ଇକୋ ଟୁରିଜିମ। ଏଠାକୁ ମଧ୍ୟ ଦେଶ ବିଦେଶର ପର୍ଯ୍ୟଟକ ଆସୁଛନ୍ତି। ଏଠାରେ ଓଡ଼ିଶା ସରକାର ଏକ କୋଟେଜ ନିର୍ମାଣ ସହିତ ସମୁଦ୍ର ଭିତରେ ଥିବା ସୁବର୍ଣ୍ଣ ଦ୍ୱୀପକୁ ଯିବା ପାଇଁ ବୋର୍ଟର ବ୍ୟବସ୍ଥା କରିଛନ୍ତି। ଏହି ଦ୍ୱୀପରେ ବିଭିନ୍ନ ପ୍ରକାର ସରୀସୃପ ରହିଥିବା ବେଳେ ଝାଉଁ ଜଙ୍ଗଲର ସାଇଁ ସାଇଁ ଶବ୍ଦ, ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟର ମନୋଲୋଭା ଦୃଶ୍ୟ। ଦେଶୀ ବିଦେଶୀ ଚଢେଇର କାକଳି ସ୍ୱର ପର୍ଯ୍ୟଟକ ମାନଙ୍କୁ ବିମୋହିତ କରେ। ଦେଖିବାକୁ ଗଲେ ଏହି ସ୍ଥାନଟି ଭିତରକନିକା ଅଭୟାରଣ୍ୟର ଭ୍ରମ ସୃଷ୍ଟି କରେ। ମାତ୍ର ଦ୍ୱୀପରେ ରାତ୍ରୀ ରହଣି, ହୋଟେଲ କିମ୍ବା ପାନୀୟ ଜଳର ବ୍ୟବସ୍ଥା ନଥିବାରୁ ପର୍ଯ୍ୟଟକ ବିମୁଖ ହେଉଛନ୍ତି। ଦ୍ୱୀପରେ ରହିବା ପାଇଁ ହୋଟେଲ ଓ ପାନୀୟ ଜଳର ବ୍ୟବସ୍ଥା କରାଗଲେ ପର୍ଯ୍ୟଟକମାନେ ସେଠାରେ ରାତ୍ରିଯାପନ କରିପାରନ୍ତେ। ସେଠାରେ ଦୋକାନ ବଜାର କରି ସ୍ଥାନୀୟ ଲୋକେ ରୋଜଗାରକ୍ଷମ ହୁଅନ୍ତେ। ସରକାର ମଧ୍ୟ ଭଲ ରାଜସ୍ୱ ପାଇ ପାରନ୍ତେ। ଅନୁରୂପ ଭାବେ ଏଠାରେ ବିଶ୍ୱର ସର୍ବ ବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱରଙ୍କ ଧାମ ସମଗ୍ର ବିଶ୍ୱର ପର୍ଯ୍ୟଟକଙ୍କୁ ଆକର୍ଷିତ ଓ ବିମୋହିତ କରେ। ମାତ୍ର ୨୦୧୩ ମସିହାରେ ସମୁଦ୍ରର ଜୁଆର ମାଡ଼ରେ ବାବାଙ୍କ ମୂଳ ମନ୍ଦିର ଭାଙ୍ଗିଯିବା ପରଠୁ ଏକ ଟିଣ ଛପର ଚାଳିଆ ତଳେ ବାବା ପୂଜା ପାଉଛନ୍ତି। ଏହି ମନ୍ଦିର ଓ ବାବାଙ୍କ ବିଶାଳକାୟ ଶିବଲିଙ୍ଗ ବର୍ଷା ଓ ବନ୍ୟା ପାଣିରେ ବୁଡିଯାଉଥିଲେ ବି ମନ୍ଦିର ନିର୍ମାଣ ସହିତ ଏଠାକାର ପାରିପାଶ୍ୱର୍ିକ ଉନ୍ନତି କ୍ଷେତ୍ରରେ ଆନ୍ତରିକତା ନାହିଁ। ଏବେ ମନ୍ଦିର ନିର୍ମାଣ ଆରମ୍ଭ ହୋଇଥିଲେ ହେଁ ଏଥିପାଇଁ ବହୁ ଅର୍ଥ ଆବଶ୍ୟକ ଥିବାରୁ ନିର୍ମାଣ କେବେ ପୂର୍ଣ୍ଣାଙ୍ଗ ହେବ ତାହା ମଧ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଠାକୁ ପ୍ରତିଦିନ ଓଡିଶା, ପଶ୍ଚିମବଙ୍ଗ, ବିହାର ଝାଡ଼ଖଣ୍ଡ ଏବଂ ତଥା ବିଦେଶୀ ପର୍ଯ୍ୟଟକ ଆସୁଛନ୍ତି। ମାତ୍ର ବର୍ଷ ବର୍ଷ ଧରି ଟିଣ ଛପର ତଳେ ସର୍ବ ବୃହତ ଶିବଲିଙ୍ଗ ପୂଜା ହେଉଥିବା ଦେଖି ବିସ୍ମିତ ହୋଇ ଫେରୁଛନ୍ତି। ଏଠି ମଧ୍ୟ ପର୍ଯ୍ୟଟକଙ୍କ ରହଣି ପାଇଁ ଭଲ ହୋଟେଲ ନାହିଁ। ପଶ୍ଚିମବଙ୍ଗ ସରକାର ଦୀଘାରୁ କୋଟି କୋଟି ଟଙ୍କା ରାଜସ୍ୱ ପାଉଥିବା ବେଳେ ଓଡିଶା ସରକାର ଉଦୟପୁର ଓ ତାଳସାରୀ ବେଳାଭୂମି, ବିଚିତ୍ରପୁର ଇକୋ ଟୁରିଜିମ ସହିତ ବାବା ଭୂଷଣ୍ଡେଶ୍ୱର ଓ ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର ଶୈବପୀଠ ର ବିକାଶ କରିପାରିଲେ ଏଠାରୁ ମଧ୍ୟ ଅନେକ ରାଜସ୍ୱ ପାଇପାରନ୍ତେ। ସେହିପରି ମା ବିଜୟ ବାସୁଳୀ ହେଉଛନ୍ତି ଭୋଗରାଇର ଅଧିଷ୍ଠାତ୍ରୀ ଦେବୀ। ଏହି ପୀଠକୁ ଅଧିକ ଆକର୍ଷଣୀୟ ତଥା ଲୋକାଭିମୁଖୀ କରିବା ପାଇଁ ଏଠାରେ ପାରିପାଶ୍ୱର୍ିକ ଉନ୍ନତି ଯଥା ଶିଶୁ ଉଦ୍ୟାନ, ହରିଣ ପାର୍କ ବୋଟିଂ ସିଷ୍ଟମ ଇତ୍ୟାଦି ନିର୍ମାଣ କରାଯିବା ପାଇଁ ମଧ୍ୟ ଦୀର୍ଘ ଦିନରୁ ଦାବି ହେଉଛି। ଏଠାକୁ ପ୍ରତିଦିନ ଓଡ଼ିଶାର ବିଭିନ୍ନ ପ୍ରାନ୍ତ ଓ ପଶ୍ଚିମବଙ୍ଗରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଥିବା ବେଳେ ଏହାର ବିକାଶରେ ସରକାରଙ୍କ ଆନ୍ତରିକତା ନାହିଁ। ତୁରନ୍ତ ସମସ୍ତ ପର୍ଯ୍ୟଟନ ସ୍ଥଳୀ ଓ ୨ଟି ବେଳାଭୂମିର ବିକାଶ ହୋଇ ପାରିଲେ ଅଞ୍ଚଳର ବିକାଶ ସମ୍ଭବ ସାଙ୍ଗକୁ ଜନସାଧାରଣ ଉପକୃତ ହୁଅନ୍ତେ।

- ଦୀଘାରେ ଘୋ ଘୋ, ନୀରବ ତାଳସାରୀ
- ବାବା ଭୂଷଣ୍ଡେଶ୍ୱରଙ୍କ ମନ୍ଦିର ନିର୍ମାଣରେ ମନ୍ଥର ଗତି




# ଯାଜପୁର ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ




**ଯାଜପୁର, ୧୪।୩(ସମିସ)**

ଯାଜପୁର ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ପ୍ରକାରର ମୋଟ ୭୦୫୬୭ଟି ମକଦ୍ଦମା ଫଇସଲା ହୋଇଛି। ସେଥି ମଧ୍ୟରୁ ୫୬୮ଟି ଫୌଜଦାରୀ, ୨୧ଟି ମୋଟର ଦୁର୍ଘଟଣା ଜନିତ ମାମଲା, ୫୦ଟି ଦେୱାନୀ, ୧୪ଟି ପାରିବାରିକ କଳହ ମକଦ୍ଦମା, ଶ୍ରମ ବିବାଦ ୧୫ଟି ଏବଂ ରାଜସ୍ୱ ବିଭାଗର ୬୩୮୬ଟି ମାମଲା ଫଇସଲା କରାଯାଇ ମୋଟ ୯ କୋଟିଇ ୨୬ ଲକ୍ଷ ୧୮ ହଜାର ୭୨୫ ଟଙ୍କା ଆଦାୟ କରାଯାଇଛି। ଏତଦବ୍ୟତୀତ ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ମୋଟ ୭୭ଟି, ବିଦ୍ୟୁତ ବିଭାଗର ୨୩୪ଟି, ସ୍ଥାୟୀ ଲୋକ ଅଦାଲତର ୨ଟି, ଟ୍ରାଫିକ ଚାଲାଣ ୧୮ଟି ଏବଂ ଟେଲିଫୋନ ୩ ଟି ସମ୍ବନ୍ଧୀୟ ପ୍ରାକ୍ ବିଚାରଧୀନ ମାମଲା ଫଇସଲା କରାଯାଇ ମୋଟ ୭୧ ଲକ୍ଷ ୯୬ ହଜାର ୬୧୧ ଟଙ୍କା ମଧ୍ୟ ଅଦାୟ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଓ ଦୌରାଜଜ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦ ଅନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ନେହା ଅଗ୍ରୱାଲ ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଅଦାଲତରେ ଯାଜପୁର ଜିଲ୍ଲାର ପରିବାର ଅଦାଲତର ବିଚାରପତି ଗୁଣ୍ଡିଚା ସାମନ୍ତ ସିଂହାର, ମୁଖ୍ୟବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସର୍ବେଶ୍ୱର ଦାସ, ରେଜିଷ୍ଟ୍ରାର ମାନସ ରଞ୍ଜନ ସାମନ୍ତରାୟ, ବରିଷ୍ଠ ଦେୱାନୀ ବିଚାରପତି (ଏଲ୍‌ଆର ଏବଂ ଏଲ୍‌ଟିଭି) ଲୋପାମୁଦ୍ରା ବେହେରା, ଏସ୍‌ଡିଜେଏମ୍ ସୁମିତ୍ରା ବିଶ୍ୱାଳ, ଦେୱାନୀ ବିଚାରପତି ସୁନିତା ବିଶ୍ୱାଳ, ଜେଏମ୍‌ଏଫ୍‌ସି (ଏଲ୍‌ଆର୍ ଏବଂ ଏଲ୍‌ଟିଭି) ଅଂଶୁମାନ ରଥ ଅଂଶଗ୍ରହଣ କରି ବିଭିନ୍ନ ମକଦ୍ଦମା ଗୁଡିକୁ ଫଇସଲା କରିଥିଲେ। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରାଜଜ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲ୍ଲା କାରାଗାର ଅନ୍ତେବାସୀ ମାନଙ୍କ ଦ୍ୱାରା ତିଆରି କରାଯାଇଥିବା ଫିନାଇଲ ଏବଂ ଜୈବିକ ଖତ ବିକ୍ରୟ କରାଯାଇଥିଲା।

# ୮୯ତମ ରାଣିଗୋଡ଼ା ତେଲିଆ ମେଳଣ ଉଦ୍‌ଯାପିତ



**ପାଣିକୋଇଲି, ୧୪।୩(ସମିସ):** କୋରାଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ୮୯ ତମ ରାଣିଗୋଡା ତେଲିଆ ମେଳଣ ଉଦ୍‌ଯାପିତ ହୋଇଛି। ବହୁ ପୁରାତନ ମେଳଣ ଭାବେ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ଦ୍ୱାରା ୫ଟି ବିମାନକୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଧିବାସୀମାନେ ହଜାର ହଜାର ସଂଖ୍ୟାରେ ଯୋଗଦେଇଥିଲେ। ଆଇନ ଶୃଙ୍ଖଳା ରକ୍ଷା ରକ୍ଷା ପାଇଁ ପାଣିକୋଇଲି ପୁଲିସ ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଥିଲା। ମେଳଣ କମିଟିର ସଭାପତି ଭିକାରୀ ମହାନ୍ତି, ସମ୍ପାଦକ ନାରାୟଣ ସାହୁ, କୋଷାଧ୍ୟକ୍ଷ ଶିବଶଙ୍କର ସାହୁ, କୀର୍ତି ସାହୁ, ପରମାନନ୍ଦ ସାହୁ, ଅଜୟ ସାହୁ, ଚୈତନ୍ୟ ନାୟକ, ରବୀନ୍ଦ୍ର ନାୟକ, ଭାସ୍କର ମଳିକ, ସୁରେନ୍ଦ୍ର ମଳିକ, ବିଜୟ ସେନାପତି, କୃଷ୍ଣ ଚନ୍ଦ୍ର ପଲେଇ, ଦୋଳ ଗୋବିନ୍ଦ ସେଠୀ, ପୂଜକ ନିରଞ୍ଜନ ପଣ୍ଡା, ରବୀନ୍ଦ୍ର ପଣ୍ଡାଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମର ବହୁ ବ୍ୟକ୍ତି ଅଂଶଗ୍ରହଣ କରି କାର୍ଯ୍ୟକ୍ରର ସୁପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପାଣିକୋଇଲି ପୁଲିସ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଥିଲା।

## ଭଡ଼ାଘରୁ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଦାନଗଦି, ୧୪।୩(ସମିସ):** ଡୁବୁରୀ ଗାଁରେ ଏକ ଭଡ଼ାଘରେ ରହୁଥିବା ଜଣେ ଶ୍ରମିକଙ୍କ ମୃତଦେହକୁ କଳିଙ୍ଗନଗର ପୁଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣକ ହେଲେ ମଙ୍ଗଳପୁର ଥାନା ବାଲିପାଟଣା ଗାଁର ଚକ୍ରଧର ସ୍ୱାଇଁଙ୍କ ପୁଅ ସତ୍ୟଜିତ ସ୍ୱାଇଁ (୨୩)। ସେ ନିକଟସ୍ଥ ଟାଟା ଷ୍ଟିଲ କାରଖାନାରେ ଶ୍ରମିକ ଭାବେ କାମ କରୁଥିଲେ। ସେ ଡୁବୁରୀ ଗାଁରେ ଏକ ଭଡ଼ାଘରେ ୩ ଜଣ ମିଶି ରହୁଥିଲେ। ଅନ୍ୟ ୨ ଜଣ କାଲି ରାତିରେ କାରଖାନାକୁ ଡ୍ୟୁଟିରେ ଯାଇଥିଲେ। ସତ୍ୟଜିତ ଏକାକୀ ଘରେ ରହୁଥିଲେ। ସକାଳୁ କବାଟ ବନ୍ଦଥିବାର ଦେଖି ପଡ଼ୋଶୀ ଲୋକେ ଡାକିଥିଲେ। ସେ ନ ଶୁଣିବାରୁ ସନ୍ଦେହ ହୋଇଥିଲା। ସ୍ଥାନୀୟ କଳିଙ୍ଗନଗର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ଅବସ୍ଥାରେ ମୃତଦେହକୁ ଉଦ୍ଧାର କରି ଦାନଗଦି ଡାକ୍ତରଖାନାକୁ ପଠେଇଥିଲେ। ପୁଲିସ ୪/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରିରଖିଛି। ତେବେ କେଉଁ କଟଣାରୁ ସତ୍ୟଜିତ ଆତ୍ମହତ୍ୟା କରିଛି; ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ରେନ୍‌ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା



**ଧର୍ମଶାଳା, ୧୪।୩(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ରେନ୍‌ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୁକ୍ତ ଦୁଇ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ପଞ୍ଚାନନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ମିନତୀ ସାହୁ ମୁଖ୍ୟଅତିଥି, ଗୋକର୍ଣ୍ଣିକା ସଭାପତି ଡ. ରମାକାନ୍ତ ଜେନା ମୁଖ୍ୟବକ୍ତା, ଅଧ୍ୟକ୍ଷ ଜ୍ଞାନରଞ୍ଜନ ଜେନା, ପ୍ରତିଷ୍ଠାତା ବିଭୁତି ଭୂଷଣ ରାଉତ, ଶିକ୍ଷକ ନରେନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଲେଜ ସଂଯୋଜକ ଚିନ୍ମୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଲକ୍ଷ୍ମୀଧର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। କଲେଜର ଅଧ୍ୟାପକ, ଅଧ୍ୟାପିକା ଓ ଅଣ ଶିକ୍ଷକ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ସଚ୍ଚିଦାନନ୍ଦ ମିଶ୍ର, ପବିତ୍ର ରାଉତ, ସୁନୀଲ କୁମାର ଦାଶ, ସନ୍ଧ୍ୟାରାଣୀ ବାରିକ, ତ୍ରିଷ୍ଣାରାଣୀ ଜେନା, ପୂଜାପ୍ରଜ୍ଞା ସାହୁ, ସୋନମ ପ୍ରିୟଦର୍ଶିନୀ ସାହୁ, ସାରିକା ଦାସ, ଜୟନ୍ତୀ ବାରିକ, ଚିନ୍ମୟୀ ବେହେରା ଓ ଯଶୋଦା ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶୁଭଶ୍ରୀ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

## ଜାତୀୟ ସିନିୟର୍ ରଗ୍‌ବିରେ ଯାଜପୁର ଖେଳାଳି

**ଦଶରଥପୁର, ୧୪।୩(ସମିସ):** ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଜାତୀୟ ପୁରୁଷ ଓ ମହିଳା ୧୫ ସାଇଡ୍ ରଗବି ଦଳ ମଧ୍ୟରେ ଓଡ଼ିଶା କ୍ଲବ୍ ଉପ ବିଜେତା ହୋଇଛି। ଏହି ଦଳରେ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକର କଟିକଟା ପଞ୍ଚାୟତର ନାରାୟଣ ତରାଇଙ୍କ ଝିଅ ମୋହିନି ତରାଇ ଓ ବିରୀପଟା ନାରୀଗାଁ ଉମାକାନ୍ତ ସାମଲଙ୍କ ଝିଅ ତଥା ସାଧୁଗୌରେଶ୍ୱର ମହାବିଦ୍ୟାଳୟର ଛାତ୍ରୀ ସୁବାସିନୀ ସାମଲ ଭାଗନେଇ ରୌପ୍ୟ ପଦକ ପାଇଛନ୍ତି। ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକର ହଳିଆ ପାଟଣା ଗାଁର ଲୋକନାଥ ସାହୁ ଓ ଓଡ଼େଇ ଗାଁର ବିଶାଲ ଚୌଧୁରୀ ରେଫରୀ ଭାବେ ନିଯୁକ୍ତ ହୋଇଥିଲେ। ତାଙ୍କର ଏହି ସଫଳତାରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକିର ମୋହନ୍ ଟୁଡୁ, ଜିଲ୍ଲା ରଗବୀ ଫୁଟବଲ ଆସୋସିଏସନ୍‌ର ସଭାପତି ନାରାୟଣ ଚନ୍ଦ୍ର ସାହୁ ଓ ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ଜିଲ୍ଲା ସମ୍ପାଦକ ଭରତ ସାହୁ ଶୁଭେଚ୍ଛା ଜଣାଇଛନ୍ତି।

# ଇମ୍ଫାରେ ଜାତୀୟ ସୁରକ୍ଷା ସପ୍ତାହ



**ଦାନଗଦି, ୧୪।୩(ସମିସ):** ଇମ୍ଫା କଳିଙ୍ଗନଗର-୨ ପ୍ଲାଣ୍ଟରେ ୫୫ତମ ଜାତୀୟ ସୁରକ୍ଷା ସପ୍ତାହର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଯାଜପୁରର ଫାକ୍ଟ୍ରି ଏବଂ ବଏଲର୍ସ ଉପନିର୍ଦ୍ଦେଶକ ଉମେଶ ଚନ୍ଦ୍ର ସୁତାର ଉପସ୍ଥିତ ଥିଲେ। ଏଥିରେ ଫେରୋ ଏଲୋୟସ୍‌ର ଉପସଭାପତି ସୁରେଶ ବାବୁଙ୍କ ସହିତ କଳିଙ୍ଗନଗର-୨ ଓ କଳିଙ୍ଗନଗର-୧ ପ୍ଲାଣ୍ଟର ପ୍ଲାଣ୍ଟ ହେଡ୍ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟସ୍ଥଳରେ ସୁରକ୍ଷା ନୀତି ଓ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାର ଆବଶ୍ୟକତା ଉପରେ ଅତିଥିମାନେ ଜୋର ଦେଇଥିଲେ। ଗତ ବର୍ଷ ଇମ୍ଫାରେ ଶୂନ୍ୟ ମୃତ୍ୟୁହାର ରେକର୍ଡ ହୋଇଥିବାରୁ ସଂସ୍ଥାର ସେଫଟି ଫାଷ୍ଟନୀତି ପ୍ରତି ଦୃଢ଼ ପ୍ରତିବଦ୍ଧତା ପ୍ରକାଶ ପାଇଛି। ସୁରକ୍ଷା ସପ୍ତାହ ଅବସରରେ କର୍ମଚାରୀମାନଙ୍କ ମଧ୍ୟରେ କୁଇଜ୍, ଚିତ୍ରାଙ୍କନ, ସ୍ଲୋଗାନ୍ ଲେଖନ, ସୁରକ୍ଷା ପ୍ରାକ୍ଟିସ୍ ଏବଂ ହାଉସ୍ କିପିଙ୍ଗ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସମାପନୀ ଅନୁଷ୍ଠାନରେ ବିଜେତାମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସୁରକ୍ଷା ସଚେତନତା ବୃଦ୍ଧି ପାଇଁ ଚକୁଳିଆ ପାଣ୍ଡା ଗୀତ ଓ ନୁକ୍କଡ ନାଟକ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା।

## ଯୁଦ୍ଧ ବନ୍ଦ ଓ ଶାନ୍ତି ପ୍ରତ୍ୟାବର୍ତ୍ତନ ପାଇଁ ସାମୂହିକ ପ୍ରାର୍ଥନା




**କବାଟବନ୍ଧ, ୧୪।୩ (ସମିସ):** ଆମେରିକା, ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଲାଗିଥିବା ଯୁଦ୍ଧ ବନ୍ଦ ଏବଂ ଦେଶ ମଧ୍ୟରେ ଶାନ୍ତି ଫେରାଇ ଆଣିବାକୁ ଯାଜପୁରରୁ ଏକ ସାମୂହିକ ବାର୍ତ୍ତା ଏବଂ ପ୍ରାର୍ଥନା କରାଯାଇଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧିନ କବାଟବନ୍ଧ ମେଡିକାଲ ପରିସରରୁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏହି ବିଶେଷ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ୧୫ ଦିନରେ ପହଞ୍ଚିଛି। ଏହି ଭୟଙ୍କର ଯୁଦ୍ଧରେ ୨ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ୧୦ ହଜାରରୁ ଅଧିକ ଲୋକ ଆହତ ହେଲେଣି। ଦୁଇ ପକ୍ଷ ପରସ୍ପର ଉପରେ ଆକ୍ରମଣ ଓ ପ୍ରତ୍ୟାକ୍ରମଣ ଜାରି ରଖୁଥିବା ବେଳେ ସମଗ୍ର ଅଞ୍ଚଳ ବିସ୍ଫୋରଣରେ ଥରହର ହେଉଛି। ସଚେତନ ନାଗରିକ ମଞ୍ଚ ପକ୍ଷରୁ ଶନିବାର ମେଡିକାଲ ପରିସରରେ ସ୍ଥାନୀୟ ଅଞ୍ଚଳର ମର୍ଜିତାପୁର, କବାଟବନ୍ଧ, ରାଇଛନ୍ଦା, ତାଳଜଙ୍ଗ, ରେଖିଦେଇପୁର, ବୃନ୍ଦାଦେଇଦେଇପୁର, ସମେତ ବିଭିନ୍ନ ଅଞ୍ଚଳରୁ ଯୁବକ ଏବଂ ବୁଦ୍ଧିଜୀବୀ ମାନେ ଯୋଗ ଦେଇ ଏହି ବାର୍ତ୍ତା ପ୍ରଦାନ କରିଛନ୍ତି। ଦେଶ ଦେଶ ମଧ୍ୟରେ ଶାନ୍ତି ଫେରାଇ ଆଣିବାକୁ ଏକ ହୋମ ଯଜ୍ଞ କରାଯାଇଥିଲା। ଯୁଦ୍ଧ କାରଣରୁ ବିଶ୍ୱ ପ୍ରଭାବିତ ହେଉଥିବା ବେଳେ ଓଡ଼ିଶାରେ ବିଭିନ୍ନ ସାମଗ୍ରୀ ଏବଂ ଗ୍ୟାସ ଦର ବୃଦ୍ଧି ଏବଂ ସଙ୍କଟ ସମ୍ଭାବନା ରହିଛି। ସଚେତନ ନାଗରିକ ମଞ୍ଚର ଆବାହକ ସରୋଜ ବେହେରା ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବାଟବନ୍ଧ ମେଡିକାଲ ଅଫିସର ଡାକ୍ତର ନିହାର ରଞ୍ଜନ କର ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ। ସୋସିଆଲ ମିଡିଆ ଏକ୍ସ ମାଧ୍ୟମରେ ହଜାର ହଜାର ସଂଖ୍ୟାରେ ଟୁଇଟ କରି ଏହି ବାର୍ତ୍ତା ଟ୍ରମ୍ପଙ୍କ ନିକଟରେ ପହଞ୍ଚାଇବାକୁ ଡାକ୍ତର ଶ୍ରୀ କର ଆହ୍ୱାନ କରିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ପୂଜା କରାଯାଇ ସାମୁହିକ ପ୍ରାର୍ଥନା କରାଯାଇଥିଲା। କଣ୍ଠଶିଳ୍ପୀ ବର୍ଷାରାଣୀ ପ୍ରଧାନ ଯୁଦ୍ଧ ବନ୍ଦ ଏବଂ ଏହା ଦ୍ୱାରା ପ୍ରଭାବିତ ହେଉଥିବା ଏବଂ ମୃତ୍ୟୁବରଣ କରୁଥିବା ନିରୀହ ଜୀବନ ଏବଂ ସେମାନଙ୍କ ପରିବାରର କଷ୍ଟ ଉପରେ ଆଧାରିତ ଏକ ଭଜନ ପରିବେଷଣ କରିଥିଲେ। ଗ୍ରାମାଞ୍ଚଳରୁ ହ୍ୱାଇଟ ହାଉସ ପର୍ଯ୍ୟନ୍ତ ଏହି ବାର୍ତ୍ତା ପହଞ୍ଚାଇବା ଏବଂ ପଶ୍ଚିମ ଏସିଆରେ ଯୁଦ୍ଧର ଅନ୍ତ ଘଟାଇବା ପାଇଁ ଏହାର ଉଦ୍ଦେଶ୍ୟ ରହିଥିବା ସଚେତନ ନାଗରିକ ମଞ୍ଚର ଆବାହକ ସରୋଜ ବେହେରା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଜନସାଧାରଣ ଉପସ୍ଥିତ ଥିଲେ।

## ଦୁବକଣ ଉପ୍ରା ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ

**ମଙ୍ଗଳପୁର, ୧୪।୩(ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦୁବକଣ ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ଶନିବାର ଦିନ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କିସୁନ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମଙ୍ଗଳପୁର ଥାନା ଅଧିକାରୀ ରଞ୍ଜନ ସାହୁ, ସମାଜସେବୀ ଦେବବ୍ରତ ନାୟକ, ପରିଚାଳନା କମିଟି ସଭ୍ୟ ବିଶ୍ୱଜିତ ଦାସ, ପ୍ରଭାତ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡାରେ ବିଭିନ୍ନ କ୍ଷେତ୍ରରେ ସଫଳତା ଲାଭ କରିଥିବା ଛାତ୍ର ଛାତ୍ରୀଙ୍କୁ ପ୍ରମାଣ ପତ୍ର ଓ ସିଲ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା ଅତିଥି ପରିଚୟ



କୁମାର ବେହେରା ଯୋଗଦେଇ ଶିକ୍ଷା ସହ କ୍ରୀଡ଼ା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଅଙ୍ଗ ବୋଲି କହିଥିଲେ। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ସିଆର୍‌ସିସି ପ୍ରିୟରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟପ୍ରକାଶ ନାୟକ, ପୂର୍ବତନ ସିଆର୍‌ସିସି ଖଗେଶ୍ୱର ପ୍ରଦାନ କରିଥବାବେଳେ ଶିକ୍ଷୟିତ୍ରୀ ସୁଜାତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଉତ୍ପଳ କୁମାର ବିଶ୍ୱାଳ, ଶିକ୍ଷୟିତ୍ରୀ ସ୍ନେହାଞ୍ଜଳି ଜେନା, ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟା ମାନେ ସହଯୋଗ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା



**କୟାଁଗୋଲା, ୧୪।୩(ସମିସ):** ଦଶରଥପୁର ବ୍ଲକର ବିରିପଟା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ଶଶୀଭୁଷଣ ମହାଲିକ ଚାକିରି ଜୀବନରୁ ଗତ ଜାନୁଆରୀ ମାସରୁ ଅବସର ନେଇଛନ୍ତି। ଆଜି କଲେଜ ପକ୍ଷରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଲେଜ ଅଧ୍ୟକ୍ଷ ରାମମୋହନ ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଶାନ୍ତ କୁମାର ନନ୍ଦ, ପ୍ରତାପ ତ୍ରିପାଠୀ, ପ୍ରକାଶ ଧଳ, ଅଜୟ ବେହେରା, ସନ୍ତୋଷ ରାଉତ, ସନ୍ତୋଷ ଦାସ, ତୁଷାର ରଞ୍ଜନ ସାମଲ, ମନୋରଞ୍ଜନ ଜେନା, କୈବଲ୍ୟ ଜେନା, ସର୍ବେଶ୍ୱର ସେନାପତି, ସଂଘମିତ୍ରା ସାମଲ, ଶିବପ୍ରସାଦ ସେଠୀ, ସୁକନ୍ୟା ମଲ୍ଲିକ, ଅଶୋକ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମଶାଳା ବ୍ଲକ୍ ପୂର୍ବତନ ଉପାଧ୍ୟକ୍ଷଙ୍କ ପରଲୋକ

**ଧର୍ମଶାଳା, ୧୪।୩(ସମିସ):** ଧର୍ମଶାଳା ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ନିରଞ୍ଜନ ବଳ(୫୬)ଙ୍କ କଟକ ବଡ଼ମେଡିକାଲରେ ଗତକାଲି ରାତିରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଗତ ମଙ୍ଗଳବାର ହଠାତ ସକାଳୁ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ସଙ୍ଗେ ସଙ୍ଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡମେଡିକାଲକୁ ପଠାଇଥିଲେ। ସେଠାରେ ସେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ପରଲୋକ ହୋଇଯାଇଥିଲା। ସେ ଜଣେ ଦକ୍ଷ ରାଜନେତା ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ୨୦୦୨ ମସିହାରେ ବଡ଼ଚଣା ନିର୍ବାଚନ ମଣ୍ଡଳୀ ପଟୁଣିଆ ପଞ୍ଚାୟତରୁ ଜନତା ଦଳରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ଧର୍ମଶାଳା ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ପଦ ପାଇଥିଲେ। ପରେ ୨୦୧୨ ମସିହାରେ ବିଜୁ ଜନତା ଦଳରୁ ନିର୍ବାଚନ ଲଢ଼ି ବିଜୟୀ ହୋଇ ଜଣେ ଲୋକପ୍ରିୟ ଜନପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ତାଙ୍କର କାର୍ଯ୍ୟ



ଦକ୍ଷତା ପାଇଁ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବିଜେଡି ସଭାପତି ଦାୟିତ୍ୱ ତୁଲାଇଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଆଜି ପୂର୍ବାହ୍ନରେ ତାଙ୍କର ମୃତଦେହକୁ ନିଜ ଗ୍ରାମକୁ ଅଣାଯିବା ପରେ ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବିଜେପି ନେତା ରାଜେଶ ପାଳ, ଅଭିଷେକ ରାଉତ, ଆଲୋକ ଲେଙ୍କା, ରାକେଶ ନାୟକ, ମାନସ ନାୟକ, ଧର୍ମଶାଳା ପଞ୍ଚାୟତ ସମିତି ପୂର୍ବତନ ଉପାଧାକ୍ଷ ଜଳଧର ମହାନ୍ତି, ପ୍ରଶନ୍ନ କୁମାର ରାଉତ, ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ଜେନା, ନିର୍ମଳ ସାମଲ, ଉତ୍ତମ କୁମାର ଦାସ, କେଦାର ଚନ୍ଦ୍ର ଗନ୍ତାୟତ, ଦିବାକର ବେହେରା, ପଟୁଣିଆ ସରପଞ୍ଚ ବୈଶାଳି ରାଉତ, ଫକୀର ନାରାୟଣ ମିଶ୍ର, ସଞ୍ଜୟ କୁମାର ରାୟ, ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚର କର୍ମକର୍ତା, ପ୍ରିୟନାଥ ମହାପାତ୍ର, ଶରତ ନାୟକ, ଅମରେନ୍ଦ୍ର ରାୟ, କାହ୍ନୁ ଚରଣ ସାମଲ, ମୋହନ ଚରଣ ସାମଲ, ବଟକୃଷ୍ଣ ନାୟକ, ଅଲେଖ ସେଠୀ, ପ୍ରଶାନ୍ତ ରାୟ, ଅଭିମନ୍ୟୁ ଧଳ, ପ୍ରଶାନ୍ତ ଜେନା, ଅଭୟ ସାମଲ, ଅକ୍ଷୟ ଗନ୍ତାୟତ, ପ୍ରଦୀପ କୁମାର ବଳ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, କଂଗ୍ରେସ ନେତା ଶ୍ରୀନାଥ ମିଶ୍ର, ନିରଞ୍ଜନ ଦଳାଇ, ବିଜେପି ନେତା କାହ୍ନୁଚରଣ ଦାଶ, ସର୍ବେଶ୍ୱର ବେହୁରା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କର ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ପଞ୍ଚାୟତ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ଝିଅ ଡାକ୍ତର ଅମ୍ଲାନୀ ସତ୍ୟାପ୍ରଜ୍ଞା ବଳ ମୁଖାଗ୍ନି ଦେଇଥିଲେ।

# ନବନିର୍ମାଣ କୃଷକ ସଙ୍ଗଠନର ବୈଠକରେ ହୋହାଲା

**ଧର୍ମଶାଳା, ୧୪।୩(ସମିସ)**



ଧର୍ମଶାଳା ବ୍ଲକ ଜାରକା ନିକଟସ୍ଥ ଗୋକର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆଜି ନବନିର୍ମାଣ କୃଷକ ସଂଗଠନର ଧର୍ମଶାଳା ଓ ବଡ଼ଚଣା ଅଞ୍ଚଳର ଚାଷୀ ନେତୃତ୍ୱମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନେତା ଚୌଧୁରୀ ଜେନା ସଭାପତିତ୍ୱ କରିଥିଲେ। ଆସନ୍ତା ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଘଟଗାଁଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ହେବାକୁ ଥିବା ଚାଷୀ ପଦଯାତ୍ରାରେ ଚଣ୍ଡିଖୋଲ, ଜାରକା, କୁଆଖିଆ ଓ ପାଣିକୋଇଲି ପ୍ରଭୃତି ସ୍ଥାନରେ ସ୍ୱାଗତ କରିବାକୁ କମିଟିମାନ ଗଠନ ହେବା ପାଇଁ ଜାତୀୟ ସଂଯୋଜକ ତଥା କୃଷକ ନେତା ଅକ୍ଷୟ କୁମାର ପ୍ରସ୍ତାବ ଦେଇଥିଲେ। ମାତ୍ର ଉକ୍ତ ସଭାରେ ରାଜ୍ୟ ସହସଂଯୋଜକ ତଥା ଯାଜପୁର ପ୍ରଭାରୀ ନିମାଇଁ ରାୟଙ୍କ ଅନୁପସ୍ଥିତ ନେଇ ଚାଷୀନେତା ମାଧବାନନ୍ଦ ଶାନ୍ତି, ବଲ୍ଲଭ ଜେନା, ହେମନ୍ତ ଧଳ, ଧନଞ୍ଜୟ ବିଶ୍ୱାଳ, ରଙ୍ଗାଧର ଦାସ, ଭାସ୍କର ପରିଡ଼ା, ପ୍ରଫୁଲ୍ଲ କଣ୍ଠ ପ୍ରମୁଖ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଫଳରେ ହଟଗୋଳ ଓ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରାୟ ଦୁଇ ଘଣ୍ଟା କାଳ କଥା କଟାକଟି ଓ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଅପରପକ୍ଷେ ଜିଲ୍ଲା ସଂଯୋଜକ ଦୁର୍ଗା ପ୍ରସାଦ ଦାସଙ୍କ ଅନୁପସ୍ଥିତ ମଧ୍ୟ ସ୍ପଷ୍ଟ ବାରି ହୋଇପଡୁଥିଲା। ଅଧିକାଂଶ ଚାଷୀ ହାତରେ ତ୍ରିରଙ୍ଗା ପତାକା ଧରି ନାରାବାଜି କରି ବିରୋଧ ପ୍ରଦର୍ଶନ କରିଥିଲେ। ଉକ୍ତ ଅଶାନ୍ତ ପରିସ୍ଥିତିକୁ ଆୟତ କରିବାକୁ ଯାଇ ଅକ୍ଷୟ କୁମାର ନାକେଦମ ହୋଇଥିଲେ। ତେବେ ଆଜିର ବୈଠକରେ ଅଧିକ ସଂଖ୍ୟକ କଂଗ୍ରେସ ସମର୍ଥକ ଯୋଗଦେଇଥିବାରୁ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ ଓ ଜିଲ୍ଲା ସଂଯୋଜକ ଦୁର୍ଗା ପ୍ରସାଦ ଦାସ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି। ଏହି ବୈଠକରେ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ଯୁବଛାତ୍ର ସଂଗଠନର ସଂଯୋଜକ ଏମ୍‌ଡି ମନୱର ଅଲ୍ଲୀ, ଅଶୋକ ଶାନ୍ତି, ପ୍ରତାପ ଜେନା, ବସନ୍ତ ପରିଡ଼ା, କୁନ୍ତଳା ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ସିଟି



## ଦେହ ବ୍ୟବସାୟ ପାଇଁ ରାଜି ନ ହେବାରୁ କାଣ୍ଡ

# କିନ୍ନରଙ୍କୁ ଅପହରଣ କରି ଆକ୍ରମଣ

■ ଉଲଗ୍ନ କରି ପିଟିଲେ, ଟଙ୍କା ଓ ସୁନା ଚେନ୍ ଲୁଟିଲେ
■ ମାମଲା ରୁଜୁ କରି ପୁଲିସ ଚୁପ୍

ଭୁବନେଶ୍ୱର, ୧୪ା୩ (ସମିସ): ବିଧାନସଭା ଅଧିବେଶନ ଚାଲିଥିବା ବେଳେ କମିସନରେଟ ପୁଲିସକୁ ଚ୍ୟାଲେଞ୍ଜ କରିଛନ୍ତି ଅପରାଧୀ। ଦିଲ୍ଲୀ ଫେରନ୍ତା କିନ୍ନରଙ୍କୁ ଦେହ ବ୍ୟବସାୟ ପାଇଁ ଚାପ ପକାଇ ବିଫଳ ହେବା ପରେ ଆତଙ୍କ ରଚିଛନ୍ତି। ଘରୁ ଅପହରଣ କରି ସଙ୍ଘବଦ୍ଧ ଆକ୍ରମଣ କରିବା ସହ ଟଙ୍କା ଓ ସୁନା ଚେନ୍ ଲୁଟି ନେଇଛନ୍ତି। ଭରତପୁର ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ତାନିଆ (ଛଦ୍ମନାମ)ଙ୍କ ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରିଥିଲେ ମଧ୍ୟ ଏଯାଏଁ କାହାରିକୁ ଗିରଫ କରିପାରିନାହିଁ।

ଅଭିଯୋଗ ଅନୁଯାୟୀ, କଟକ ଜିଲ୍ଲା ସାଲେପୁର ଅଞ୍ଚଳର ତାନିଆ (ଛଦ୍ମନାମ) ଦିଲ୍ଲୀର କ୍ଲବରେ ଡ୍ୟାନ୍ସ କରି ଗୁଜୁରାଣ ମେଣ୍ଟାନ୍ତି। ନିକଟରେ ସେ ଭୁବନେଶ୍ୱର ଫେରି ଭରତପୁର ଅଞ୍ଚଳରେ ଭଡ଼ାରେ ରହୁଛନ୍ତି। ସୋନି, ଚନ୍ଦ୍ରିକା ପରନ୍ନା, କୋମଳ ଓ ଅନ୍ୟମାନେ ଦେହ ବ୍ୟବସାୟ କରିବା ପାଇଁ ତାଙ୍କ ଉପରେ ଚାପ ପକାଇଥିଲେ। ହେଲେ ତାନିଆ ରାଜି ନ ହେବାରୁ ସୋନି, ଚନ୍ଦ୍ରିକା ପରନ୍ନା, କୋମଳ ଓ ସହଯୋଗୀମାନେ ଆସି ତାଙ୍କ ଘର ଆଗରେ ଗାଳିଗୁଲଜ କରିଥିଲେ। ତାନିଆ ଭିତର ପଟରୁ କବାଟ ବନ୍ଦ କରିଦେବା ପରେ ଅଭିଯୁକ୍ତମାନେ ତାଙ୍କ କବାଟ ଭାଙ୍ଗି ଘରେ ପଶିଥିଲେ। ତାନିଆଙ୍କୁ ଉଲଗ୍ନ କରି ମାଡ଼ ମାରିବା ସହ ଅପହରଣ କରି ନେଇଥିଲେ। ତାଙ୍କ ଘରର ଆସବାବପତ୍ର ନଷ୍ଟ କରିବା ସହ ସୁନା ଚେନ୍, ବ୍ରେସଲେଟ୍ ଓ କାନଫୁଲ ଚୋରି କରି ନେଇଥିଲେ।


ଫାଇଲ ଫଟୋ

ତାନିଆଙ୍କୁ ରାସ୍ତାରେ ଘୋଷାରି ଘୋଷାରି ତନିସା ନାମକ ଅନ୍ୟଜଣଙ୍କ ଘରକୁ ନେଇ ଯାଇଥିଲେ। ସେଠାରେ ତାନିଆଙ୍କ ମୁହଁ, ଗୋଡ଼ ଓ ସମ୍ବେଦନଶୀଳ ଅଙ୍ଗକୁ ମାଡ଼ ମାରିବା ସହ ନିର୍ଯାତନା ଦେଇଥିଲେ। ତାନିଆ ପିସିଆରକୁ ଫୋନ୍ କରିଥିବା ଜାଣିବା ପରେ ଅଭିଯୁକ୍ତମାନଙ୍କ ଅତ୍ୟାଚାର ବଢ଼ି ଯାଇଥିଲା। ଏହାପରେ ଅଭିଯୁକ୍ତମାନେ ମିଶି ତାନିଆଙ୍କୁ ସଙ୍ଘବଦ୍ଧ ଆକ୍ରମଣ କରିବା ସହ ଟଙ୍କା ମାଗିଥିଲେ। ଜୋର ଜବରଦସ୍ତ ୟୁପିଆଇ ପିନ୍ ନେଇ ଫୋନ୍-ପେ ମାଧ୍ୟମରେ ୪୩ ହଜାର ଟଙ୍କା ନେଇ ଯାଇଥିଲେ। ଧମକଚମକ ଦେବା ସହ ଭିଡିଓ ଉତ୍ତୋଳନ କରିଥିଲେ। ଅନେକ ସମୟ ଧରି ଅତ୍ୟାଚାରର ଶିକାର ହୋଇଥିବା ତାନିଆ ଜୀବନ ବଞ୍ଚାଇବାକୁ ଗୋଡ଼ହାତ ଧରି ସେମାନଙ୍କ କବଳରୁ ପଳାଇ ଆସିଥିଲେ।

ରାଜଧାନୀରେ ଦିନ ଦ୍ୱିପହରରେ ଏଭଳି ଘଟଣା ଘଟିବା କିନ୍ନରଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିବା ସହ କମିସନରେଟ ପୁଲିସର ପାରିବା ପଣିଆକୁ ପଦାରେ ପକାଇଛି। ସେପଟେ ଏନେଇ ତାନିଆ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୪ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଘୋଷାରି ଘୋଷାରି ନେବା ସମୟର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଥିଲେ ମଧ୍ୟ ଏଯାଏଁ ପୁଲିସ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ।

## ପୁରୁଣା ଫଟୋ : ପୁରୁଣା ସ୍ମୃତି




ଭୁବନେଶ୍ୱର, ୧୪ା୩(ସମିସ): ପୁରୁଣା ଭୁବନେଶ୍ୱରର ପ୍ରତି ଗଳି ଓ ରାସ୍ତାରେ ଐତିହ୍ୟର ଛାପ ଦେଖିବାକୁ ମିଳେ। ଅନ୍ୟ ରାଜ୍ୟ ତଥା ଦେଶ ବାହାରୁ ମଧ୍ୟ ଲୋକ ଏଠାକୁ ବୁଲିବାକୁ ଆସନ୍ତି। ସେଥିପାଇଁ ତାର ପ୍ରତିଟି ସ୍ଥାନ ଲୋକଙ୍କ ଭାବନା ସହ ଯୋଡି ହୋଇ ରହିଛି। ହେଲେ ୨୦ କିମ୍ବା ୨୫ ବର୍ଷ ତଳେ କେମିତି ଥିଲା ସେହି ସ୍ଥାନ। କେମିତି ଦେଖାଯାଉଥିଲା ସେହି ଓଲ୍ଡ ଟାଉନ ବା ପୁରୁଣା ଭୁବନେଶ୍ୱର। ଯେତେବେଳେ ପ୍ରଦୂଷଣର ମାତ୍ରା ସେତେ ପ୍ରଭାବିତ କରିପାରିନଥିଲା ସେଠାକାର ଜନବସତିକୁ। ସେହିଭଳି କିଛି ସ୍ଥାନକୁ ନେଇ ଆଜିର ଏହି ଉପସ୍ଥାପନା।

ସାମାଜିକ ଗଣମାଧ୍ୟମରେ ସେହିଭଳି ଏକ ଫଟୋଚିତ୍ରକୁ ଦେଖିବାକୁ ମିଳିଥିଲା ଯାହା ଅନେକ ବର୍ଷ ପୁରୁଣା ମନେ ହେଉଥିଲା। ସ୍ଥାନଟି ପୁରୁଣା ଭୁବନେଶ୍ୱରର ଧର୍ମଶାଳା ନିକଟ ବୋଲି ଫଟୋରୁ ଅନୁମାନ କରିହେଉଛି। ଯାହା ୨୦ ବର୍ଷ ପୁରୁଣା ଫଟୋ ହୋଇଥିବା ଜଣାପଡ଼ୁଛି। ଅନନ୍ତ ବାସୁଦେବ ମନ୍ଦିରରୁ ଭବାନୀଶଙ୍କର ମନ୍ଦିର ଆଡକୁ ଆସିବା ବେଳେ ଫଟୋଟି ନିଆଯାଇଛି। ଯେଉଁଠି ଲୋକ ନିଜ ଦୈନନ୍ଦିନ ଜୀବନଯାପନରେ ବ୍ୟସ୍ତ ଥିବା ପରିଲକ୍ଷିତ ହେଉଛି।


ଆଶ୍ୱସ୍ତି... ଧୁ ଧୁ ଖରାବେଳେ ରାଜଧାନୀ ରାସ୍ତାକଡ଼

## ବସ୍ତିରେ ଆତଙ୍କ ଖେଳାଇବା ମାମଲା

# ଧରାପଡ଼ିଲେ 'ପୁଷ୍ପା ଗ୍ୟାଙ୍ଗ'ର ୪ ସଦସ୍ୟ

ଭୁବନେଶ୍ୱର, ୧୪ା୩(ସମିସ): ମାତ୍ର ୨ଦିନ ତଳେ ରାଜଧାନୀର ବଡ଼ଗଡ଼ ଏବଂ ଲକ୍ଷ୍ମୀସାଗର ଥାନା ଅଞ୍ଚଳ ରକ୍ତ ରଞ୍ଜିତ ହୋଇଥିଲା। ଦୁଇ ଅପରାଧୀ ଗୋଷ୍ଠୀ ଲୋକଙ୍କୁ ଗୋଡାଇ ଗୋଡାଇ ହାଣିଲେ। ଯୁବକ, ବୃଦ୍ଧ ଯାହାକୁ ପାରିଲେ ରାସ୍ତା ଉପରେ ଗୋଡାଇ ଗୋଡାଇ ହାଣିଲେ। ରାଜଧାନୀବାସୀଙ୍କୁ ଆତଙ୍କିତ କରି ଆଇନ୍‌ଶୃଙ୍ଖଳା ବ୍ୟବସ୍ଥାକୁ ଖୋଲା ଚ୍ୟାଲେଞ୍ଜ ଦେଲେ। ଘଟଣା ଘଟିବାର ୨ଦିନ ପରେ ମଧ୍ୟ ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ଏପର୍ଯ୍ୟନ୍ତ ଗିରଫ କରି ପାରିନାହିଁ।

ସେପଟେ ବଡ଼ଗଡ଼ ଥାନା ଅଞ୍ଚଳରେ ଦାଦାଗିରି କରି ଆତଙ୍କ ଖେଳାଉଥିବା ପୁଷ୍ପା ଗ୍ୟାଙ୍ଗର ୪ ଜଣ ସଦସ୍ୟଙ୍କୁ ପୁଲିସ ଧରିଛି। ହେଲେ ମୁଖ୍ୟ ଅଭିଯୁକ୍ତ ପୁଷ୍ପା ପୁଲିସ ରେଞ୍ଜରୁ ଅପହଞ୍ଚ। ଗିରଫ ଅଭିଯୁକ୍ତମାନେ ହେଲେ ଆଦିତ୍ୟ କଅଁର, ପ୍ରତ୍ୟୁଷ, ସଂଗ୍ରାମ ଓ ମୁଖ୍ୟ ଅଭିଯୁକ୍ତ ପୁଷ୍ପାର ବାନ୍ଧବୀ। ଏମାନେ ମୁଖ୍ୟ ଅଭିଯୁକ୍ତ ପୁଷ୍ପାର ସହଯୋଗୀ। ସିସିଟିଭିରୁ ଏମାନଙ୍କୁ ଚିହ୍ନଟ କରି ବଡ଼ଗଡ଼ ଥାନା ପୁଲିସ ଗିରଫ କରିଛି। ହେଲେ ମୁଖ୍ୟ ଅଭିଯୁକ୍ତ ରାମଲୁ ଓରଫ ପୁଷ୍ପା ଫେରାର ହୋଇଯାଇଛି। ରାମଲୁ ଭାଇଗିରି ଦେଖାଇବା ସହ ବଡ଼ଗଡ଼ ଓ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଆତଙ୍କ ଖେଳାଉଥିଲା। ସେ ନିଜର ଏକ ଗ୍ୟାଙ୍ଗ କରି ଲୋକଙ୍କୁ ଭୟଭୀତ କରୁଥିଲା। କିଛିଦିନ ତଳେ ଜଣେ ଆଇନଜୀବୀଙ୍କୁ ଆକ୍ରମଣ କରିବା ସହ ଗୌତମନଗର କଦଳୀ ଗୋଦାମ ଅଞ୍ଚଳରେ ଖଣ୍ଡା ବୁଲାଇ ଆତଙ୍କ ଖେଳାଇଥିଲା।

■ ମୁଖ୍ୟ ଅଭିଯୁକ୍ତ ଫେରାର୍, ରୁମାଲ୍ ଗ୍ୟାଙ୍ଗର ପତ୍ତା ମିଳୁନି

ଅନ୍ୟପକ୍ଷରେ ଲକ୍ଷ୍ମୀସାଗର ଥାନା ପିତବୁଡ଼ି ବସ୍ତିରେ ଗୁରୁବାର ରାତି ପ୍ରାୟ ୮ଟା ସମୟରେ ଛୁରାମାଡ ହୋଇଥିଲା। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏଭଳି ଆକ୍ରମଣ ହୋଇଥିଲା। ଏଥିରେ ନାନାଜୀ ନାମକ ଯୁବକ ଆହତ ହୋଇଥିଲେ। ଏହାସହ ତାଙ୍କ ୩ରୁ ୪ ସହଯୋଗୀଙ୍କୁ ମଧ୍ୟ ଛୁରା ମାଡ ହୋଇଥିଲା। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏକ ମୁଖା ପିନ୍ଧା ଗ୍ୟାସ ଏଭଳି କାଣ୍ଡ ଘଟାଇଥିଲା। ଏହି ଗ୍ୟାଙ୍ଗକୁ ଧରିବାରେ ପୁଲିସ ଅସମର୍ଥ ହୋଇଛି। ଗ୍ୟାଙ୍ଗର ଜଣେ ବି ସଦସ୍ୟ ଧରାପଡ଼ି ନାହାନ୍ତି। ତେବେ ଏହି ଗ୍ୟାଙ୍ଗ୍ ଅପରାଧ ଘଟାଇବା ପରେ ଏବେ ସକ୍ରିୟ ହୋଇ ଉଠିଛି। ଏହାର ସଦସ୍ୟମାନେ ୧୬ରୁ ୨୪ ମଧ୍ୟରେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏମାନେ ଅପରାଧ ଘଟାଇବା ପରେ ଏବେ ଖୁଲମ୍‌ଖୁଲା ଖଣ୍ଡା ଧରି ଆତଙ୍କ ଖେଳାଉଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଏମାନେ ଖଣ୍ଡା ଧରି ଖୁଲମ୍‌ଖୁଲା ବୁଲୁଥିବା ଲକ୍ଷ୍ମୀସାଗାର ବୁଦ୍ଧନଗର ବାସିନ୍ଦା କହିଛନ୍ତି। ମୁହଁରେ ରୁମାଲ୍ ବନ୍ଧାଯାଇଛି, ହାତରେ ଖଣ୍ଡା ଆଉ ପାଟିରେ ଅଶିଳ ଭାଷା କହି ଲୋକଙ୍କୁ ଡରାଉଛନ୍ତି। ଯାହାକୁ ସ୍ଥାନୀୟ ଅଞ୍ଚଳରେ ରୁମାଲ ଗ୍ୟାଙ୍ଗ ବୋଲି କୁହାଯାଉଛି। ଏମାନଙ୍କୁ ତୁରନ୍ତ ଗିରଫ କରିବାକୁ ପୁଲିସ ଦାବି କରିଛି।

## ସ୍ତ୍ରୀ ନିଖୋଜ; ଥାନାର ଦ୍ୱାରସ୍ଥ ହେଲେ ସ୍ୱାମୀ



ଭୁବନେଶ୍ୱର, ୧୪ା୩ (ସମିସ): ଡୁମୁଡୁମା ଅଞ୍ଚଳର ଜଣେ ମହିଳା ଘରୁ କେଉଁଆଡ଼େ ଚାଲି ଯାଇଛନ୍ତି। ନିଖୋଜ ମହିଳା ହେଲେ, ଝୁମା ଦାସ। ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ସ୍ୱାମୀ ହେମନ୍ତ ଦାସ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ହେମନ୍ତ ତାଙ୍କ ପତ୍ନୀ ଓ ଦୁଇ ପୁଅଙ୍କ ସହ ଡୁମୁଡୁମା ଅଞ୍ଚଳରେ ରୁହନ୍ତି। ଶୁକ୍ରବାର ସକାଳ ସମୟରେ ହେମନ୍ତ ତାଙ୍କ ବ୍ୟବସାୟ ପ୍ରତିଷ୍ଠାନକୁ ବାହାରି ଯାଇଥିଲେ। ପରେ ପରେ ଦୁଇ ପୁଅ ମଧ୍ୟ କୌଣସି କାମରେ ଘରୁ ବାହାରକୁ ଯାଇଥିଲେ। ଦିନ ପ୍ରାୟ ୧୧ଟା ସମୟରେ ସାନ ପୁଅ ପ୍ରସନଜିତ ଦାସ ଘରକୁ ଆସିବା ବେଳକୁ ମାଆଙ୍କୁ ପାଇନଥିଲେ। ଏନେଇ ବାପାଙ୍କୁ ଜଣାଇବା ପରେ ସମସ୍ତେ ମିଶି ବନ୍ଧୁବାନ୍ଧବ ଓ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ତଥାପି ଝୁମାଙ୍କ ସନ୍ଧାନ ପାଇନଥିଲେ। ଏନେଇ ହେମନ୍ତ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମ୍ୟାନ୍ ମିସିଂ ରିପୋର୍ଟ (ଏମ୍‌ଏମ୍‌ଆର) ପଞ୍ଜୀକରଣ କରି ତଦନ୍ତ କରୁଛି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ନନ୍ଦନକାନନ, ୧୪ା୩(ସମିସ): ନନ୍ଦନକାନନ ଥାନା କୁଆଖାଇ ନଦୀ ପଟିଆ ବନ୍ଧ ରାସ୍ତା କଲ୍ୟାଣପୁର ପାଣିଟାଙ୍କି ନିକଟରେ ଶନିବାର ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକର ମୃତ୍ୟୁ ହୋଇଛି। ଯୁବକ ଜଣଙ୍କ ହେଲେ ଜଗତସିଂହପୁର ଜିଲ୍ଲା କଣ୍ଟିଲୋ ପଞ୍ଚାୟତ ମୁଣ୍ଡିଲୋ ଅଞ୍ଚଳର କେଦାର ଭୋଇ। ମିଳିଥିବା ଖବର ଅନୁଯାୟୀ କେଦାର ଭୋଇ କିଟରେ କାର୍ଯ୍ୟକରନ୍ତି। ସେ ପୂର୍ବାହ୍ଣରେ କଲ୍ୟାଣପୁର ନଦୀବନ୍ଧ ରାସ୍ତା ହୋଇ ଗଣ୍ଡରପୁର ଅଭିମୁଖେ ତାଙ୍କ ବାଇକ (ନମ୍ବର ଓଡି-୩୩-ଭି-୭୪୯୧) ଯାଉଥିଲେ। ପାଣି ଟାଙ୍କି ନିକଟରେ କୌଣସି ଏକ ଅଜଣା ଗାଡି ଧକ୍କା ଦେବା ଫଳରେ ସେ ସେଠାରେ ପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗି ପ୍ରଚୁର ରକ୍ତ ସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ଦେଖି ଖବର ଦେବା ପରେ ଆମ୍ବୁଲାନ୍ସ ଜରିଆରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ଅବସ୍ଥା ଗମ୍ଭୀର ହୋଇଥିବାରୁ ଏମ୍ସ ହସ୍ପିଟାଲ ନିଆଯାଇଥିଲା। ଶନିବାର ରାତି ୯ଟା ସୁଦ୍ଧା ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ସୂଚନା ମିଳିଛି। ନନ୍ଦନକାନନ ପୁଲିସ ଏନେଇ ତଦନ୍ତ ଜାରି ରଖିଛି।

## ପ୍ରଥମଥର ପାଇଁ ଡ୍ରୋନ୍ ସୋ' ଜରିଆରେ ଟିଜର ଲୋକାର୍ପିତ



ଭୁବନେଶ୍ୱର, ୧୪ା୩(ସମିସ): ଓଡ଼ିଆ ସିନେମା 'ମନ୍ତ୍ରମୁଗ୍ଧ' ର ଟିଜର ଲୋକାର୍ପଣ ଉତ୍ସବ ଶନିବାର ବୁଦ୍ଧ ଜୟନ୍ତୀ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ଓଲିଉଡ୍ ଇତିହାସରେ ପ୍ରଥମଥର ପାଇଁ ଅତ୍ୟାଧୁନିକ 'ଏଲଇଡି ଡ୍ରୋନ୍ ପ୍ରଦର୍ଶନୀ' ମାଧ୍ୟମରେ ଚଳଚ୍ଚିତ୍ରର ଟିଜର ପ୍ରଦର୍ଶିତ ହୋଇଛି। ଏହି କାର୍ଯ୍ୟକ୍ରମରେ ତିନୋଟି ଡ୍ରୋନ୍ ସାହାଯ୍ୟରେ ଶହେ ଫୁଟ ଉଚ୍ଚତାରେ ଏକ ଭିଜୁଆଲ୍ ସିକୁଏନ୍ସ ପ୍ରସ୍ତୁତ କରାଯାଇଥିଲା। ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ଲେଖନୀ ଓ ନିର୍ଦ୍ଦେଶନାରେ ନିର୍ମିତ ଏହି ସିନେମାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ବର୍ଷା ପଟ୍ଟନାୟକ। ଏଥିରେ ସନୋଜ କୁମାର, ମନମୟ ଦେ, ସାର୍ଥକ ଭରଦ୍ୱାଜ, ଦୀପନ୍ୱିତ ଦାଶମହାପାତ୍ର ଏବଂ ଭୂମିକା ଦାଶଙ୍କ ସହ ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ସୂର୍ଯ୍ୟମୟୀ ମହାପାତ୍ର ପ୍ରମୁଖ ଅଭିନୟର କରିଛନ୍ତି। ଆସନ୍ତା ମେ ୧ ତାରିଖରେ ଏହି ସିନେମାଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ।

## 'ଜୁଭେନଟିକା ଡିଜିଟାଲ୍ ଅଧିକାର ଏବଂ ଶିଶୁଙ୍କ ସୁରକ୍ଷା' ଆଲୋଚନାଚକ୍ର



ଭୁବନେଶ୍ୱର, ୧୪ା୩(ସମିସ): ଓଡ଼ିଶା ପୁଲିସ୍ ଏବଂ ୟୁନିସେଫ୍‌ର ମିଳିତ ସହଯୋଗରେ ଶନିବାର ଦିନ ଭୁବନେଶ୍ୱରସ୍ଥିତ ପୁଲିସ୍ ଭବନଠାରେ 'ଜୁଭେନଟିକା ଡିଜିଟାଲ୍ ଅଧିକାର ଏବଂ ଶିଶୁଙ୍କ ସୁରକ୍ଷା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଯୋଗ ଦେଇ କହିଥିଲେ ଯେ, ସାଇବର ନିରାପତ୍ତା ସଚେତନତା ବୃଦ୍ଧି ପାଇଁ ରାଜ୍ୟରେ ୨୦ନୂତନ ସାଇବର ପୁଲିସ୍ ଷ୍ଟେସନ ପ୍ରତିଷ୍ଠା କରାଯାଇଛି। ବୈଷୟିକ ସହାୟତା ପାଇଁ ସାଇବର ବିଶେଷଜ୍ଞମାନଙ୍କୁ ନିୟୋଜିତ କରାଯାଉଛି। ଏଥିସହିତ ୭୧ପୁଲିସ୍ ଷ୍ଟେସନରେ 'ଶିଶୁ ଅନୁକୂଳ ସ୍ଥାନ'ର ଉନ୍ନତିକରଣ କରାଯାଇଛି। ଆଗାମୀ ଦିନରେ ସମଗ୍ର ଓଡ଼ିଶା ପୁଲିସକୁ ଶିଶୁ ଅନୁକୂଳ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ଡିଜିଟାଲ୍ କ୍ଷେତ୍ରରେ ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ ପୁଲିସ୍ ଏବଂ ନାଗରିକ ସମାଜର ମିଳିତ ଦାୟିତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କ୍ରାଇମ୍‌ବ୍ରାଞ୍ଚ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର କହିଛନ୍ତି ଯେ, ଭାରତର ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୨୦୧୧ରେ ୧୨୫ ମିଲିୟନରୁ ବୃଦ୍ଧି ପାଇ ୨୦୨୧ରେ ୮୪୫ ମିଲିୟନରେ ପହଞ୍ଚିଛି। ସାଇବର ୱିଙ୍ଗର 'ଚିଲଡ୍ରେନ୍ ଆଣ୍ଡ ୱିମେନ୍ ଅନଲାଇନ୍ ଆବ୍ୟୁଜ୍ ମନିଟରିଂ ୟୁନିଟ୍' ପକ୍ଷରୁ ଅନଲାଇନରୁ କ୍ଷତିକାରକ ତଥା ଅଶ୍ଳୀଳ ବିଷୟବସ୍ତୁ ହଟାଇବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସାଇନି ଏସ୍. ଇଣ୍ଟରନେଟର ସୁରକ୍ଷିତ ବ୍ୟବହାର ପାଇଁ ଶିଶୁ, ଅଭିଭାବକ ଏବଂ ଶିକ୍ଷକମାନଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଶିଶୁମାନଙ୍କର ସ୍ୱର ଏବଂ ଡିଜିଟାଲ୍ ଶିକ୍ଷା ୟୁନିସେଫ୍ ଓଡ଼ିଶାର କ୍ଷେତ୍ର କାର୍ଯ୍ୟାଳୟ ମୁଖ୍ୟ ପ୍ରଶାନ୍ତ କୁମାର ଦାଶ କହିଥିଲେ ଯେ, ଶିଶୁମାନେ ଡିଜିଟାଲ୍ ଦୁନିଆର କେବଳ ନିଷ୍କ୍ରିୟ ବ୍ୟବହାରକାରୀ ନୁହଁନ୍ତି, ସେମାନେ ହେଉଛନ୍ତି ଶିକ୍ଷାର୍ଥୀ ଓ ସ୍ରଷ୍ଟା; ତେଣୁ ଡିଜିଟାଲ୍ ସୁରକ୍ଷା ଆଲୋଚନାର କେନ୍ଦ୍ରରେ ସେମାନଙ୍କ ସ୍ୱର ରହିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ସେଲିବ୍ରିଟି ଏବଂ ଇନଫ୍ଲୁଏନ୍ସରମାନଙ୍କ ସହ ଆଲୋଚନା କରାଯାଇଥିଲା। ପୁଲିସ୍ ଏବଂ ଗଣ ଶିକ୍ଷା ବିଭାଗ ମିଳିତ ଭାବେ ଅଭିଭାବକ ଶିକ୍ଷକ ବୈଠକରେ ଶିଶୁ କଲ୍ୟାଣ ପୁଲିସ୍ ଅଧିକାରୀମାନଙ୍କ ଅଂଶଗ୍ରହଣ ନିଶ୍ଚିତ କରିବେ। ଏଥିପାଇଁ ୟୁନିସେଫ୍ ଓଡ଼ିଶା ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବ ବୋଲି ଆଲୋଚନା ହୋଇଥିଲା।

# ପ୍ରତିଦିନ ଶହେ ଟଙ୍କା ଲେଖାଏଁ ବଢୁଛି ଗ୍ୟାସ୍ ସିଲିଣ୍ଡର

ଭୁବନେଶ୍ୱର, ୧୪ା୩(ସମିସ): ଇରାନ୍ ଯୁଦ୍ଧର ପ୍ରଭାବ ଗ୍ୟାସ ସିଲିଣ୍ଡର ମୂଲ୍ୟକୁ ସାରା ବିଶ୍ୱରେ ଥରହର କରୁଛି। ପ୍ରତ୍ୟେକ ଦିନ ଏହାର ମୂଲ୍ୟ ବଢ଼ିଚାଲିଛି। ଭାରତ ଭଳି ଦେଶରେ ଗ୍ୟାସ ସିଲିଣ୍ଡର ମୂଲ୍ୟ ସରକାରୀ ନିୟନ୍ତ୍ରଣରେ ଥିବାରୁ ମାତ୍ର ଗୋଟିଏ ଥର ବୃଦ୍ଧି ହେବା ପରେ ଆଉ ବଢ଼ି ନାହିଁ। କିନ୍ତୁ ରାଜଧାନୀରେ କିଛି ଅସାଧୁ ବ୍ୟବସାୟୀ ଗ୍ୟାସ ସିଲିଣ୍ଡର ମୂଲ୍ୟକୁ ନିୟମିତ ଭାବେ ବୃଦ୍ଧି କରାଯାଉଛି। ହୋଟେଲ ଏବଂ ଅନ୍ୟାନ୍ୟ ବ୍ୟବସାୟ ପାଇଁ ସିଲିଣ୍ଡର କିଣୁଥିବା ବ୍ୟବସାୟୀ ଏହି ମହଙ୍ଗା ମାଡ଼ରେ ଆକ୍ତାମାକ୍ତା ହୋଇପଡ଼ିଥିଲା ବେଳେ ସିଲିଣ୍ଡର ବ୍ୟବସାୟୀ ମାଲାମାଲ ହେଉଛନ୍ତି। ଏସବୁ ଖୁଲମ୍‌ଖୁଲା ଚାଲୁଥିଲେ ମଧ୍ୟ ଯୋଗାଣ ବିଭାଗ ସତେ ଯେପରି ଆଖିରେ ଅନ୍ଧପୁଟୁଳି ବାନ୍ଧି ବସିଛି। କାହା ସ୍ୱାର୍ଥରେ ଅନ୍ଧପୁଟଳୀ ହଟା ଯାଉ ନାହିଁ ସେନେଇ ପ୍ରଶ୍ନ ଉଠିଛି।

■ ମହଙ୍ଗା ମାଡ଼ରେ ଉପଭୋକ୍ତା ଆକ୍ତାମାକ୍ତା
■ ଦର ନିୟନ୍ତ୍ରଣରେ ଯୋଗାଣ ବିଭାଗର ଜୁ' ପାଉନି







କରିବାରେ ଲାଗିଛନ୍ତି। ସିଲିଣ୍ଡର ମୂଲ୍ୟରେ ଗୋଟିଏ ଥର ବୃଦ୍ଧି ହେଲା ବୋଲି ସରକାର ଘୋଷଣା କରିବା ପରେ ଏମାନେ ହାତରେ ଯେପରି ଅମୋଘ ଅସ୍ତ୍ର ମିଳିଯାଇଛି। ଏହି ସଂସ୍ଥାଗୁଡ଼ିକ ବ୍ୟବସାୟିକ ସିଲିଣ୍ଡର ଦରକୁ ପ୍ରତ୍ୟେକଦିନ ବଢ଼ାଇ ଦରବୃଦ୍ଧିର ନୂଆ ନୂଆ ରେକର୍ଡ ବନାଇବାରେ ଲାଗିଛନ୍ତି। ହାତଗୁଞ୍ଜା କିମ୍ବା ଭିତିରିଆ ନୁହେଁ ବରଂ ପ୍ରତ୍ୟେକ ଦିନ ବିଲ୍ କଟାଯାଇ ୧୦୦ ଟଙ୍କା

ସରକାରୀ ଉଦ୍ୟୋଗ ଏବଂ ବଡ଼ ଘରୋଇ ଗ୍ୟାସ ବିତରଣ ସଂସ୍ଥା ରାଜଧାନୀରେ ଗ୍ୟାସ ବିତରଣ କରୁଛନ୍ତି। ହସ୍ପିଟାଲ ଏବଂ ଶିକ୍ଷାନୁଷ୍ଠାନ ବ୍ୟତିତ ଅନ୍ୟ କୌଣସି ସଂସ୍ଥାକୁ ବ୍ୟଣିଜ୍ୟିକ ଗ୍ୟାସ ସିଲିଣ୍ଡର ବିତରଣ କରାଯାଉ ନାହିଁ। ହେଲେ ରାଜଧାନୀରେ ରାଜଧାନୀରେ ୩ରୁ ୪ଟି ଘରୋଇ ଛୋଟ ବିତରକ ସଂସ୍ଥା ମଧ୍ୟ ରହିଛନ୍ତି ଯେଉଁମାନେ ଗ୍ୟାସ ସିଲିଣ୍ଡର ବିତରଣ କରୁଛନ୍ତି। ଏହି ସଂସ୍ଥା ଗୁଡ଼ିକ ବଡ଼ ବିତରକଙ୍କ ଠାରୁ ଆଣି ହୋଟେଲ ଏବଂ ଅନ୍ୟ ବ୍ୟବସାୟୀକ ଅନୁଷ୍ଠାନକୁ ଗ୍ୟାସ ବିତରଣ କରନ୍ତି। ଏମାନଙ୍କ ପାଇଁ ହସ୍ପିଟାଲ ଏବଂ ଶିକ୍ଷାନୁଷ୍ଠାନକୁ ବିତରଣ କଲାଭଳି କୌଣସି କଟକଣା ନାହିଁ। ଏଣୁ ଏମାନେ ଏବେ ବି ହୋଟେଲ ଏବଂ ଅନ୍ୟ ବ୍ୟବସାୟୀକ ପ୍ରତିଷ୍ଠାନକୁ ଗ୍ୟାସ ସିଲିଣ୍ଡର ଯୋଗାଉଛନ୍ତି।

ଏମାନେ ରାଜଧାନୀରେ ୧୭କେଜିଆ ସିଲିଣ୍ଡର ଯୋଗାଣ କରନ୍ତି। ହେଲେ ଯୁଦ୍ଧ ଆରମ୍ଭ ହେବା ପରେ ଏମାନଙ୍କ ମନମାନି ଏବେ ବଢ଼ି ଚାଲିଛି। କିଛି ସଂସ୍ଥା ସିଲିଣ୍ଡର ଦର ପ୍ରତ୍ୟେକଦିନ ୧୦୦ଟଙ୍କାର ବଢ଼ାଇ ଚାଲିଛନ୍ତି। ଜୟଦୁର୍ଗାନଗରସ୍ଥିତ ଏକ ଘରୋଇ ସଂସ୍ଥା ଲୋକଙ୍କୁ ୧୪୫୦ ଟଙ୍କାରେ ସିଲିଣ୍ଡର ବିକ୍ରି କରୁଥିଲା। ଗତ ୮ ତାରିଖରେ ୧୭କେଜି ସିଲିଣ୍ଡର ମୂଲ୍ୟ ୧୬୦୦ଟଙ୍କାରେ ବିଲ୍ କରାଯାଇ ବିକ୍ରି କରାଯାଉଥିଲା। ଏହାପର ଠାରୁ ପ୍ରତ୍ୟେକ ଦିନ ସିଲିଣ୍ଡର ଦର ୧୦୦ ଟଙ୍କା ବୃଦ୍ଧି ପାଇ ଗତ ୧୨ ତାରିଖରେ ଏହାକୁ ୧୯୦୦ ଟଙ୍କାରେ ପହଞ୍ଚି ଗଲା। ଗତ ୧୩ ତାରିଖରେ ୧୭ କେଜିଆ ସିଲିଣ୍ଡର ୨୦୦୦ ଟଙ୍କାର ନୂଆ ରେକର୍ଡ ଛୁଇଁଲା। ଏଭଳି ଭାବେ ଏହି ଘରୋଇ ସଂସ୍ଥା ବେଲଗାମ୍ ଭାବେ ଦର ବଢ଼ାଇ ଚାଲିଥିଲା ବେଳେ ଯୋଗାଣ ବିଭାଗ ଆଖି ବୁଜି ଦେଇଛି। ଜଣାପଡୁଛି ଯେପରି ଧରପଗଡ଼ ନିୟମ ଏହି ସଂସ୍ଥା ଏବଂ ସେମାନଙ୍କ ମାଲିକ ମାନଙ୍କ ଉପରେ ଲାଗୁ ହେଉ ନାହିଁ।

ବିପଦ ସମୟରେ ଏମାନଙ୍କ ଏଭଳି ବ୍ୟବହାରକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। କାହିଁକି ଏମାନଙ୍କୁ ଯୋଗାଣ ବିଭାଗ ବେଲଗାମ୍ ଭାବେ ଦର ବୃଦ୍ଧି କରିବାକୁ ଖୋଲା ଛାଡି ଦେଉଛି। ଏମାନଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ହୋଇ ପାରୁନାହିଁ। ଏସମ୍ପର୍କରେ ଯୋଗାଣ ବିଭାଗର ବରିଷ୍ଠ ଅଧିକାରୀ ରୋହିତ ଦାସ କହିଛନ୍ତି ଏହି ସଂସ୍ଥା ଗୁଡ଼ିକ ଛୋଟ ଘରୋଇ ସଂସ୍ଥା ଏମାନେ ଯାହାକୁ ପାରିବେ ସିଲିଣ୍ଡର ବିକ୍ରି କରି ପାରିବେ। ଏମାନଙ୍କ ଉପରେ ଯୋଗଣ ବିଭାଗର କୌଣସି ଲଗାମ ନାହିଁ। ହେଲେ ଏମାନଙ୍କ ମନଇଚ୍ଛା ଦରରେ ସିଲିଣ୍ଡର ବିକ୍ରି କରିପାରିବେ କି ନାହିଁ ତାହା ତର୍ଜମା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



# ଭୁବନେଶ୍ୱର ସିଟି

**ରାସ୍ତା ପାଲଟିଛି ମରଣଯନ୍ତା**

## ଚିକିତ୍ସା ପାଇଁ ଆସି ସମସ୍ୟା ଭୋଗୁଛନ୍ତି ଲୋକେ



ଭୁବନେଶ୍ୱର, ୧୪।୩(ସମିସ):ରୋଗ ଭଲ କରିବାକୁ ଆସି ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ। କାରଣ କେଉଁଠି ରାସ୍ତାରେ କଂକ୍ରିଟ ଗୁଡିକ ବିଛାଡି ହୋଇ ପଡ଼ିଛି ତ କେଉଁଠି ରାସ୍ତା ଉପରେ ଚାହିଁ ବସିଛି ବିପଦର ଖାଲ। ଫଳରେ ବାଇକ୍ ଚାଳକମାନେ ନିୟମିତ ଦୁର୍ଘଟଣାର ଶିକାର ହେଉଛନ୍ତି। ବିଶେଷ କରି କାର୍ କିମ୍ବା ବାଇକ୍ ଚାଳକ ଯିବା ଆସିବା ସମୟରେ ଚାଲି ଚାଲିଯାଉଥିବା କିମ୍ବା ରାସ୍ତା କଡ଼ରେ ରହିଥିବା ବ୍ୟବସାୟୀଙ୍କ ଉପରେ କଂକ୍ରିଟ୍ ଛିଟିକି ପଡୁଥିବା ଦେଖିବାକୁ ମିଳିଛି। ଏଭଳି ସ୍ଥିତି ଦେଖିବାକୁ ମିଳିଛି ସମ୍ ଅଲଟିମେଟ୍ ରାସ୍ତାରେ। ଏହାଦ୍ୱାରା ଛାତ୍ରଛାତ୍ରୀ, ହସ୍ପିଟାଲକୁ ଆସୁଥିବା ରୋଗୀଙ୍କ ସମେତ ସାଧାରଣ ଲୋକେ ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ କରିଛନ୍ତି। କଡରେ ଥିବା ଡ୍ରେନ୍ କାମ ହେଉ ନଥିବାରୁ ବର୍ଷା ସମୟରେ ରାସ୍ତା ଉପରେ ପାଣି ଜମି ରହି ରାସ୍ତା ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ପ୍ରତିବର୍ଷ ଏଭଳି ସମସ୍ୟା ହେଉଥିଲେ ବି ସମାଧାନ କରାଯାଉ ନ ଥିବା ଅଭିଯୋଗ ହୋଇଛି।

ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନମ୍ବର-୨୨ ରେ ରହିଥିବା ଏହି ରାସ୍ତାରେ ବର୍ଷା ସମୟରେ ବି ସାଂଘାତିକ ଅବସ୍ଥା। ସୁବଠାରୁ ବଡ଼କଥା ହେଉଛି ଏହି ରାସ୍ତା ନିକଟରେ ସହରର ପ୍ରମୁଖ ଶିକ୍ଷାନୁଷ୍ଠାନ ସହ ରହିଛି ହସ୍ପିଟାଲ। ଫଳରେ ପ୍ରତିଦିନ ଶହଶହ ସଂଖ୍ୟାରେ ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ସ୍ଥାନରୁ ରୋଗୀମାନେ ଚିକିତ୍ସା ପାଇଁ ଆସୁଛନ୍ତି। ହେଲେ ରାସ୍ତାର ଅବସ୍ଥା ଯୋଗୁଁ ସମସ୍ତଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ସେହିପରି ବର୍ଷା ସମୟରେ ଡ୍ରେନ୍ ପାଣି ନିଷ୍କାସନ ହୋଇ ନପାରି ରାସ୍ତା ଉପରେ ଜମି ରହି ତାହା ଦୁର୍ଗନ୍ଧ ସାଙ୍ଗକୁ ସଂକ୍ରମଣର ଆଶଙ୍କା ସୃଷ୍ଟି କରୁଥିବା ଜଣାପଡ଼ିଛି। ସମ୍ ଅଲଟିମେଟରୁ ଘାଟିକିଆ ଆଡ଼କୁ ଯାଇଥିବା ଏହି ରାସ୍ତା ବହୁ ପୁରୁଣା ହୋଇଥିବା ବେଳେ ଅଧିକାଂଶ ସ୍ଥାନରୁ ପିଚୁ ଉଠିଯାଇଛି। ଏଠାରେ ରହିଥିବା ସ୍କୁଲ ପିଲାମାନେ ମଧ ଯିବା ଆସିବାରେ ଅସୁବିଧା ସୃଷ୍ଟି ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ତେବେ ରାସ୍ତାଟି ପୂର୍ତ୍ତ ବିଭାଗର ହୋଇଥିବାରୁ ସ୍ଥାନୀୟ କର୍ପୋରେଟର କିଛି କରୁନଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ୱାର୍ଡର କର୍ପୋରେଟରଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ବି ମତାମତ ନେବା ସମ୍ଭବ ହୋଇପାରି ନାହିଁ।

**ଅସୀମ ନାଟ୍ୟ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା**

## ‘ସେବତୀର ଶବ’ରେ ନଅଙ୍କ ଦୁର୍ଭିକ୍ଷର କଥା



ଭୁବନେଶ୍ୱର, ୧୪।୩(ସମିସ): ଓଡ଼ିଶା ଇତିହାସର ହୃଦୟ ବିଦାରକ ନଅଙ୍କ ଦୁର୍ଭିକ୍ଷ ବେଳର କଥା ଦର୍ଶାଇଛି ନାଟକ ‘ସେବତୀର ଶବ’। ଫିରିଙ୍ଗି ସରକାରର ଅତ୍ୟାଚାରର କାହାଣୀ। ଭୋକିଲା ମୁହଁରୁ ଅନ୍ନ ଛଡେଇ ନେଇ ବାହାର ରାଜ୍ୟକୁ ଚାଉଳ ଚାଲାଣ କରିବାର କାହାଣୀ ହେଉଛି ଏହି ନାଟକ। ହା ଅନ୍ନ, ହା ଅନ୍ନ ପାଇଁ ଚିତ୍କାର କରୁଥିବା ମଣିଷ କିପରି ମାନବୀୟ ସମ୍ବେଦନକୁ ଭୁଲିଯାଇ ନଥିଲା ତାହା କାହାଣୀରେ ଦେଖିବାକୁ ମିଳିଛି। ଓଡ଼ିଆ ଜାତିର ସୁଖ ଦୁଃଖର ଏହି କାହାଣୀର ମୂଳ ଗଳ୍ପ ହେଉଛି ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ଏବଂ ନାଟ୍ୟରୂପ ଦେଇଛନ୍ତି ପ୍ରତାପ ରାଉତ। ନାଟକର ନିର୍ଦ୍ଦେଶନା ସୁନୀଲ ପଟ୍ଟନାୟକ ଦେଇଛନ୍ତି। ଅଭିନୟରେ ମାନୁ ପଟ୍ଟନାୟକ, ସୁନୀଲ ପଟ୍ଟନାୟକ, କୃଷ୍ଣ ମିଶ୍ର, ଦେବେନ୍ଦ୍ର ସୁନ୍ଦରାୟ, ରାଜେଶ, ସ୍ୱସ୍ତିକ, ସଞ୍ଜୟ, ଅକ୍ଷୟ, ସୂର୍ଯ୍ୟ, ଧରିତ୍ରୀ ଓ ଦୀପାଞ୍ଜଳି ପ୍ରମୁଖ ରହିଛନ୍ତି।

ଅସୀମ ବସୁ ଫାଉଣ୍ଡେସନ ଆୟୋଜିତ ଅସୀମ ନାଟ୍ୟ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଏହି ସନ୍ଧ୍ୟାରେ ନାଟକ ‘ସେବତୀର ଶବ’ ଭଞ୍ଜକଳା ମଣ୍ଡପଠାରେ ମଞ୍ଚସ୍ଥ ହୋଇଛି। ନାଟକଟି ଅନନ୍ୟା ଅନୁଷ୍ଠାନ ପକ୍ଷରୁ ପରିବେଷଣ ହୋଇଥିଲା।

**ମୀରା ନୃତ୍ୟ ମହୋତ୍ସବ ଉଦ୍‌ଯାପିତ**

## କୀର୍ତ୍ତି ରାମଗୋପାଳଙ୍କ ଭାରତନାଟ୍ୟମ ନୃତ୍ୟ



ଭୁବନେଶ୍ୱର, ୧୪।୩(ସମିସ): ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଗୁରୁ ଦୁର୍ଗା ଚରଣ ରଣବୀରଙ୍କ ଶାସ୍ତ୍ରୀୟ ନୃତ୍ୟ ଅନୁଷ୍ଠାନ ନୃତ୍ୟାୟନର ୪ର୍ଥ ବାର୍ଷିକ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ ମୀରା ନୃତ୍ୟ ମହୋତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଯାପିତ ହୋଇଛି। ଉଦଯାପନୀ ସନ୍ଧ୍ୟାରେ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ସୁଚିସ୍ମିତା ମନ୍ତ୍ରୀ, ସଚିବ ଡ. ଚନ୍ଦ୍ର ଶେଖର ହୋତା, ଅନୁରାଧା ମିଶ୍ର ଉପସ୍ଥିତ ଥିଲେ। ଚଳିତ ବର୍ଷର ମହୋତ୍ସବରେ ଓଡିଶୀ ନୃତ୍ୟ ଶିଳ୍ପୀ ଆଲୋକା କାନୁନଗୋଙ୍କୁ ‘ଗୁରୁ ଦୁର୍ଗା ଚରଣ ରଣବୀର ଜୀବନବ୍ୟାପୀ ସାଧନା ସମ୍ମାନ’ ଏବଂ ବାଙ୍ଗାଲୋରର କୁଚିପୁଡି ନୃତ୍ୟ ଶିଳ୍ପୀ ଅଭିଜିତ ଦାସଙ୍କୁ ‘ଗୁରୁ ଦୁର୍ଗା ଚରଣ ରଣବୀର ଯୁବ ପ୍ରତିଭା ସମ୍ମାନ’ ପ୍ରଦାନ କରାଯାଇଥିଲା। ଡ. ଦୀପ୍ତି ରାଉତରାୟ ଏବଂ ସସ୍ମିତା ମହାନ୍ତିଙ୍କ ଦ୍ୱାରା ଏକ ଯୁଗଳ ଓଡ଼ିଶୀ ନୃତ୍ୟରୁ ଆରମ୍ଭ ହୋଇଥିଲା। ଏହା ପରେ କର୍ଣ୍ଣାଟକର ବାଙ୍ଗାଲୋର ସହରରୁ ଆସିଥିବା ପ୍ରସିଦ୍ଧ ଭାରତନାଟ୍ୟମ ନୃତ୍ୟ ଶିଳ୍ପୀ କୀର୍ତ୍ତି ରାମଗୋପାଳଙ୍କ ଦ୍ୱାରା ଏକକ ଭାରତନାଟ୍ୟମ ନୃତ୍ୟ ପରିବେଷଣ ହୋଇଥିଲା ଯାହା ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ଶେଷରେ ଉସ୍ତାଦ ବିସମିଲ୍ଲା ଖାନ ଯୁବ ପ୍ରତିଭା ପୁରସ୍କାର ପ୍ରାପ୍ତ ପ୍ରଭାତ କୁମାର ସ୍ୱାଇଁ ଏବଂ ତାଙ୍କ ନୃତ୍ୟ ନୈବେଦ୍ୟ ଅନୁଷ୍ଠାନ ଦ୍ୱାରା ଏକ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ ପରେ ଏହି ମୀରା ନୃତ୍ୟ ମହୋତ୍ସବ ଶେଷ ହୋଇଥିଲା।

**● ସର୍ବ ଭାରତୀୟ ଟିଲୋ କପ କ୍ରିକେଟ**

## ଫାଇନାଲରେ ସିଏଜି ଓ ନିମପୁର ଓଡ଼ିଶା ଟିମ



ଭୁବନେଶ୍ୱର/ଭଦ୍ରକ ତା ୧୪।୩ (ସମିସ): ଭଦ୍ରକ ଟିଲୋ ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ସର୍ବ ଭାରତୀୟ ଟିଲୋ କପର ଦ୍ୱିତୀୟ ସେମି ଫାଇନାଲରେ ସିଏଜି ଟିମ କୋଲକାତାର ଏ ଏଣ୍ଡ ଏସ ଟିମ ସହିତ ଅନୁଷ୍ଠିତ ହୋଇଥିଲା। ଖେଳ ଆରମ୍ଭ ପୂର୍ବରୁ ଦୁଇ ଦଳର ଖେଳାଳି ମାନଙ୍କୁ ଟିଲୋ ଆଥେଲେଟିକ ଆସୋସିଏସନର ସଭାପତି ଲକି ସ୍ୱାଇଁ ଆଜିର ଅତିଥିମାନଙ୍କ ସହ ପରିଚିତ କରାଇଥିଲେ। କୋଲକତାର ଏ ଏଣ୍ଡ ଏସ ଟିମ ଟସ ଜିଣି ଫିଲଡିଂ କରିବାକୁ ନିଷ୍ପତି ନେଇଥିଲେ। ପ୍ରଥମେ ସିଏଜି ଟିମ ନିର୍ଦ୍ଧାରିତ ୨୦ ଓଭରରେ ସାତ ଉଇକେଟ ହରାଇ ୨୭୮ ରନ କରିଥିବାବେଳେ କୋଲକାତାର ଏ ଏଣ୍ଡ ଏସ ଟିମ ୨୦ ଓଭରରେ ୯ ଉଇକେଟ ହରାଇ ୧୮୬ ରନ କରିଥିଲେ। ସିଏଜି ଟିମର ସୁମିତ କୁମାର ୬୨ ରନ, ଅଭିରଥ ରେଡ୍ଡୀ ୬୬ ରନ କରିବା ସହ ୨ ଉଇକେଟ ଓ ଅର୍କ ପ୍ରସାଦଙ୍କ ୭୪ ରନ ସହାୟତାରେ ପ୍ରତିପକ୍ଷ ଦଳକୁ ୯୨ ରନ ରେ ହରାଇ ଆସନ୍ତାକାଲି ଫାଇନାଲରେ ନିମପୁର ଓଡିଶା ଦଳକୁ ଭେଟିବ। ଆସନ୍ତାକାଲି ଉଦଯାପନୀ ସମାରୋହରେ ଓଡିଶାର କ୍ରୀଡା, ଯୁବ, ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ, ଭଦ୍ରକର ସାଂସଦ ଅଭିମନ୍ୟୁ ସେଠୀ ଅତିଥି ଭାବେ ଯୋଗ ଦେଇ ବିଜୟୀ ଓ ରନର୍ସ ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିବେ।

## କିଟ୍ ପରିଦର୍ଶନ କଲେ ଏନ୍‌ଏଚ୍‌ଆର୍‌ସି ମହାସଚିବ



ଭୁବନେଶ୍ୱର, ୧୪।୩(ସମିସ): ଜୀବନକୁ ପରିବର୍ତ୍ତନ କରିବା ଓ ଏକ ନ୍ୟାୟପୂର୍ଣ୍ଣ ତଥା ଅନ୍ତର୍ଭୁକ୍ତ ସମାଜ ଗଠନ ପାଇଁ ଶିକ୍ଷା ହେଉଛି ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ବୋଲି ଜାତୀୟ ମାନବାଧିକାର ଆୟୋଗ ମହାସଚିବ ଭରତ ଲାଲ୍ କହିଛନ୍ତି। ଶନିବାର କିଟ୍ ଓ କିସ୍ ଗସ୍ତ ଅବସରରେ ଶ୍ରୀ ଲାଲ୍ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ନିଜ ଜୀବନ ଏବଂ କ୍ୟାରିୟର ଗଠନରେ ଶିକ୍ଷା ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ଶିକ୍ଷା ବିନା ଜଣେ ଜୀବନରେ ବିଶେଷ ଅଧିକ କିଛି ହାସଲ କରିପାରିବ ନାହିଁ ବୋଲି କହିଛନ୍ତି। କିଟ୍ ଓ କିସ୍ ପରିଦର୍ଶନ କରି ସେ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ଶୃଙ୍ଖଳା, ଆଚରଣ, ସଂସ୍କୃତି ଓ ଚିନ୍ତାଧାରାକୁ ଶିକ୍ଷା ଆକୃଷ୍ଟ କରେ। ଶିକ୍ଷାର ଯଥେଷ୍ଟ ଗୁରୁତ୍ୱ ରହିଛି। ଶିକ୍ଷା ପାଇଁ ଉପଯୁକ୍ତ ସମୟ ଥାଏ, ସେହି ସମୟରେ ଶିକ୍ଷା ଗ୍ରହଣ କରିବା ଉଚିତ୍। ନିଜେ ଶିକ୍ଷା ଗ୍ରହଣ କରିବା ସହ ଅନ୍ୟକୁ ଶିକ୍ଷା ଲାଭରେ ସହଯୋଗ କରିବା ଆବଶ୍ୟକ। ମାନବିକ ଅଧିକାର ମୂଳତଃ ସାମାଜିକ କୁସଂସ୍କାର ହଟାଇବା, ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ସମ୍ମାନ ଓ ସମାନତା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥାଏ ବୋଲି ଶ୍ରୀ ଲାଲ୍ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଛନ୍ତି।

## ଶିରିଡ଼ି ସାଇବାବାଙ୍କ ଚରଣ ପାଦୁକା ଦର୍ଶନ ସମାରୋହ

ଭୁବନେଶ୍ୱର, ୧୪।୩(ସମିସ):ବହୁ ପ୍ରତୀକ୍ଷିତ ଶିରିଡ଼ି ସାଇବାବାଙ୍କର ପାବନ ଚରଣ ପାଦୁକା ସମାରୋହ ଶନିବାର ଜନତା ମଇଦାନରେ ଆରମ୍ଭ ହୋଇଛି। ସକାଳେ ଟଙ୍କପାଣି ସାଇ ମନ୍ଦିରରୁ ଶିରିଡିରୁ ଆସିଥିବା ବାବାଙ୍କ ପବିତ୍ର ଚରଣ ପାଦୁକା ସ୍ୱସ୍ତି ପ୍ରିମିୟମ ଛକ ନିକଟରେ ପହଞ୍ଚିବା ପରେ ଶତାଧିକ ଭକ୍ତଙ୍କ ସମାଗମରେ ଘଣ୍ଟ, ତୁରୀ, ବାଦ୍ୟ, ସଙ୍ଗୀତ ଓ ନୃତ୍ୟର ତାଳେ ତାଳେ ପହଞ୍ଚିଥିଲା। ଶିରିଡି ସାଇ ଗ୍ଲୋବାଲ ଫାଉଣ୍ଡେସନ୍‌ର ଅଧକ୍ଷ ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀ ପୁଷ୍ପ ମାଲ୍ୟାର୍ପଣ କରି ପାଦୁକାକୁ ସ୍ୱାଗତ କରିଥିଲେ। ସ୍ୱସ୍ତି ପ୍ରିମୟମ ନିକଟରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ପାଦୁକାକୁ ଜନତା ମଇଦାନକୁ ନିଆଯାଇଥିଲା।

**ଗୁରୁଜୀଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଓ ପୂଜାର୍ଚ୍ଚନା**



ଗୁରୁଜୀ ଡକ୍ଟର ଶତପଥୀ ଓ ଶିରିଡି ସାଇବାବା ସଂସ୍ଥାନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋରକ୍ଷ ଗାଡ଼ିଲକର ଆଇଏଏସଙ୍କ ଉପସ୍ଥିତିରେ ପାଦୁକା ସ୍ଥାପନ କରାଯିବା ପରେ ଲଘୁ ଆଳତି ଅନୁଷ୍ଠିତ ହୋଇଥିଲା। ଏହାପରେ ସର୍ବ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ୧୨ ଟାରେ ଶିରିଡିର ପୂଜକ ମାନଙ୍କ ଦ୍ୱାରା ମଧ୍ୟାହ୍ନ ଆରତୀ ସମ୍ପନ୍ନ ହୋଇଥିଲା। ଦର୍ଶନ ପରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ତେବେ ଦିନସାରା ପାଦୁକା ଦର୍ଶନ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ଗହଳି ଲାଗି ରହିଥିଲା। ଏହି ଉପଲକ୍ଷେ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀ ମାନେ ସଙ୍ଗୀତ ପରିବେଷଣ କରିଥିଲେ। ଓଡ଼ିଶାରେ ପ୍ରଥମ ଥର ପାଇଁ ହେଉଥିବା ଏହି ପାଦୁକା ଦର୍ଶନ ସମାରୋହକୁ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ବୋଲି ଗୁରୁଜୀ ଡକ୍ଟର ଶତପଥୀ କହିଛନ୍ତି। ତେବେ ଆସନ୍ତାକାଲି ସକାଳୁ ରାତି ୧୦ଟା ପର୍ଯ୍ୟନ୍ତ ଭକ୍ତ ମାନେ ପାଦୁକା ଦର୍ଶନ କରିପାରିବେ।

## ହର୍‌ମାନ କୁଲ୍‌କେଙ୍କ ସ୍ମୃତିସଭା

ଭୁବନେଶ୍ୱର, ୧୪।୩(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ଖାରବେଳ ନଗରସ୍ଥିତ ଭାରତୀୟ ବିଦ୍ୟା ଭବନ ଠାରେ ଐତିହାସିକ ପଦ୍ମଶ୍ରୀ ପ୍ରଫେସର ହର୍‌ମାନ କୁଲ୍‌କେଙ୍କ ସ୍ମୃତିରେ ଏକ ସାରସ୍ୱତ ସଭା ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, କଥାକାର ଗୌରହରି ଦାସ, ଐତିହାସିକ ପ୍ରଫେସର ଅମୀୟ କୁମାର ମହାନ୍ତି, ସାହିତ୍ୟିକ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ, ଐତିହାସିକ ଡ଼. କୈଳାସ ଚନ୍ଦ୍ର ଦାଶ, ଅନୁବାଦକ ଡ଼. ସଂଗ୍ରାମ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ।

## ଦାସକାଠିଆ ପରିବେଷଣ ଓ ଚର୍ଚ୍ଚା




ଭୁବନେଶ୍ୱର, ୧୪।୩ (ସମିସ): କେଦାରନାଥ ଗବେଷଣା ପ୍ରତିଷ୍ଠାନ ପରିସରରେ ଶନିବାର ଓଡ଼ିଶାର ଲୋକକଳା ସଂସ୍କୃତି ଚର୍ଚ୍ଚା କ୍ରମରେ ଦାସକାଠିଆ ପରିବେଷଣ ହୋଇଯାଇଛି। ଗାୟକ ବିଦ୍ୟାଭୂଷଣ ସତ୍ୟନାରାୟଣ ନାୟକ ଓ ପାଳିଆ ନବକିଶୋର ବାରିକ ହରି ଅର୍ଜୁନ ଯୁଦ୍ଧ ପ୍ରସଙ୍ଗରେ ଦାସକାଠିଆ ପରିବେଷଣ କରିଥିବା ବେଳେ ଡ. ମନ୍ମଥ କୁମାର ଶତପଥି ଏହାର ଭାଷା ଓ ଶୈଳୀ ସମ୍ପର୍କରେ ଚର୍ଚ୍ଚା କରିଥିଲେ। ପ୍ରତିଷ୍ଠାନର ସଭାପତି ପ୍ରଶାସକ ରଘୁନାଥ ମିଶ୍ର ଉଭୟଙ୍କୁ ସମ୍ବର୍ଦ୍ଧିତ କରି ଓଡ଼ିଶାର ଲୋକକଳା ବିଷୟରେ ଏଭଳି କାର୍ଯ୍ୟକ୍ରମ କରାଯିବ ବୋଲି କହିଥିଲେ। ପ୍ରତିଷ୍ଠାନର ସମ୍ପାଦକ ଡ. ରମେଶ ଚନ୍ଦ୍ର ପାଣି ସ୍ୱାଗତ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଡ. ଅରୁଣ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଶରତ ଚନ୍ଦ୍ର ରଥ, ପଣ୍ଡିତ ବିରଞ୍ଚି ନାରାୟଣ ମିଶ୍ର, ଡ. ଯୋଗୀନାଥ ସାହୁ, ଇଂ ଲଡ୍ଡୁ କିଶୋର ପଡ଼ିଆରୀ, ଜଗତ ଚନ୍ଦ୍ର ଦାସ, ଅଲେଖନନ୍ଦୀ, ଭୋଳାନାଥ ମହାପାତ୍ର, ଜୟନ୍ତ ପଡ଼ିଆରୀ ଓ ଡ. ଦେବାଶିଷ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଏହି ଦାସକାଠିଆ ସନ୍ଧ୍ୟାରେ ଅଂଶଗ୍ରହଣ କରିଥିଲେ।

## ଶ୍ରମିକଙ୍କ ଅଧିକାର ସଂକ୍ରାନ୍ତ ଆଇନଗତ ସଚେତନତା

ଭୁବନେଶ୍ୱର, ୧୪।୩(ସମିସ):ଆକ୍ସନଏଡ୍ ଆସୋସିଏସନ ଓ ସିସିଡବ୍ଲୁଡିଙ୍କ ମିଳିତ ଆନୁକୂଲ୍ୟରେ ରେଡକ୍ରସ ଭବନରେ ଶ୍ରମିକଙ୍କ ଅଧିକାରର ସୁରକ୍ଷା ଓ ସାମାଜିକ ନିରାପତ୍ତାକୁ ସୁନିଶ୍ଚିତ କରିବା ଓ ଆଇନଗତ ଦିଗ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଲୟାର ନବୀନ ମହାପାତ୍ର ଯୋଗଦେଇ ଶ୍ରମିକଙ୍କ ଅଧିକାର ସଂକ୍ରାନ୍ତୀୟ ଆଇନଗତ ସୂଚନା ପ୍ରଦାନ କରିଥିଲେ। କର୍ଯ୍ୟକ୍ରମରେ ଆକ୍ସନଏଡ୍ ଆସୋସିଏସନ୍‌ର ଦେବବ୍ରତ ପାତ୍ର, ଶୁଭେନ୍ଦୁ କୁମାର ରାୟ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କେନ୍ଦ୍ର ସଞ୍ଚାଳକ ସଦାଶିବ ସ୍ୱାଇଁ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଶିବ ସାହୁ ସ୍ୱାଗତଭାଷଣ ଦେଇଥିବା ବେଳେ ସରସ୍ୱତୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ବାଛୁରି ଏକୋଇଶିଆରେ ୩୦୦ ଭୋଜନ ଦାନ

ଭୁବନେଶ୍ୱର, ୧୪।୩ (ସମିସ): ସୁନ୍ଦରପଦା କଣ୍ଟିଲୋ ଅନ୍ତର୍ଗତ କଲ୍ୟାଣ ବିହାର ଲେନ-୨ରେ ରହୁଥିବା ମାଧବାଚାର୍ଯ୍ୟ ଏବଂ ତାଙ୍କ ପରିବାରବର୍ଗ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ଗାଈ ଜନ୍ମ କରିଥିବା କଅଁଳି ବାଛୁରିର ଏକୋଇସିଆ କରି ଅଞ୍ଚଳରେ ଚର୍ଚ୍ଚା ପାଲଟି ଯାଇଛନ୍ତି। ସେ ବନ୍ଧୁବାନ୍ଧବଙ୍କୁ ଡ଼ାକି ବାଛୁରିର ନାମକରଣ କରିଛନ୍ତି। ତିନି ଶହରୁ ଅଧିକ ଗରିବ, ଅସହାୟ ଲୋକଙ୍କୁ ମଧ ଖାଇବାକୁ ଦେଇଛନ୍ତି।



ସୂଚନା ଅନୁଯାୟୀ, ଦୀର୍ଘ ବର୍ଷପରେ ମାଧବଙ୍କ ଗାଈ ଗତ ୧୯ ତାରିଖରେ ଏକ ମାଈ ବାଛୁରିକୁ ଜନ୍ମ ଦେଇଥିଲା। ଏହା ଘରେ ଖୁସିର ଲହରୀ ଆଣି ଦେଇଥିଲା। ପରିବାର ସଦସ୍ୟ ବାଛୁରିକୁ ଛୁଆ ଭଳି ପାଳି ଥିଲେ। ମାଧବଙ୍କ ପତ୍ନୀ ଦୀପ୍ତିମୟୀ ଆଚାର୍ଯ୍ୟ ବାଛୁରିରେ ସେବାରେ ମଜି ରହିଥିଲେ। ସେମାନେ ନାମକରଣ କରାଇବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ନିମନ୍ତ୍ରଣ ପତ୍ର ମଧ ଛପାଇ ଥିଲେ। ବନ୍ଧୁ ବାନ୍ଧବଙ୍କ ଗହଣରେ ଗତ ବୁଧବାର ସତ୍ୟ ନାରାୟଣ ପୂଜା କରିଥିଲେ। ବାଛୁରିକୁ ଗାଧୋଇ ବସ୍ତ୍ର ପିନ୍ଧାଇ ସଜାଇ ଥିଲେ। ପରେ ତା’ର ନାମ ଲକି ରଖିଥିଲେ।

**ଅବ୍ୟବସ୍ଥାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପାର୍କ**

## ପାର୍କିଂ ପାଇଁ ସ୍ଥାନ ନାହିଁ, ସଫା ହେଉନି ପାଣି ଟାଙ୍କି

ଭୁବନେସ୍ୱର, ୧୪।୩(ସମିସ): ରାଜଧାନୀର ଛୋଟ ବଡ଼ ପାର୍କ ଏବେ ଲୋକଙ୍କ ଅବସର ବିନୋଦନ, ବ୍ୟାୟାମ, ଖେଳକୁଦର ପ୍ରକୋଷ୍ଠ ସ୍ଥାନ ପାଲଟିଛି। ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଲୋକଙ୍କ ଗହଳି ଲାଗୁଛି। ଏ ଦୃଷ୍ଟିରୁ ନୂଆ ପାର୍କ ନିର୍ମାଣ ସହ ଏହାର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ବିଡ଼ିଏ ଅଧକ୍ଷନରେ ଥିବା ପାର୍କ ଏବେ ଉଜୁଡ଼ିଯାଉଥିବାର ଦେଖିବାକୁ ମିଳିଲାଣି।

ଗଣ୍ଡମୁଣ୍ଡା ନିକଟରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପାର୍କରେ ବିଭିନ୍ନ ପ୍ରକାରର ଅବ୍ୟବସ୍ଥା ଦେଖିବାକୁ ମିଳିଛି। ବିଶେଷକରି ଏହି ପାର୍କର ଆଗରେ ଲେଖାଯାଇଥିବା ସାଇନ୍ ବୋର୍ଡ଼ରେ କଳଙ୍କି ଲାଗିବା ସହ ଗାଡ଼ି ପାର୍କିଂ କରିବାକୁ ପର୍ଯ୍ୟାପ୍ତ ସ୍ଥାନ ନାହିଁ। ଯେତିକି ବି ସ୍ଥାନ ଅଛି ସେହି ସ୍ଥାନଗୁଡ଼ିକୁ ବୁଲା ଗୋରୁମାନେ ଶୋଇ ରହିଥିବାରୁ କାର ଓ ଅଧିକ ବାଇକ୍ ରହିପାରୁନାହିଁ। ଫଳରେ ଛୁଟିଦିନଗୁଡ଼ିକରେ ଏହି ପାର୍କ ଆଗରେ ଟ୍ରାଫିକ୍ ସମସ୍ୟା ଦେଖା ଦଉଛି। ଏହିପରି ପାର୍କ ଭିତରେ ଥିବା ପାଣି ଟାଙ୍କି ସଫା ହେଉ ନ ଥିବାରୁ ଟ୍ୟାପ୍‌ରୁ ଗୋଳିଆ ପାଣି ସହ ଆକ୍ୱାଗାଡ଼ ବସାଇବାକୁ ସୁବିଧା ଥିବା ବେଳେ ଏପର୍ଯ୍ୟନ୍ତ ଆକ୍ୱାଗାର୍ଡ଼ ବସି ନ ଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତତ୍‌ସହିତ ପାର୍କଟି ଆଗରୁ ୯ ଏକରରେ ସିମୀତ ରହିଥିବା ବେଳେ ୨୦୧୫ ମସିହାରେ ଏହାକୁ ବଡ଼ କରି ୧୭ ଏକର କରାଗଲା। ହେଲେ ପାର୍କରେ ଏବେ କିଛି ଲାଇଟ୍ ଜଳୁନଥିବା ବେଳେ ସିକ୍ୟୁରିଟି ମାତ୍ର ତିନିଜଣ ରହିଛନ୍ତି। ଏହି ସିକ୍ୟୁରିଟି ମାନେ ଏବିସି ସିଫ୍ଟରେ ରହୁଥିବାରୁ ଅନେକ ନିଶାଡ଼ି ଓ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ପାର୍କକୁ ଆସୁଥିବା ଲୋକଙ୍କ ଭିତରୁ ଯଦି କାହାର କିଛି କ୍ଷତି ହୁଏ ତେବେ କିଏ ଦାୟୀ ହବ ବୋଲି କିଛି ବୃଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି। ପାର୍କରେ ପିଲା ମାନଙ୍କ ପାଇଁ କିଛି ଖେଳ ଉପକରଣ ରହିଛି। ହେଲେ ପିଲାମାନେ ପାର୍କ ଭିତରେ ର୍ୟାକେଟ୍ ଖେଳିବା ପାଇଁ କୈଣସି ସୁବିଧା ନଥିବାରୁ ଯଦି ପାର୍କ ଭିତରେ ର୍ୟାକେଟ୍ ଖେଳିବାକୁ କିଛି ସୁବିଧା କରାଯାଅନ୍ତା ତେବେ ଅନେକ ପିଲା ର୍ୟାକେଟ୍ କେଳିବାର ସୁଯୋଗ ପାଇ ପାରୁନାହନ୍ତି। ଫଳରେ ଅନେକ ପିଲା ର୍ୟାକେଟ୍ ନେଇ ଆସୁଛନ୍ତି ଓ ହାତରେ ଧରି ଫେରିକି ଯାଉଛନ୍ତି।



ଏନେଇ ସ୍ଥାନୀୟ ବାସିନ୍ଦା ସ୍ମିତି ପଟ୍ଟନାୟକ ନାମକ ଜଣେ ମହିଳା କୁହନ୍ତି ପାଣି ଟାଙ୍କି ନିୟମିତ ସଫା କରାଯିବା ସହ ପାର୍କିଂ ବ୍ୟବସ୍ଥା କରାଯାଉ। ପାର୍କକୁ ବଡ଼ କରିଲେ କିଛି ଲାଭ ନାହିଁ ପାର୍କର ରକ୍ଷଣା ବେକ୍ଷଣା ସହ ପାର୍କକୁ ସବୁ ଦୃଷ୍ଟିରୁ ସୁରକ୍ଷିତ ରଖିବାକୁ ସେ କହିଛନ୍ତି।

ସକାଳ
THE SAKALA



# ୨୦ ଲକ୍ଷ ଟଙ୍କାର ଚୋରି ସାମଗ୍ରୀ ଜବତ; ୪ ଗିରଫ

**ନିଶ୍ଚିନ୍ତକୋଇଲି,୧୪ ।୩(ସମିସ):** ନିଶ୍ଚିନ୍ତକୋଇଲି ଥାନାଞ୍ଚଳରେ କିଛି ଦିନ ହେବ ଘନ ଘନ ଚୋରି ଡକାୟତି ଓ ରାହାଜାନୀ ବଢ଼ିଚାଲିଥିବା ବେଳେ ଗୁରୁବାର ରାତିରେ ନିଶ୍ଚିନ୍ତକୋଇଲି ଥାନା ପୁଲିସ ଏକ ଆନ୍ତଃଜିଲ୍ଲା ଦୁର୍ଦ୍ଦାନ୍ତ ଡକାୟତି ଦଳକୁ ଧରିବା ପାଇଁ ସକ୍ଷମ ହୋଇଛି । ଏହି ଡକାୟତ ଦଳରେ ସଂପୃକ୍ତ ଥିବା ତିନି ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ପୁଲିସ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଧୀନସ୍ଥ ଚନ୍ଦନପୁର ଗ୍ରାମର ବୁଧିରାମ ସ୍ୱାଇଁ(ବୁଧିଆ, ୫୭ ବର୍ଷ), ନୂଆଗାଁର ଦିଲ୍ଲୀପ ଦାସ(୩୭) ଓ ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ତଳିଆ ଗ୍ରାମର ଦେବେନ୍ଦ୍ର ପରିଡା (୪୮) । ସେମାନଙ୍କଠାରୁ ଜିନିଷ କିଣିଥିବା ଯାଜପୁର ଟାଉନଥାନା ଅଧୀନସ୍ଥ ବଡବଜାରର ସମ୍ପଦରାୟ ଭାନୁଦାସ ଚୋରୁମାଲେ(୪୦)ଙ୍କୁ ମଧ୍ୟ ପୁଲିସ ଗିରଫ କରିଛି । ଏଥିସହ ୧୦୫ ଗ୍ରାମ ବିଭିନ୍ନ ସୁନା ଅଳଙ୍କାର, ୪୫୦ ଗ୍ରାମ ରୁପା ଅଳଙ୍କାର, ଗୋଟିଏ ମହିନ୍ଦ୍ରା ମାର୍ଜୋ କାର, ନଗଦ ୧ ଲକ୍ଷ ୧୦ ହଜାର ଟଙ୍କା, ଦୁଇଟି ଲାପ୍‌ଟପ୍, ତିନୋଟି ମୋବାଇଲ, ଏକ କୁଇଣ୍ଟାଲ କଂସା ଓ ପିତଳ ବାସନକୁସନ, ଗୋଟିଏ ବଡ଼ କଟର ସହ ମାରଣାସ୍ତ୍ର ଜବତ କରାଯାଇଛି । ଏନେଇ ଏକ ସାମ୍ବାଦିକ








ସମ୍ମିଳନୀରେ ସାଲେପୁର ଏସ୍‌ଡିପିଓ ବିରଞ୍ଚିନାରାୟଣ ପତି ସୂଚନା ଦେଇଛନ୍ତି ।

ଏହି ଡକାୟତି ଦଳରେ ଅନ୍ୟ ଦୁଇଜଣ ଫେରାର ଥିବା ବେଳେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ତାଙ୍କୁ ଖୁବ୍ ଶୀଘ୍ର ଧରିବ ବୋଲି ସେ କହିଛନ୍ତି । ଏମାନେ ରାସ୍ତା ପାର୍ଶ୍ୱରେ ବନ୍ଦ୍ ହୋଇ ରହିଥିବା ବାସଗୃହଗୁଡିକରେ ଡକାୟତି କରିବା ପାଇଁ ସବୁବେଳେ ଟାର୍ଗେଟ୍ କରିଥାଆନ୍ତି । ଗୁରୁବାର ରାତିରେ ନିଶ୍ଚିନ୍ତକୋଇଲି ଥାନା ମହାଜନପୁର ଗ୍ରାମର ସହଦେବ ସେନାପତିଙ୍କ ଘରକୁ ଟାର୍ଗେଟ୍ କରି ଡକାୟତି କରୁଥିବା ବେଳେ ତାଙ୍କର ସେନସର ସିସି କ୍ୟାମେରା ଥିବାରୁ ସେମାନଙ୍କୁ ସହଜରେ ଧରାଯାଇଥିଲା । ଏହି ଅପରାଧୀଙ୍କ ନାମରେ ନିଶ୍ଚିନ୍ତକୋଇଲି, କିଶନନଗର ଓ ସାଲେପୁର ଆଦି ଥାନାଗୁଡିକରେ ବହୁ ଅପରାଧିକ ମାମଲା ରହିଥିବା ବେଳେ ଯାଜପୁର, ବାଲେଶ୍ୱର, ଭଦ୍ରକ, କଟକ ଆଦି ଜିଲ୍ଲାରେ ମଧ୍ୟ ଅନେକ ମାମଲା ରହିଥିବା ଜଣାଯାଇଛି । ଏହି ଡକାୟତି ଦଳ ଏକ ଦାମୀ କାର ମାଧ୍ୟମରେ ଯାଇ ଲୋକମାନଙ୍କ ଘରୁ ଡକାୟତି କରି ଘରେ କଳାକନା ବୁଲାଇ ଦେଇଥାଆନ୍ତି ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ସାମ୍ବାଦିକ ସମ୍ମିଳନୀରେ ନିଶ୍ଚିନ୍ତକୋଇଲି ଥାନାଧିକାରୀ ଅନୀତା ସାହୁ, ସାଲେପୁର ଥାନାଧିକାରୀ ମହେଶ୍ୱର ବେହେରା, କିଶନନଗର ଥାନାଧିକାରୀ ମାନେଶ୍ୱର ପ୍ରଧାନ, ନିଶ୍ଚିନ୍ତକୋଇଲି ଥାନା ଏସ୍‌ଆଇ ସ୍ମୃତିରଂଜନ ସ୍ୱାଇଁ, ଉଦୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଚାରି ଜଣ ଅପରାଧୀଙ୍କ ନାମରେ ମାମଲା ରୁଜୁ କରାଯାଇ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ନେଇ ସାଲେପୁର ଏସ୍‌ଡିପିଓ ସୂଚନା ଦେଇଛନ୍ତି ।

## ମା' ଓ ଭାଇର ହତ୍ୟା ଅଭିଯୁକ୍ତ ଜେଲ୍ ଗଲା



**ସାଲେପୁର,୧୪ ।୩(ସମିସ):** ଜମିଜମା ବିବାଦକୁ କେନ୍ଦ୍ର କରି ନିଜ ଜନ୍ମକଲା ମା' ଓ ଭାଇକୁ ଫାଉଡ଼ାରେ ପିଟି ପିଟି ହତ୍ୟା କରିଥିବା ଅଭିଯୁକ୍ତକୁ ଆଜି ସାଲେପୁର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ ଗତକାଲି ଜମିଜମା ବିବାଦକୁ କେନ୍ଦ୍ର କରି ସାଲେପୁର ଥାନା ଅଧିନ ଫଗୋଳ ଗ୍ରାମର ସେକ୍ ପପୁ ନିଜ ଜନ୍ମକଲା ମା' କୁଲସୁମ୍ ବିବି(୭୨) ଓ ଭାଇ ସେକ୍ ସମସେର(୫୫)ଙ୍କୁ ଫାଉଡ଼ାରେ ପିଟି ହତ୍ୟା କରିଥିଲା । ଏହାନେଇ ମୃତ ସମସେରଙ୍କ ପୁତ୍ର ସେକ୍ ସୋଲେମାନ୍ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ସାଲେପୁର ଥାନା କେସ୍ ନଂ-୧୫୭/୨୦୨୬ରେ ଏକ ମାମଲା ରୁଜୁ କରି ଆଜି ଅଭିଯୁକ୍ତ ସେକ୍ ପପୁକୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ସେଠାରେ ତା'ର ଜାମିନ୍ ଆବେଦନ ନାମଂଜୁର ହେବାରୁ ତାକୁ ଜେଲ ହାଜତକୁ ପଠାଇଦେଇଥିବା ସାଲେପୁର ଥାନା ଆଇଆଇସି. ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି ।

## ଶିକ୍ଷାବିତଙ୍କ ବିୟୋଗରେ ଶୋକ



**ଚୌଦ୍ୱାର,୧୪।୩(ସମିସ):** ଓଡ଼ିଶା ଶିକ୍ଷା ବିକାଶ ସମିତିର ଆଇନ ପରାମର୍ଶଦାତା, ପୂର୍ବ ସମ୍ଭାଗ ତଥା କେଶବ ସେବା ପ୍ରକଳ୍ପର ପ୍ରାକ୍ତନ ସଂଯୋଜକ ତଥା ଦୌଲତାବାଦସ୍ଥିତ ସାରଦା ନଗର ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ପ୍ରଧାନ ଆଚାର୍ଯ୍ୟ ନିମାଇଁ ଚରଣ ପଣ୍ଡାଙ୍କ(୫୪) ଶନିବାର ହୃଦଘାତରେ ପରଲୋକ ହୋଇଛି । ସ୍ୱର୍ଗତ ପଣ୍ଡା ଜଣେ ପରୋପକାରୀ ଓ ବନ୍ଧୁ ବତ୍ସଳ ମଣିଷ ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ । ସେ ଜଗତପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ଶିକ୍ଷକ ଜୀବନ ଆରମ୍ଭ କରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷକତା କରିଥିଲେ । ଆଦିବାସୀ ଅଧ୍ୟୁଷିତ ମହିସାଲଣ୍ଡା ପଞ୍ଚାୟତ ଆମ୍ବିଳିଝରୀ ଗ୍ରାମରେ ସଖା ସେବାଟ୍ରଷ୍ଟ ଜୀବନ ସଂଧ୍ୟା ଆଶ୍ରମ ସ୍ଥାପନ କରି ଅସହାୟ ବୃଦ୍ଧବୃଦ୍ଧାଙ୍କ ସେବା ସହିତ ଆଦିବାସୀ ପିଲାଙ୍କୁ ଶିକ୍ଷାଦାନ ଆଦି କାର୍ଯ୍ୟ କରୁଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଚୌଦ୍ୱାର ପୌରପାଳିକା ୧୫ ନମ୍ବର ୱାଡର୍ ଅନ୍ତର୍ଗତ ଚିଡ୍ରେଶ୍ୱରସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା ।

## ମା'ଙ୍କ ଚକ୍ଷୁଦାନ କରାଇଲେ ପୁଅ



**ନିଆଳି,୧୪।୩(ସମିସ):** ମୃତ୍ୟୁ ପରେ ଚକ୍ଷୁଦାନ କରିଛନ୍ତି ୮୨ ବର୍ଷୀୟା ନିଆଳିର ପାର୍ବତୀ ସାହୁ । ମା'ଙ୍କ ବୟସାଧିକ ମୃତ୍ୟୁପରେ ପୁଅ କେଦାରନାଥ ସାହୁ ନିଜ ମା'ଙ୍କ ଆଖି ଦାନ କରିଛନ୍ତି । ବିଭିନ୍ନ ସାମାଜିକ ଓ ସ୍ୱେଚ୍ଛାସେବୀ ସଂଗଠନ ସହ ଜଡିତ କେଦାରଙ୍କ ମା'ଙ୍କ ମୃତ୍ୟୁ ପରେ ବି ଦୁଇ ଜଣ ଦୃଷ୍ଟିହୀନଙ୍କୁ ଦୁନିଆକୁ ଦେଖାଇଛନ୍ତି । କେଦାରନାଥ ପ୍ରଥମେ ମା'ଙ୍କ ଚକ୍ଷୁଦାନ ପାଇଁ ଏସସିବି ମେଡିକାଲକୁ ଯୋଗାଯୋଗ କରିଥିଲେ । ସେଠାରେ ମେଡିକାଲ ପକ୍ଷରୁ ପୁରୀ ଚକ୍ଷୁବ୍ୟାଙ୍କକୁ ଯାଇ ଚକ୍ଷୁଦାନ କରିବାକୁ ପରାମର୍ଶ ଦେଇଥିଲେ । ଏଣେ ଅଙ୍ଗଦାନ ସେଲ୍ ସହ ଜଡିତ ତଥା ରେଡ୍‌କ୍ରସ୍ ସକ୍ରିୟ ସଦସ୍ୟା ଜୟନ୍ତୀ ମହାପାତ୍ର ଓ ଚକ୍ଷୁବ୍ୟାଙ୍କର କର୍ମକର୍ତ୍ତା ଯାଇ ମୃତ ପାର୍ବତୀଙ୍କ ଚକ୍ଷୁର କର୍ଣ୍ଣିଆ ସଂଗ୍ରହ କରିଥିଲେ । ଶ୍ରୀମତୀ ମହାପାତ୍ର କହିଛନ୍ତି, ପାର୍ବତୀଙ୍କ ବୟସଜନିତ ମୃତ୍ୟୁ ହୋଇଛି । ମୃତ୍ୟୁପରେ ମଧ୍ୟ ଦୁଇଜଣ ଦୁନିଆ ଦେଖିବାର ସୁଯୋଗ ପାଇବେ ।

## ୨୦୨୭ ଜନଗଣନା ପ୍ରଶିକ୍ଷଣର ଦ୍ୱିତୀୟ ପର୍ଯ୍ୟାୟ

**କଟକ, ୧୪।୩ (ସମିସ):** ୨୦୨୭ ଜନଗଣନାର ସ୍ୱଚ୍ଛତା ଓ ନିର୍ଭୁଲ ପ୍ରକ୍ରିୟା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ କ୍ଷେତ୍ର ପ୍ରଶିକ୍ଷକମାନଙ୍କ ପାଇଁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହୋଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କଟକ ଜିଲ୍ଲାପାଳ ତଥା ଜିଲ୍ଲା ପ୍ରମୁଖ ଜନଗଣନା ଅଧିକାରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ କମଲଜିତ ଦାସଙ୍କ ସହ ପରିଚାଳନା ଓ ପ୍ରଶାସନିକ ତଦାରଖ ପୂର୍ବକ କରାଯାଉଛି । ୧୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶେଷ ହେବ । ଆସନ୍ତା ଏପ୍ରିଲ ୧ରୁ ଏପ୍ରିଲ ୭ ପର୍ଯ୍ୟନ୍ତ ଜିଲ୍ଲାର ଏନ୍ୟୁମେରେଟର ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । ସହକାରୀ ନିର୍ଦ୍ଦେଶକ (ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ର) ମିଲିତା ଦତ୍ତ ଓ ଡେପୁଟି କଲେକ୍ଟର, (ଜନଗଣନା) ନୁରି ପରଭିନ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି ।

## ବାବା ଆଖଣ୍ଡଳମଣିଙ୍କ ବାର୍ଷିକୋତ୍ସବ

**ଟାଙ୍ଗୀ,୧୪ ।୩(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ଟାଙ୍ଗୀ ହାତୁଆ ସାହିସ୍ଥିତ ବାବା ଆଖଣ୍ଡଳମଣିଙ୍କ ନବମ ବାର୍ଷିକୋତ୍ସବ ଓ ମହାଯଜ୍ଞ ଆରମ୍ଭ ହୋଇଛି । ଗ୍ରାମବାସୀଙ୍କ ସହଯୋଗରେ ତଥା ବୈଦିକ ରୀତିନୀତି ଅନୁଯାୟୀ ଯଜ୍ଞକାର୍ଯ୍ୟ ଶୁକ୍ରବାର ଆରମ୍ଭ ହୋଇଛି । ସ୍ଥାନୀୟ ବାସିନ୍ଦା ଅନନ୍ତ ଚରଣ ନାୟକ ସପତ୍ନୀକ ଗୀତା ନାୟକ କର୍ତ୍ତାକର୍ତ୍ତୀ ଭାବେ ଦାୟିତ୍ୱ ନିର୍ବାହ କରୁଥିବାବେଳେ ପବିତ୍ର ମୀନ ସଂକ୍ରାନ୍ତି ଅବସରରେ ରବିବାର ଯଜ୍ଞ ପୂର୍ଣ୍ଣାହୁତି ଉତ୍ସବ ଅନୁଷ୍ଠିତ ହେବ ବୋଲି ବାର୍ଷିକ ଉତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

## ଲୋକସେବା ଓ ଇତ୍‌ସା ଫାଉଣ୍ଡେସନ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ସାଲେପୁର,୧୪ ।୩(ସମିସ):** ଆଜି ସାଲେପୁର ମଧୁମଣ୍ଡପଠାରେ ଲୋକସେବା ଫାଉଣ୍ଡେସନ୍ ଓ ଇତ୍‌ସା ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଟାଙ୍ଗୀସାଲେପୁର ଲୋକସେବା ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଡଃ ହିମାଂଶୁ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଶିବିରରେ ହାଇଟେକ୍ ମେଡ଼ିକାଲ ଓ ସଦ୍‌ଗୁରୁ ଆଏ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ବିଭିନ୍ନ ବିଭାଗର ଡାକ୍ତରମାନଙ୍କ ଦ୍ୱାରା ରୋଗୀମାନଙ୍କର ରୋଗର ପରୀକ୍ଷା ନିରୀକ୍ଷା କରାଯାଇ ମାଗଣା ଔଷଧ ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଇତ୍‌ସା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଇତିଶ୍ରୀ ମିଶ୍ର, ଅଧ୍ୟକ୍ଷ ଶାସ୍ତ୍ରୀ ବାହାଦୂର ପ୍ରଧାନ, ସଦ୍‌ଗୁରୁ ମେଡ଼ିକାଲର ନିର୍ଦ୍ଦେଶକ ରାହୁଲ ପ୍ରତ୍ୟୁଷ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବାବେଳେ ଏହି କାର୍ଯ୍ୟକ୍ରମକୁ ନିର୍ମଳା ସିଂହ, ରେଣୁବାଳା ରାଉତ, କବିତା ସ୍ୱାଇଁ, ନିର୍ମଳା ବରାଳ, ବନୀତା ସ୍ୱାଇଁ, କବିତା ସ୍ୱାଇଁ, ସନ୍ଧ୍ୟାରାଣୀ ଶତପଥୀ, ସ୍ନେହଲତା ସିଂହ, ଜାନକୀ କାଣ୍ଡି, ବିନତୀ ପ୍ରଧାନ, ଶଶିକାନ୍ତ ମହାନ୍ତି, ମନୋଜ ବିଶ୍ୱାଳଙ୍କ ସମେତ ଉଭୟ ଅନୁଷ୍ଠାନର ବହୁ କର୍ମକର୍ତ୍ତା ଏବଂ ହାଇଟେକ୍ ମେଡ଼ିକାଲ କଲେଜ ଓ ସଦ୍‌ଗୁରୁ ହସ୍ପିଟାଲର ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ବିଭିନ୍ନ ବିଭାଗର ଡାକ୍ତର ୨୧୧ରୁ ଉର୍ଦ୍ଧ୍ୱ ରୋଗୀମାନଙ୍କର ପରୀକ୍ଷା ନିରୀକ୍ଷା କରି ମାଗଣା ଔଷଧ ବିତରଣ କରିଥିଲେ ।



## ରୋଧପୁରରେ ଇଫ୍‌ତାର ପାର୍ଟି

**ସାଲେପୁର,୧୪ ।୩(ସମିସ):** ରମଜାନ୍ ମାସ ଅବସରରେ ସାଲେପୁର ଅଞ୍ଚଳର ରୋଧପୁର ଜାମା ମସ୍‌ଜିଦ୍ ପରିସରରେ ରୋଧପୁରର ନଜୱାନ୍ କମିଟି ପକ୍ଷରୁ ଇଫତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି । ଏହି ଇଫତାର ପାର୍ଟିରେ ସାଲେପୁର ଅଞ୍ଚଳର କଂଗ୍ରେସ ନେତା ତଥା ଯୁବ ସମାଜସେବୀ ହରିବନ୍ଧୁ ଶତପଥୀ ଯୋଗଦେଇଥିଲେ । ପ୍ରତିବର୍ଷ ପରି ସାଲେପୁର ଅଞ୍ଚଳର ଥିବା ବିଭିନ୍ନ ମନ୍ଦିର କମିଟିର ସଭାପତି ଓ ସଂପାଦକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମସ୍‌ଜିଦ କମିଟିର ସଭାପତି ପରଭେଜ ଅଲ୍ଲୀ, ଗାଁ କମିଟିର ସଭାପତି ଲିୟାକତ ଅଲ୍ଲୀ, ଜାହାଙ୍ଗିର ଅଲ୍ଲୀ, ମୁସ୍ତାକିମ୍ ଅହମ୍ମଦ, ହବିବ ବକ୍ସ, ତବରେଜ ଅଲ୍ଲୀ, ମୋବାରକ୍ ଖାଁ, ଫିରୋଜ ବକ୍ସ, କୁଦରତ୍ ଅଲ୍ଲି, ଜଲିଲ ବକ୍ସ, କାଦିର ଅଲ୍ଲୀ, ଇମତିଆଜ ଅଲ୍ଲୀ, ଜାଭେଦ୍ ଅହମ୍ମଦ, ଜାଉଲ୍ ହସ୍‌ନାନ୍, ନୱେଦ ୱାସିମ୍, ତଫିକ୍ ଇଲାହୀ, ମାଜିଦ୍ ଅହମ୍ମଦ, ରିହାନ୍ ବକ୍ସ, ମଶିଉର ରହେମାନ୍, ମିର୍ଜା ୟାସିରଙ୍କ ସମେତ ବହୁ କର୍ମକର୍ତ୍ତା ପରିଚାଳନା କରିଥିଲେ ।



## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



**ତିଗିରିଆ,୧୪ ।୩(ସମିସ):** ଆଠଗଡ଼ ବ୍ଲକ କନ୍ଦରପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୧୦ମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜଗନ୍ନାଥ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ଆଠଗଡ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରତାପଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଆଠଗଡ଼ ବନଖଣ୍ଡ ଏସିଏଫ ନୀଳମାଧବ ସାହୁ, ଆଠଗଡ ସାମ୍ବାଦିକ ସଂଘର ସଭାପତି ଅର୍ଦ୍ଧେନ୍ଦୁ ମହାନ୍ତି, ଶିଳ୍ପପତି ସଂଜୀବ ପତ୍ରି, ବିଦ୍ୟାଳୟର ମୁଖ୍ୟ ପରାମର୍ଶଦାତା ତଥା ଆଠଗଡ ସାମ୍ବାଦିକ ସଂଘର ସଂପାଦକ ବିଭୂତି ଭୂଷଣ ଖଟୁଆ, ପ୍ରାକ୍ତନ ସମ୍ପାଦକ ଦେବୀପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସଂପାଦକ ସୁଶାନ୍ତ ସାହୁ ସଂପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ପ୍ରକାଶଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିବେକାନନ୍ଦ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ସେହିପରି ଚଳିତ ବର୍ଷ କ୍ରୀଡ଼ା, ନୃତ୍ୟ ଓ ଶ୍ରେଷ୍ଠ ବିଦ୍ୟାର୍ଥୀ ରୁପେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ନନ୍ଦକିଶୋର ସାହୁ, ଜୟନ୍ତ ପ୍ରଧାନ, ପ୍ରଶାନ୍ତ କୁମାର ପରିଡା, ବିଦ୍ୟାଳୟର ଗୁରୁଜୀ ଗୁରୁମା କୁମାର ପ୍ରଧାନ, ସ୍ମରଣିକା ଦାସ, ଅହଲ୍ୟା ବେହେରା, କବିତା ବେହେରା, ଅର୍ପିତା ବେହେରା, ସୋନାଲି ସେଠୀ, ଲକ୍ଷ୍ମୀପ୍ରିୟା ସାହୁ, ସସ୍ମିତା ରାଣା, ପୂର୍ଣ୍ଣିମା ସେଠୀ ପ୍ରମୁଖ ସହଯୋଗ କରିଥିଲେ ।

## ଦେବରାଜ ଦାସ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର



**ତିଗିରିଆ,୧୪।୩(ସମିସ):** ତିଗିରିଆ ବ୍ଲକର ବିଶିଷ୍ଟ ଶିକ୍ଷାବିତ, ରାଜନୀତିଜ୍ଞ, ସମାଜସେବୀ ସ୍ୱର୍ଗତ ଦେବରାଜ ଦାସଙ୍କ ୯ମ ଶ୍ରାଦ୍ଧବାର୍ଷିକୀ ଅବସରରେ ଶନିବାର ଦେବରାଜ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ନୂଆପାଟଣାଠାରେ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାପତି ପ୍ରଶାନ୍ତ କୁମାର ଦାସ, ସମ୍ପାଦକ ପ୍ରକାଶ କୁମାର ଦାସ, ଦୁଇ ପୁତ୍ର ପ୍ରମୋଦ କୁମାର ଦାସ ଓ ପ୍ରତାପ କୁମାର ଦାସ ସକ୍ରିୟ ସଭ୍ୟ ପ୍ରଦୀପ ବର୍ଦ୍ଧନଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ମୋଟ ୯୫ ୟୁନିଟ ରକ୍ତ ସଂଗୃହୀତ ହୋଇଛି । ଶିବିରରେ ଅତିଥି ଭାବେ ନୂଆପାଟଣା ପଞ୍ଚାୟତ ସରପଞ୍ଚ ସୋମନାଥ ଦାସ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଦତ୍ତ, ପୂର୍ବତନ ସମିତିସଭ୍ୟ ଆଇନଜୀବୀ ସଞ୍ଜୟ କୁମାର କର, ଗ୍ରାମ ମୁରବୀ ଧ୍ରୁବଚରଣ ଦାସ, ରାମଚନ୍ଦ୍ର ବାରିକ, ଜୟକୃଷ୍ଣ ଗୁଇଁ, ପଞ୍ଚାନନ ଦାସ, କୃତିବାସ ରାଉତ, ପ୍ରଭାକର ସାହୁ, କିଶୋରଚନ୍ଦ୍ର ଦାସ, ବଂଶୀଧର କୁଣ୍ଡୁ, ପୀତବାସ ଜେନା, ତ୍ରିଲୋଚନ ବେହେରା, ଦିଲ୍ଲୀପ କୁମାର ଦାସ, ଶ୍ରୀବତ୍ସ ସାହୁ ପ୍ରମୁଖ ଯୋଗ ଦେଇଥିଲେ । କଟକ ରେଡକ୍ରସ ରକ୍ତ ଭଣ୍ଡାରର ଡାକ୍ତର ଓ ସହଯୋଗୀ ରକ୍ତ ସଂଗ୍ରହ କରିଥିଲେ । ଚଣ୍ଡୀ ବଜାରର ସମ୍ପାଦକ ଧ୍ରୁବଚରଣ ଦାସ, ଦେବରାଜ ମେମୋରିଆଲ ଟ୍ରଷ୍ଟର ଅନ୍ୟାନ୍ୟ ସଦସ୍ୟ, ସ୍ଥାନୀୟ ଜନସାଧାରଣ ସହଯୋଗ କରିଥିଲେ ।

## ରାସ୍ତାରେ ଟ୍ରକ୍; ଅସୁବିଧାରେ ପଥଚାରୀ



**ଟାଙ୍ଗୀ,୧୪ ।୩(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ନିମାଇସାପୁର ନିକଟସ୍ଥ ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ଦୀର୍ଘ ଦିନ ଧରି ଏକ ଟ୍ରକ ଛିଡ଼ା ହେବା ଦ୍ୱାରା ଟ୍ରାଫିକ ସମସ୍ୟା ଦେଖାଦେଉଛି । ଯାହାଫଳରେ ପଥଚାରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ, ଟାଙ୍ଗୀ ହରିପୁର ରାସ୍ତାରେ ଦୈନିକ ଶତାଧିକ ବସ୍, ଟ୍ରକ, ବାଇକ୍ ସହ ବିଭିନ୍ନ ଗାଡ଼ି ଚଳାଚଳ କରୁଛି । ପେଟ୍ରୋଲ ପମ୍ପ ସମ୍ମୁଖରେ ଉକ୍ତ ଟ୍ରକ୍ ଛିଡ଼ା ହେବା ଦ୍ୱାରା ଛୋଟବଡ ଦୁର୍ଘଟଣା ହେଉଥିବା ଜାଣିବାକୁ ମିଳିଛି । ଦୀର୍ଘଦିନ ଧରି ଟ୍ରକ ଛିଡ଼ା ହେବା ଦ୍ୱାରା ଟ୍ରକର ଟାୟାର ମଧ୍ୟ ନଷ୍ଟ ହେଲାଣି । ଟ୍ରକ ମାଲିକ କି ପୁଲିସ ପ୍ରଶାସନ ଓ ପରିବହନ ବିଭାଗ ଅଣଦେଖା କରୁଥିବା ଅଞ୍ଚଳରେ ଅଭିଯୋଗ ହେଉଛି । ରାସ୍ତା ଉପରୁ ଟ୍ରକ ହଟାଇବା ପାଇଁ ସ୍ଥାନୀୟ ସାମାଜିକ କର୍ମୀ ଅଶୋକ ନାଥ ଓ ସପନପୁର ଗ୍ରାମର ମହେଶ୍ୱର ନାୟକଙ୍କ ସମେତ ଅଞ୍ଚଳବାସୀ ସରକାରଙ୍କ ନିକଟରେ ଦାବି କରିଥିବା ଜଣାପଡ଼ିଛି ।

## ଡ୍ରିମ୍‌ସରେ 'ମୋ ଭାରତ' କାର୍ଯ୍ୟକ୍ରମ ଉଦ୍‌ଯାପିତ

**କଟକ,୧୪।୩(ସମିସ):** ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଆନୁକୂଲ୍ୟରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ୫ଦିନ ଧରି ଚାଲିଥିବା 'ମୋ ଭାରତ': ଆନ୍ତରାଜ୍ୟ ଯୁବ ବିନିମୟ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଛି । ଡ. ବି.ମୁନିଆଡି ଓ ଡ. ସେନ୍ଥି କୁମାରଙ୍କ ତତ୍ତ୍ୱାବଧାନରେ ତାମିଲନାଡୁ ପ୍ରଦେଶରୁ ୩୨ ଜଣିଆ ଯୁବ ପ୍ରତିନିଧି ଦଳ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ । ପଦ୍ମିନୀ ଅଡିଟୋରିମ୍‌ରେ ଆୟୋଜିତ ଉଦ୍‌ଯାପନୀ ପର୍ବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ଯୁବ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଇଥିଲେ । କୁଳପତି ପ୍ରଫେସର ଡ. ପ୍ରକାଶ ହୋତା, ରେଜିଷ୍ଟ୍ରାର କୃଷ୍ଣପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପର୍ଯ୍ୟବେକ୍ଷକ ଅଶୋକ ବେହେରା ସଂଯୋଜନା ଓ ଜିଲା ଯୁବ ଅଧିକାରୀ ନିଖିଲ କୋକୁଲା କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ । ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ, ପ୍ରଫେସର ସୁଶାନ୍ତ କୁମାର ଦାସ, 'ଡିନ୍' ଡ. କୁମ୍ଭକର୍ଣ୍ଣ ରାଉତ, ଡ. ପ୍ରଥିମା ପ୍ରକାଶମ୍, ଡ. ବିଶ୍ୱରଂଜନ ମହାନ୍ତି, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରାଧ୍ୟାପକ ସୁଶାନ୍ତ ସେଠୀ, ଯୁବ ସଂଯୋଜକ ଗଂଗାଧର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଡିନ୍, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । 'ବିକଶିତ ଭାରତ-୨୦୪୭' ସଂକଳ୍ପର ସଫଳ ରୂପାୟନର ଏହି କାର୍ଯ୍ୟକ୍ରମ ଅଂଶ ବିଶେଷ ଥିଲା । ପ୍ରତ୍ୟେହ ଯୋଗ, ବ୍ୟାୟାମ, ସ୍ୱଚ୍ଛ ଭାରତ ମିଶନରେ କ୍ୟାମ୍ପସ ସଫେଇ, ଖେଳକୁଦ, ନୃତ୍ୟଗୀତ, ପରସ୍ପର ଭାବବିନିମୟ ଏବଂ ଆଲୋଚନାଚକ୍ରରେ ଅଂଶଗ୍ରହଣ ଓ ବୌଦ୍ଧ କୀର୍ତ୍ତିରାଜି ଲଳିତଗିରି ପରିଦର୍ଶନ କରି ପ୍ରତିନିଧି ଦଳ ଓଡିଶାର କଳା, ସଂସ୍କୃତି, ଐତିହ୍ୟ, ଶିକ୍ଷା, ଜୀବନଧାରା ଓ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ସଂପର୍କରେ ଅନୁଭୂତି ଆହରଣ କରିଥିଲେ ।



## ରାସ୍ତା ମରାମତି କାର୍ଯ୍ୟ ନିମ୍ନମାନର ଅଭିଯୋଗ

**ନିଶ୍ଚିନ୍ତକୋଇଲି,୧୪ ।୩(ସମିସ):** ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା କୁଳିଆ-ସାନରାଉତପତି ରାସ୍ତାଟି କେନ୍ଦ୍ରାପଡ଼ା କେନାଲ ବାମପାଶ୍ୱର୍ ବନ୍ଧ ଦେଇ ଯାଇଛି । ଏହି ରାସ୍ତାଟି ଅତ୍ୟନ୍ତ କଦର୍ଯ୍ୟ ହୋଇଯାଇଥିବାରୁ ଏହାକୁ ମରାମତି କରିବା ପାଇଁ ବାରମ୍ବାର ଦାବି କରାଯାଉଥିଲା । ବିଭାଗ ପକ୍ଷରୁ ସିଡବ୍ଲୁଏରେ ୧୫ ଲକ୍ଷ ଟଙ୍କା ମରାମତି କାର୍ଯ୍ୟ କରିବା ପାଇଁ ଅନୁମୋଦନ କରାଯାଇ ଠିକାଦାରଙ୍କୁ କାମ ଦିଆଯାଇଥିଲା; ହେଲେ ଠିକାଦାର ମନମୁଖୀ ଭାବେ ଅତ୍ୟନ୍ତ ନିମ୍ନମାନର ମରାମତି କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ହୋଇଛି । ଏହି ମରାମତି କାର୍ଯ୍ୟ କେନ୍ଦୁପାଟଣା ବଜାର ପାଖରୁ ଆରମ୍ଭ କରାଯାଇଥିବା ବେଳେ ଆସିଥିବା ସାମଗ୍ରୀଗୁଡିକ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଏହାକୁ ବ୍ୟବହାର ନକରିବା ପାଇଁ ବିଭାଗ ପକ୍ଷରୁ ତାଗିଦ୍ କରାଯାଇଥିବା ଜଣାଯାଇଛି । ନିୟମାନୁଯାୟୀ ପୂର୍ବରୁ ହୋଇଥିବା ପିଚୁ ରାସ୍ତାକୁ ଭଲ ଭାବରେ ସଫେଇ କରାଯିବା ପରେ ସେଥିରେ ହୋଇଥିବା ଗାତଗୁଡିକୁ ପ୍ରଥମେ ୪୦ ସାଇଜ୍ ମେଟାଲରେ ପୂରଣ କରାଯାଇ ତା'ଉପରେ କାର୍ପେଟ୍ ଓ କାର୍ପେଟ ଉପରେ ସିଲିକୋଟ୍ କାର୍ଯ୍ୟ କରିବା କଥା; ହେଲେ ଠିକାଦାର ଜଣକ ଏଭଳି କାର୍ଯ୍ୟ ନକରି ପୁରୁଣା ପିଚୁ ରାସ୍ତା ଉପରେ ବଜୁରି ଓ ପିଚୁ ଗୋଳାଇ ରାସ୍ତାରେ ପକାଉଥିବା ଦେଖାଯାଇଛି । ପକାଯାଇଥିବା ଏହି ପିଚୁ ଖୁବ୍ ଶୀଘ୍ର ଉଠିଯିବାର ଆଶଙ୍କା ପ୍ରକାଶ ପାଇଥିବାରୁ ସ୍ଥାନୀୟ ଅଞ୍ଚଳବାସିନ୍ଦାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ରାସ୍ତା ମରାମତି କାର୍ଯ୍ୟ କରିବା ପୂର୍ବରୁ ସର୍ବସାଧାରଣଙ୍କ ଅବଗତି ପାଇଁ ସୂଚନା ଫଳକ ଲଗାଯିବାର ବ୍ୟବସ୍ଥା ଥିଲେ ମଧ୍ୟ ଏଠାରେ ତାହା ଲଗାଯାଇ ନାହିଁ । ଅପରପକ୍ଷରେ କାର୍ଯ୍ୟ ହେଉଥିବା ବେଳେ ବିଭାଗୀୟ ଅଫିସର କିମ୍ବା କର୍ମଚାରୀ ଉପସ୍ଥିତ ରହୁ ନଥିବାରୁ ମନଇଚ୍ଛା କାର୍ଯ୍ୟ କରାଯାଉଥିବା ଦେଖାଯାଇଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ହସ୍ତକ୍ଷେପ କରି ରାସ୍ତା କାର୍ଯ୍ୟ କିଭଳି ଠିକ୍ ହେବ ସେନେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।



## ବ୍ଲକ୍‌ସ୍ତରୀୟ ଉପଭୋକ୍ତା ସଚେତନତା

**ନିଆଳି,୧୪।୩(ସମିସ):** କଟକ ଜିଲ୍ଲା ବୈଧମାପ ବିଜ୍ଞାନ ଆନୁକୂଲ୍ୟରେ ଓ ଉତ୍ସବ ସ୍ୱେଚ୍ଛାସେବୀ ସଂଗଠନ ସହାୟତାରେ ନିଆଳି ବ୍ଲକ କସର୍ଦା ପଞ୍ଚାୟତ କାର୍ଯ୍ୟାଳୟଠାରେ ବ୍ଲକସ୍ତରୀୟ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉତ୍ସର୍ଗର ସଂପାଦିକା ଲକ୍ଷ୍ମୀପ୍ରିୟା ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିଆଳି ପଞ୍ଚାୟତସମିତିର ଅଧ୍ୟକ୍ଷ ଉମେଶଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ ଆଡଭୋକେଟ୍ ଅନ୍ତର୍ଯ୍ୟାମୀ ବଡୁ, ସମ୍ମାନିତ ଅତିଥି ଭାବେ ବୈଧମାପ ବିଜ୍ଞାନ ନିୟନ୍ତ୍ରକ ଦେବେନ୍ଦ୍ର ମାଝି, ଶିକ୍ଷକ ମଙ୍ଗଳ ପ୍ରସାଦ ମହାପାତ୍ର, ସରପଞ୍ଚ ସୁରେଶ ପଟ୍ଟନାୟକ, ସାମାଜିକ କର୍ମୀ ମନ୍ଦାକିନି ଭଞ୍ଜ, ମିଶନ ଶକ୍ତିର ପଞ୍ଚାୟତ ମହାସଂଘର ସଭାପତି ପ୍ରଭାତି ବେହେରା ଯୋଗ ଦେଇଥିଲେ । ଅଙ୍ଗନବାଡ଼ି କର୍ମୀ ରଶ୍ମିବାଳା ମହାପାତ୍ର ଧନ୍ୟବାଦ ଦେଇଥିଲେ । ସୁକାନ୍ତ ପାଇଟାଳ ଓ ପଞ୍ଚାୟତର ସମସ୍ତ ଅଙ୍ଗନବାଡ଼ି କର୍ମୀ ସହାୟତା କରିଥିଲେ ।

## ରନ୍ଧନ ଗ୍ୟାସ ସଂକଟ

# ଫାଇଦାରେ ଅସାଧୁ ବ୍ୟବସାୟୀ; ଯୋଗାଣ ବିଭାଗ ନିରବଦ୍ରଷ୍ଟା



- ୭ ଦିନ ପୂର୍ବରୁ କମର୍ସିଆଲ ଗ୍ୟାସ ନଥିବା ବେଳେ ଡୋମେଷ୍ଟିକ ଗ୍ୟାସର ହେଉଛି କଳାବଜାରୀ
- ଇ-କେୱାଇସି ଆଳରେ ବୁକିଂ ହେଉନଥିବା ବେଳେ ବୁକିଂର ୨୫ଦିନ ପରେ ମିଳିବ ସିଲିଣ୍ଡର
- ହୋଟେଲ, ହଷ୍ଟେଲ ଓ ରେଷ୍ଟୁରାଣ୍ଟରେ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର

ବ୍ରହ୍ମପୁର,୧୪ ।୩(ସମିସ): ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ସାରା ଦେଶରେ ରନ୍ଧନ ଗ୍ୟାସର ସଙ୍କଟ ଦେଖାଦେଇଛି । ବର୍ତ୍ତମାନ ଜାହାଜ ଯୋଗେ କ୍ରୁଡ ବା ଅଶୋଧିତ ତୈଳ ଭାରତକୁ ଆସିଥିବା କୁହାଯାଉଛି । ତେବେ ତାହା ପ୍ରଥମେ ଜାମନଗର ପ୍ଲାଣ୍ଟକୁ ଆସିବା ପରେ ବିଶୋଧନ ହୋଇ ସେଥିରୁ ଗ୍ୟାସ ପ୍ରସ୍ତୁତ ହେବ । ତାହାପରେ ଦେଶର ବିଭିନ୍ନ ସ୍ଥାନକୁ ଯୋଗାଣ କରାଯିବ । ଏହି ପ୍ରକ୍ରିୟାରେ ଓଡିଶାକୁ ଗ୍ୟାସ ଯୋଗାଣ ପାଇଁ ଆହୁରି ଅନ୍ୟୁନ ୧୫ଦିନ ସମୟ ଲାଗିବ ବୋଲି କୁହାଯାଉଛି । ଫଳରେ ବର୍ତ୍ତମାନ ଲାଗି ରହିଥିବା ସମସ୍ୟା ଆଗାମୀ ଦୁଇ ସପ୍ତାହ ପର୍ଯ୍ୟନ୍ତ ଲାଗି ରହିବାକୁ ଥିବା ବେଳେ ପରିସ୍ଥିତି ଜଟିଳ ହେବ । ଖୋଲାବଜାରରେ ସମସ୍ତ ସାମଗ୍ରୀର ଦରଦାମ ଆକାଶ ଛୁଆଁ ହୋଇଯିବ । ସାଧାରଣତଃ ଗ୍ରାମାଞ୍ଚଳର ଉଜ୍ୱଳା ଗ୍ୟାସ ସିଲିଣ୍ଡରରେ ଏପରିକି ସହରରେ ମଧ୍ୟ ଘରୋଇ ବା ଡୋମେଷ୍ଟିକ ଗ୍ୟାସ ସିଲିଣ୍ଡରକୁ କମର୍ସିଆଲ ସିଲିଣ୍ଡରରେ ଭର୍ତ୍ତି କରି ଚୋରା କାରବାର ହେଉଥିଲା । ବ୍ରହ୍ମପୁର ସହରରେ ୫ଟି ଇଣ୍ଡିଆନ ଗ୍ୟାସ, ୫ଟି ଭାରତ ଗ୍ୟାସ ଓ ୪ଟି ହିନ୍ଦୁସ୍ତାନ ପେଟ୍ରୋଲିୟମ ବା ଏଚପି ଗ୍ୟାସର ଏଜେନ୍ସି ଏହିଭଳି ମୋଟ ୧୪ଟି ଏଜେନ୍ସି ରହିଛି । ତେବେ ସହର ତଥା ଉପକଣ୍ଠରେ ୪ଟି ସ୍ଥାନରେ ଚୋରାରେ ରିଫିଲିଂ ସେଣ୍ଟର ଜରିଆରେ ଡୋମେଷ୍ଟିକ ଗ୍ୟାସ ସିଲିଣ୍ଡରରୁ କମର୍ସିଆଲ ସିଲିଣ୍ଡର ପ୍ରସ୍ତୁତ କରାଯାଇ ବେନିୟମ ଭାବେ କାରବାର ଚାଲୁ ରହିଥିବା ଅଭିଯୋଗ ହୋଇଛି ।

ବର୍ତ୍ତମାନ ପରିସ୍ଥିତିରେ ଅର୍ଥାତ୍ ଗତ ଏକ ସପ୍ତାହ ଧରି କମର୍ସିଆଲ ସିଲିଣ୍ଡର ସମ୍ପୂର୍ଣ୍ଣ ବନ୍ଦ ହେବାପରେ ଘରୋଇ ସିଲିଣ୍ଡର କ୍ଷେତ୍ରରେ ମଧ୍ୟ ଘୋର ସଙ୍କଟ ଦେଖାଯାଇଛି । ଫଳରେ ରିଫିଲିଂ ସମ୍ଭବପର ହେଉନାହିଁ । ପୂର୍ବରୁ ୪୮ ଘଣ୍ଟାରେ ଗ୍ୟାସ ଯୋଗାଣ ହେଉଥିବା ବେଳେ ବର୍ତ୍ତମାନ ତାହାକୁ ସର୍ବନିମ୍ନ ୨୫ଦିନକୁ ବୃଦ୍ଧି କରାଯାଇଛି । ସେପଟେ କୌଣସି ଗ୍ରାହକ ଗ୍ୟାସ ବୁକିଂ କରିବାକୁ ଗଲେ ତାହା ମଧ୍ୟ ବିଭିନ୍ନ କାରଣରୁ ସମ୍ଭବପର ହେଉନଥିବା ଜଣାପଡିଛି । ପୂର୍ବରୁ ଏସଏମଏସ ବା ମେସେଜ ଜରିଆରେ ଅଥବା ଟେଲିଫୋନ କଲ ଜରିଆରେ ଗ୍ୟାସ ବୁକିଂ ହୋଇପାରୁଥିବା ବେଳେ ବର୍ତ୍ତମାନ ବୁକିଂ ଆଦୌ ସମ୍ଭବପର ହେଉନାହିଁ । ଏଥିପାଇଁ ବହୁ କସରତ କରିବା ପରେ ରାତିରେ କାଁ ଭାଁ ସେପୁଣି କେବଳ ବିଭିନ୍ନ ଗ୍ୟାସ କମ୍ପାନୀର ନିଜସ୍ୱ ଆପରେ ହିଁ ବୁକିଂ ହେଉଥିବା ଦେଖିବାକୁ ମିଳୁଛି । ସେପଟେ 'ଇ-କେୱାଇସି' ନଥିଲେ ବୁକିଂ ହେଉନଥିବା ଭଳି ଅନ୍ୟ ଏକ ସମସ୍ୟା ଉଭା ହୋଇଛି । ବ୍ରହ୍ମପୁର ସହରରେ ୩ଟି କମ୍ପାନୀର ମୋଟ ୧୪ଟି ଗ୍ୟାସ ଏଜେନ୍ସି ଥିବା ବେଳେ ପୂର୍ବଭଳି ସେମାନଙ୍କୁ ଶତ ପ୍ରତିଶତ ସ୍ଥାନରେ ମାତ୍ର ଶତକଡା ୨୫ ପ୍ରତିଶତ ଗ୍ୟାସ ଯୋଗାଣ ହେଉଛି । ସମସ୍ୟାକୁ ଦୃଷ୍ଟିରେ ରଖି ମୁମ୍ବାଇ ହେଡକ୍ୱାର୍ଟର ପକ୍ଷରୁ ଓ ରାଜ୍ୟସ୍ତରରେ ଏଜେନ୍ସି ମାଲିକମାନଙ୍କ ସହିତ କେବଳ ନିୟମିତ ଜୁମ ମିଟିଂ ହେଉଥିଲେ ହେଁ କୌଣସି ସମସ୍ୟାର ସମାଧାନର ପନ୍ଥା ବାହାରି ପାରୁନଥିବା ଜଣାପଡିଛି । କମର୍ସିଆଲ ଗ୍ୟାସ ସିଲିଣ୍ଡର ଗତ ଏକ ସପ୍ତାହ ଧରି ନଥିବା ବେଳେ ବର୍ତ୍ତମାନ ଘରୋଇ ବା ଡୋମେଷ୍ଟିକ ଗ୍ୟାସ ସିଲିଣ୍ଡର ପିଛା ୧୮ ଶହରୁ ୧୯ ଶହ ପର୍ଯ୍ୟନ୍ତ କଳାବଜାର ହେଉଥିବା ଅଭିଯୋଗ ହେଉଛି । ଗ୍ୟାସର ଅଭାବ ଯୋଗୁଁ ଯୋଗାଣ ହ୍ରାସ ପାଇଥିବା ବେଳେ ଏହାର ସୁଯୋଗ ନେଉଛନ୍ତି କିଛି ମୁନାଫାଖୋର ତଥା ଅସାଧୁ ବ୍ୟବସାୟୀ । ସେପଟେ ଏଭଳି ଜଟିଳ ପରିସ୍ଥିତିରେ ଯୋଗାଣ ବିଭାଗ ଓ ପ୍ରଶାସନର ପଦକ୍ଷେପକୁ ନେଇ ସାଧାରଣରେ ଚିନ୍ତା ପ୍ରକଟ କରାଯାଇଛି । କମର୍ସିଆଲ ସିଲିଣ୍ଡର ନଥିବା ବେଳେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଘରୋଇ ବା ଡୋମେଷ୍ଟିକ ଗ୍ୟାସ ସିଲିଣ୍ଡରର ବହୁଳ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି । ଯାହା ସମ୍ପୂର୍ଣ୍ଣ ବେନିୟମ । ସବୁ ଜାଣି ଯୋଗାଣ ବିଭାଗ ଚୁପ ବସିଥିବାରୁ ଅସାଧୁ ବ୍ୟବସାୟୀମାନେ ଏହାର ସୁଯୋଗ ନେଇ ମୁନାଫା କମାଉଥିବା ଅଭିଯୋଗ ହୋଇଛି । ଏଭଳି ପରିସ୍ଥିତିରେ ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗ ପକ୍ଷରୁ ନିୟମିତ ଚଢଉ କରାଯାଇ ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି ।

# ରେଳଧାରଣରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର,୧୪ ।୩(ସମିସ): ସରକାରୀ ରେଳବାଇ ପୁଲିସ (ଜିଆରପି) ଗୁଡ୍ସସେଡ଼ ରୋଡ ନିକଟ ଦେଇ ଯାଇଥିବା ରେଳ ଧାରଣାରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି । ମୃତକ ଗୋଷାଣୀନୂଆଗାଁ ଚାଞ୍ଚଡ଼ାପଡିଆ ସାହିର ରବୀନ୍ଦ୍ର କୁମାର ବେହେରାଙ୍କ ପୁଅ କିଷାନ କୁମାର ବେହେରା(୩୧) । ପୁଲିସ ମୃତଦେହ ଜବତ କରି ନଂ.୧୫/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । କୌଣସି ଚଳନ୍ତା ଟ୍ରେନରୁ ଖସିପଡ଼ି ଯୁବକଙ୍କ ମୃତ୍ୟୁ ଘଟିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି । ପ୍ରକାଶ ଯେ, ଉପରୋକ୍ତ ରେଳ ଧାରଣାରେ ଏକ ମୃତଦେହ ପଡିଥିବା ଖବର ପାଇ ପୁଲିସ ସେଠାରେ ପହଞ୍ଚିଥିଲା । ମୃତଦେହ ନିକଟରୁ ମିଳିଥିବା ଆଧାର କାର୍ଡ ଓ ମୋବାଇଲରୁ ତାଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରିବା ପରେ ମୃତକଙ୍କ ବାପା ରବୀନ୍ଦ୍ର ପହଞ୍ଚି ପୁଅର ମୃତଦେହ ଚିହ୍ନଟ କରିଥିଲେ । ମୃତ ଯୁବକ ଜଣଙ୍କ ବିବାହିତ ଥିବା ବେଳେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଚେନ୍ନାଇରେ ଏକ କମ୍ପାନୀରେ କାମ କରି ରହୁଥିଲେ । କୌଣସି କାମ ପାଇଁ ସେ ଏକାକୀ ଘରକୁ ଫେରୁଥିଲେ ବୋଲି ରବୀନ୍ଦ୍ର ପୁଲିସକୁ କହିଛନ୍ତି ।

# ୮୬୦ ଲିଟର ଦେଶୀମଦ ଜବତ; ୭ ଗିରଫ

ବ୍ରହ୍ମପୁର,୧୪ ।୩(ସମିସ): କୁକୁଡ଼ାଖଣ୍ଡି ବ୍ଲକ ବାଣିଆମାରି ଓ ସରକଟ ଅଞ୍ଚଳରେ ବେଆଇନ ଭାବେ ଦେଶୀମଦ ବିକ୍ରି ହେଉଥିବା ଖବର ପାଇ ଶୁକ୍ରବାର ଅବକାରୀ, ପୁଲିସ ଓ ରାଜସ୍ୱ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା । ସେଠାରୁ ବିପୁଳ ପରିମାଣର ଦେଶୀ ମଦ ଜବତ ହୋଇଛନ୍ତି । ଅଭିଯୁକ୍ତମାନେ ହେଲେ ସୁଷମା ମଲ୍ଲିକ, ମାନସ ମଲ୍ଲିକ, ସଜନୀ ମଲ୍ଲିକ, ସୀମାଞ୍ଚଳ ମଲ୍ଲିକ, ସୀତା ମଲ୍ଲିକ, ରବି ସେଠୀ ଓ ବିପ୍ର ମଲ୍ଲିକ । ସେମାନଙ୍କୁ ଗିରଫ କରାଯାଇଛି । ଟିମ୍ ସେଠାରେ ୧୧ହଜାର ଲିଟର ପୋଚ ନଷ୍ଟ କରିଥିଲା । ଏପରିକି ପୋଚ ତିଆରିରେ ବ୍ୟବହୃତ ସାମଗ୍ରୀ ସବୁ ଜବତ କରିଥିଲା । ଉଭୟ ଅଞ୍ଚଳରୁ ୮୬୦ଲିଟର ଦେଶୀ ମଦ ମଧ୍ୟ ଜବତ ହୋଇଛି । ସମସ୍ତ ଅଭିଯୁକ୍ତଙ୍କୁ ଅପରାହ୍ନରେ କୋର୍ଟଚାଲାଣ କରାଯାଇଛି । ଚଢ଼ଉରେ ବ୍ରହ୍ମପୁର ଅବକାରୀ ଉପ ଅଧିକ୍ଷକ ସ୍ନେହଲତା ନାଏକ, ଦିଗପହଣ୍ଡି ଥାନା ଅଧିକାରୀ କିଶୋର ସାମଲ, ବ୍ରହ୍ମପୁର ଅବକାରୀ ଥାନା-୨ର ଅଧିକାରୀ ବି. ମନୋଜ କୁମାର, ଜିଲ୍ଲା ଷ୍ଟ୍ରାଇକିଂ ଫୋର୍ସ ଅଧିକାରୀ ମନିଷା ଭୋଲ, ଏସ୍ଆଇ ସଞ୍ଜୟ ଭୁକ୍ତ, ଏଏସ୍ଆଇ ଏନ୍. ତିରୁପତିଙ୍କ ସମେତ ଅବକାରୀ ଗୁଇନ୍ଦା କର୍ମଚାରୀ ଓ ଏକ ପ୍ଲାଟୁନ୍ ଏପିଆର୍ ଫୋର୍ସ ନିୟୋଜିତ ରହିଥିଲେ ।

# ଡଙ୍ଗାରୁ ଖସିପଡ଼ି ମତ୍ସ୍ୟଜୀବୀ ମୃତ

ବ୍ରହ୍ମପୁର,୧୪।୩(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଡିଗିପୁର ଗ୍ରାମର ଜଣେ ମତ୍ସ୍ୟଜୀବୀ ମାଛ ଧରିବାକୁ ଯାଇ ଏର୍ଣ୍ଣାକୁଲମ ମିନିହରବର ପୋର୍ଟ ସମୁଦ୍ରରେ ଥିବା ଡ଼ଙ୍ଗାରୁ ଖସିପଡ଼ି ମୃତ୍ୟୁ ଘଟିଛି । ମୃତକ ହେଲେ ଉକ୍ତ ଗ୍ରାମର ଏଲ୍. କରଲେୟା (୪୫) । ସେ ଗତ ଜାନୁଆରୀରେ ଗ୍ରାମର କିଛି ମତ୍ସ୍ୟଜୀବୀଙ୍କ ସହ ମାଛ ମାରିବାକୁ ଏର୍ଣ୍ଣାକୁଲମ ମିନିହରବର ପୋର୍ଟକୁ ଯାଇଥିଲେ । ଶୁକ୍ରବାର ରାତିରେ ସମୁଦ୍ରରେ ଥିବା ଡ଼ଙ୍ଗାରୁ ଖସିପଡ଼ି ବୁଡ଼ି ଯାଇଥିଲେ । ସେଠାରେ ଥିବା ମତ୍ସ୍ୟଜୀବୀ ଉଦ୍ଧାର କରି ମେଡିକାଲକୁ ନେଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ପରେ ପରିବାର ଲୋକଙ୍କୁ ତାଙ୍କ ସହଯୋଗୀ ଖବର ଦେବା ସହ ସେଠାକାର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଶବ ବ୍ୟବଚ୍ଛେଦ ପରେ ନିଜ ଗ୍ରାମକୁ ଅଣାଯାଉଥିବାବେଳେ ପୁଅ ଏଲ୍.କିଶୋର ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

# ପ୍ରଫେସର ଲକ୍ଷ୍ମୀବାଇଙ୍କୁ 'ପାପାନିକୋଲାଉ ସମ୍ମାନ'

ବ୍ରହ୍ମପୁର,୧୪ ।୩(ସମିସ): ନାରୀ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସାରା ଜୀବନ ସେବା ଓ ଅବଦାନକୁ ସ୍ମରଣ କରି ସମ୍ମାନ ସ୍ୱରୂପ କଟକସ୍ଥିତ ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଟ୍ୟୁଟ୍ ଅଫ୍ କ୍ୟାନ୍ସର ପକ୍ଷରୁ ଶତାୟୁ ଓ ପ୍ରଖ୍ୟାତ ସ୍ତ୍ରୀ ରୋଗ ବିଶେଷଜ୍ଞ ପ୍ରଫେସର ଡା. କେ. ଲକ୍ଷ୍ମୀବାଇଙ୍କୁ ପ୍ରତିଷ୍ଠିତ 'ପାପାନିକୋଲାଉ ସମ୍ମାନ' ପ୍ରଦାନ କରାଯାଇଛି । ଗାଇନେକୋଲୋଜି କ୍ଷେତ୍ରରେ ତାଙ୍କର ଦୀର୍ଘକାଳୀନ ସେବା ଓ ଅସଂଖ୍ୟ ମା' ଓ କନ୍ୟାଙ୍କ ଜୀବନ ସୁରକ୍ଷାରେ ତାଙ୍କର ଅକ୍ଳାନ୍ତ ପ୍ରୟାସ ପାଇଁ ଏହି ସମ୍ମାନ ଦିଆଯାଇଛି । ଏହି ସମ୍ମାନକୁ ମାର୍ଚ୍ଚ ୧୧ରେ କଟକରେ ଆୟୋଜିତ ୧୬ତମ ୱାର୍ଲ୍ଡ କ୍ୟାନ୍ସର ସର୍ଭିକ୍ସ ଇରାଡିକେସନ୍ କାର୍ଯ୍ୟକ୍ରମରେ ଔପଚାରିକ ଭାବେ ଘୋଷଣା କରାଯାଇଥିଲା । କିନ୍ତୁ



ଆଜି ସଂସ୍ଥାନର ଏକ ବିଶେଷ ଦଳ ତାଙ୍କ ବ୍ରହ୍ମପୁର ଭାବାନଗର ଘରେ ପହଞ୍ଚି ବ୍ୟକ୍ତିଗତ ଭାବେ ସମ୍ମାନ ପ୍ରଦାନ କରିଥିଲେ । ଏହି ସମ୍ମାନ ପ୍ରଦାନ ବେଳେ ଗାଇନେକୋଲଜିକାଲ ଅଙ୍କୋଲୋଜି ବିଭାଗର ପ୍ରଫେସର ଡା. ଭାଗ୍ୟଲକ୍ଷ୍ମୀ ନାୟକ, ପୂର୍ବତନ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ହରପ୍ରସାଦ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, "ପାପାନିକୋଲାଉ ସମ୍ମାନ' ହେଉଛି ଏକ ଗରିମାମୟ ପୁରସ୍କାର । ଯାହା ସର୍ଭିକ୍ସ କ୍ୟାନ୍ସରର ପ୍ରତିରୋଧ, ପ୍ରାରମ୍ଭିକ ଚିହ୍ନଟ ଓ ସଚେତନତା ବୃଦ୍ଧିରେ ବିଶେଷ ଅବଦାନ ରଖିଥିବା ଚିକିତ୍ସକମାନଙ୍କୁ ପ୍ରଦାନ କରାଯାଏ । ଏହି ସମ୍ମାନ ପ୍ରସିଦ୍ଧ ବୈଜ୍ଞାନିକଜର୍ଜ ପାପାନିକୋଲାଉଙ୍କ ଅବଦାନକୁ ସ୍ମରଣ କରେ, ଯିଏ ପ୍ରଥମେ ପାପ୍ ସ୍ମିୟର ପରୀକ୍ଷା ପ୍ରଣାଳୀ ଉଦ୍ଭାବନ କରିଥିଲେ ।

# ଋଷିକୁଲ୍ୟା ନଦୀ ସୁରକ୍ଷା କ୍ରିୟାନୁଷ୍ଠାନ କମିଟିର ସମ୍ବର୍ଦ୍ଧନା ସଭା

ବ୍ରହ୍ମପୁର,୧୪ ।୩(ସମିସ): କମାପଲ୍ଲୀ ସ୍ଥିତ ଏକ ଘରୋଇ ବିଦ୍ୟାଳୟରେ ଋଷିକୁଲ୍ୟା ନଦୀ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଲେଖିକା ଡ. ବିଧୁପ୍ରଭା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲୋକଶକ୍ତି ଅଭିଯାନ, ଏନ୍ଏପିଏମ୍ ଓ ସେଣ୍ଟର ଫର୍ କ୍ଲାଇମେଟ୍ ଜଷ୍ଟିସ ପକ୍ଷରୁ ମିଳିତ ଭାବେ ଏକ ରାଜ୍ୟସ୍ତରୀୟ ବସ୍ଯାତ୍ରା କରି ସଚେତନ କରୁଥିବା ୨୦ଜଣିଆ ପଦଯାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଦେଶୀ ବିଦେଶୀ କର୍ପୋରେଟ୍ କମ୍ପାନୀମାନଙ୍କ ସ୍ୱାର୍ଥରେ ରାଜ୍ୟରେ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ଦ୍ୱାରା ବିକାଶ ନାଁରେ ଲୋକଙ୍କ ଜମି, ଜଙ୍ଗଲ, ନଦୀ ଓ ପ୍ରାକୃତିକ ସମ୍ପଦ ଉପରେ ଜୋରଦାର ଆକ୍ରମଣ ଚାଲିଛି । ଏଭଳି ପରିସ୍ଥିତିରେ ସରକାରଙ୍କ କର୍ପୋରେଟ୍ କମ୍ପାନୀ ସପକ୍ଷବାଦୀ ଜନବିରୋଧୀ ବିକାଶ ନୀତି ସମ୍ପର୍କରେ ରାଜ୍ୟବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ତଥା ବଳପୂର୍ବକ ଜମି ଅଧିଗ୍ରହଣ ତଥା ଦମନ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ଲୋକଶକ୍ତି ଅଭିଯାନ, ଏନଏପିଏମ୍ ଓ ସେଣ୍ଟର ଫର୍ କ୍ଲାଇମେଟ୍ ଜଷ୍ଟିସ ପକ୍ଷରୁ ମିଳିତ ଭାବେ ଏକ ରାଜ୍ୟସ୍ତରୀୟ ବସଯାତ୍ରା ଆରମ୍ଭ ହୋଇଛି ।

ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଋଷିକୂଲ୍ୟା ନଦୀ ସୁରକ୍ଷା କ୍ରିୟାନୁଷ୍ଠାନ କମିଟିର ଆବାହକ ସୁଧୀର ରାଉତ, ବରିଷ୍ଠ ସଦସ୍ୟ ଶ୍ୟାମସୁନ୍ଦର ଖାଡଙ୍ଗା, ପଶ୍ଚିମ ଓଡିଶାର ବରିଷ୍ଠ କୃଷକ ନେତା ଲିଙ୍ଗରାଜ, ଅଖିଳ ଭାରତ କିଶାନ୍ ମଜଦୁର ସଭାର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ଏନଏପିଏମର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି, ଆଦିବାସୀ ନେତା ନାଚିକା ଲିଙ୍ଗା, ମାନବବାଦୀ ହେତୁବାଦୀ ସଂଗଠନର ସମ୍ପାଦକ କେ ନନ୍ଦେଶୁ ସେନାପତି, ଏଆଇକେକେଏସର ନେତା ସମ୍ପାଦକ ଶଙ୍କର ଇନକିଲାବ୍, ଏଆଇଡିଏସଓର ରାଜ୍ୟନେତା ସୋମନାଥ ବେହେରା ଓ ଋଷିକୁଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ ପ୍ରମୁଖ ବକ୍ତବ୍ୟ ରଖି ସରକାରଙ୍କ କର୍ପୋରେଟ୍ ସପକ୍ଷବାଦୀ ବିକାଶ ନୀତିର ନିନ୍ଦା କରିଥିଲେ । ଶେଷରେ ଯୁବନେତା ଆଦିତ୍ୟ ରଥ ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୃଷକ ନେତା ବୃନ୍ଦାବନ ଖଟେଇ, ବରିଷ୍ଠ ସାମ୍ବାଦିକ ରବି ରଥ, ଆଇଏଫଟିୟୁର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ରାଜେନ୍ଦ୍ର ପଣ୍ଡା, ଅଧ୍ୟାପକ ଲୋକନାଥ ପରିଡା, ଶିକ୍ଷକ ନେତା କାମରାଜୁ ମହାରଣା, ଅଶୋକ ଦଳାଇ, ଲକ୍ଷ୍ମୀନୃସିଂହ ରଥ, ବିଘ୍ନେଶ୍ୱର ସାହୁ, ପପୁନ କୁମାର ସାହୁ, ଶୁଭସ୍ମିତା ପାଣିଗ୍ରାହୀ, ଅଳକନାଥ ମିଶ୍ର ଓ ଏ. ସଞ୍ଜୀବ କୁମାର ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବୈଜ୍ଞାନିକ ଆଇନ୍ଷ୍ଟାଇନଙ୍କ ଜନ୍ମଦିବସରେ ଆଲୋଚନାଚକ୍ର

# 'ଯୁଦ୍ଧ ନୁହେଁ, ବୁଝାମଣା ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଜରୁରୀ'



ବ୍ରହ୍ମପୁର,୧୪ ।୩(ସମିସ): ବିଶିଷ୍ଟ ବୈଜ୍ଞାନିକ, ନୋବେଲ ପୁରସ୍କାର ବିଜେତା ଅଲବର୍ଟ ଆଇନ୍ଷ୍ଟାଇନଙ୍କ ୧୪୮ତମ ଜନ୍ମଦିନ ଅବସରରେ ମାନବବାଦୀ ହେତୁବାଦୀ ସଂଗଠନ ଗଂଜାମ ଜିଲ୍ଲା ଶାଖା ପକ୍ଷରୁ 'ଯୁଦ୍ଧ ନୁହେଁ, ଶାନ୍ତି ଚାହୁଁ' ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସଂଗଠନର ଉପସଭାପତି କିଶୋର ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ସ୍ତମ୍ଭକାର ଭାଲଚନ୍ଦ୍ର ଷଡଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ।

ସମ୍ପାଦକ କେ. ନନ୍ଦେଶୁ ସେନାପତି ପୂର୍ବ ସୂଚନା ଦେଇ ଅଲବର୍ଟ ଆଇନଷ୍ଟାଇନଙ୍କ ଉଦ୍ଭାବିତ ପରମାଣୁ ଶକ୍ତି ଏହି ପୃଥିବୀକୁ ନୂତନ ଶକ୍ତି ପ୍ରଦାନ କରିଥିବା ଓ ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ହିରୋସୀମା ଓ ନାଗାସାଖି ଉପରେ ପକାଇବା ଫଳରେ ଯେଉଁ ଭୟାବହ ପରିସ୍ଥିତି ଉପୁଜିଥିଲା ସେଥିରେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁବରଣ କଲେ ଓ ବିକଳାଙ୍ଗ ହୋଇଗଲେ, ତାହା ତାଙ୍କ ମନକୁ ଦୋହଲାଇ ଦେଇଥିଲା । ସେ ସେଥିପାଇଁ ଅନୁତପ୍ତ ଥିଲେ । ସେ ଯୁଦ୍ଧ ପରିବର୍ତ୍ତେ ଆଲୋଚନା ଓ ଚର୍ଚ୍ଚା ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା ପାଇଁ ଚାହୁଁଥିଲେ ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଶ୍ରୀ ଷଡଙ୍ଗୀ କହିଥିଲେ ଯେ, ବର୍ତ୍ତମାନର ଯୁଦ୍ଧ କେବଳ ସାମ୍ରାଜ୍ୟବାଦୀ ଆମେରିକା ଓ ଇସ୍ରାଏଲର ଜାୟନବାଦୀ ଶାସକମାନଙ୍କ ଦ୍ୱାରା ଇରାନ ଉପରେ ଆକ୍ରମଣ କରିଥିବା ଓ ଇରାନ ରାଷ୍ଟ୍ରପତିଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ବିନାଶ କରିବା ଯୋଗୁ ଇରାନ ହିଂସ୍ର ହୋଇ ପ୍ରତି ଆକ୍ରମଣ କରିଚାଲିଛି । ଯାହା ଫଳରେ ସମଗ୍ର ପୃଥିବୀ ଏକ ଭୟଙ୍କର ସଂକଟରେ ରହିଛି । ଭାରତର ସିଂହଭାଗ ତେଲ, ଗ୍ୟାସ, ସାର ଉପସାଗରୀୟ ଦେଶରୁ ଆସୁଥିବାରୁ ଏବଂ ପ୍ରାୟ ଏକ କୋଟି ଭାରତୀୟ ସେଠାରେ କାର୍ଯ୍ୟରତ ଥିବାରୁ ଯୁଦ୍ଧର ସର୍ବାଧିକ ପ୍ରଭାବ ଭାରତ ଉପରେ ପଡ଼ିବାକୁ ଯାଉଛି ବୋଲି କହିଥିଲେ । କିନ୍ତୁ ଭାରତ ଆକ୍ରମଣର ଶିକାର ଇରାନବାସୀଙ୍କ ସହ ଠିଆହେବା ବଦଳରେ ଏହି ଯୁଦ୍ଧରେ ପରୋକ୍ଷ ଭାବେ ଆକ୍ରମଣକାରୀ ଆମେରିକା ଓ ଇସ୍ରାଏଲ ସପକ୍ଷରେ ଠିଆ ହେବା ପରିତାପର ବିଷୟ ବୋଲି କହିଥିଲେ ।

ଯୁଦ୍ଧ କେବେ ସମସ୍ୟାର ସମାଧାନ ନୁହେଁ । ଯୁଦ୍ଧ ବଦଳରେ ବିଶ୍ୱରେ ଦେଶମାନଙ୍କ ମଧ୍ୟରେ ବୁଝାମଣା ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ହିଁ ଜରୁରୀ ବୋଲି ଏଠାରେ କୁହାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ପ୍ରଗତିଶୀଳ ଲେଖିକା ଡ ବିଧୁପ୍ରଭା ରଥ, ସଂଗଠନର ସଭାପତି ଇ.ଟି.ରାଓ, କୃଷକ ନେତା ବୃନ୍ଦାବନ ଖଟେଇ, ସୁନେଜ କୁମାର ପାଣିଗ୍ରାହୀ, ଅବନୀ ଗୟା, ମହର୍ଷି ସିଂ, ପ୍ରତାପ ଚୌଧୁରୀ, ବରିଷ୍ଠ ସାମ୍ବାଦିକ ବିଘେଶ୍ୱର ସାହୁ, ସନ୍ତୋଷ କୁମାର ମିଶ୍ର, ଆଦିତ୍ୟ ନାରାୟଣ ରଥ, ଗଣପତି ବେହେରାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।



# ଜାତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସଫଳତା

ବ୍ରହ୍ମପୁର,୧୪ ।୩(ସମିସ): ଚେନ୍ନାଇ ସ୍ଥିତ ସତ୍ୟଭାମା ଇନ୍ଷ୍ଟିଚ୍ୟୁଟ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ବିଶ୍ୱବିଦ୍ୟାଳୟରେ ୩୯ତମ ଆନ୍ତଃ ବିଶ୍ୱବିଦ୍ୟାଳୟ ଜାତୀୟ ଯୁବ ମହୋତ୍ସବର ଉଦଯାପନ ଦିବସରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ଶୋଭାଯାତ୍ରା ଏବଂ ଆଦିବାସୀ ଦଳଗତ ନୃତ୍ୟ ପ୍ରତିଯୋଗିତାରେ ୨ୟ ସ୍ଥାନ ଅଧିକାର କରିଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତରଫରୁ ସାଂସ୍କୃତିକ ସଂଯୋଜିକା ଡ ସରିତା ଦାଶ ଟିମ ମେନେଜର ଭାବେ ଏବଂ ବାଲିଗୁଡା ମହାବିଦ୍ୟାଳୟର ଅଧ୍ୟାପକ ହିମାଂଶୁ ଚରଣ ସାହୁ କଣ୍ଟିଜେଣ୍ଟ ଇନଚାର୍ଜ ଭାବେ ଯୋଗ ଦେଇଥିଲେ ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ଗଣିତ ଦିବସ

ବ୍ରହ୍ମପୁର,୧୪ ।୩(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଗଣିତ ଦିବସ ପାଳନ ଓ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ତଥା ସ୍ନାତକୋତ୍ତର ପରିଷଦ ସମୂହ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏଥିରେ ଆଇଜର ବ୍ରହ୍ମପୁର'ର ପ୍ରଫେସର ରିତାବ୍ରତ ସେନଗୁପ୍ତା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଅନ୍ତର୍ଜାତୀୟ ଗଣିତ ଦିବସର ଆବଶ୍ୟକତା ଓ "ପାଇ'ର ଉପଯୋଗିତା ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଉମାକାନ୍ତ ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ ଗଣିତ କିପରି ମାନବ ସଭ୍ୟତାର ଉନ୍ନତିରେ ବିନିଯୋଗ ହୋଇପାରିବ ତାହାରି ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଉପକୁଳସଚିବ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ର



ଗଣିତ ଏକ ଭାଷା,ଏକ ବିଷୟ ନୁହଁ ବୋଲି କହିଥିଲେ । ମଂଚାସୀନ ଅନ୍ୟତମ ଅତିଥି ଡ.ବିଭୂ ପ୍ରସାଦ ସାହୁ ଛାତ୍ରଛାତ୍ରୀଙ୍କୁ ଚରିତ୍ର ଗଠନରେ ଗଣିତର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ । ଅଧ୍ୟାପକ ଅଶୋକ ମୁଦୁଲି ସଭାକାର୍ଯ୍ୟ ପରିଚାଳନା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ଚିନ୍ମୟ ରାଉତ, ଅଧ୍ୟାପିକା ସୁପ୍ରିୟା ସାହୁ ଓ କର୍ମଚାରୀ ଜଗନ୍ନାଥ ଚୌଧୁରୀ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

## ବିଜୁ ପଟ୍ଟନାୟକ ସ୍ମାରକୀ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ୧୦ ଦଳ ସାମିଲ; ୨୦ରେ ଫାଇନାଲ୍

ବ୍ରହ୍ମପୁର, ୧୪ ।୩ (ସମିସ)

ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଆଲ୍ଲା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୧୬ତମ ବିଜୁ ପଟ୍ଟନାୟକ ସ୍ମାରକୀ ସର୍ବଭାରତୀୟ ଟି-୨୦ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି । ଆଜି ଠାରୁ ୨୦ତାରିଖ ପର୍ଯ୍ୟନ୍ତ ଦୀର୍ଘ ଏକ ସପ୍ତାହ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ତଥା ପ୍ରମୁଖ ଦଳ ସହିତ ପଡୋଶୀ ଆନ୍ଧ୍ର ପ୍ରଦେଶର ରାଜମହେନ୍ଦ୍ରୀର କ୍ରିକେଟ ଟିମ ଅଂଶଗ୍ରହଣ କରିଛନ୍ତି । ପ୍ରତିଯୋଗିତାରେ କାକଟପୁର ଟିମ, ରାମେଶ୍ୱର ସ୍ପୋର୍ଟିଂ କ୍ଲବ ବ୍ରହ୍ମପୁର, ଆନ୍ଧ୍ରପ୍ରଦେଶ ରାଜମେନ୍ଦ୍ରୀ ଏକାଦଶ, ଯାଜପୁର, ରାଉରକେଲା, ଆୟୋଜକ ଆଲ୍ଲା ସ୍ପୋର୍ଟିଂ କ୍ଲବ ବ୍ରହ୍ମପୁର, ଫେମସ କ୍ରିକେଟ କ୍ଲବ କେନ୍ଦୁଝର, ଜଗତସିଂପୁର ଓ କଟକର ସୋଲାର କ୍ରିକେଟ କ୍ଲବ କଟକ ଭଳି ମୋଟ ୧୦ଟି ଦଳ ଅଂଶଗ୍ରହଣ କରିଛନ୍ତି ।





## ବ୍ରହ୍ମପୁରର ରାମେଶ୍ୱର ସ୍ପୋର୍ଟିଂ କ୍ଲବ୍ ଓ ଟିମ୍ କାକଟପୁର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍

ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ ବ୍ରହ୍ମପୁରର ରାମେଶ୍ୱର ସ୍ପୋର୍ଟିଂ କ୍ଲବ ବନାମ କାକଟପୁର ଦଳ ମଧ୍ୟରେ ଖେଳାଯାଇଥିଲା । କାକଟପୁର ଦଳ ଟସ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ ଫ୍ଲଡ୍ ଲାଇଟରେ ଖେଳାଯିବ । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଓ ସମ୍ମାନିତ ଅତିଥି ଭାବେ କବିସୂର୍ଯ୍ୟନଗର ପୂର୍ବତନ ବିଧାୟିକା ଲତିକା ପ୍ରଧାନ, ବ୍ରହ୍ମପୁର ଅର୍ବାନ କୋପରେଟିଭ ବ୍ୟାଙ୍କ ସଭାପତି ଆର. ମୂରଲୀ ମୋହନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଆୟୋଜକ ଆଲ୍ଲା ସ୍ପୋର୍ଟିଂ କ୍ଲବର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏବଂ ସମ୍ପାଦକ ବିଜୟ ଭାସ୍କର ସିଂସାମନ୍ତ ମଞ୍ଚାସୀନ ଥିଲେ । ଚାମ୍ପିଆନ ଟିମ୍‌କୁ ଟ୍ରଫି ସହିତ ନଗଦ ୮୦ହଜାର ଟଙ୍କା ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହିତ ୬୦ହଜାର ନଗଦ ଟଙ୍କା ପୁରସ୍କାର ରାଶି ରହିଛି । ପ୍ରତ୍ୟେକ ମ୍ୟାଚ ୨୦ଓଭର ବିଶିଷ୍ଟ ଖେଳାଯିବ ।

# ଶ୍ରୀକ୍ଷେତ୍ର ସିଟି

୧୪/୩/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୯୫,୭୩୯/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍





## ୨୭ରୁ ସାହିଯାତ

# ଚଳଚଞ୍ଚଳ ଆଠ ସାହି ଆଖଡ଼ା

ପୁରୀ,୧୪।୩(ସମିସ): ଶ୍ରୀଜଗନ୍ନାଥଙ୍କ ଉପାସନା ସହିତ ଶ୍ରୀକୃଷ୍ଣ ଲୀଳା ଏବଂ ଶ୍ରୀରାମ ଲୀଳା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଶ୍ରୀମନ୍ଦିରରେ ଚୈତ୍ରମାସ ଶ୍ରୀରାମ ନବମୀଠାରୁ ଶ୍ରୀରାମ ଲୀଳା ନୀତି ଅନୁଷ୍ଠିତ ହୋଇଥାଏ। ଏହା ଶ୍ରୀକ୍ଷେତ୍ରରେ ସାହିଯାତ ଭାବେ ପାଳନ କରାଯାଏ।



ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ସାହିଯାତର ସମନ୍ୱୟ ରହିଛି। ଆସନ୍ତା ୨୭ ତାରିଖରେ ଶ୍ରୀରାମ ନବମୀ। ଏହି ଦିନଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହେବ ଶ୍ରୀରାମ ଲୀଳା ତଥା ସାହିଯାତ। ଏଥିରେ ସାମିଲ୍ ହେବେ ଶ୍ରୀକ୍ଷେତ୍ରର ଆଠସାହି ଆଖଡ଼ା। ସାହିଯାତ ଲାଗି ଏବେ ଚଳଚଞ୍ଚଳ ହୋଇପଡ଼ିଛି ଆଖଡ଼ାଗୁଡ଼ିକ।

ପୁରୀ କାଳିକାଦେବୀ ସାହିଯାତ ନାମ ଶ୍ରୀରାମ ଜନ୍ମନୀତି। ଶ୍ରୀରାମ ନବମୀ ଦିନ ଏହି ନୀତି ସମ୍ପନ୍ନ ହୋଇଥାଏ। ଅର୍ଥାତ୍ ମାର୍ଚ୍ଚ ୨୭ ତାରିଖରେ ଶ୍ରୀରାମ ଜନ୍ମନୀତି ଅନୁଷ୍ଠିତ ହେବ। ସାହିରୁ ଶ୍ରୀରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଏବଂ ଋଷ୍ୟଶୃଙ୍ଗ ବେଶଧାରୀ ବାହାରି ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ନୀତିରେ ସାମିଲ୍ ହୁଅନ୍ତି। ଏହାପରେ ସେମାନେ ଶ୍ରୀନଅରକୁ ଯାଇ ଫେରିବା ପରେ ସାହି ପରିକ୍ରମା କରନ୍ତି। ଦକ୍ଷିଣକାଳୀଙ୍କଠାରୁ ଏହି ଆଖଡ଼ାର ନିଶାଣ ବାହାରେ। ନିଶାଣ ଆଗରେ ରହି ଯାତ ପଟୁଆର ମିତ୍ର ସାହି, ମାଟିମଣ୍ଡପ ସାହି ପରିକ୍ରମା କରିଥାଏ। ଚଳିତ ବର୍ଷ ସାହିଯାତ ପାଇଁ ଆଖଡ଼ା ପକ୍ଷରୁ ପ୍ରସ୍ତୁତି ଚାଲିଛି। ମାଟିମଣ୍ଡପ ସାହି ଆଖଡ଼ା ସାହିଯାତରେ ସାମିଲ୍ ହେଉଥିଲେ ମଧ ଏହାର କୌଣସି ନୀତି ନାହିଁ। ମାଟିମଣ୍ଡପ ସାହିର ମିତ୍ର ସାହି କାଳିକାଦେବୀ ସାହି। କାଳିକା ଦେବୀ ସାହି ଯାତ୍ରା ପରଦିନ ଅର୍ଥାତ୍ ୨୮ ତାରିଖରେ ମାଟିମଣ୍ଡପ ସାହି ଆଖଡ଼ାରୁ ଯାତ ଶୋଭାଯାତ୍ରା ବାହାରି ମିତ୍ର ସାହି ପରିକ୍ରମା କରିବ। ଏହିଦିନ ହରଚଣ୍ଡୀ ସାହିର ଯଜ୍ଞରକ୍ଷା ନୀତି ରହିଛି। ହରଚଣ୍ଡୀ ଆଖଡ଼ାର ଆକର୍ଷଣ ହେଉଛି ପର୍ଶୁରାମ। ଚୈତ୍ର ଶୁକ୍ଳ ଦଶମୀ ଏବଂ ଏକାଦଶୀରେ ଏହି ସାହି ଆଖଡ଼ାର ଯାତ ରହିଛି। ଦଶମୀରେ ନାକ, କାନ ଏବଂ ଏକାଦଶୀ ତିଥି ଯାତରେ ଅର୍ଥାତ୍ ମାର୍ଚ୍ଚ ୨୯ରେ ପର୍ଶୁରାମ ବାହାରିବା ଲାଗି ପ୍ରସ୍ତୁତି ଚାଲିଛି। ଚୈତ୍ର ଶୁକ୍ଳ ଦ୍ୱାଦଶୀରେ ଆସନ୍ତା ୩୦ ତାରିଖରେ ମାର୍କଣ୍ଡେଶ୍ୱର ସାହି ବନବାସ ପ୍ରସ୍ତାବ ନୀତି ସମ୍ପନ୍ନ କରିବ। ଏହି ନୀତିରେ ଶ୍ରୀରାମ ବନବାସରେ ଯାଇଥା'ନ୍ତି। ସାହି ଆଖଡ଼ାରୁ ଶ୍ରୀରାମ, ଲକ୍ଷ୍ମଣ, ସୀତା, ବିଶ୍ୱାମିତ୍ର, ଗୁହକ ଶବର ଏବଂ ଡଗରଙ୍କୁ ନେଇ ସାହିଯାତ ପଟୁଆର ବାହାରିଥାଏ। ବେଶଧାରୀ ଜଗନ୍ନାଥ ବଲ୍ଲଭ ମଠ ନୀତିରେ ସାମିଲ୍ ହୋଇଥା'ନ୍ତି।



ସେହିପରି କୁଣ୍ଡାଇବେଣ୍ଟ ସାହି ପକ୍ଷରୁ ଆସନ୍ତା ଏପ୍ରିଲ୍ ୧ରେ ମାୟାମୃଗ ପ୍ରସ୍ତାବ ଆଗତ ହେବ। ଆଖଡ଼ାରୁ ରାମ, ଲକ୍ଷ୍ମଣ, ସୀତା, ହନୁମାନ ଓ ମାୟା ରାବଣ ବାହାରି ସୀତାଚୋରି ନୀତିରେ ସାମିଲ୍ ହେବେ। ଏପ୍ରିଲ୍ ୩ ତାରିଖରେ ଦୋଳମଣ୍ଡପ ସାହି ଆଖଡ଼ାର ଲଙ୍କାପାଡ଼ି ନୀତି ରହିଛି। ଏହି ଆଖଡ଼ା ପକ୍ଷରୁ ସାହିଯାତରେ ଲଙ୍କାପୋଡ଼ି ହନୁମାନ ଏବଂ ରାବଣ ବାହାରିଥାଏ। ସେହିପରି ବାଲିସାହି ଆଖଡ଼ା ପକ୍ଷରୁ ପ୍ରତିପଦାରେ ଅର୍ଥାତ୍ ଏପ୍ରିଲ୍ ୪ରେ ସେତୁବନ୍ଧ ପ୍ରତିଷ୍ଠା ଏବଂ ଏହା ପରଦିନ ଦ୍ୱିତୀୟାରେ ରାବଣ ବଧ ଲୀଳା ସମ୍ପନ୍ନ ହେବ। ଏହି ଆଖଡ଼ାର ରାବଣ ମୁଖ୍ୟ ଆକର୍ଷଣ। ଗୌଡ଼ବାଡ଼ ସାହି ଆଖଡ଼ା ପକ୍ଷରୁ ସାହିଯାତର ଶେଷ ପର୍ବ ରାମାଭିଷେକ ନୀତି ସମ୍ପନ୍ନ ହୁଏ। ପୁଷ୍ୟା କର୍କଟ ନକ୍ଷତ୍ର ଥାଇ ଶ୍ରୀଜଗନ୍ନାଥଙ୍କ ତାରା ଶୁଦ୍ଧି ଥିବା ଦିନ ଏହି ନୀତି ପାଳିତ ହୋଇଥାଏ। ବୈଶାଖ କୃଷ୍ଣ ଦ୍ୱିତୀୟା ପରେ ଯେଉଁଦିନ ଉପରୋକ୍ତ ତିଥି ଥାଏ ସେହିଦିନ ଏହି ନୀତି ସମ୍ପନ୍ନ ହୁଏ। ଏ ବର୍ଷ ଏପ୍ରିଲ୍ ୧୨ ତାରିଖରେ ଗୌଡ଼ବାଡ଼ ସାହି ପକ୍ଷରୁ ଏହି ନୀତି କରାଯିବ। ଭରତ ଏବଂ ଶତ୍ରୁଘ୍ନ ବାହାରି ଶ୍ରୀମନ୍ଦିରକୁ ଯାତ୍ରା କରିବେ। ସେଠାରୁ ପାଦୁକା ନେଇ ଶ୍ରୀଜଗନ୍ନାଥ ବଲ୍ଲଭକୁ ଯାଇ ନୀତିରେ ସାମିଲ୍ ହେବେ।

ଜଣେ ବରିଷ୍ଠ ବୁଦ୍ଧିଜୀବୀ କହିଛନ୍ତି, ଓଡ଼ିଆ ଜାତିର ଇଷ୍ଟଦେବତା ଜଗତର ନାଥ ମହାପ୍ରଭୁଙ୍କ ଶ୍ରୀରାମଲୀଳା କ୍ରମରେ କାହିଁ କେଉଁ କାଳରୁ ଆୟୋଜିତ ହୋଇ ଆସୁଛି ଶ୍ରୀକ୍ଷେତ୍ରର ସାହିଯାତ। ଶ୍ରୀମନ୍ଦିରର ନୀତିକାନ୍ତି ସହ ପୁରୀବାସୀଙ୍କୁ ଜଡ଼ିତ କରିବା, ସାହି କୁହାଯାଉଥିବା ଶ୍ରୀକ୍ଷେତ୍ରର ପ୍ରାଚୀନ ଆଠଟି ଜନବସତି ମଧ୍ୟରେ ସୌହାର୍ଦ୍ଦ୍ୟ ରକ୍ଷା, ଶ୍ରୀମନ୍ଦିର ସୁରକ୍ଷା ପାଇଁ ସାହିଯାତ ନାମରେ ଯୁବକମାନଙ୍କୁ ସମରକଳା ଶିଖାଇ ପ୍ରସ୍ତୁତ ରଖିବା ଓ ପୁରୀବାସୀଙ୍କୁ ସୁସ୍ଥ ମନୋରଞ୍ଜନ ଦେବା ଥିଲା ସାହିଯାତର ମହତ୍ ଉଦ୍ଦେଶ୍ୟ। କିନ୍ତୁ ଦୁଃଖର କଥା ସମୟଜ୍ଞାନ, ଶୃଙ୍ଖଳାର ଅଭାବ, ବୟସ୍କଙ୍କ ପ୍ରତି ସମ୍ମାନବୋଧ ହ୍ରାସ, ଶିକ୍ଷା ଓ ରୋଜଗାର ପାଇଁ ପ୍ରତିଯୋଗିତା ଏବଂ ଶାରୀରିକ ଶ୍ରମ ପ୍ରତି ବିମୁଖତା ସାହିଯାତକୁ କେବଳ ନୀତି ଚଳାରେ ପରିଣତ କରିଛି। ବେଳେବେଳେ ଯେଉଁଭଳି ବ୍ୟାବସାୟିକ ଲୋକନୃତ୍ୟ ପ୍ରଦର୍ଶନ ହେଉଛି ତା' ହୁଏତ ଅଧିକ ଆକର୍ଷଣୀୟ ହୋଇଥାଇପାରେ, ମାତ୍ର ବାସ୍ତବରେ ତାହା ସାହିଯାତକୁ ଅଧିକ ହାସ୍ୟାସ୍ପଦ କରୁଛି। ସମସ୍ତେ ସଚେତନ ହେଲେ ନିଶ୍ଚିତ ସାହିଯାତ ମଧ ବିଶ୍ୱପ୍ରସିଦ୍ଧ ହୋଇପାରିବ।

• ପୁରୀକୁ ମହାନଗର ନିଗମ ନେଇ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ

# ୱାର୍ଡ ପାଇଁ ପ୍ରସ୍ତୁତ ହେବ ସ୍ୱତନ୍ତ୍ର ଆକ୍ସନ ପ୍ଲାନ୍

ପୁରୀ,୧୪।୩(ସମିସ): ପୁରୀକୁ ରାଜ୍ୟ ସରକାର ମହାନଗର ନିଗମ ମାନ୍ୟତା ଦେବା ପରେ ଗୃହ ଉନ୍ନୟନ ବିଭାଗ ପକ୍ଷରୁ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି। ମହାନଗର ନିଗମରେ ସାମିଲ୍ ହୋଇଥିବା ଗ୍ରାମାଞ୍ଚଳଗୁଡ଼ିକରେ ରାସ୍ତା, ପାନୀୟ ଜଳ, ବିଦ୍ୟୁତ୍, ପରିମଳ ବ୍ୟବସ୍ଥା କିଭଳି ପହଞ୍ଚିପାରିବ ସେ ଦିଗରେ ଏକ ସ୍ୱତନ୍ତ୍ର ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯିବ। ଗଠନ ହୋଇଥିବା ୱାର୍ଡଗୁଡ଼ିକର ସର୍ଭେ କରାଯାଇ ସୀମା ପୁନଃନିର୍ଦ୍ଧାରଣ ସହିତ କେଉଁ ୱାର୍ଡରେ କ'ଣ ସମସ୍ୟା ରହିଛି ତା'ର ସର୍ଭେ କରାଯାଇ କିଭଳି ୱାର୍ଡର ଉନ୍ନତୀକରଣ ହୋଇପାରିବ ସେ ଦିଗରେ ଯୋଜନା ପ୍ରସ୍ତୁତ ହେବ। ପୁରୀ ପୌରପାଳିକାର ୩୨ଟି ୱାର୍ଡ ଓ ପୁରୀ ଉପକଣ୍ଠରେ ଥିବା ସଦର ବ୍ଲକ୍‌ର ୯ଟି ପଞ୍ଚାୟତର ୩୪ଟି ରାଜସ୍ୱ ଗ୍ରାମକୁ ନେଇ ମହାନଗର ନିଗମ ଗଠନ କରାଯାଇଛି। ମୋଟ୍ ୩୯ଟି ୱାର୍ଡ ମହାନଗର ନିଗମ ପାଇଁ କରାଯାଇଛି। ପୂର୍ବରେ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ, ଉତ୍ତରରେ ବେଲଦଳ, ଉର, ଦୁହିତାଖଣ୍ଡ, ଦକ୍ଷିଣରେ ବଙ୍ଗୋପସାଗର ଏବଂ ପଶ୍ଚିମରେ ଗୋରୁଆଳ ପର୍ଯ୍ୟନ୍ତ ପୁରୀ ମହାନଗର ନିଗମର ସୀମା ରହିଛି। ଏ ସମ୍ପର୍କରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ସବୁ ୱାର୍ଡର ସର୍ଭେ କରାଯାଇ ସୀମା ନିର୍ଦ୍ଧାରଣ ଚୂଡ଼ାନ୍ତ କରାଯିବା ସହ ବିଭିନ୍ନ ୱାର୍ଡରେ ଥିବା ସମସ୍ୟା କିଭଳି ସମାଧାନ ହୋଇପାରିବ ସେ ଦିଗରେ ସ୍ୱତନ୍ତ୍ର ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯିବ। ସେହିପରି ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି, ପୁରୀ ମହାନଗର ନିଗମରେ ସାମିଲ ହୋଇଥିବା ଗ୍ରାମାଞ୍ଚଳଗୁଡ଼ିକରେ କିଭଳି ମୌଳିକ ସୁବିଧା ଲୋକଙ୍କ ନିକଟରେ ପହଞ୍ଚିପାରିବ ସେ ଦିଗରେ ସ୍ୱତନ୍ତ୍ର, ଯୋଜନା ପ୍ରସ୍ତୁତ କରାଯାଇ କାର୍ଯ୍ୟକାରୀ କରାଯିବ।

• ପୁରୀ ସହରରେ ନାକା ଚେକିଂ

# ୧,୭୬,୫୦୦ ଟଙ୍କା ଜରିମାନା ଆଦାୟ

ପୁରୀ,୧୪।୩(ସମିସ): ପୁରୀ ସହରରେ ଆଇନ ଶୃଙ୍ଖଳା ଓ ସଡ଼କ ସୁରକ୍ଷାକୁ ସୁନିଶ୍ଚିତ କରିବା ନେଇ ଗତ ୨୪ ଘଣ୍ଟା ମଧ୍ୟରେ ସିଟି ସବ୍ ଡିଭିଜନ ଅଞ୍ଚଳର ବିଭିନ୍ନ ସ୍ଥାନରେ ନାକା ଚେକିଂ ଓ ବ୍ଲକିଂ କରାଯାଇଥିଲା। ଯାନବାହନ ଚାଳକଙ୍କର କାଗଜପତ୍ର, ମଦ୍ୟପାନ କରି ଗାଡ଼ି ଚଳାଇବା ଓ ଅନ୍ୟାନ୍ୟ ଆଇନ ଉଲ୍ଲଂଘନକୁ ନଜରରେ ରଖି ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚବେଳେ ମୋଟ ୧ ଲକ୍ଷ ୭୬ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିରେ ୭ ଜଣ ମଦ୍ୟପାନ କରି ଗାଡ଼ି ଚଳାଇବା, ୨୭ ଜଣ ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ଓ ୨୦ ଜଣ ଟ୍ରିପଲ୍ ରାଇଡିଂ କରୁଥିବା ଅଭିଯୋଗରେ ଧରାପଡ଼ିଥିଲେ।



ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସଡ଼କ ସୁରକ୍ଷା ଓ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ଏଭଳି ନାକା ଚେକିଂ ଅଭିଯାନ ଆଗାମୀ ଦିନରେ ମଧ ଜାରି ରହିବ। ସମସ୍ତ ଯାନଚାଳକଙ୍କୁ ନିୟମ ମାନି ଗାଡ଼ି ଚଳାଇବା ସହ ସଡ଼କ ସୁରକ୍ଷା ନିୟମ ପାଳନ କରିବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି।

# ଆକାଶବାଣୀ କେନ୍ଦ୍ରରେ ଅଗ୍ନିକାଣ୍ଡ

ପୁରୀ,୧୪।୩(ସମିସ): ଶୁକ୍ରବାର ବିଳମ୍ବିତ ରାତିରେ ପୁରୀ ଆକାଶବାଣୀ କେନ୍ଦ୍ରରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ତେବେ ଏହି ଅଗ୍ନିକାଣ୍ଡରେ କୌଣସି ଧନଜୀବନ ନଷ୍ଟ ହୋଇ ନ ଥିବା ସୂଚନା ମିଳିଛି। ପୁରୀ ଅଗ୍ନିଶମ ବିଭାଗର ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧୨ଟା ୨୦ ମିନିଟ୍ ସମୟରେ ପୁରୀ ଆକାଶବାଣୀ କେନ୍ଦ୍ରରେ ଅଗ୍ନିକାଣ୍ଡ ଘଟିଥିବା ନେଇ ଖବର ମିଳିଥିଲା। ଖବର ମିଳିବା ମାତ୍ରେ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିବାରେ ସକ୍ଷମ ହେଇଥିଲେ। ଘର ଭିତର ଧୂଆଁମୟ ହୋଇଯାଇଥିବା ହେତୁ ବିଭିନ୍ନ ଉପକରଣ ବ୍ୟବହାର କରାଯାଇ ନିଆଁକୁ ଆୟତ କରାଯାଇଥିଲା ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

■ ବେଳାଭୂମିରେ ବେଆଇନ ନିର୍ମାଣ

# ନୋଟିସ୍ ଦେଲା ପ୍ରଶାସନ; ଭାଙ୍ଗିବାକୁ ଦାବି କଲେ ବୁଦ୍ଧିଜୀବୀ

ପୁରୀ,୧୪।୩(ସମିସ): ପେଣ୍ଟକଟା ବେଳାଭୂମିରେ ବେଆଇନ ନିର୍ମାଣ ସମ୍ପର୍କରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ନିର୍ମାଣକାରୀଙ୍କୁ ନୋଟିସ୍ ଜାରି କରାଯାଇଛି। ସମୁଦ୍ର କୂଳଠାରୁ ମାତ୍ର କିଛି ଫୁଟ୍ ଦୂରତାରେ କଂକ୍ରିଟ ପିଲାର ନିର୍ମାଣକୁ ନେଇ ଓଡ଼ିଶା ଜମି ଜବରଦଖଲ ନିବାରଣ ଆଇନ (ଓପିଏଲ୍‌ଇଏ) ୧୯୭୨ ଅନୁଯାୟୀ ତହସିଲ୍‌ଦାର ନୋଟିସ୍ କରିଛନ୍ତି। ତେବେ ସିଆର୍‌ଜେଡ୍ ନିୟମର ଖୁଲମ୍‌ଖୁଲା ଉଲ୍ଲଘଂନ କରାଯାଇ ସ୍ଥାୟୀ ନିର୍ମାଣ ହୋଇଥିବାବେଳେ ଏହାକୁ ତୁରନ୍ତ ଭାଙ୍ଗିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

ସମୁଦ୍ର କୂଳରେ କୌଣସି କଂକ୍ରିଟ ନିର୍ମାଣ ବେଆଇନ ହୋଇଥିବାବେଳେ ମତ୍ସ୍ୟଜୀବୀମାନେ ସେମାନଙ୍କ ଜୀବନଜୀବିକା ପାଇଁ ଅର୍ଥାତ୍ ଜାଲ ଇତ୍ୟାଦି ମାଛଧରା ସାମଗ୍ରୀ ରଖିବା ଲାଗି ଅନୁମତି ନେଇ ଅସ୍ଥାୟୀ ସେଡ୍ କରିବା ପାଇଁ ନିୟମ ରହିଛି। ହେଲେ ସବୁ ନିୟମକୁ ଦଳିମକଚି ଅତି ସମ୍ବେଦନଶୀଳ ବେଳାଭୂମିରେ ଚାଲିଛି ବେଆଇନ ନିର୍ମାଣ। ପେଣ୍ଟକଟା ସମୁଦ୍ର ବେଳାଭୂମିରେ ଏହି ନିର୍ମାଣ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ସମୁଦ୍ର କୂଳଠାରୁ ମାତ୍ର କିଛି ଫୁଟ୍ ଦୂରତାରେ କଂକ୍ରିଟ ପିଲାର ନିର୍ମାଣ ହେଉଥିବାବେଳେ ପ୍ରଶାସନିକ କଳ ଚୁପ୍ ବସିଥିବାବେଳେ ଏହାକୁ ବୁଦ୍ଧିଜୀବୀ ବିରୋଧ କରିଥିଲେ। ଗଣମାଧ୍ୟମରେ ଖବର ପ୍ରକାଶ ପରେ ତହସିଲ୍ ପକ୍ଷରୁ ଏହାର ତଦନ୍ତ କରାଯାଇଥିଲା। ନିର୍ମାଣ ସମ୍ପୂର୍ଣ୍ଣ ବେଆଇନ ବୋଲି ଜାଣିବା ପରେ ଉଭୟ ତହସିଲ୍ ଓ ପିକେଡିଏ ପକ୍ଷରୁ ନୋଟିସ ଜାରି କରାଯାଇଛି।

ଏ ସମ୍ପର୍କରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ଏଭଳି କିଛି ବେଆଇନ ନିର୍ମାଣ ନେଇ ଅଭିଯୋଗ ଆସିଛି। ପିକେଡିଏ ପକ୍ଷରୁ ୬/୭ଟି ସଂଗଠନକୁ ନୋଟିସ୍ କରାଯାଇଛି। ନୋଟିସ୍‌ର ଉତ୍ତର ପାଇବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ତହସିଲ୍‌ଦାର ଅଭିଷେକ ଦାସ କହିଛନ୍ତି, ମତ୍ସ୍ୟଜୀବୀମାନେ ସେମାନଙ୍କ ଜୀବନ ଜୀବିକା ପାଇଁ ଅସ୍ଥାୟୀ ନିର୍ମାଣ କରିପାରିବେ। କିନ୍ତୁ ସ୍ଥାୟୀ ନିର୍ମାଣ କରାଯାଉଛି, ଯାହା ବେଆଇନ। ଆର୍‌ଆଇଙ୍କ ରିପୋର୍ଟ ପରେ ଆମେ ଏକ ମାମଲା କରିସାରିଛୁ। ଏହାର ତଦନ୍ତ କରାଯିବା ସହ ଯିଏ ଜବରଦଖଲ କରି ଏପରି ନିର୍ମାଣ କରୁଛନ୍ତି ତାଙ୍କୁ ନୋଟିସ୍ କରାଯାଇଛି। ଉତ୍ତର ମିଳିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷେ ସିଆର୍‌ଜେଡ୍ ନିୟମର ଉଲ୍ଲଂଘନ କରାଯାଇ ସମୁଦ୍ର କୂଳରେ କଂକ୍ରିଟ ନିର୍ମାଣ ହୋଇଥିବାବେଳେ ପ୍ରଶାସନିକ ଅଧିକାରୀ ବା ସଂସ୍ଥା ଚୁପ୍ ରହିବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ। ସହରର ବୁଦ୍ଧିଜୀବୀ ତଥା ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ଜାଣିଶୁଣି ପ୍ରଶାସନ ନୋଟିସ୍ ଦେଇ ଚୁପ୍ ହୋଇ ବସିପଡୁଛି। ଫଳରେ ବେଆଇନ ନିର୍ମାଣକାରୀ ଷ୍ଟେ ଅର୍ଡର ଆଣିବା ପାଇଁ ସମୟ ପାଉଛନ୍ତି। ଏହା ଅଧିକାରୀମାନଙ୍କ ଅପାରଗତା ନଚେତ୍ ସେମାନଙ୍କ ଅନିୟମିତତାକୁ ଦର୍ଶାଉଛି। ପୁରୀରେ ଏଭଳି ବେଆଇନ ନିର୍ମାଣ ଲଗାତାର ଭାବେ ଚାଲିଛି। ଏଭଳି ବେନିୟମ କାମ କରିବାକୁ ସେମାନେ କିପରି ସାହସ ପାଉଛନ୍ତି ବୋଲି ପ୍ରଶ୍ନ କରିବା ସହ ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେଇ ଏହାକୁ ଭାଙ୍ଗନ୍ତୁ ବୋଲି କହିଛନ୍ତି।

■ ଡକାୟତି ଯୋଜନା ପଣ୍ଡ

# ୬ ଗିରଫ; ଖଣ୍ଡା, ଛୁରି ଓ ବୋମା ଜବତ

ପୁରୀ,୧୪।୩(ସମିସ): ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି ବାସେଳିସାହି ଥାନା ପୁଲିସ। ଅଚାନକ ଚଢ଼ଉ କରି ୬ ଜଣଙ୍କୁ ଗିରଫ କରିଥିବାବେଳେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗନ୍ନାଥ ବସ୍ତି ପଣ୍ଡା ବଗିଚାର ମନୋଜ ପଣ୍ଡା (୨୫), ମାର୍କଣ୍ଡେଶ୍ୱର ସାହି ହରିଜନ ବସ୍ତିର ପିଣ୍ଟୁ ନାୟକ (୩୨), ବାସେଳିସାହି ଜଗନ୍ନାଥ ବସ୍ତିର ଜଡ଼ ବେହେରା (୩୨), ମିଶ୍ର ନୋଳିଆସାହିର ପ୍ରେମନାଥ ବେହେରା (୩୨) ଓ ଦୀପକ ବେହେରା (୩୧), ଥାନପତି ଲେନ୍‌ର ସଞ୍ଜୟ ଦାସ (୪୧)। ସୂଚନା ଅନୁଯାୟୀ, ଶନିବାର ପୂର୍ବାହ୍ଣ ପ୍ରାୟ ୧୦ଟା ସମୟରେ ବାସେଳିସାହି ପୁଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ମଶାଣିଚଣ୍ଡୀ ମନ୍ଦିର ପଛପାଶ୍ୱର୍ରେ ୬ ଜଣ ଅସାମାଜିକ ଯୁବକ ଏକାଠି ହୋଇ ଡକାୟତି ଯୋଜନା କରୁଥିବା ପୁଲିସ ପାଖରେ ବିଶେଷ ସୂତ୍ରରୁ ଖବର ପହଞ୍ଚିଥିଲା। ଏହାପରେ ପାଟ୍ରୋଲିଂରେ ଥିବା କର୍ମଚାରୀମାନେ ଘଟଣାସ୍ଥଳରେ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲେ। ସେମାନଙ୍କ ନିକଟରୁ ୨ଟି ଲୁହା ଖଣ୍ଡା, ୨ଟି ଲୁହା ରଡ୍, ଗୋଟିଏ ଛୁରି, ୨ଟି ବୋମା, ୫ଟି ଖାଲି ବିୟର ବୋତଲ, ଗୋଟିଏ ଦିଆସିଲି ଜବତ କରାଯାଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ. ୯୧/୨୬) ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।




## ଅର୍ଥ ବିଭାଗର ପ୍ରମୁଖ ସଚିବଙ୍କ ପୁରୀ ଗସ୍ତ

# ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା



ପୁରୀ,୧୪।୩(ସମିସ): ଶନିବାର ଅପରାହ୍ଣ ୩ଟା ୩୦ରେ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହଠାରେ ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରଶାସନର ସମସ୍ତ ଜିଲ୍ଲାସ୍ତରୀୟ ସରକାରୀ ଯୋଜନା କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ବୈଠକରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅଧ୍ୟକ୍ଷତା କରିଥିଲେ। ସର୍ବପ୍ରଥମେ ମୁଖ୍ୟ ଚିକିତ୍ସା ଅଧିକାରୀ ଅକ୍ଷୟ କୁମାର ଶତପଥୀ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ପାଇପ୍ ମାଧ୍ୟମରେ ବିଭିନ୍ନ ଗ୍ରାମକୁ ଜଳଯୋଗାଣ ସମ୍ପର୍କରେ ବିଭାଗୀୟ ଅଧିକାରୀ ତାଙ୍କର ମତ ରଖିଥିଲେ। ପୂର୍ତ୍ତ ବିଭାଗର ଯନ୍ତ୍ରୀଙ୍କୁ ଶ୍ରୀ ମିଶ୍ର ଜିଲ୍ଲାର ବିଭିନ୍ନ ସମ୍ପୂର୍ଣ୍ଣ ଓ ଅସମ୍ପୂର୍ଣ୍ଣ ରାସ୍ତାର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ନୂତନ ରେଳ ଲାଇନ୍ ଓ ଏରୋଡ୍ରମ ପଡ଼ିଆ ନିମନ୍ତେ ଆବଶ୍ୟକ ଥିବା ଜମିର ପରିମାଣ ସମ୍ବନ୍ଧରେ ଭୂ-ଅର୍ଜନ ଅଧିକାରୀଙ୍କଠାରୁ ଅବଗତ ହୋଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଜିଲ୍ଲାରେ ବ୍ଲକ୍ ଶିକ୍ଷାଧିକାରୀଙ୍କ ଅଭାବ ସମ୍ପର୍କରେ ଅବଗତ କରିଥିଲେ। ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର ୨୦୩୬ ମସିହା ତଥା ଆଗାମୀ ୧୦ ବର୍ଷ ମଧ୍ୟରେ ଓଡ଼ିଶା ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି କରିବା ସମ୍ବନ୍ଧରେ ସୂଚାଇଥିଲେ। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ପୌର ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସ୍‌ପି ଦେବୀ ଶଙ୍କର ପ୍ରତାପ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କୁମାର ପ୍ରଧାନ, ଜିଲ୍ଲା ଯୋଜନା ଏବଂ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଦେବାଶିଷ ମହାପାତ୍ର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତିଙ୍କ ସମେତ ଜିଲ୍ଲାର ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ମଧ ସଭାରେ ଉପସ୍ଥିତ ଥିଲେ।

# ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ: ୧୨,୨୯୧ ମୋକଦ୍ଦମାର ଫଇସଲା

## ୩,୬୭,୬୩,୮୩୭ ଟଙ୍କା ଜରିମାନା ଓ କ୍ଷତିପୂରଣ ବାବଦ ଆଦାୟ

ପୁରୀ,୧୪।୩(ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ପୁରୀ ସମେତ ନିମାପଡ଼ା, ପିପିଲି, କୋଣାର୍କ, କଣାସ, ବ୍ରହ୍ମଗିରି, ଅସ୍ତରଙ୍ଗ ଓ କାକଟପୁର କୋର୍ଟରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ଅଧ୍ୟକ୍ଷା ତଥା ଜିଲ୍ଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ପ୍ରାଧିକରଣର ଭାରପ୍ରାପ୍ତ ସଚିବ ସୋଭେନ୍ କାନୁନ୍‌ଗୋଙ୍କ ପରିଚାଳନାରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨,୨୯୧ଟି ମୋକଦ୍ଦମା ଫଇସଲା କରାଯିବା ସହ ଜରିମାନା ଓ କ୍ଷତିପୂରଣ ବାବଦରେ ୩ କୋଟି ୬୭ ଲକ୍ଷ ୬୩ ହଜାର ୮୩୭ ଟଙ୍କା ଆଦାୟ କରାଯାଇଛି। ଜିଲ୍ଲା ଓ ଦୌରାଜଜ୍ ଏହାକୁ ଉଦ୍‌ଘାଟନ କରିଥିବାବେଳେ ପରିବାର ଅଦାଲତ ବିଚାରପତି ସୁମିତା ଜେନା, ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ମିସ୍ ଚିନ୍ମୟୀ ଦେହୁରି, ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତି ପ୍ରଜ୍ଞା ପଣ୍ଡା, ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତି ସୋନାଲୀ ଅପରାଜିତା, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ପତିତପାବନ ପଣ୍ଡା, ଗ୍ରାମ ନ୍ୟାୟାଧିକାରୀ ସୋନାଲୀ ମହାନ୍ତି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ମିସ୍ ରୀତିକା ଗର୍ଗ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଅନିମେଷ ଜେନା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସୌରଭ ମହାପାତ୍ର, ଚେତନ ଲାଢା, ଶିବାନୀ ମହାପାତ୍ର, ନିଲିସା ପଟ୍ଟନାୟକ ମାମଲାଗୁଡ଼ିକର ବିଚାର କରିଥିଲେ। ଲୋକ ଅଦାଲତରେ ୫୦ଟି ମୋଟର ଦୁର୍ଘଟଣା ମାମଲା ବିଚାର କରାଯାଇ ୨କୋଟି ୮୯ ଲକ୍ଷ ୮୨ ହଜାର ଟଙ୍କା ଆଦାୟ କରାଯାଇଛି। ସେହିପରି ୩୬ଟି ଚେକ୍ ବାଉନ୍ସ ମାମଲା, ୬ଟି ମନି ରିକଭରୀ, ୩୨ଟି ମାଟ୍ରିମୋନିଆଲ, ୭୩ଟି ଅନ୍ୟାନ୍ୟ ସିଭିଲ ମୋକଦ୍ଦମା ଫଇସଲା କରାଯାଇଥିଲା। ଏହାଛଡ଼ା ୨୦୭ଟି ପ୍ରାକ୍ ମୋକଦ୍ଦମାର ଫଇସଲା କରାଯାଇ ବ୍ୟାଙ୍କ ଋଣ ବାବଦକୁ ୪୧ ଲକ୍ଷ ୭୦ ହଜାର ୧୩୦ ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ଜିଲ୍ଲା କାରାଗାରର କଏଦୀମାନଙ୍କ ଦ୍ୱାରା ତିଆରି କରାଯାଇଥିବା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକର ଷ୍ଟଲ୍ କୋର୍ଟ ପରିସରରେ ଆୟୋଜିତ ହୋଇଥିଲା।



## ଲୋକ ଅଧିକାର ଯାତ୍ରାକୁ ନାଗରିକ ସମ୍ବର୍ଦ୍ଧନା

# 'ପ୍ରାକୃତିକ ସମ୍ପଦ ଉପରେ ଲୋକଙ୍କ ଅଧିକାର ଅବହେଳିତ'

ପୁରୀ,୧୪।୩(ସମିସ): ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ଲୋକଙ୍କ ସାମ୍ବିଧାନିକ ଅଧିକାର ସୁନିଶ୍ଚିତ କରିବା ଲକ୍ଷ୍ୟରେ ଲୋକଶକ୍ତି ଅଭିଯାନ, ଜନ ଆନ୍ଦୋଳନମାନଙ୍କର ରାଷ୍ଟ୍ରୀୟ ସମନ୍ୱୟ ଓ ସେଣ୍ଟର ଫର୍ କ୍ଲାଇମେଟ୍ ଜଷ୍ଟିସ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁରରୁ ଆରମ୍ଭ ହୋଇଥିବା ଲୋକ ଅଧିକାର ଯାତ୍ରା ଶନିବାର ପୁରୀରେ ପହଞ୍ଚିଥିଲା। ଏହି ଅଭିଯାତ୍ରୀ ଦଳକୁ ଭକ୍ତ ସାଲବେଗ ସମ୍ମିଳନୀ କକ୍ଷରେ ସାମାଜିକ କର୍ମୀ ସ୍ୱାଧୀନ କୁମାର ପଣ୍ଡାଙ୍କ ସଂଯୋଜନାରେ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଂଗଠନ, ବୁଦ୍ଧିଜୀବୀ, ନାଗରିକ ମଞ୍ଚ ପକ୍ଷରୁ ସ୍ୱାଗତ ଜଣାଇ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଶିଷ୍ଟ ଗାନ୍ଧୀବାଦୀ ସ୍ତମ୍ଭକାର ଗୌରାଙ୍ଗ ଚରଣ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ପ୍ରାକୃତିକ ସମ୍ପଦ ସୁରକ୍ଷାର ପ୍ରାସଙ୍ଗିକତା ଓ ଲୋକ ଅଧିକାର ଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ଅଭିଯାତ୍ରୀମାନେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଗ୍ରୀନ୍ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା କହିଥିଲେ ଯେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନୀତିରେ ପ୍ରାକୃତିକ ସମ୍ପଦ ଉପରେ ଲୋକଙ୍କ ଅଧିକାର ଅବହେଳିତ ହେଉଛି ଏବଂ କର୍ପୋରେଟ୍ ସ୍ୱାର୍ଥକୁ ପ୍ରାଧାନ୍ୟ ଦିଆଯାଉଛି। ଏହା ଫଳରେ ଚାଷୀ, ଆଦିବାସୀ ଓ ଶ୍ରମଜୀବୀ ଲୋକଙ୍କ ଜୀବନ ଜୀବିକା ଗୁରୁତର ସଙ୍କଟରେ ପଡୁଛି। ତେଣୁ ପ୍ରାକୃତିକ ସମ୍ପଦ ସୁରକ୍ଷା ଓ ସାମାଜିକ ନ୍ୟାୟ ପାଇଁ ସରକାରଙ୍କ ନୀତିରେ ବ୍ୟାପକ ପରିବର୍ତ୍ତନ ଆଣିବା ଆବଶ୍ୟକ।




ସଙ୍କଟରେ ଚାଷୀ, ଆଦିବାସୀ ଓ ଶ୍ରମଜୀବୀଙ୍କ ଜୀବନ ଜୀବିକା

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗ୍ରୀନ୍ ନୋବେଲ ବିଜେତା ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାଙ୍କ ନେତୃତ୍ୱ ଓ ଗାନ୍ଧୀବାଦୀ ନେତା ଡ. ବିଶ୍ୱଜିତ୍‌ଙ୍କ ସଂଯୋଜନାରେ ଆୟୋଜିତ ଏହି ଯାତ୍ରାରେ ଜନଆନ୍ଦୋଳନ ନେତା ନରେନ୍ଦ୍ର ମହାନ୍ତି, ଆଦିବାସୀ ନେତା ନାଚିକା ଲିଙ୍ଗା, କାଶୀପୁରର ଯୁବନେତା ଲକ୍ଷ୍ମଣ ନାୟକ, ନିୟମଗିରି ଆନ୍ଦୋଳନର ନେତା ସୁରେଶ ସଂଗ୍ରାମ, ଉପେନ୍ଦ୍ର ଦ୍ରାବିଡ଼, କୃଷ୍ଣ ସିକ୍‌କା ଓ ସ୍ୱାବୁ ସିକ୍‌କା, ଗବେଷକ ସର୍ବେଶ୍ୱର ସାହୁ, ଯୁବ ସାମ୍ବାଦିକ ସୁକାନ୍ତ ପ୍ରଧାନ, ଚାଷୀ ନେତା ସୀମାଞ୍ଚଳ ନାହାକ ପ୍ରମୁଖ ସାମିଲ୍ ଅଛନ୍ତି। ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ଇଂ. ରାଜେଶ ମିଶ୍ର ଅଭିଯାତ୍ରୀ ଦଳକୁ ପାଛୋଟି ନେଇଥିବାବେଳେ ସାମାଜିକ କର୍ମୀ ଅମରେନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ଚକ୍ରଧର ମହାପାତ୍ର, ଜଗନ୍ନାଥ ଦେଓ, ବିଦ୍ୟୁଲତା ଆଚାର୍ଯ୍ୟ, ହରିଶଙ୍କର ମିଶ୍ର, ସୂର୍ଯ୍ୟ ରଥ, କିଷାନ ପଟ୍ଟନାୟକ, ସୁରେନ୍ଦ୍ର ତାପସ୍ମ, ଦେବୀ ପ୍ରସାଦ ମିଶ୍ର, ଦେବରାଜ ଦାସ, ସୁମିତ୍ରା ବାରିକ, ଜ୍ୟୋତି ବିଶ୍ୱାଳ, ପ୍ରଶାନ୍ତ ନାୟକ, କ୍ଷୀରୋଦ ଦାଶ, ସୀତାକାନ୍ତ ମହାନ୍ତି, ଟୁନା ନାୟକ ପ୍ରମୁଖ ଉପସ୍ଥିତ ରହି ନିଜ ମତ ରଖିଥିଲେ। ଏହି ଯାତ୍ରା ଆସନ୍ତା ୨୯ରେ ବୀର ଲକ୍ଷ୍ମଣ ନାୟକଙ୍କ ସହିଦ ଦିବସ ଅବସରରେ ଭୁବନେଶ୍ୱରର ମହାତ୍ମା ଗାନ୍ଧୀ ମାର୍ଗରେ ଆୟୋଜିତ ପ୍ରାକୃତିକ ସୁରକ୍ଷା ସମାବେଶରେ ଉଦ୍‌ଯାପିତ ହେବ। ଏହି ଲୋକ ଅଧିକାର ଯାତ୍ରା ପ୍ରାକୃତିକ ସମ୍ପଦ, ଜଳ-ଜମି-ଜଙ୍ଗଲର ସୁରକ୍ଷା ସହିତ ଲୋକମାନଙ୍କ ଜୀବନଜୀବିକା ଓ ସାମାଜିକ ନ୍ୟାୟ ପାଇଁ ଏକ ସୁଦୃଢ଼ ଜନଆନ୍ଦୋଳନର ରୂପ।

ସକାଳ
THE SAKALA



## ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇ ୨ ଗିରଫ



ତୁରୁମୁଙ୍ଗା, ୧୪।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଧୀନ ପୋଇପାଣି ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ଶନିବାର ବନ ବିଭାଗ ଦୁଇ ଜଣଙ୍କୁ ଗିରଫ କରିଛି। ଜଙ୍ଗଲ ସୁରକ୍ଷା ଅଭିଯାନ ସମୟରେ ବନ କର୍ମଚାରୀମାନେ ଏହି କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଗୋପପୁର ଗ୍ରାମର କୃଷ୍ଣଚନ୍ଦ୍ର ନାୟକ ଓ ବାସୁଦେବ ନାୟକ। ସେମାନେ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ନିଆଁ ଲଗାଉଥିବା ବେଳେ ପୋଇପାଣି ବନରକ୍ଷୀ ରାଜେଶ ଜେନା ଚଢ଼ଉ କରି ଧରିଥିଲେ। ଗୋଟିଏ ମାଚିସ ଓ ଗୋଟିଏ ଟାଙ୍ଗିଆ ଜବତ କରାଯାଇଥିବା ବେଳେ ଘଟଣାକୁ ନେଇ ବନ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ବନପାଳ ନିରଞ୍ଜନ ସେଠୀ କହିଛନ୍ତି। ଜଙ୍ଗଲ ଅଞ୍ଚଳରେ ନିଆଁ ଲଗାଇବା ଫଳରେ ବନ୍ୟପ୍ରାଣୀ ଓ ପରିବେଶ ପ୍ରତି ଗୁରୁତର ବିପଦ ସୃଷ୍ଟି ହେଉଥିବାରୁ ବନ ବିଭାଗ ପକ୍ଷରୁ ନଜର ରଖାଯାଇଛି।

## ହାଟଡ଼ିହୀରେ ନାହାଁନ୍ତି ସ୍ଥାୟୀ ତହସିଲଦାର

### ● ସମସ୍ୟା ଭୋଗୁଛନ୍ତି ଲୋକ

ହାଟଡ଼ିହୀ,୧୪।୩(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ତହସିଲ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ସ୍ଥାୟୀ ତହସିଲଦାର ନଥିବାରୁ ସାଧାରଣ ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖାଯାଉଛି। ବର୍ତ୍ତମାନ ଆନନ୍ଦପୁର ତହସିଲର ଅତିରିକ୍ତ ତହସିଲଦାର ମନୋଜ କେରକେଟ୍ଟା ଅସ୍ଥାୟୀ ଭାବେ ହାଟଡ଼ିହୀ ତହସିଲ କାର୍ଯ୍ୟାଳୟ ଦାୟିତ୍ୱରେ ରହିଛନ୍ତି। ଏହାସହିତ ହାଟଡ଼ିହୀ ଉପନିବନ୍ଧକ (ସବ୍‌ରେଜିଷ୍ଟ୍ରାର) କାର୍ଯ୍ୟାଳୟ ପାଇଁ ମଧ୍ୟ କୌଣସି ସ୍ୱତନ୍ତ୍ର ସବ୍‌ରେଜିଷ୍ଟ୍ରାର ନଥିବାରୁ ତହସିଲଦାରଙ୍କୁ ଏହି ଦାୟିତ୍ୱ ମଧ୍ୟ ପାଳନ କରିବାକୁ ପଡୁଛି। ଫଳସ୍ୱରୂପ ଜମି ରେଜିଷ୍ଟ୍ରି ସମ୍ବନ୍ଧୀୟ କାମଗୁଡ଼ିକ ସଠିକ୍ ସମୟରେ ସମ୍ପନ୍ନ ହୋଇପାରୁନାହିଁ। ବିଶେଷକରି କବଲା (ଜମି ରେଜିଷ୍ଟ୍ରି) କାମ ଦୀର୍ଘଦିନ ଧରି ଅଟକି ରହିଥିବାରୁ ଲୋକମାନେ ବହୁତ ଅସୁବିଧାରେ ପଡୁଛନ୍ତି। ଲୋକମାନେ ଅନଲାଇନ୍‌ରେ କବଲା ପାଇଁ ବାରମ୍ବାର ସ୍ଲଟ ବୁକିଂ କରୁଥିଲେ ମଧ୍ୟ କାମ ସଫଳ ହେଉ ନଥିବାରୁ ସେମାନେ ଅଯଥାରେ ଅର୍ଥ ଓ ସମୟ ଖର୍ଚ୍ଚ କରି ନିରାଶ ହେଉଛନ୍ତି। ହାଟଡ଼ିହୀ ତହସିଲ କାର୍ଯ୍ୟାଳୟ ପାଇଁ ଜଣେ ସ୍ଥାୟୀ ତହସିଲଦାର ଓ ସ୍ୱତନ୍ତ୍ର ସବ୍‌ରେଜିଷ୍ଟ୍ରାର ନିଯୁକ୍ତ କରିବାକୁ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି, ଯାହାଦ୍ୱାରା ସାଧାରଣ ଲୋକଙ୍କର କବଲା ଓ ଜମିଜମା ସମ୍ପର୍କିତ ତହସିଲ କାର୍ଯ୍ୟ ଠିକ୍ ସମୟରେ ହୋଇପାରିବ।

## ଡ୍ରୋନ୍ ସର୍ଭେରେ ଚିହ୍ନଟ ହେଲା ଜଙ୍ଗଲ ନିଆଁ



ତୁରୁମୁଙ୍ଗା,୧୪।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଧୀନ ପାଟଣା ସେକ୍ସନର ତୋଣ୍ଡ ବିଟ୍ ଅଟେଇ ସଂରକ୍ଷିତ ଜଙ୍ଗଲରେ ଶୁକ୍ରବାର ବିଳମ୍ବିତ ରାତିରେ ଲାଗିଥିବା ନିଆଁକୁ ଡ୍ରୋନ ସର୍ଭେ ମାଧ୍ୟମରେ ଚିହ୍ନଟ କରାଯାଇ ସଫଳତାର ସହ ନିଆଁକୁ ଆୟତ୍ତ କରିଛି ବନବିଭାଗ। ବନ ବିଭାଗ ପକ୍ଷରୁ ଆଧୁନିକ ପ୍ରଯୁକ୍ତିର ବ୍ୟବହାର କରାଯାଇ ଡ୍ରୋନ ମାଧ୍ୟମରେ ଜଙ୍ଗଲ ଅଞ୍ଚଳରେ ନିଆଁର ସ୍ଥାନ ଚିହ୍ନଟ କରାଯାଇଥିଲା। ପରେ ବନ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ବ୍ଲୋଅର ମେସିନ୍ ସାହାଯ୍ୟରେ ନିଆଁକୁ ନିୟନ୍ତ୍ରଣ କରି ଲିଭାଇଥିଲେ। ଏହି ଅଭିଯାନରେ ପାଟଣା ବନପାଳ ନିରଞ୍ଜନ ସେଠୀଙ୍କ ନେତୃତ୍ୱରେ କେନ୍ଦୁଝର ବନଖଣ୍ଡର ଭୌଗଳିକ ସୂଚନା କେନ୍ଦ୍ରର ନିହାର ରଞ୍ଜନ ଦାସ ଓ ଅଗ୍ନି ନିର୍ବାପକ ଦଳ ସହଯୋଗ କରିଥିଲେ। ତୁରନ୍ତ ପଦକ୍ଷେପ ଫଳରେ ବଡ଼ଧରଣର ଜଙ୍ଗଲ ଅଗ୍ନିକାଣ୍ଡ ଓ ବନ୍ୟପ୍ରାଣୀ କ୍ଷତି ରୋକାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ପୁଣି ବିଚ୍ଛିନ୍ନ ହେବ ପାଞ୍ଚ ପଞ୍ଚାୟତ!

### କଚ୍ଛପ ଗତିରେ ହନୁମନ୍ତିଆ ପୋଲ ନିର୍ମାଣ କାର୍ଯ୍ୟ

ତେଲକୋଇ, ୧୪।୩(ସମିସ):



ତେଲକୋଇ କୁନ୍ତଳା ପୂର୍ତ୍ତ ରାସ୍ତାର ହନୁ ମନ୍ତିଆ ନାଳ ଉପରେ ନୂତନ ପୋଲ ନିର୍ମାଣ ହେଉଥିବା ବେଳେ ନିର୍ମାଣ କାର୍ଯ୍ୟ ବହୁ ବିଳମ୍ବ ଓ ମନ୍ଥର ଗତିରେ ହେଉଥିବା ଅଭିଯୋଗ ହୋଇଛି। ଚଳିତ ଗ୍ରୀଷ୍ମ ମଧ୍ୟରେ ପୋଲ କାର୍ଯ୍ୟ ନ ସରିଲେ ବର୍ଷା ଋତୁରେ ଲୋକେ ବହୁ ହୀନସ୍ତା ହେବା ଆଶଙ୍କା କରାଯାଉଛି। ଡାଇଭରସନ ରାସ୍ତା ଅତି ନିମ୍ନମାନର ଓ କମ୍ ଉଚ୍ଚତା ବିଶିଷ୍ଟ ହୋଇଥିବାରୁ ବର୍ଷା ଦିନରେ ତାହା ଧୋଇ ହୋଇଯିବା ଜଳ ଜଳ ଦେଖାଯାଉଛି। କାରଣ ପ୍ରତି ବର୍ଷ ବର୍ଷା ଋତୁରେ ପୁରୁଣା ପୋଲ ଉପରେ ୫ ଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହୋଇଥାଏ। ତେବେ ନିର୍ମାଣାଧୀନ ଡାଇଭର୍ସନ ରାସ୍ତା ଧୋଇ ହୋଇଗଲେ ତେଲକୋଇ ଅଞ୍ଚଳ ବିଚ୍ଛିନ୍ନ ହେବା ସହିତ ଲୋକେ ଦୁର୍ଦ୍ଦଶା ଭୋଗିବା ସୁନିଶ୍ଚିତ ବୋଲି ମତପ୍ରକାଶ ପାଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବର୍ତ୍ତମାନ ମାର୍ଚ୍ଚ ମାସ ଅଧାପନ୍ତରିଆ ହୋଇସାରିଥିବା ବେଳେ ଆଉ ଦୁଇ ମାସ ପରେ ଅର୍ଥାତ୍ ଜୁନ ମାସ ଶେଷ ସୁଦ୍ଧା ବର୍ଷା ଆରମ୍ଭ ହୋଇଯିବ। ଉକ୍ତ ନାଳରେ ଜଳସ୍ରୋତ ପ୍ରଖର ହେବା ସହିତ ଜଳସ୍ତର ମଧ୍ୟ ବୃଦ୍ଧି ପାଇଥାଏ। ବର୍ତ୍ତମାନ ସୁଦ୍ଧା ପୁରୁଣା ପୋଲକୁ ଭଙ୍ଗାଯାଉଛି। ନୂତନ ପୋଲ ନିର୍ମାଣ ପାଇଁ ଖୋଳାଖୋଳି ମଧ୍ୟ ହୋଇନାହିଁ। ଫଳରେ ଆଗାମୀ ଦୁଇ ତିନି ମାସ ମଧ୍ୟରେ ପୋଲ ନିର୍ମାଣ କାର୍ଯ୍ୟ ସରିବା ଆଶଙ୍କା ସୃଷ୍ଟି ହୋଇଛି। ଏପରିସ୍ଥଳେ ଆହୁରି ଦୁଇ ମାସ ପୂର୍ବରୁ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ଭଲ ହୋଇଥାଆନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଅନ୍ୟପଟେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ହେତୁ ତେଲକୋଇବାସୀ ଗତ ବର୍ଷ ଭଳି ବାଉଁଶ ଯୋରା ପୋଲର କଷ୍ଟ ଭୋଗିବେ ବୋଲି ଅଭିଯୋଗ ହୋଇଛି।

ପ୍ରକାଶ ଥାଉକି, ୨୦୨୪/୨୫ ବର୍ଷରେ ଲୋକନାଥପୁର ନିକଟ ବାଉଁଶଯୋରା ପୋଲ ନିର୍ମାଣ ଆରମ୍ଭ ହୋଇଥିଲା। ସଠିକ୍ ସମୟରେ ନିର୍ମାଣ କାର୍ଯ୍ୟ ନ ସରିବାରୁ ବର୍ଷା ଦିନେ ସଂପୃକ୍ତ ପୋଲର ଡାଇଭରସନ ରାସ୍ତା ଧୋଇ ହୋଇଗଲା। ଯୋଗାଯୋଗ ବିଚ୍ଛିନ୍ନ ହେବା ସହିତ ଲୋକେ ଦୀର୍ଘ ଏକ ମାସ ଦୁର୍ଦ୍ଦଶା ଭୋଗିଥିଲେ। ଗମନାଗମନ ପାଇଁ ଲୋକେ ବିକଳ୍ପ ରାସ୍ତାରେ ଦୀର୍ଘ କିମି ରାସ୍ତା ବୁଲି ବୁଲି ଯାଉଥିଲେ। ଚଳିତ ବର୍ଷ ପୁଣି ଏହି ସମସ୍ୟା ଉପୁଜିଲେ ବ୍ଲକର ୪ରୁ ୫ଟି ପଞ୍ଚାୟତ ମୁଖ୍ୟାଳୟରୁ ବିଚ୍ଛିନ୍ନ ହେବା ସହିତ ଲୋକଙ୍କ ଭେଳା ବୁଡ଼ିବା ଆଶଙ୍କା କରାଯାଉଛି। ଅଞ୍ଚଳବାସୀଙ୍କ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ବର୍ଷା ଋତୁ ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଦାବି ହୋଇଛି।

## ନାବାଳିକାଙ୍କୁ ଦୁଷ୍କର୍ମ: ଅଭିଯୁକ୍ତ ଅଟକ

ତୁରୁମୁଙ୍ଗା, ୧୪।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନାଞ୍ଚଳରେ ଜଣେ ଆଦିବାସୀ ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ଘଟଣାକୁ ଗୁରୁତ୍ୱର ସହ ନେଇ ପାଟଣା ପୁଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଘରେ ନାବାଳିକାଙ୍କୁ ଯୁବକ ଜଣଙ୍କ ଏକୁଟିଆ ପାଇ ଅସଦାଚରଣ କରିବା ସହ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପରେ ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣି ପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ତୁରନ୍ତ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖିଛି। ନାବାଳିକାର ଡାକ୍ତରୀ ମାଇନା ପାଇଁ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ, ଘଟଣାର ସତ୍ୟତା ନେଇ ପୁଲିସ ତଦନ୍ତ ଜାରି ରଖିଛି। ପାଟଣା ଥାନାଧିକାରୀ କିରଣ ସାହୁ ମାମଲା ରୁଜୁ କରି ତଦନ୍ତ କରାଯାଉଥିବା କହିଛନ୍ତି।

## କେନ୍ଦୁଝର ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ



କେନ୍ଦୁଝର/ଚମ୍ପୁଆ, ୧୪।୩(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଜିଲ୍ଲା କୋର୍ଟ ସମେତ ଆନନ୍ଦପୁର ଓ ଚମ୍ପୁଆର ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ, ବଡବିଲ,ହାଟଡିହୀ, ତେଲକୋଇ ଓ ଘଟଗାଁ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି କୋର୍ଟଗୁଡିକରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛିଫ ଏହି ଲୋକ ଅଦାଲତରେ ସମୁଦାୟ ୫୨୯୨ଟି ମକଦ୍ଦମା ସମାଧାନ କରାଯାଇ ୧୩ କୋଟି ୩୭ ଲକ୍ଷ ୮୬ ହଜାର ୭୩୪ ଟଙ୍କା ଆଦାୟ ହୋଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଜଜ୍ କୋର୍ଟ ପରିସରରେ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଗୋପାଳଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ପରିବାର ଅଦାଲତର ବିଚାରପତି ଇତିଶ୍ରୀ ମହାପାତ୍ର, ଅତିରିକ୍ତ ଜିଲ୍ଲା ଜଜ୍ ମମିତା ଦାସ, ଅଧ୍ୟକ୍ଷ ସ୍ଥାୟୀ ଲୋକ ଅଦାଲତ ବିଚାରପତି ଇ. ବିଘ୍ନେଶ୍ୱର ରାଓ, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ମହିଳା କୋର୍ଟ ବିଚାରପତି ନେହା ଦାସ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା କୁମାରୀ ଦାସ ନିଜ ନିଜ କୋର୍ଟଗୁଡିକରେ ମକଦ୍ଦମା ପରିଚାଳନା କରିଥିଲେ। ପ୍ରାଧିକରଣର ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ସମସ୍ତ କୋର୍ଟ ପରିଚାଳନା ଭାର ସମେତ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର କାର୍ଯ୍ୟଭାର ସମ୍ଭାଳିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାକ୍ ବ୍ୟାଙ୍କ ମକଦ୍ଦମା ୫୮ଟି ମାମଲାର ସମାଧାନ ହୋଇ ୩୪ ଲକ୍ଷ ୪୨ ହଜାର ୭୨୨ ଟଙ୍କା, ମଟରଯାନ ଦୁର୍ଘଟଣା ୫୧ଟି ମାମଲା ସମାଧାନ ହୋଇ ୪ କୋଟି ୭୪ ଲକ୍ଷ ୫୦୦୦ ଟଙ୍କା, ପ୍ରାକ୍ ବିଏସ୍‌ଏନ୍‌ଏଲ୍ ମକଦ୍ଦମା ୯ଟି ମାମଲାର ସମାଧାନ ହୋଇ ୧୮ ହଜାର ୮୩୯ ଟଙ୍କା, ରାଜସ୍ୱ ମକଦ୍ଦମା ୪୯୨୬ ଟି ମାମଲାର ସମାଧାନ ହୋଇ ୭ ଲକ୍ଷ ୮୪ ହଜାର ୮୩୨ ଟଙ୍କା ୮୦ ପଇସା, ଦେୱାନୀ ମକଦ୍ଦମା ୫୯ଟି ମାମଲାର ସମାଧାନ ହୋଇ ୫ କୋଟି ୫ ଲକ୍ଷ ୭୨ ହଜାର ୫୫୩ ଟଙ୍କା ୩୪ ପଇସା, ଫୌଜଦାରୀ ମକଦ୍ଦମା ୧୩୬ଟି ମାମଲାର ସମାଧାନ ହୋଇ ୩ କୋଟି ୩ ଲକ୍ଷ ୮୩ ହଜାର ୯୫୦ ଟଙ୍କା ଆଦାୟ ହୋଇଥିଲା। ପ୍ରାକ୍ ଲୋକ ଉପଯୋଗୀ ସେବା ୪୦ଟି ସମାଧାନ ହୋଇ ୧୧ ଲକ୍ଷ ୪୫ ହଜାର ଟଙ୍କା ଆଦାୟ ହୋଇଥିଲା। ପାରିବାରିକ ୧୧ଟି ମାମଲା ଫଇସଲା ହୋଇ ୨୪ ହଜାର ଟଙ୍କା ଆଦାୟ ହୋଇଥିଲା। ଖାଉଟି ବିଭାଗର ୨ଟି ମକଦ୍ଦମା ଫଇସଲା ହୋଇ ୯ ହଜାର ୮୩୭ ଟଙ୍କା ଆଦାୟ ହୋଇଥିଲା। କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରାୟ, ଆସିଷ୍ଟାଣ୍ଟ ନାଜିର ନିର୍ମଳ ନାୟକ, ଆଇନସେବା ପ୍ରାଧିକରଣର ପ୍ୟାନେଲ ଅଧିବକ୍ତା ପଦ୍ମଲୋଚନ ବାରିକ,ଅର୍ଚ୍ଚନା ଦାସ, ସୁନିଲ ମହାନ୍ତ, ହାଡିବନ୍ଧୁ ମିଶ୍ର, କୃଷ୍ଣପ୍ରିୟା ସେଠୀ, ପୂର୍ଣ୍ଣଚନ୍ଦ୍ର ରାଜ, ରେଣୁଦେବୀ ସିଂ, ପ୍ରାଧିକରଣର କର୍ମୀ ସତ୍ୟରଞ୍ଜନ ଦାସ, ସ୍ନେହଲତା ବାସ୍କେ, ଦେବବ୍ରତ ଦାସ, ଶିଶିର ସାହୁ ସହଯୋଗ କରିଥିଲେ।

ସେହିପରି କୋର୍ଟ ପରିସରରେ ତାଲୁକ୍ ଆଇନ୍ ସେବା କମିଟି ପକ୍ଷରୁ ଚଳିତ ବର୍ଷର ୧ମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ୍ ଆଇନ୍ ସେବା କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଣୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ସବଜଜ୍ ଜିତେନ୍ଦ୍ର ଦାସ, ଏସ୍‌ଡିଜେଏମ୍ ଦୀପକ ସାଠୁଆ, ଜେଏମ୍‌ଏଫ୍‌ସି ସୁସ୍ମିତା ମିଶ୍ର ଏବଂ କୋର୍ଟର କର୍ମଚାରୀମାନେ ଉପସ୍ଥିତ ଥିଲେ। କୋର୍ଟରେ ବିଚାରଧୀନ ଥିବା ୧ଟି ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ କେସ୍ ବାବଦକୁ ୧୫ ଲକ୍ଷ ୮୦ ହଜାର ଟଙ୍କା ପକ୍ଷ ମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ସେହିପରି ସର୍ବମୋଟ ୯୯ଟି ମାମଲାରୁ ୨୪ଟି ମାମଲାର ଫଏସଲା କରାଯାଇ ୪୮ ଲକ୍ଷ ୭୭ ହଜାର ୨ ଶହ ୨୩ ଟଙ୍କା ୨୩ ପଇସା ଆଦାୟ କରାଯାଇଛି। ଏହି କାର୍ଯ୍ୟକ୍ରମକୁ କମିଟିର ସହକାରୀ ଅବଦୁଲ ସୁରଜ୍ ଖାନ୍ ପରିଚାଳନା କରିଥିଲେ।

## ୨୭ରୁ ସେନାବାହିନୀ ପକ୍ଷରୁ ତିନିଦିନିଆ ଆଦର୍ଶ ସ୍ୱାସ୍ଥ୍ୟ ଶିବିର



### ଉଚ୍ଚସ୍ତରୀୟ ସମନ୍ୱୟ ଓ ପ୍ରସ୍ତୁତି ବୈଠକ

କେନ୍ଦୁଝର/ଆନନ୍ଦପୁର, ୧୪।୩(ସମିସ): କେନ୍ଦୁଝର ଜିଲ୍ଲାରେ ପୂର୍ବତନ ସେନା କର୍ମଚାରୀ, ବୀର ନାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କ ପାଇଁ ଏକ ବୃହତ ଆଦର୍ଶ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେବାକୁ ଯାଉଛି। ଚଳିତ ମାର୍ଚ୍ଚ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେନାବାହିନୀର ଏକ ପ୍ରତିନିଧି ଦଳ ଜିଲ୍ଲା ମୁଖ୍ୟାଳୟ ପରିଦର୍ଶନ କରିବା ପରେ ଧରଣୀଧର ବିଶ୍ୱବିଦ୍ୟାଳୟ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରକୁ ଶିବିର ପାଇଁ ଚୟନ କରିଛନ୍ତି। ଏହି ସ୍ଥାନଟି ୧୪ ନମ୍ବର ଓଡ଼ିଶା ଏନସିସି ବାଟାଲିୟନ ନିକଟରେ ଥିବାରୁ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସୁଥିବା ହିତାଧିକାରୀଙ୍କ ପାଇଁ ଯାତାୟାତ ସୁବିଧାଜନକ ହୋଇଥିବାରୁ ଏହାକୁ ସ୍ଥିର କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସେନା ପ୍ରାକ୍ତନ କର୍ମଚାରୀ ଓ ସେମାନଙ୍କ ପରିବାରକୁ ଶିବିର ସ୍ଥାନକୁ ଆଣିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଜରିଆରେ ସରକାରୀ ବସର ବ୍ୟବସ୍ଥା କରାଯିବ। ଜିଲ୍ଲା ସୈନିକ କଲ୍ୟାଣ ଅଧିକାରୀ ଏହି କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିବେ। ଏହି ମେଡିକାଲ କ୍ୟାମ୍ପର କିଛି ମୁଖ୍ୟ ଲକ୍ଷ୍ୟ ହେଲା ସେନା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ବୀମା ପଞ୍ଜୀକରଣ ବୃଦ୍ଧି, ପେନସନ ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ, ବୀର ନାରୀ ଓ ସେନା ବିଧବାମାନଙ୍କ ସୁବିଧା ଅସୁବିଧା ବୁଝିବା, ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବିଷୟରେ ସଚେତନତା କରିବା ଆଦି ରହିଛି। ଏହି ପଦକ୍ଷେପ ଦ୍ୱାରା ଜିଲ୍ଲାରେ ସାମରିକ ଓ ବେସାମରିକ ସମନ୍ୱୟ ଅଧିକ ସୁଦୃଢ଼ ହେବ ବୋଲି ପ୍ରଶାସନ ପକ୍ଷରୁ ଆଶା ପ୍ରକାଶ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କ୍ଷୁଦ୍ର ସମ୍ମିଳନୀ କକ୍ଷରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଲେଫ୍ଟନାଣ୍ଟ କର୍ଣ୍ଣଲ ମୟୂର ଘାର୍ଗେ, ଲେଫ୍ଟନାଣ୍ଟ କର୍ଣ୍ଣଲ ସନ୍ତୋଷ ପଣ୍ଡା, ଡେପୁଟି କଲେକ୍ଟର, ଶ୍ୱେତଲିନା ସାହୁ, ସୁବେଦାର ମେଜର ଚନ୍ଦ୍ରମଣି ଦଳେଇ, ସୁବେଦାର ମେଜର ସୁଧାଂଶୁ ଶେଖର ମହାକୁଡ଼, ଡାକ୍ତର ପ୍ରଦୀପ ମିଶ୍ର, ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଂଜନ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁଦର୍ଶନ ଗାଙ୍ଗଇ, ୱାରେଣ୍ଟ ଅଫିସର ସନ୍ତୋଷ ତ୍ରିପାଠୀ ଓ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ନାଏକ ଉପସ୍ଥିତ ଥିଲେ। ଶିବିରରେ ଯୋଗଦେଇ ବିଶେଷଜ୍ଞ ଚିକିତ୍ସକଙ୍କ ନିକଟରୁ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ପରାମର୍ଶ ନେବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

ସେହିପରି ଏହି ସ୍ୱାସ୍ଥ୍ୟ ଶିବିର ପରିଚାଳନା ପରିପ୍ରେକ୍ଷୀରେ ପୂର୍ବତନ ସୈନିକ ସଂଘ କେନ୍ଦୁଝର ଜିଲ୍ଲାସ୍ତରୀୟ ସମାବେଶ ସୈନିକ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଘ ଉପସଭାପତି ଚନ୍ଦ୍ରମଣି ଦଳେଇଙ୍କ ସଂଯୋଜନାରେ ସମ୍ପାଦକ ସନ୍ତୋଷ ତ୍ରିପାଠୀ ସମସ୍ତ ସଦସ୍ୟ ଓ ଅତିଥିଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଷ୍ଟେସନ ହେଡକ୍ୱାଟର ମୁଖ୍ୟ କର୍ନଲ ସନ୍ତୋଷ ପଣ୍ଡା ଯୋଗ ଦେଇଥିଲେ। ଏହି ସମାବେଶରେ କେନ୍ଦୁଝର ଚମ୍ପୁଆ ଆନନ୍ଦପୁର ଘଟଗାଁ ଢେଙ୍କିକୋଟ ଶୁକ୍ଳି ତେଲକୋଇ ସଂଘର କର୍ମକର୍ତ୍ତା ଓ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଆନନ୍ଦପୁର ସଂଘ ସଭାପତି ତ୍ରିଲୋଚନ ଦାଶ ମୁରଲୀଧର ମିଶ୍ର ଗଗନ ସିଂହ ଜଗବନ୍ଧୁ ଜେନା ଶ୍ରୀକାନ୍ତ ବାରିକ ହାଡିବନ୍ଧୁ ସାହୁ ଶାନ୍ତନୁ ଶତପଥୀ ରବୀନ୍ଦ୍ର ରାଉତଙ୍କ ସମେତ ଶତାଧିକ ପୂର୍ବତନ ସୈନିକ ଯୋଗଦେଇଥିଲେ। ବଳଭଦ୍ର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନନ୍ଦପୁର ମହୋତ୍ସବ ପାଇଁ ଲେଖା ଆବଶ୍ୟକ

ଆନନ୍ଦପୁର, ୧୪।୩(ସମିସ): ଆନନ୍ଦପୁର ମହୋତ୍ସବ ୨୦୨୬ ପାଇଁ ଲେଖା ଆବଶ୍ୟକ ବୋଲି ଉପଜିଲ୍ଲାପାଳ ଅନୁରୋଧ କରିଛନ୍ତି। ଆନନ୍ଦପୁର ମହୋତ୍ସବ ଆସନ୍ତା ଏପ୍ରିଲ୍ ୭ ତାରିଖଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମହୋତ୍ସବ ସ୍ମରଣିକା ପାଇଁ କେନ୍ଦୁଝର ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି, ଉପରେ ଲେଖା ମୁଖ୍ୟତଃ ହୋଇଥିବା ଆବଶ୍ୟକ। ଆସନ୍ତା ମାର୍ଚ୍ଚ ୨୦ ତାରିଖ ସୁଦ୍ଧା ଉପଜିଲ୍ଲାପାଳ ଆନନ୍ଦପୁର କାର୍ଯ୍ୟାଳୟରେ ଦେବା ସହ ମହୋତ୍ସବ ଇ-ମେଲ୍‌ରେ ପଠାଇ ପାରିବେanandmahotsav2026@gmail.com ମେଲ୍‌ରେ ଦେଇପାରିବେ।

## ୧୪ ବର୍ଷ ଧରି ପଦୋନ୍ନତି ଓ ପୋଷ୍ଟିଂ ସମାନ ଜାଗାରେ

ଆନନ୍ଦପୁର, ୧୪।୩(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକରେ କାମ ଦେଉନି ଗାଦି ମଡ଼ାଙ୍କ ପାଇଁ ମୋହନ ସରକାରଙ୍କ ନିର୍ଦ୍ଦେଶନାମା। ଘସିପୁରା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗରେ ଏଭଳି ଉଦାହରଣ ନଜରକୁ ଆସିଛି। ଘସିପୁରା ପଞ୍ଚାୟତସମିତି କାର୍ଯ୍ୟାଳୟ ପତ୍ରସଂଖ୍ୟା ୫୫୮/୨୬.୨.୨୦୨୬ ଆରଟିଆଇରୁ ମିଳିଥିବା ତଥ୍ୟ ଅନୁସାରେ, ଘସିପୁରା ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଭାବେ ପ୍ରିୟଦର୍ଶିନୀ ସେଠୀ ୧୩.୦୬.୨୦୧୨ରେ ନିଯୁକ୍ତି ପାଇଥିଲେ। ସରକାରୀ ଚାକିରିରେ ଏହା ତାଙ୍କର ପ୍ରଥମ ପୋଷ୍ଟିଂ ରହିଥିଲା। ପରବର୍ତ୍ତୀ ସମୟରେ ୨୮.୦୨.୨୦୨୨ରେ ସେ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇ ସେହି ସମାନ ସ୍ଥାନ ଘସିପୁରାରେ ପୋଷ୍ଟିଂ ପାଇଥିଲେ। ୧୦ ବର୍ଷ ଧରି କନିଷ୍ଠ ଯନ୍ତ୍ରୀ ଦାୟିତ୍ୱ ପରେ ଏବେ ୪ ବର୍ଷ ଧରି ସହକାରୀ ଯନ୍ତ୍ରୀ ଭାବେ ସେ ଘସିପୁରା ବ୍ଲକ୍‌ର ଦାୟିତ୍ୱରେ ରହିଛନ୍ତି। ପାଖାପାଖି ୧୪ ବର୍ଷ ଜଣେ ସରକାରୀ ଅଧିକାରୀ ଗୋଟିଏ ସ୍ଥାନରେ ରହିବାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏପରିକି ତାଙ୍କର ପହଞ୍ଚ ରାଜନେତାଙ୍କଠାରୁ ଆରମ୍ଭ କରି ବଡ ବଡ ଅଧିକାରୀଙ୍କଠାରେ ରହିଥିବା ମଧ୍ୟ ଅଭିଯୋଗ ହେଉଛି। ସରକାରୀ କାର୍ଯ୍ୟର ସ୍ୱଚ୍ଛତାକୁ ଦୃଷ୍ଟିରେ ରଖାଯାଇ ରାଜ୍ୟ ସରକାର ଜଣେ ଅଧିକାରୀ ହୁଅନ୍ତୁ ଅବା ସରକାରୀ କର୍ମଚାରୀ ହୁଅନ୍ତୁ ଗୋଟିଏ ସ୍ଥାନରେ ୩ ବର୍ଷର କାର୍ଯ୍ୟ ସମୟ ପୂରଣ ହୋଇଥିଲେ ତାଙ୍କର ଅନ୍ୟତ୍ର ବଦଳି କରାଯିବାର ବ୍ୟବସ୍ଥା ରହିଛି। ଏଭଳି ପରିସ୍ଥିତିରେ ସମ୍ପୃକ୍ତ ଅଧିକାରୀ କିପରି ଗୋଟିଏ ସ୍ଥାନରେ ଦୀର୍ଘ ୧୪ ବର୍ଷ ଧରି ନିଜ ସିଟ୍‌କୁ ଜାବୁଡି ଧରିଛନ୍ତି ତାହାକୁ ନେଇ ଚର୍ଚ୍ଚା ରହିଛି।

## ଚୋରା ମହୁଲି ମଦ ବିରୋଧରେ ମହିଳାଙ୍କ ଗର୍ଜନ

ତୁରୁମୁଙ୍ଗା, ୧୪।୩(ସମିସ):



କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଧୀନ ସାହାରପଡା ବ୍ଲକର ବାଲିତୋଟା ଗ୍ରାମରେ ଚୋରା ଦେଶୀ ମହୁଲି ମଦ ବିକ୍ରି ଦିନକୁ ଦିନ ବଢୁଥିବାରୁ ଗ୍ରାମର ମହିଳାମାନେ ରାସ୍ତାକୁ ଓହ୍ଲାଇଛନ୍ତି। ମଦ ସେବନକୁ କେନ୍ଦ୍ର କରି ଅପରାଧ ଓ ପାରିବାରିକ ଅଶାନ୍ତି ବୃଦ୍ଧି ପାଉଥିବା ଅଭିଯୋଗ ମଧ୍ୟରେ ମହିଳାମାନେ ଏକତ୍ରିତ ହୋଇ ଶନିବାର ସଚେତନତା ରାଲି କରି ଚୋରା ମଦ ବିକ୍ରି ବନ୍ଦ ଦାବି ଉଠାଇଛନ୍ତି। ଦୁଇ ଦିନ ପୂର୍ବରୁ ବେଆଇନ ମହୁଲି ମଦ ଚଢ଼ଉ ସମୟରେ ପୁଲିସ ଉପରେ ଆକ୍ରମଣ ଘଟଣା ପରେ ଗ୍ରାମରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡିଥିଲା। ଏହାପରେ ମହିଳାମାନେ ଏକତ୍ରିତ ହୋଇ ହାତରେ ପ୍ଲାକାର୍ଡ ଧରି ମଦ ବିରୋଧୀ ରାଲି କରିଛନ୍ତି। ରାଲି ସମୟରେ ସେମାନେ ଲୋକଙ୍କୁ ମଦ ବିକ୍ରି ନ କରିବା ଓ ମଦ ସେବନରୁ ଦୂରେଇ ରହିବା ପାଇଁ ସଚେତନ କରିଥିଲେ। ସମାଜକୁ ମଦମୁକ୍ତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଥିବା ଗ୍ରାମର ସାବିତ୍ରୀ ମହାନ୍ତ, ସୀମାମଣି ମହାନ୍ତ, ଚିନା ନାଏକ, କମଳା ମହାନ୍ତ, ରଜନୀ ନାଏକ, ଖିରଦୀନି ମହାନ୍ତ, ନଳିନୀ ମହାନ୍ତ, ଚିତ୍ରି ନାଏକ, ଭବାନୀ ନାଏକ, ବିନ୍ଦୁ ନାଏକ, ବିଶା ନାଏକ, ସେବତୀ ମହାନ୍ତ, ସାରଥୀ ମହାନ୍ତ, ନନ୍ଦିନୀ ନାଏକ, ରୁକୁମଣି ମହାନ୍ତ, ନିରାଶ ମହାନ୍ତ, ମାଳତୀ ମହାନ୍ତ, ସରସ୍ୱତୀ ମହାନ୍ତ, ଚମ୍ପା ମହାନ୍ତ, ମଲ୍ଲି ମହାନ୍ତ, ତାରାମଣି ନାଏକ କହିଛନ୍ତି।

## ଅବକାରୀ ଓ ପୁଲିସ ଚଢ଼ଉ
## ବ୍ୟାପକ ମହୁଲି ଓ ପୋଚ ନଷ୍ଟ

ତେଲକୋଇ, ୧୪।୩(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା କରମଙ୍ଗୀ ପଞ୍ଚାୟତର ହଳଦୀପାଣି ଗ୍ରାମରେ ଆଜି ଅବକାରୀ ଓ ପୁଲିସ ବିଭାଗ ପକ୍ଷରୁ ମିଳିତ



ଚଢ଼ଉ କରାଯାଇ ବ୍ୟାପକ ମହୁଲ ପୋଚ ଓ ମହୁଲି ମଦ ନଷ୍ଟ କରାଯାଇଛି। ଜିଲ୍ଲା ଅବକାରୀ ଅଧୀକ୍ଷକ ତେଜରାଜ୍ ଯାନୀଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ନିରୀକ୍ଷକ ଅଭିରାମ ବେହେରା, ତେଲକୋଇ ଥାନାଧିକାରୀ ଅଞ୍ଜନ ପାତ୍ରଙ୍କ ସହିତ ଏକ ସ୍ୱତନ୍ତ୍ର ଟିମ୍ ହଳଦୀପାଣି ଗ୍ରାମରେ ଅତିରିକ୍ତ ତହସିଲଦାର ଗୋପବନ୍ଧୁ ନାୟକଙ୍କ ଉପସ୍ଥିତିରେ ଚଢ଼ଉ କରିଥିଲେ। ୫ ହଜାର କେଜି ମହୁଲ ପୋଚ ନଷ୍ଟ ଏବଂ ୭ ଶହ ଲିଟର ଦେଶୀ ମହୁଲି ମଦ ନଷ୍ଟ କରାଯାଇଛି। ଏହି ଘଟଣାରେ ଚଢ଼ଉ ଟିମ୍ କାହାରିକୁ ଗିରଫ କରି ପାରିନାହିଁ। କେବଳ ୨୦ରୁ ଅଧିକ ଡ୍ରମ ଜବତ କରିଛି। ଅନ୍ୟପଟେ ତେଲକୋଇ ଥାନାଞ୍ଚଳରେ ବିଦେଶୀ ମଦ ପ୍ରତ୍ୟକ ଗ୍ରାମର ଛକରେ ଥିବା ତେଜରାତି ଦୋକାନ ଓ ହୋଟେଲରେ ଖୁଲମ୍‌ଖୋଲା ବିକ୍ରି କରାଯାଉଥିବା ବେଳେ ଅବକାରୀ ଓ ପୁଲିସ ବିଭାଗ ନିରବ ସାଜିବା ବିଭାଗୀୟ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାସହିତ ଦେଶୀ ମହୁଲି ଘରେ ଘରେ ବିକ୍ରି ହେବାରେ ଲାଗିଛି। ଏପରିକି ତେଲକୋଇ ଥାନାଞ୍ଚଳରେ ଥିବା ଖୋଦ୍ ତେଲକୋଇରେ ସୀକୃତିପ୍ରାପ୍ତ ଦେଶୀ ମହୁଲି ମଦ ଭାଟି ମାଲିକ ଖୁଲମ୍‌ଖୋଲା ବେଆଇନ ଭାବେ ସ୍ୱତନ୍ତ୍ର ଗାଡ଼ି ଯୋଗେ ଗାଁ ଗାଁ ଘରକୁ ଘର ମଦ ଯୋଗାଉଥିବା ଅଭିଯୋଗ ହେଉଛି। ଗ୍ରାମାଞ୍ଚଳ ମଦ ମାଫିଆମାନେ ଭାଟିରୁ ମଦ ଆଣି ବିକ୍ରି କଲେ ଅବକାରୀ ବିଭାଗ କିମ୍ବା ପୁଲିସ ସେମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ କିନ୍ତୁ ଯେଉଁ ଗରିବ ଆଦିବାସୀ ନିଜେ ମହୁଲି ମଦ ପ୍ରସ୍ତୁତ କରି ଘରେ ରଖି ସେବନ କରୁଛି ସେଇଠି ମଦ ମାଫିଆଙ୍କ ଇସାରାରେ ଅବକାରୀ ବିଭାଗ ଚଢଉ କରୁଥିବା ଅଭିଯୋଗ ହୋଇଛି। ଏପରିସ୍ଥଳେ କାହା ଅନୁକମ୍ପା ଓ ଛତ୍ରଛାୟାରେ ବିଭିନ୍ନ ଛକ ବଜାର ଓ ଗ୍ରାମାଞ୍ଚଳରେ ମଦ ମାଫିଆମାନେ ବିଦେଶୀ ଓ ଦେଶୀ ମଦର ବେଆଇନ କାରବାର ଚଳାଇଆସୁଛନ୍ତି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସଂପୃକ୍ତ ମଦ ମାଫିଆଙ୍କ ପ୍ରତି ଅବକାରୀ ଓ ପୁଲିସ ବିଭାଗ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତାହା କେବଳ ଦେଖିବାକୁ ବାକି ରହିଛି।



## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ମୟୂରଭଞ୍ଜର ୭ ବିଦ୍ୟାଳୟ

# ବିଦ୍ୟାଳୟ ନାମରେ ସର୍ବନିମ୍ନ ୨ ଏକର ଜାଗା ସାଜିଛି ପ୍ରତିବନ୍ଧକ

ବାରିପଦା, ୧୪।୩(ସମିସ)



ପ୍ରଖ୍ୟାତ ଓଡ଼ିଆ ସାହିତ୍ୟିକ, ସ୍ୱାଧୀନତା ସଂଗ୍ରାମୀ ଓ ଶିକ୍ଷାବିତ୍ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ନାମରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଗତ ଜାନୁଆରୀ ୭ ତାରିଖରେ ଶୁଭାରମ୍ଭ ହୋଇଛି। ରାଜ୍ୟର ପ୍ରାଥମିକ ଶିକ୍ଷା ସୁବିଧା କ୍ଷେତ୍ରରେ ପଛୁଆ ଥିବା ପଞ୍ଚାୟତରେ ଗୋଟିଏ ଲେଖାଏଁ ଅତ୍ୟାଧୁନିକ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବା ଏହାର ଉଦ୍ଦେଶ୍ୟ। ୨୦୨୫-୨୬ରୁ ୨୦୨୮-୨୯ ମଧ୍ୟରେ ସମଗ୍ର ରାଜ୍ୟରେ ୨୨୦୦ ବିଦ୍ୟାଳୟ ସ୍ଥାପନ ଲକ୍ଷ୍ୟ ରଖାଯାଇ ଥିବାବେଳେ ଏଥିପାଇଁ ରାଜ୍ୟ ସରକାର ୧୨, ୦୦୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଗତ ଜାନୁଆରୀ ୭ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଶୁଭାରମ୍ଭ କରି ୧୧୮ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତନ୍ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାରେ ୪୯କୋଟି ଟଙ୍କାରେ ୭ଟି ବିଦ୍ୟାଳୟରେ ଉପରୋକ୍ତ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। ସେଗୁଡିକ ମଧ୍ୟରେ ବହଳଦା ବ୍ଲକ ଗମ୍ଭାରିଆ ପଞ୍ଚାୟତର ଗମ୍ଭାରିଆ ସରକାରୀ ହାଇସ୍କୁଲ ରହିଛି। ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୫୯ ଛାତ୍ରଛାତ୍ରୀ ଏଥିରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ତେବେ ବିଦ୍ୟାଳୟ ନାମରେ ସର୍ବନିମ୍ନ ୨ ଏକର ଜାଗା ପ୍ରତିବନ୍ଧକ ହେଉଥିବା ଜଣାପଡ଼ିଛି।

### ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ପଛୁଆ ପଞ୍ଚାୟତ ସାମିଲ

ସେହିପରି ବିଜାତଳା ବ୍ଲକ ରାଇହରି ପଞ୍ଚାୟତର ପଳାଶବଣି ସରକାରୀ ଉପ୍ରା ବିଦ୍ୟାଳୟ, ଜାମଦା ବ୍ଲକ ତାଳଗାଁ ପଞ୍ଚାୟତର କାଣ୍ଡସୋର ସରକାରୀ ହାଇସ୍କୁଲ, ଯଶିପୁର ବ୍ଲକ ଚାକିଡି ପଞ୍ଚାୟତର ଚାକିଡି ସରକାରୀ ଉପ୍ରା ସ୍କୁଲ, ଖୁଣ୍ଟା ବ୍ଲକ ବଡପଥରା ପଞ୍ଚାୟତର ବଡପଥରା ପଞ୍ଚାୟତ ହାଇସ୍କୁଲ, ରରୁଆଁ ବ୍ଲକ ନୂଆଗାଁ ପଞ୍ଚାୟତର ନୂଆଗାଁ ସରକାରୀ ହାଇସ୍କୁଲ ଓ ସାରସକଣା ବ୍ଲକ ପାକଟିଆ ପଞ୍ଚାୟତର ପାକଟିଆ ସରକାରୀ ଉପ୍ରା ସ୍କୁଲ ସାମିଲ ହୋଇଛି। ଏଥିରେ ଯଥାକ୍ରମେ ୩୯୩, ୨୩୮, ୨୨୮, ୧୩୧, ୧୯୦ ଓ ୨୬୦ ଜଣ ଛାତ୍ରଛାତ୍ରୀ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ ହୋଇଛନ୍ତି। ଏହି ବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ କ୍ଲାସରୁମ୍, ଆଧୁନିକ ଭିତ୍ତିଭୂମି, ମାଗଣା ପରିବହନ ଆଦି ବ୍ୟବସ୍ଥା ରହିବ। ଗ୍ରାମାଞ୍ଚଳରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଏହା ଏକ ମାଇଲଖୁଣ୍ଟ ହେବ। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟର ସର୍ବବୃହତ୍ତ ମୟୂରଭଞ୍ଜ ଜିଲ୍ଲାରୁ ଅଧିକରୁ ଅଧିକ ପଞ୍ଚାୟତରେ ଏପରି ସ୍କୁଲ ସ୍ଥାପନ ପାଇଁ ଦାବି କରାଯାଉଛି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ପଞ୍ଚାୟତର ସର୍ବାଧିକ ପ୍ରାଥମିକ ଛାତ୍ରଛାତ୍ରୀ ଥିବା ଓ ବିଦ୍ୟାଳୟ ନାମରେ ସର୍ବନିମ୍ନ ୨ଏକର ଜମି ଉପଲବ୍ଧ ହେବା ନିୟମାବଳୀ ମୁଣ୍ଡବ୍ୟଥାର କାରଣ ସାଜିଛି। କେତେକ ସ୍ଥାନରେ ରାଜନୈତିକ ହସ୍ତକ୍ଷେପ ଓ ଉଦ୍ଦିଷ୍ଟ ନିୟମାବଳୀ ଉଲ୍ଲଂଘନ ପାଇଁ ଗାଁ ଗାଁରେ ବିବାଦ ଆରମ୍ଭ ହୋଇଛି।

## ଜିଲ୍ଲା ଓକିଲ ସଂଘ ନିର୍ବାଚନ

# କେହି କଲେନି ନାମାଙ୍କନ ପ୍ରତ୍ୟାହାର

**ବାରିପଦା, ୧୪।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ଓକିଲ ସଂଘ ନିର୍ବାଚନ ଚଳିତ ମାସ ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ୨୪ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ଯାଞ୍ଚରେ ୨ ଜଣଙ୍କ ପ୍ରାର୍ଥିପତ୍ର ନାକଚ ପରେ ୨୨ ଜଣ ବୈଧ ପ୍ରାର୍ଥୀଙ୍କ ତାଲିକା ଗୁରୁବାର ପ୍ରକାଶ ପାଇଥିଲା। ତେବେ କାର୍ଯ୍ୟକାରୀ କମିଟି ସଦସ୍ୟ (ମହିଳା) ପଦ ପାଇଁ ନାମାଙ୍କନ ପତ୍ର ନାକଚ ହୋଇଥିବା ମଧୁସ୍ମିତା ସେଠୀଙ୍କ ପ୍ରାର୍ଥିପତ୍ର ପୁନଃ ଯାଞ୍ଚ ଆବେଦନ କ୍ରମେ ବୈଧ ଘୋଷଣା ହୋଇଛି। କେହି ନାମାଙ୍କନ ପ୍ରତ୍ୟାହାର କରି ନ ଥିବାରୁ ନିର୍ବାଚନ ମଇଦାନରେ ୨୩ ଜଣ ପ୍ରାର୍ଥୀ ରହିଛନ୍ତି ବୋଲି ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ମହାନ୍ତି କହିଛନ୍ତି। ଏଣୁ ସଭାପତି ପଦ ପାଇଁ ଜ୍ୟୋତିପ୍ରକାଶ ରଥ ଓ ପ୍ରବୀର କୁମାର ବସାଙ୍କ ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେଉଛି।

### ଉପସଭାପତି, କୋଷାଧ୍ୟକ୍ଷ ଓ ମହିଳା କାର୍ଯ୍ୟକାରୀ କମିଟି ସଦସ୍ୟା ଅପ୍ରତିଦ୍ୱନ୍ଦ୍ୱୀ

ସେହିପରି ସମ୍ପାଦକ ପଦ ପାଇଁ ଜ୍ଞାନରଞ୍ଜନ ଜେନା ଓ ବିପ୍ଳବ ବାରିକ ମଧ୍ୟରେ, ଯୁଗ୍ମ ସମ୍ପାଦକ (କଲ୍ୟାଣ) ପାଇଁ ସ୍ୱରୂପ କୁମାର ମିଶ୍ର ଓ ରତିକାନ୍ତ ସାହୁଙ୍କ ମଧ୍ୟରେ, ଯୁଗ୍ମସମ୍ପାଦକ (ପ୍ରଶାସନ) ପାଇଁ ପଙ୍କଜ କୁମାର ମହାକୁଡ ଓ ମନୋଜ କୁମାର ମହାନ୍ତ ମଧ୍ୟରେ, ଯୁଗ୍ମସମ୍ପାଦକ (ପାଠାଗାର) ପାଇଁ କୃଷ୍ଣଚନ୍ଦ୍ର ମହାନ୍ତି ଓ ସତ୍ୟନାରାୟଣ ବେହେରାଙ୍କ ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେଉଛି। କାର୍ଯ୍ୟକାରୀ କମିଟି (ଅଣସଂରକ୍ଷିତ) ୩ଟି ପଦ ପାଇଁ ଗିରିଶ୍ଚନ୍ଦ୍ର ମହାପାତ୍ର, ବୈଦ ପ୍ରକାଶ ପାରିକ, ଅନ୍ତର୍ଯ୍ୟାମୀ ବେହେରା, ଦେବରାଜ ମିଶ୍ର, ଗୌତମ ରାୟ ଓ ବିଶାଳ କୁମାର ରାମ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ତେବେ ଉପସଭାପତି ପାଇଁ ସତ୍ୟବ୍ରତ ଦାସ, କୋଷାଧ୍ୟକ୍ଷ ପାଇଁ ପଦ୍ମଲୋଚନ ମହାନ୍ତ ଏକମାତ୍ର ଆଶାୟୀ ଓ କାଯ୍ୟକାରୀ କମିଟି ମହିଳା ପାଇଁ ସଂରକ୍ଷିତ ୫ଟି ପଦ ପାଇଁ ମଧୁସ୍ମିତା ସେଠୀ, ସ୍ୱପ୍ନା ମହାନ୍ତି, ବୈଜୟନ୍ତୀ ବାସ୍କେ, ସସ୍ମିତା ଘୋଷାଲ ଓ ରୂପଶ୍ରୀ ବାରିକ ୫ ଜଣ ଥିବାରୁ ନିର୍ବାଚନ ହେବନାହିଁ। ଜିଲ୍ଲା ଓକିଲ ସଂଘର ୬୯୬ ଜଣ ବୈଧ ଭୋଟରଙ୍କୁ ନେଇ ୨୮ ତାରିଖ ପୂର୍ବାହ୍ନ ସାଢେ ୭ଟାରୁ ଅପରାହ୍ନ ୩ଟା ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ। ଏହାପରେ ଅପରାହ୍ନ ୪ଟାରୁ ଭୋଟ ଗଣନା ହୋଇ ଫଳାଫଳ ପ୍ରକାଶ ପାଇବ।

## ରାଷ୍ଟ୍ରୀୟ ଲୋକ ଅଦାଲତ

# ୪, ୩୨୧ଟି ମାମଲାର ବିଚାର, ୨.୯୫ କୋଟି ଟଙ୍କା ଆଦାୟ




**ବାରିପଦା, ୧୪।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଓ ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ୧୨ ହଜାର ୫୬୮ଟି ମାମଲା ମଧ୍ୟରୁ ୪ ହଜାର ୩୨୧ଟି ମାମଲାର ଅପୋଷ ବିଚାର ହୋଇ ୨ କୋଟି ୯୪ ଲକ୍ଷ ୮୫ ହଜାର ୬୬୬ ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାପଡ଼ିଛି।

ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାକ୍ ମକଦ୍ଦମା ସମ୍ପର୍କିତ ୬ ହଜାର ୮୨୭ଟି ମାମଲା ମଧ୍ୟରୁ ୮୦୯ଟି ମାମଲା ଅପୋଷ ବିଚାର ହୋଇ ୧ କୋଟି ୨୨ ଲକ୍ଷ ୧୮ ହଜାର ୯୫୯ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାପଡ଼ିଛି। ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ୫ ହଜାର ୭୪୧ଟି ମାମଲା ମଧ୍ୟରୁ ସାଲିସଯୋଗ୍ୟ ଫୌଜଦାରୀ ମାମଲା ୫୮ଟି ମଧ୍ୟରୁ ୩ଟି, ଏନଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୧୨ଟି ମାମଲା ମଧ୍ୟରୁ ୨୪ଟି, ବ୍ୟାଙ୍କ ଋଣ ଅଦାୟ ସମ୍ବନ୍ଧିତ ୬୬ଟିରୁ ୧୫ଟି, ମୋଟର ଯାନ ଦୁର୍ଘଟଣା ମାମଲା ୧୯୭ଟିରୁ ୧୫ଟି, ବୈବାହିକ (ଛାଡପତ୍ର ବ୍ୟତୀତ) ସମ୍ବନ୍ଧୀୟ ୧୧୪ଟି ମାମଲା ମଧ୍ୟରୁ ୩୮ଟି, ରାଜସ୍ୱ ମାମଲା ୩ ହଜାର ୪୪୯ଟି ମଧ୍ୟରୁ ୨ ହଜାର ୪୫୬ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୨୧୭ଟି ମଧ୍ୟରୁ ୪୫ଟି, ଖାଉଟି ମାମଲା ସମ୍ବନ୍ଧୀୟ ୭ଟି ମଧ୍ୟରୁ ୧ଟି ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ୧ ହଜାର ୨୬୫ଟି ମଧ୍ୟରୁ ୯୧୫ଟି ମିଶାଇ ୩ ହଜାର ୫୧୨ଟି ମାମଲାର ଫଇସଲା କରାଯାଇ ମୋଟ ୧ କୋଟି ୭୨ଲକ୍ଷ ୬୬ ହଜାର ୭୦୭ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାଯାଇଛି।

ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ ପ୍ରଜ୍ୟୋତି ରାଉତ, ସିନିୟର ସିଭିଲ ଜଜ (ଏଲଆର ଓ ଏଲଟିଭି) ସୁଦାମ ଚରଣ ଦାଶ, ସିନିୟର ସିଭିଲ୍ ଜଜ ସତରୂପା ଶତପଥୀ, ଏସଡିଜେଏମ ଜୁୱେଲ ପଟ୍ଟନାୟକ, ଜେଏମଏଫସି-୧(କଗ ଟେକିଂ) ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜେଏମଏଫସି କୁମାରୀ ମଧୁଶ୍ରବା ମହାନ୍ତି, ଜେଏମଏଫସି ସୀମା ଅଗ୍ରୱାଲ, ଜେଏମଏଫସି (ଏଲଆର ଓ ଏଲଟିଭି) ଶୁଭ୍ରାଂଶୁ ଠାକୁରଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ମାମଲା ସମାଧାନ ନିମନ୍ତେ ଗଠନ ହୋଇଥିବା ବିଭିନ୍ନ ବେଞ୍ଚରେ ନିଯୁକ୍ତ ଥିବା ସଦସ୍ୟ ଓ ସରକାରୀ ଓକିଲ ଉମାକାନ୍ତ ରାଉତ, ଆଇନଜୀବୀ ସତ୍ୟନାରାୟଣ ବେହେରା, କମଳ କୁମାର କୁଆଁରବାବୁ, ଧିରେନ୍ଦ୍ର କୁମାର ମହାପାତ୍ର, ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ, ରାଜସ୍ୱ ବିଭାଗ, ବିଭିନ୍ନ ରାଷ୍ଟ୍ରାୟତ୍ତ/ ଘରୋଇ ବ୍ୟାଙ୍କ ଅଧିକାରୀ, ଟେଲିଫୋନ ବିଭାଗ, ବିଦ୍ୟୁତ ବିଭାଗ ଓ ପ୍ରାଧିକରଣର ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରି ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# କିସାନ ବ୍ରଦର୍ସ ଚାମ୍ପିଅନ, ସମାଡିହି ଏଫ୍‌ସି ରନର୍ସଅପ୍




**ବାରିପଦା, ୧୪।୩(ସମିସ):** ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଜଗନ୍ନାଥ ମିସ୍ତ୍ରି ସ୍ମୃତି କମିଟି ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରି ସ୍ମାରକୀ ମୟୂରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବାରିପଦାର କିସାନ ବ୍ରଦର୍ସ ୬-୫ ଟାଇବ୍ରେକର ଗୋଲରେ ମୟୂରଭଞ୍ଜର ସମାଡ଼ିହି ଏଫସିକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଜାତୀୟ ରେଫରୀ ସନ୍ତୋଷ କୁମାର ରାଉତ, ଦିଲ୍ଲୀପ ପ୍ରଧାନ, ଦୀପକ ଖୁଣ୍ଟିଆ ଓ ରାଜୀବ ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ। ମନୋଜ ପାତ୍ର, ଶୁଭଦ୍ରା ହେମ୍ବ୍ରମ ଓ ରଜତ ତିରିଆ ଧାରା ବିବରଣୀ ପ୍ରଦାନ କରିଥିଲେ। ଚାମ୍ପିଅନ ଦଳକୁ ଦେଢ଼ ଲକ୍ଷ ଟଙ୍କା ଓ ଟ୍ରଫି, ରନର୍ସଅପ ଦଳକୁ ୧ ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଝାଡ଼ଖଣ୍ଡର ବ୍ଲାକ ପାନ୍ଥର ଓ ବିହାରର ଲିଭାରପୁଲ ଦଳକୁ ୨୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। କମିଟିର ଯୁଗ୍ମସମ୍ପାଦକ ବିନୋଦ ସିଂ ବାବୁଙ୍କ ପକ୍ଷରୁ ଶ୍ରେଷ୍ଠ ଖେଳାଳି ଭାବେ ଛୁଟୁ ମୁର୍ମୁ, ଶ୍ରେଷ୍ଠ ଗୋଲରକ୍ଷକ ଭାବେ ସଞ୍ଜୟ ହେମ୍ବ୍ରମ, ଶ୍ରେଷ୍ଠ ଡିଫେନ୍ସ ଭାବେ ଗୁମାନ ସିଂହ ଓ ଶ୍ରେଷ୍ଠ ଶୃଙ୍ଖଳିତ ଖେଳାଳି ଭାବେ ସୁକୁଲ ମୁର୍ମୁଙ୍କୁ ବାଇସାଇକଲ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ପୁରସ୍କାର ବିତରଣ କରିବା ସହ ଏହି ଟୁର୍ଣ୍ଣାମେଣ୍ଟ ପୁଣିଥରେ ମୟୂରଭଞ୍ଜ ଫୁଟବଲର ପୂର୍ବ ଗୌରବକୁ ଫେରାଇ ଆଣିବ ବୋଲି ଆଶା ପୋଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ମୁଖ୍ୟ ପୃଷ୍ଠପୋଷକ ପ୍ରୀତିଶ ବସା ଓ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜୀବନ ସାହୁ ଟୁର୍ଣ୍ଣାମେଣ୍ଟର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥି ଶିଳ୍ପପତି ଅଶୋକ ତ୍ରିପାଠୀ, ବିଶିଷ୍ଟ ଫୁଟବଲ ଖେଳାଳି ପରେଶ ଦାସଙ୍କ ସମେତ ଆୟୋଜନ କମିଟି ଅଧ୍ୟକ୍ଷ ଅସିତ ବରଣ ପତି, ସାଧାରଣ ସମ୍ପାଦକ ଅଶୋକ ମିସ୍ତ୍ରି, ସାଂଗଠନିକ ସମ୍ପାଦକ ଅମର ସେଠୀ, ଲଲାଟେନ୍ଦୁ ବେହେରା, ବିଜୟ ଦାସ, କଲ୍ୟାଣ ସିହ୍ନା, ବିଶ୍ୱଜିତ ନାୟକ, କୈଳାସ ବେହେରା, କୁମାର ରଞ୍ଜନ ପଣ୍ଡା, ଦିଲ୍ଲୀପ ମିସ୍ତ୍ରି, ପ୍ରଦୀପ ମିସ୍ତ୍ରି, ବିଜୟ ଦାସ, କବି ବିଷ୍ଣୁ ଶତପଥୀ, ସନ୍ତୋଷ ବରାଜ, ଅବନୀ ମହାନ୍ତି, ରାଜୀବ ଜେନା, ଭରତ ନାୟକ, ଅଶୋକ ବେହେରା, ଶ୍ରବଣ ମିସ୍ତ୍ରି, ମହାଦେବ ପାତ୍ର, ହରପ୍ରସାଦ ପାତ୍ର, କପିଳ ଖଣ୍ଡେଲୱାଲ, ତରୁଣ ପାଲବାବୁ, ଜୟନ୍ତ ନାୟକ, ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ବିଶିଷ୍ଟ ଫୁଟବଲ ଖେଳାଳି ସେଙ୍ଗେଲ ସିଂ ସୋରେନ, ଅମୂଲ୍ୟ ମିଶ୍ର, ଯଦୁନାଥ ମାଝୀ, ଜୟକୃଷ୍ଣ ପାତ୍ର, ନୌସାଦ ଅଲ୍ଲୀ, ଭୁବନ ସାହୁ ଓ ବିଭୂତି ମହାନ୍ତିଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଭୁଲ ଚିକିତ୍ସା ଯୋଗୁଁ ଛାତ୍ରୀ ଗୁରୁତର

# ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

କରଞ୍ଜିଆ, ୧୪।୩(ସମିସ): ଡାକ୍ତରଙ୍କ ଭୁଲ ଚିକିତ୍ସା ଓ ଅନାବଶ୍ୟକ ଇଞ୍ଜେକ୍ସନ ଯୋଗୁଁ ଛାତ୍ରୀ ଗୁରୁତର ହୋଇ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। କରଞ୍ଜିଆ ବ୍ଲକ ପକାମୁଣ୍ଡା ଗ୍ରାମର ଗୋଲ ଲୋହାରଙ୍କ ଝିଅ ପାର୍ବତୀ ଲୋହାର (୧୪) କରଞ୍ଜିଆ ବାଳିକା ଉଚ୍ଚବିଦ୍ୟାଳୟ ହଷ୍ଟେଲରେ ରହି ସପ୍ତମ ଶ୍ରେଣୀରେ ପଢ଼ନ୍ତି। ସେ ୩/୪ ଦିନ ହେବ ଅସୁସ୍ଥ ଥିଲେ। ଆଜି ତାଙ୍କ ପରିବାର ଲୋକ ତାଙ୍କୁ କରଞ୍ଜିଆ ବାଳକ ଉଚ୍ଚ ବିଦ୍ୟାଳୟ ନିକଟରେ ରହୁଥିବା ଅବସରପ୍ରାପ୍ତ ଡାକ୍ତର ନୃସିଂହ ଚରଣ ସାମଲଙ୍କ ଘରକୁ ନେଇ ଚିକିତ୍ସା କରାଇଥିଲେ। ସେଠାରେ ଡାକ୍ତର ସାମଲ ତାଙ୍କ ରକ୍ତ ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ ଓ ରକ୍ତ ପରୀକ୍ଷା ରେ ମ୍ୟାଲେରିଆ ପଜିଟିଭ ରିପୋର୍ଟ



ଆସିଥିଲା। ଡାକ୍ତର ତାଙ୍କୁ ଏକ ସାଲାଇନ ଓ ଇଞ୍ଜେକ୍ସନ ଦେବାକୁ ପ୍ରେସ୍କ୍ରିପସନରେ ଲେଖିଥିଲେ। ପରିବାର ଲୋକେ ତାଙ୍କୁ ନେଇ ସାଲାଇନ ଓ ଇଞ୍ଜେକ୍ସନ ଦେଇଥିଲେ। ଇଞ୍ଜେକ୍ସନ ଦେବାର କିଛି ସମୟ ପରେ ଛାତ୍ରୀ ଜଣଙ୍କ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତରଖାନାରେ ଡ୍ୟୁଟିରେ ଥିବା ଡାକ୍ତର ମୃତ୍ୟୁଞ୍ଜୟ ମହାନ୍ତ ଛାତ୍ରୀଙ୍କ ପରୀକ୍ଷା ଓ ତାଙ୍କୁ ପ୍ରଦାନ କରାଯାଇଥିବା ପ୍ରେସ୍କ୍ରିପସନ ଓ ଔଷଧ ଦେଖି ଭୁଲ ଇଞ୍ଜେକ୍ସନ ଯୋଗୁଁ ଏଭଳି ଘଟିଥିବା ପ୍ରକାଶ କରିଥିଲେ। ବର୍ତ୍ତମାନ ଛାତ୍ରୀଙ୍କ ଚିକିତ୍ସା ଜାରି ରହିଥିବାବେଳେ ଛାତ୍ରୀ ବିପଦ ମୁକ୍ତ ଥିବା ସୂଚନା ମିଳିଛି। ଏହା ପୂର୍ବରୁ ଡାକ୍ତର ସାମଲଙ୍କ ଦ୍ୱାରା ଭୁଲ ଚିକିତ୍ସା ଯୋଗୁଁ ଗତବର୍ଷ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ନାମରେ ବାରମ୍ବାର ଭୁଲ ଚିକିତ୍ସା ଓ ଔଷଧ ପ୍ରଦାନ ଅଭିଯୋଗ ବାରମ୍ବାର ହୋଇଆସୁଛି। ଏଣୁ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣ ଦାବି କରିଛନ୍ତି।

## ମିଳୁନି ରନ୍ଧନ ଗ୍ୟାସ, ଉପଭୋକ୍ତା ହନ୍ତସନ୍ତ

# ଶସ୍ତାରେ କିରାସିନି ଯୋଗାଇ ଦେବାକୁ ଦାବି

**ବେତନଟୀ, ୧୪।୩(ସମିସ):** ରନ୍ଧନ ଗ୍ୟାସର ଦର ବୃଦ୍ଧି ହୋଇଥିବାବେଳେ ରନ୍ଧନ ଗ୍ୟାସ ପର୍ଯ୍ୟାପ୍ତ ପରିମାଣରେ ମିଳୁ ନ ଥିବାରୁ ବେତନଟୀର ଖାଉଟି ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏଣୁ ରୋଷେଇ ଘରର ସଙ୍କଟ ଟାଳିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ସୁଲଭ ମୂଲ୍ୟରେ କିରାସିନି ଯୋଗାଣକୁ ଅଗ୍ରାଧିକାର ଦିଆଯିବାକୁ ବେତନଟୀ ବ୍ଲକ କଂଗ୍ରେସ ମହିଳା ସଂଗଠନ ଓ ବିଜେଡିର ମହିଳା ସଂଗଠନ ବ୍ଲକ ଯୋଗାଣ ଅଧିକାରୀଙ୍କ ମାଧ୍ୟମରେ କିରୋସିନ ଯୋଗାଇ ଦେବାକୁ ଦାବି କରାଯାଇଛି। ଏ ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିବାକୁ ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ଜିଲ୍ଲା ଉପସଭାପତି ମାଧବୀ ସେନାପତି ଦାବି କରିଛନ୍ତି।

## କାଠମାଫିଆ ଙ୍କ ଅଭିନବ ଉପାୟରେ ଚୋରି

# ଉପରେ ଆକାଶୀ କାଠ, ଭିତରେ ୪ ଲକ୍ଷ ଟଙ୍କାର ଶାଳଗଣ୍ଡି

**ମୋରଡ଼ା, ୧୪।୩(ସମିସ):** ବାରିପଦା ସଦର ଥାନା ଅନ୍ତର୍ଗତ ବାରିପଦା-ଚିତ୍ରଡା ରାଜ୍ୟ ରାଜପଥର ବାଘୁଆଷୋଳ ନିକଟରେ ଏକ କାଠ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ରାଇରଙ୍ଗପୁର ବନାଞ୍ଚଳରୁ ଏକ ୧୨ ଚକିଆ ଟ୍ରକ ଯୋଗେ ଆକାଶୀ ଓ ମୂଲ୍ୟବାନ ଶାଳ ଗଣ୍ଡି ବେଆଇନ ଭାବେ ଗତକାଲି ବିଳମ୍ବିତ ରାତିରେ ରାସଗୋବିନ୍ଦପୁର ରେଞ୍ଜ ଆଡକୁ ଯାଉଥିବାବେଳେ ଉକ୍ତ ରେଞ୍ଜ ଅଧୀନ ବାରିପଦା-ଚିତ୍ରଡା-ଅମର୍ଦା ୬୧ ନମ୍ବର ରାଜ୍ୟ ରାଜପଥର ବାଘୁଆଶୋଳ ନିକଟରେ ଉକ୍ତ ଟ୍ରକର ଚକ ଫାଟିଯିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉକ୍ତ ଟ୍ରକ୍‌ରେ ଶାଳ କାଠ ଗଣ୍ଡି ଥିବା ସୂଚନା ପାଇ ଘଟଣାସ୍ଥଳରେ ଏସସିଏଫ



- ଚକା ଫାଟିଯିବାରୁ ଦୁର୍ଘଟଣାଗ୍ରସ୍ତ ହୋଇ ଗଛକୁ ଧକ୍କାଦେଲା ଟ୍ରକ୍
- ଡ୍ରାଇଭର ଓ ହେଲପରକୁ ଅଟକ ରଖି ତଦନ୍ତ କରୁଛି ବନ ବିଭାଗ

ମେହେରବାନ ଅଲ୍ଲୀ, ରେଞ୍ଜର ଘନଶ୍ୟାମ ସିଂ, ଫରେଷ୍ଟର, ଫରେଷ୍ଟ ଗାର୍ଡ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଡ୍ରାଇଭର ଓ ହେଲପରକୁ ଅଟକ ରଖିବା ସହିତ କାଠ ବୋଝେଇ ଟ୍ରକକୁ ଜବତ କରିଛନ୍ତି। ତେବେ ଆକାଶିଆ କାଠର ଅନୁମତି ଥିବାବେଳେ ଟ୍ରକରେ ଶାଳ ଗଣ୍ଡି ରହିଛି। ଏସବୁର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ରେଞ୍ଜର ଘନଶ୍ୟାମ ସିଂଙ୍କୁ ପଚାରିବାରୁ ଉକ୍ତ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ କାଠ ସହିତ ଜବତ କରାଯାଇ ଜାମସୁଲି ବିଟ୍‌ରେ ରଖାଯାଇଥିବାବେଳେ ଆରଟିଓଙ୍କୁ ଚିଠି କରାଯାଇଛି। ଗାଡ଼ି ମାଲିକଙ୍କ ସମ୍ପୂର୍ଣ୍ଣ ତଥ୍ୟ ଆସିବା ପରେ ତାଙ୍କ ନାମରେ ମାମଲା ରୁଜୁ କରାଯିବା ସହିତ ଓଡ଼ିଶା ଫରେଷ୍ଟ ରୁଲ ୧୯୭୨ ଅନୁସାରେ ଆକ୍ଟ ୫୬ ଲଗାଯିବ ବୋଲି କହିଛନ୍ତି।

## ଜଣଙ୍କୁ ଗୁରୁତ୍ୱ, ଗଣଙ୍କୁ ଉପେକ୍ଷା

# ବସ୍ତିକୁ ନାହିଁ ରାସ୍ତା, ବାସିନ୍ଦାଙ୍କ ଅସନ୍ତୋଷ

ବେତନଟୀ, ୧୪।୩ (ସମିସ)

ବଦଳିଲାନି ବେତନଟୀ ବ୍ଲକର ଭାଗ୍ୟ। ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ଏବେ ସାଧାରଣ ଲୋକଙ୍କ ପାଇଁ ପ୍ରହସନ ପାଲଟିଛି। ବେତନଟୀ ପଞ୍ଚାୟତରେ ଚାଲିଥିବା ଉନ୍ନତିମୂଳକ କାର୍ଯ୍ୟକୁ ଦେଖିଲେ ଜନସାଧାରଣଙ୍କ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏସ.ଏସ. ମହୁଲିଆ ଅଞ୍ଚଳରେ ଅଶ୍ୱନୀ ଦାସଙ୍କ ଘରଠାରୁ ପ୍ରଫୁଲ୍ଲ କବାଟଙ୍କ ଘର ପର୍ଯ୍ୟନ୍ତ ଏକ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ମାତ୍ର ଆଶ୍ଚର୍ଯ୍ୟର ବିଷୟ, ଏହି ରାସ୍ତାଟି କେବଳ ଜଣେ କୁଜି ନେତା ବା ଠିକାଦାରଙ୍କ ସ୍ୱାର୍ଥ ରକ୍ଷା କରୁଥିବାବେଳେ ନିକଟରେ ଥିବା ଇନ୍ଦିରାନଗରର ପ୍ରାୟ ୪ ଶହ ଅଧିବାସୀ ବର୍ଷ ବର୍ଷ ଧରି କାଦୁଅ ପଚପଚ ରାସ୍ତାରେ ଯାତାୟତ କରୁଥିବା ଅଭିଯୋଗ ହେଉଛି।




ଇନ୍ଦିରାନଗରରେ ବର୍ଷାଦିନେ ସ୍କୁଲ ପିଲା ଓ ଗର୍ଭବତୀ ମହିଳା ଆଣ୍ଠୁଏ ପାଣିରେ ଜୀବନକୁ ବାଜି ଲଗାଇ ଯାତାୟତ କରୁଥିଲେ ମଧ୍ୟ ପ୍ରଶାସନର ଦୃଷ୍ଟି ସେଥିପ୍ରତି ପଡୁନାହିଁ। ସେହିପରି ବିକାଶର ଆଉଏକ ନମୁନା ଦେଖିବାକୁ ମିଳିଛି ଜନଶୂନ୍ୟ ଅଞ୍ଚଳରେ ଥିବା ବେତନଟୀ ଏକ ପରିତ୍ୟକ୍ତ ପୋଖରୀ କ୍ଷେତ୍ରରେ। ଜନସାଧାରଣଙ୍କ ବ୍ୟବହାରରେ ଆସୁ ନ ଥିବା ଏହି ପୋଖରୀ ପାଇଁ ବିକଶିତ ଗାଁ ବିକଶିତ ଓଡ଼ିଶାର ୩ଟି ଯୋଜନାରେ ୨୮ ଲକ୍ଷ ୫୦ ହଜାର ଟଙ୍କା, ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ ୧୦ ଲକ୍ଷ ଟଙ୍କା, ବିଧାୟକ ପାଣ୍ଠିରୁ ୪ ଲକ୍ଷ ଟଙ୍କା, ସମୁଦାୟ ୪୨ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟବରାଦ କରାଯାଇଥିବା ସୂଚନା ଫଳକରୁ ଜଣାପଡ଼ିଛି। କିନ୍ତୁ ବିଡ଼ମ୍ବନାର ବିଷୟ, ବେତନଟୀ ବଜାରର ମୁଖ୍ୟ ଜଳାଶୟ ସୁଖିଲାହାର ବନ୍ଧକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ଯେଉଁ ଜଳାଶୟ ଉପରେ ହଜାର ହଜାର ଲୋକ ଓ ପଶୁପକ୍ଷୀ ନିର୍ଭର କରନ୍ତି, ତାହା ଏବେ ପଙ୍କ ଓ ଦଳରେ ଭର୍ତ୍ତି ହୋଇ ଶୁଖିବାକୁ ବସିଲାଣି। ଡବଲ ଇଞ୍ଜିନ ସରକାରଙ୍କୁ ନେଇ ଚା' ଖଟିଠାରୁ ଆରମ୍ଭ କରି ବଜାର ପର୍ଯ୍ୟନ୍ତ ଏବେ ଗୋଟିଏ ଆଲୋଚନା ଏହା କ'ଣ ବାସ୍ତବରେ ବିକଶିତ ଓଡ଼ିଶା? ଲୋକଙ୍କ କହିବା ଅନୁଯାୟୀ, ବିଜେପି ସରକାର ବିକାଶର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ। କିନ୍ତୁ ବାସ୍ତବରେ ଏହା କେବଳ ଦଳୀୟ କର୍ମକର୍ତ୍ତା, ବିଧାୟକ, ସାଂସଦ ଓ ତାଙ୍କ ପୋଷା ଠିକାଦାରଙ୍କ ବିକାଶରେ ସୀମିତ ରହିଯାଇଛି। ସାଧାରଣ ଲୋକଙ୍କ ଟିକସ ଟଙ୍କାରେ କୁଜି ନେତାଙ୍କ ପକେଟ୍ ଗରମ ହେଉଛି। ଅଥଚ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ଗରିବ ଜନତା। ଏ ସରକାର ଲୋକଙ୍କର ନା କେବଳ ନିଜ ଦଳର ବୋଲି ବେତନଟୀର ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଭଞ୍ଜପୁର-ପୁରୀ ଟ୍ରେନ୍ ବାତିଲ ନେଇ ଅସନ୍ତୋଷ

**ବେତନଟୀ, ୧୪।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ଭଳି ଏକ ଉପାନ୍ତ ଅଞ୍ଚଳରୁ ସପ୍ତାହକୁ ମାତ୍ର ଦୁଇଦିନ ଚଳାଚଳ କରୁଥିବା ଟ୍ରେନ ନମ୍ବର ୦୮୦୧୧ ଓ ପୁରୀ-ଭଞ୍ଜପୁର ଟ୍ରେନ ନଂ ୦୮୦୧୨ ଅପ୍‌ଡାଉନ ଦୁଇଟି ଯାକ ଟ୍ରେନ ତିନି ମାସ ପାଇଁ ପୂର୍ବତଟ ରେଳ ଡିଭିଜନ ବାତିଲ କରିଥିବା ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଜଗନ୍ନାଥ ଦର୍ଶନାର୍ଥୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଟ୍ରେନ୍ ମାର୍ଚ୍ଚ ୧୪ରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଥିବା ସୂଚନା ପ୍ରଦାନ କରାଯାଇଛି। ପୁରୀ ଷ୍ଟେସନର ଆଧୁନିକୀକରଣ କାର୍ଯ୍ୟ ଚାଲୁଥିବା ହେତୁ ଏହି ଟ୍ରେନ ସହିତ ଅନ୍ୟାନ୍ୟ କେତେକ ଟ୍ରେନ ମଧ୍ୟ ବାତିଲ କରାଯାଇଥିବା କୁହାଯାଇଛି। ରେଳ ବୋର୍ଡର ନିଷ୍ପତ୍ତିକ୍ରମେ ଏହି ଟ୍ରେନଟି ଅଳ୍ପ କେତେଦିନ ତଳେ ନିୟମିତ କରାଯାଇଥିବା ଖବର ପ୍ରକାଶିତ ହେବା ପରେ ଜିଲ୍ଲାବାସୀ ଆନନ୍ଦିତ ହୋଇଥିଲେ। ମାତ୍ର ତିନିମାସ ପାଇଁ ବନ୍ଦ ହେବା ଯୋଗୁଁ ପୁରୀଗାମୀ ଭକ୍ତଙ୍କୁ ଏହା ନିରାଶ କରିଛି। ମାତ୍ର ବାଙ୍ଗିରିପୋଷି-ପୁରୀ ସକାଳ ଏକ୍ସପ୍ରେସ ଟ୍ରେନଟି ପୂର୍ବତଟ ନିୟମିତ ଚଳାଚଳରେ କୌଣସି ପ୍ରତିବନ୍ଧକ ଲଗାଯାଇ ନ ଥିବା ଜଣାଯାଇଛି।

• କଲେଜ ଅଧ୍ୟକ୍ଷଙ୍କୁ ବକେୟା ବେତନ ପ୍ରଦାନ ନିର୍ଦ୍ଦେଶ

# ୨ ସପ୍ତାହରେ ନଦେଲେ ୧୦ ହଜାର ଟଙ୍କା ଦଣ୍ଡ ଗଣିବେ ଅଧିକାରୀ

**କଟକ,୧୪ ।୩(ସମିସ):** କରିଲୋପାଟଣା ଡିଗ୍ରି କଲେଜ ଅଧ୍ୟକ୍ଷଙ୍କ ବକେୟା ଦରମା ଦୁଇ ସପ୍ତାହ ଭିତରେ ତାଙ୍କ ବ୍ୟାଙ୍କ ଖାତାରେ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ; ଯଦି ଏଥିରେ ଅବହେଳା ହୁଏ ତେବେ ସଂପୃକ୍ତ ଦାୟୀ ଅଧିକାରୀ ୧୦ହଜାର ଟଙ୍କା ଦଣ୍ଡ ଆବେଦନକାରୀ କଲେଜ ଅଧ୍ୟକ୍ଷଙ୍କୁ ପ୍ରଦାନ କରିବେ । ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ କରିଲୋପାଟଣା କଲେଜ ଅଧ୍ୟକ୍ଷ ଲଳିତ ମୋହନ ସାମନ୍ତରାୟଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମାମଲାର ଶୁଣାଣି ସମୟରେ ପୂର୍ବ ନିର୍ଦ୍ଦେଶ ପାଳନ କରି କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କ ତରଫରୁ ସତ୍ୟପାଠ ଦାଖଲ କରାଯାଇ ଗତ ୨୦୨୫, ଅକ୍ଟୋବରରୁ ୨୦୨୬, ଜାନୁଆରୀର ବକେୟା ଦରମା ମଞ୍ଜୁର କରାଯାଇଛି ବୋଲି ଉଲ୍ଲେଖ କରାଯାଇଥିଲା । ଅନ୍ୟପକ୍ଷରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ଏ ପର୍ଯ୍ୟନ୍ତ ସେ ଏହି ବକେୟା ଦରମା ପାଇନାହାନ୍ତି । ମାମଲାରୁ ପ୍ରକାଶ ଯେ ୨୦୨୫ ଜୁଲାଇରୁ ଆବେଦନକାରୀଙ୍କ ଦରମା ବନ୍ଦ ହୋଇଥିଲା । ଏହା ବିରୋଧରେ ଦାୟର ମାମଲାର ହାଇକୋର୍ଟ ୨୦୨୫, ନଭେମ୍ବର ୧୦ରେ ଶୁଣାଣି କରି ତାଙ୍କ ଦାବିପତ୍ର ଉପରେ ବିଚାର କରି ନିଷ୍ପତ୍ତି ନେବାକୁ ଉଚ୍ଚଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଆବେଦନକାରୀଙ୍କ ଦାବି ଉପରେ କୌଣସି ନିଷ୍ପତ୍ତି ନିଆ ନ ଯିବାରୁ ସେ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ଓ ପ୍ରୀତି ପୁଣ୍ୟତୋୟା ମାମଲା ପରିଚାଳନା କରୁଥିଲେ ।

# ମହାଯୁଦ୍ଧ ବନ୍ଦ ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା



**କଟକ, ୧୪।୩(ସମିସ):** ଶ୍ରୀଜଗନ୍ନାଥ ଚେତନା ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ କଟକ ମଣ୍ଡଳ ତରଫରୁ ୨୦୭ତମ ଶ୍ରୀଜଗନ୍ନାଥ କଥାମୃତ କଲ୍ୟାଣ ନଗରସ୍ଥିତ ଅନ୍ଦରପୁର ମଣି ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଇଷ୍ଟ ଏବଂ ଶ୍ରୀମଦଭାଗବତ ମହାପୁରାଣକୁ ପରମ ଶାସ୍ତ୍ର ଭାବରେ ମାନି ଆସୁଥିବା ଓଡ଼ିଆ ଜାତି ପ୍ରତ୍ୟେକ ସ୍ଥାନରେ ଜଗନ୍ନାଥଙ୍କୁ ହିଁ ଲୋଡିଥାଏ । ତେଣୁ ଚାରଣ ଗୋଷ୍ଠୀ ଦ୍ୱାରା ପ୍ରଭାବିତ ହୋଇ ନୂତନ ଭାବେ ଚାରଣଟିଏ ହୋଇଥିବା ଅନ୍ଦରପୁର ବାସିନ୍ଦା ଶରତ ମହାରଣା ମହାପ୍ରଭୁଙ୍କ ଦିବ୍ୟ କଥାମୃତ କାର୍ଯ୍ୟକ୍ରମ ପାଇଁ ଆବାହନ କରିଥିଲେ । ଏହି ଭବ୍ୟ ମଞ୍ଚରେ କଟକ ମଣ୍ଡଳ ଚାରଣମାନେ ପ୍ରଥମେ ଇଷ୍ଟ ନାମ ସ୍ମରଣ ପୂର୍ବକ ବିଷ୍ଣୁ ସହସ୍ରନାମ, ପଞ୍ଚଦଶ ଅଧ୍ୟାୟ ଶ୍ରୀମଦ୍ଭଗବତ ଗୀତା, ହନୁମାନ ଚାଳିଶା ଏବଂ ଜଗନ୍ନାଥ ସ୍ତୁତି ଗାନ କରିଥିଲେ । କଟକ ଜିଲ୍ଲା ସଂଗଠକ ତରଣୀସେନ ଲେଙ୍କା ଏବଂ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡଃ ଶୁଭେନ୍ଦୁ ସ୍ୱାଇଁ ମହାପ୍ରଭୁଙ୍କ ଦିବ୍ୟ ବାଣୀ ସେବା ପ୍ରଦାନ କରି ଜଗନ୍ନାଥ ଆମ ପ୍ରାଣର କେନ୍ଦ୍ରବିନ୍ଦୁ ବୋଲି ପ୍ରମାଣିତ କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ପଣ୍ଡିତ ଲିଙ୍ଗରାଜ ପତି ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ । ସମଗ୍ର ବିଶ୍ୱରେ ଯେପରି ଗମ୍ଭୀର ଭାବରେ ମହାଯୁଦ୍ଧର ଆତଙ୍କ ଫଳରେ ସମଗ୍ର ଦେଶ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଅଛି; ସେଥିପାଇଁ ସେହି ଭୟଙ୍କର ମହାଯୁଦ୍ଧ ବନ୍ଦ ହେବା ନିମନ୍ତେ ଚାରଣମାନେ ମହାପ୍ରଭୁଙ୍କ ନିକଟରେ ଆତୁର ପ୍ରାର୍ଥନା କରିଥିଲେ । ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଏବଂ ଜଗନ୍ନାଥ ମହାପ୍ରଭୁଙ୍କ ଚେତନା ଆଧାରରେ ଜୀବନଯାପନ କରି ସୁସ୍ଥରେ ବଞ୍ଚିବା ପାଇଁ ଚାରଣ ମାନେ ଉପଦେଶ ମାନ ପ୍ରଦାନ କରିଥିଲେ । କଟକ ମଣ୍ଡଳ ସଂଗଠକ ମୋହନ କୁମାର ସ୍ୱାଇଁ, ଖାନନଗର ଶାଖା ଦଳପତି ବସନ୍ତ କୁମାର ସାହୁ,କାଜିଡିହ ଶାଖା ଦଳପତି ସତ୍ୟନାରାୟଣ ସେନାପତି, ପିଠାପୁର ଶାଖା ଦଳପତି ମନୋଜ କୁମାର ନାୟକ, ବାରଙ୍ଗ ଶାଖା ବରିଷ୍ଠ ଚାରଣ ଦିଲ୍ଲିପ ପାଣି, ବାଲିପଡା ଶାଖାର ଦଳପତି ଉମେଶ ବସ୍ତିଆ, ଶଙ୍କର ପୁର ଶାଖା ଦଳପତି ଗୌତମ ପର୍ବତ ସମେତ ଅବିନାଶ ରାଉତ, ସୁଶାନ୍ତ କୁମାର ନାୟକ, ସୁଶାନ୍ତ ସାହୁ, ସୁଶାନ୍ତ ଦାସ, ସତ୍ୟରଞ୍ଜନ ସାହୁ, ପ୍ରଦୀପ ମିଶ୍ର, ସଞ୍ଜୟ ପ୍ରଧାନ, ସୁଶ୍ରୀ ସ୍ମିତା ପ୍ରିୟଦର୍ଶିନୀ, ଉମାକାନ୍ତ ଜୟସିଂହ, ଜୟନ୍ତ କୁମାର ଦାସ ସମେତ ଅଗଣିତ ଭକ୍ତ ସହଯୋଗ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଗଣିତ ପରିବାର ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ପରିଶେଷରେ ମଙ୍ଗଳ ଆଳତି ପୂର୍ବକ କାର୍ଯ୍ୟକ୍ରମକୁ ବିଶ୍ରାମ ଦିଆଯାଇଥିଲା ଏବଂ ସମସ୍ତେ ଆନନ୍ଦରେ ପ୍ରସାଦ ସେବନ କରିଥିଲେ ।

# ୩ କମ୍ପାନୀକୁ ଚିଠି ଲେଖିଲେ ଗ୍ୟାସ୍ ଏଜେନ୍ସି

**କଟକ,୧୪ ।୩(ସମିସ):**







କଟକରେ ରହିଥିବା ବେସରକାରୀ ହସ୍ପିଟାଲ୍, ଶିକ୍ଷାନୁଷ୍ଠାନ ଓ ଏହାର ହଷ୍ଟେଲ୍ ଏବଂ ଆହର କେନ୍ଦ୍ର ପାଇଁ ଖାଦ୍ୟ ପ୍ରସ୍ତୁତ କରୁଥିବା ସଂସ୍ଥା ୧୯କେଜିର ସିଲିଣ୍ଡର୍ ବ୍ୟବହାର କରନ୍ତି । ଏବେ ରୋଗୀ, ଛାତ୍ରଛାତ୍ରୀମାନେ ଖାଦ୍ୟ ପାଇ ପାରୁନାହାନ୍ତି । ରାଜ୍ୟ ସରକାର ଏହିସବୁ ସଂସ୍ଥାକୁ ଗ୍ୟାସ୍ ସଂଯୋଗ ଚାଲୁ ରଖିବାକୁ ନିର୍ଦ୍ଦେଶ ଦେବା ପରେ ବିତରକ ସଂସ୍ଥା ନିଜ ପକ୍ଷରୁ ଏକ ତାଲିକା ପ୍ରସ୍ତୁତ କରିଛନ୍ତି । କେଉଁ ସଂସ୍ଥାକୁ ନିରବଚ୍ଛିନ୍ନ ଭାବେ ୧୯କେଜିର ସିଲିଣ୍ଡର୍ ଦିଆଯିବ, ତାହା ନିଷ୍ପତ୍ତି ନିଆଯାଇଛି । ତୁରନ୍ତ

**• ସୋମବାର ବ୍ୟବସାୟିକ ଏଲ୍‌ପିଜି ବିତରଣ ଉପରେ ନିଷ୍ପତ୍ତି**
**• ଚାହିଦା ମେଣ୍ଟାଇବ ଇଣ୍ଡକ୍‌ସନ୍, ଷ୍ଟୋଭ୍ ଓ କାଠଚୁଲା**

୧୯କେଜିର ସିଲିଣ୍ଡର୍ ଯୋଗାଇ ଦେବା ପାଇଁ ଇଣ୍ଡେନ୍ ଗ୍ୟାସ୍, ଏଚ୍‌ପି ଗ୍ୟାସ୍ ଓ ଭାରତ ଗ୍ୟାସ୍ କମ୍ପାନୀକୁ ସହରରେ ଥିବା ଗ୍ୟାସ୍ ଏଜେନ୍ସିଗୁଡ଼ିକ ଚିଠି ଲେଖିଛନ୍ତି । ଅନ୍ୟପଟେ, ହୋଟେଲ ଓ ବ୍ୟବସାୟିକ ସଂସ୍ଥାକୁ ଗ୍ୟାସ୍ ସିଲିଣ୍ଡର୍ ଯୋଗାଣ ଉପରେ ରାଜ୍ୟ ସରକାର କୌଣସି ନିଷ୍ପତ୍ତି ନେଇନାହାନ୍ତି । କମର୍ସିଆଲ୍ ସିଲିଣ୍ଡର ବ୍ୟବହାର କରୁଥିବା ଅନ୍ୟ ସଂସ୍ଥା, ଯେପରିକି ଫାଷ୍ଟଫୁଡ୍ ଦୋକାନୀ, ଛୋଟ ହୋଟେଲ, ଜଳଖିଆ ଦୋକାନଗୁଡ଼ିକରେ ସମସ୍ୟା ଏବେ ବଢ଼ିଯାଇଛି । ଗ୍ୟାସ ଯୋଗାଣ ୫ ଦିନ ହେବ ବନ୍ଦ ହୋଇଗଲାଣି । ଏବେ ଏହି ସବୁ ଦୋକାନରେ ଚୁଲି ଜଳିବା ପ୍ରାୟ ବନ୍ଦ ହୋଇଗଲାଣି । ଜିଲ୍ଲା ଯୋଗାଣ ବିଭାଗ ହାତରେ କିଛି ନଥିବାରୁ ତାହା ଏବେ ସ୍ଥାଣୁ ପାଲଟିଯାଇଛି । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ଏବେ ରନ୍ଧନ ଗ୍ୟାସ୍ ସଙ୍କଟ ବଳବତ୍ତର ରହିଛି । ଏଭଳି ସ୍ଥିତିରେ ଆସନ୍ତା ସୋମବାରଠାରୁ କିଛି ବ୍ୟବସାୟିକ ଏଲପିଜି ବିତରଣ କରାଯାଇପାରେ ବୋଲି ଜଣାପଡ଼ିଛି ।

ସୂଚନା ଅନୁସାରେ, ସହରରେ ଏବେ ଇଣ୍ଡକ୍‌ସନ୍ ଚୁଲା, ଷ୍ଟୋଭ୍ ଏବଂ କାଠ ଚୁଲା ମୁହାଁ ଲୋକମାନେ ହେବାରେ ଲାଗିଛନ୍ତି । ସାଧାରଣ ପରିବାର ଲୋକେ ଷ୍ଟୋଭ୍ ଓ କାଠଚୁଲି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ଏଥିପାଇଁ ସହରରେ ଥିବା ଷ୍ଟୋଭ୍ ମରାମତି ଦୋକାନରେ ପୁରୁଣା ଷ୍ଟୋଭ୍ ସଜାଡୁଥିବା ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି । କମର୍ସିଆଲ୍ ଏଲପିଜି ମିଳୁ ନଥିବାରୁ ହୋଟେଲ୍ ବ୍ୟବସାୟ ସଂକଟରେ ପଡ଼ିଥିବା ବେଳେ ଷ୍ଟକ୍ ଥିବା ଘରୋଇ ଗ୍ୟାସ୍ ସେମାନେ ବ୍ୟବହାର କରୁଛନ୍ତି । ତାହା ଆଉ ୧/୨ଦିନ ମଧ୍ୟରେ ଶେଷ ହୋଇଯିବ । ସମ୍ପ୍ରତି ବଜାରରେ ହଠାତ୍ ଇଣ୍ଡକସନ୍ ଚୁଲା ଓ ଷ୍ଟୋଭ୍ ବ୍ୟବସାୟ ଜୋରଦାର୍ ହେଉଛି । ସହରରେ ରାଣୀହାଟ ଠାରୁ ଆରମ୍ଭ କରି ବକ୍ସିବଜାର, କଲେଜଛକ, ବକ୍ସିବଜାର, ଦୋଳମୁଣ୍ଡାଇ, ବାଦାମବାଡ଼ି, ଓଏମପି, ନୂଆବଜାର, ସିଡିଏ, ଚୌଧୁରୀବଜାରରେ ଥିବା ଇଣ୍ଡକସନ୍ ଷ୍ଟୋର୍‌ରେ ଲୋକଙ୍କ ନାହିଁନଥିବା ଭିଡ଼ ଦେଖିବାକୁ ମିଳୁଛି । ଗତ ୪ଦିନ ହେବ ଏହି ଇଣ୍ଡକ୍‌ସନ୍ ବିକ୍ରି ବଢ଼ିଥିବା ବେଳେ ଦିନକୁ ଗୋଟିଏ ଦୋକାନରେ ପ୍ରାୟ ୩୦ରୁ ଅଧିକ ଚୁଲା ବିକ୍ରୟ ହେଉଛି । ହୋଲସେଲ୍ ଡିପୁରେ ଇଣ୍ଡକସନ୍ ଚୁଲାର ଦାମ ୩୦୦ରୁ ୪୦୦ଟଙ୍କା ରହିଥିବା ବେଳେ ଏହାର ମଧ୍ୟ ଅଭାବ ପରିଲକ୍ଷିତ ହୋଇଛି । ଏବେ ଏହାର ବଜାର ଦର ଏବେ ଦ୍ୱିଗୁଣିତ ହୋଇଯାଇଛି । ସେହିପରି ଷ୍ଟୋଭ୍ ଦର ମଧ୍ୟ ଆକାଶ ଛୁଆଁ ରହିଛି । ଷ୍ଟୋଭ୍‌ର ଦର ୩୫୦ଟଙ୍କାରୁ ଆରମ୍ଭ କରି ଦେଢ଼ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି । ରୋଷେଇରେ ଜଳାଯାଉଥିବା କାଠ ଦୋକାନରେ ମଧ୍ୟ ପ୍ରବଳ ଭିଡ଼ ହେଉଛି । ଯଦି ଆସନ୍ତା ସୋମବାର ଉଭୟ କମର୍ସିଆଲ୍ ଓ ଘରୋଇ ସିଲିଣ୍ଡର୍‌ର ସ୍ୱାଭାବିକ ଯୋଗାଣ ଆରମ୍ଭ ନହୁଏ ତେବେ ପରିସ୍ଥିତି ଆହୁରି ବିଗିଡ଼ିବ ବୋଲି ଏବେ ସ୍ପଷ୍ଟ ହୋଇଗଲାଣି । ଅନ୍ୟପଟେ ଆଜି ମଧ୍ୟ ୫କେଜିଆ ସିଲିଣ୍ଡର୍‌ରେ ଗ୍ୟାସ୍ ରିଫିଲିଂ କରିବାକୁ ସମସ୍ୟା ଦେଖା ଦେଇଥିଲା । ହାତଗଣତିରେ ଯେଉଁ ଦୋକାନରେ ଗ୍ୟାସ୍ ସିଲିଣ୍ଡର୍ ରହିଛି, ସେମାନେ ଗ୍ୟାସ୍ କିଲୋ ପିଛା ୧୪୦ଟଙ୍କାରୁ ୧୭୦ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଛନ୍ତି । ପୂର୍ବରୁ ୫କେଜିର ସିଲିଣ୍ଡର୍‌କୁ ରିଫିଲିଂ ପାଇଁ ୪୫୦ଟଙ୍କାରୁ ୫୦୦ଟଙ୍କା ଦେବାକୁ ପଡୁଥିବା ବେଳେ ବର୍ତ୍ତମାନ ଏହା ୭୫୦ଟଙ୍କାରୁ ୮୫୦ଟଙ୍କାରେ ବିକ୍ରୟ ହେଉଛି । ଏହି ଛୋଟ ଗ୍ୟାସ୍ ବ୍ୟବହାର କରୁଥିବା ଗ୍ରାହକମାନେ କେଉଁଭଳି ଗ୍ୟାସ୍ କ୍ରୟ କରିବେ, ତାହା ଏବେ ଉଦ୍‌ବେଗର ବିଷୟ ପାଲଟିଛି ।

# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନକୁ ରାଜ୍ୟବ୍ୟାପୀ ସମର୍ଥନ

**କଟକ,୧୪ ।୩(ସମିସ):** ୩ ଦଫା ଦାବି ଉପରେ ରାଜ୍ୟ ବ୍ୟାପୀ ଜାରି ରହିଥିବା ଆଉଟସୋରର୍ସିଂ କର୍ମଚାରୀଙ୍କ ଆନ୍ଦୋଳନକୁ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ସମର୍ଥନ ଜଣାଇଛି । ଏହି ବିଷୟ ସଂଗଠନର କାର୍ଯ୍ୟକାରୀ ସଭାପତି ଭାନୁମତି ମହାନ୍ତି ଓ ସାଧାରଣ ସମ୍ପାଦକ ବିକାଶଚନ୍ଦ୍ର ମହାପାତ୍ର ଏକ ପ୍ରେସ୍ ବିବୃତ୍ତିରେ ପ୍ରକାଶ କରିଛନ୍ତି । ଏ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱଳ୍ପ ଦରମାରେ ଆଉଟ୍‌ସୋର୍ସିଂ ମାଧ୍ୟମରେ ନିଯୁକ୍ତି ଦିଆଯିବା ବ୍ୟବସ୍ଥାକୁ ବାତିଲ କରି ସ୍ଥାୟୀ ନିଯୁକ୍ତି ଦେବା, ସ୍ଥାୟୀ ନିଯୁକ୍ତି ହେବା ପର୍ଯ୍ୟନ୍ତ 'ସମାନ କାମକୁ ସମାନ ଦରମା' ନୀତି ଆଧାରରେ ଦରମା ଦେବା ଓ ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦେବା ଦାବି ଅତ୍ୟନ୍ତ ଯୁକ୍ତିଯୁକ୍ତ, ଯଥାର୍ଥ ଓ ନ୍ୟାୟୋଚିତ ବୋଲି କୁହାଯାଇଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଉକ୍ତ ଦାବି ଓ ଆନ୍ଦୋଳନକୁ ସମର୍ଥନ ଜଣାଇଛି । ଏହାସହ ରାଜ୍ୟ ସରକାର କାଳ ବିଳମ୍ବ ନକରି ରାଜ୍ୟର ଜନସାଧାରଣ ତଥା କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ସ୍ୱାର୍ଥରେ ସମସ୍ତ ଦାବି ପୂରଣ କରିବାକୁ ଶ୍ରୀମତୀ ମହାନ୍ତି ଓ ଶ୍ରୀ ମହାପାତ୍ର ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି ।

# ବିଦ୍ୟାଧରପୁର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜାତୀୟ ଗୁଣାତ୍ମକମାନକ ପ୍ରମାଣପତ୍ର

**କଟକ,୧୪ ।୩(ସମିସ):** ଜାତୀୟ ସ୍ୱାସ୍ଥ୍ୟ ମିଶନ ସହାୟତାରେ ସାମାଜିକ ସଂଗଠନ ଉତ୍କଳ ସେବକ ସମାଜ ଦ୍ୱାରା ସିଆରଆଇ ବିଦ୍ୟାଧରପୁରଠାରେ ପରିଚାଳିତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜାତୀୟ ଗୁଣାତ୍ମକ ମାନକ ପ୍ରମାଣପତ୍ର ପ୍ରାପ୍ତ ହୋଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଶାନ୍ତ ହୋତା, କ୍ୱାଲିଟି କନସୋଲଟାଣ୍ଟ ଡାକ୍ତର ବିଜୟ କୁମାର ସ୍ୱାଇଁ, ଡାକ୍ତର ଅଶୋକ କୁମାର ଦାଶ, ଡାକ୍ତର ସତ୍ୟବ୍ରତ ମହାପାତ୍ର, ସୁକାନ୍ତ କୁମାର ମିଶ୍ର, କୃଷିକେଶ ସାହୁ, ରାଜକୁମାର ଗୁପ୍ତା, ଏମ୍ ନାରାୟଣ ରାଓ, ନେହା ରାଜପୁତ, ଇପ୍ସିତା ମିଶ୍ର, ୪୭ନଂ ୱାର୍ଡର କର୍ପୋରେଟର ଇଂ ସୁବ୍ରତ ଘଡେଇ, ସମାଜସେବୀ ହିମାଂଶୁ ଷଡଙ୍ଗୀ, ପୂଜକମିଟିର ପ୍ରତିନିଧି ନଗେନ ମହାରଣା ଓ ରମେଶଚନ୍ଦ୍ର ସିଂହ ଯୋଗଦେଇଥିଲେ । ୨୦୧୭ ମସିହାରୁ ଭଡ଼ା ଘରେ ଆରମ୍ଭ ହୋଇଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ସ୍ଥାନୀୟ ନେତୃବୃନ୍ଦ, ପୂଜା କମିଟି ଓ ସାମାଜିକ ସଂଗଠନମାନଙ୍କ ଉଦ୍ୟମ ଫଳରେ ୨୦୧୮ ମସିହାରେ ନିଜସ୍ୱ ଗୃହକୁ ସ୍ଥାନାନ୍ତରିତ ହୋଇଥିଲା । ନିରବଚ୍ଛିନ୍ନ ଶକ୍ତି ଯୋଗାଣ ପାଇଁ



ସୋଲାରର ବ୍ୟବସ୍ଥା ମଧ୍ୟ କରଯାଇଥିଲା । କୋଭିଡ ସମୟରେ କୋଭିଡ୍ ପରୀକ୍ଷାଠାରୁ ଆରମ୍ଭ କରି ପ୍ରତିଷେଧକ ଟୀକାକରଣରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉଲ୍ଲେଖନୀୟ କାର୍ଯ୍ୟ କରି ସମସ୍ତଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା । ଏହାପରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ରାଜ୍ୟସ୍ତରୀୟ ଅଫିସରମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜାତୀୟସ୍ତରୀୟ ପ୍ରମାଣପତ୍ର ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ଆରମ୍ଭ କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ଚିକିତ୍ସା ଓ ସୁବିଧାର ମାନ ନିର୍ଦ୍ଧାରଣ ପୂର୍ବକ ତାହାକୁ ନିଶ୍ଚିନ୍ତ କରିବା ପାଇଁ ପ୍ରଥମେ ଜିଲ୍ଲା ସ୍ତରରେ ପରେ ରାଜ୍ୟ ସ୍ତରରେ ଓ ଶେଷରେ ଜାତୀୟ ସ୍ତରର ମୂଲ୍ୟାଙ୍କନ ଦଳ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଏଠାରେ ଉପଲବ୍ଧ ୧୨ ପ୍ରକାରର ବିସ୍ତାରିତ ସେବା, ୬ ପ୍ରକାରର ବିଶେଷଜ୍ଞ ସେବା, ପରିଷ୍କାର ପରିଚ୍ଛନ୍ନତା, ଚିକିତ୍ସିତ ବ୍ୟକ୍ତିଙ୍କ ସନ୍ତୋଷର ହାର ଓ ଗୋଷ୍ଠୀ ଭିତ୍ତିକ ସ୍ୱାସ୍ଥ୍ୟ ସଚେତନତା ଆଦି କାର୍ଯ୍ୟକ୍ରମକୁ ବିଚାରକୁ ନେଇ ଏକ ସ୍ୱତନ୍ତ୍ର ଦଳ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ଏହାପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ଏହି ପ୍ରମାଣପତ୍ର ପ୍ରଦାନ କରାଯାଇଛି ।

• ନିଆରା ବ୍ରତ

# ନିଜ ବ୍ରତୋତ୍ସବରେ ବୃକ୍ଷ ବଣ୍ଟନ କଲେ ଆୟୁଷ୍ମାନ



**କଟକ, ୧୪।୩(ସମିସ):** ସିଏମ୍‌ସି ୫୯ ନମ୍ବର ୱାର୍ଡ ରାମନଗର ଗ୍ରାମର ବିରଞ୍ଚି ନାରାୟଣ ପଣ୍ଡା ଓରଫ ସାଧୁ ନନାଙ୍କ ପୁତ୍ର ଆୟୁଷ୍ମାନ ନିଜ ବ୍ରତଘରରେ ବୃକ୍ଷ ବଣ୍ଟନ କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ଅଷ୍ଟମ ଶ୍ରେଣୀରେ ପଢୁଥିବା ଆୟୁଷ୍ମାନ (ହରି ଓଁ)ଙ୍କ ଆଜି ଥିଲା ବ୍ରତଘର । ବ୍ରତୋପନୟନ ପରେ ଭିକ୍ଷା ମାଗୁଣି କରିବା ପାଇଁ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରୁଥିବାବେଳେ ଭିକ୍ଷା ପ୍ରଦାନ କରୁଥିବା ଦାତାଙ୍କୁ ଗୋଟିଏ ଲେଖା ଜାମୁକୋଳି ଗଛ ବଣ୍ଟନ କରିଥିଲେ । ଲୋକେ ବି ଆଗ୍ରହର ସହ ବ୍ରହ୍ମଚାରୀଙ୍କ ହାତରୁ ବୃକ୍ଷ ଗ୍ରହଣ କରି ବେଶ ଖୁସି ହେଉଥିବାର ଦେଖାଯାଇଥିଲା । "ପ୍ରଦୂଷିତ ବାୟୁମଣ୍ଡଳର ଶୁଦ୍ଧତା ପାଇଁ ଏକମାତ୍ର ଉପାୟ ହେଉଛି ବୃକ୍ଷରୋପଣ' ବୋଲି ସେ କହିବା ସହ ବର୍ତ୍ତମାନ ଘରେ ଘରେ ମଧୁମେହ ରୋଗୀଙ୍କ ପାଇଁ ଜାମୁ ମଞ୍ଜି ଏକ ଉପଚାର ହୋଇଥିବାରୁ ଏହାର ଗଛ ଉତ୍ତମ ଉପହାର ବୋଲି ସେ ମତ ଦେଇଥିଲେ । ସେଇଭଳି ଆଧୁନିକ ଗୀତ ବା ବାଦ୍ୟ ପରିବର୍ତ୍ତେ ମୃଦଙ୍ଗ, ଝାଞ୍ଜ ଆଦି ପାରମ୍ପରିକ ବାଦ୍ୟ ସହ ନାମ ସଂକୀର୍ତ୍ତନରେ ତାଙ୍କ ଶୋଭାଯାତ୍ରା କରାଯାଇଥିଲା । ଭୋଜି ସମୟରେ ଆଗନ୍ତୁକ ଅତିଥିମାନଙ୍କୁ ବ୍ରହ୍ମଚାରୀ ବେଶରେ ରହି ନିଜ ହସ୍ତରେ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗ ଲାଗି ଛଡା ତୁଳସୀକୁ ପାଦୁକ ଭାବେ ବଣ୍ଟନ କରିଥିଲେ । ଶୋଭାଯାତ୍ରାରେ ବ୍ରାହ୍ମଚାରୀଙ୍କ ସହ ପରମହଂସ ଶ୍ରୀମଦ ବ୍ରହ୍ମାନନ୍ଦ ପରମହଂସ, ସ୍ୱାମୀ ତ୍ରିଲୋକେଶ୍ୱର ଭାରତୀ, ବ୍ରହ୍ମଚାରୀ ମାନସ ଚୈତନ୍ୟ, ଶ୍ରୀମଦ ଆଲୋକ ବାବା, ସ୍ୱାମୀ ରାମେଶ୍ୱରାନନ୍ଦଜୀ, ବାମନ ବାବାପ୍ରମୁଖ ବହୁ ସାଧୁ ନବ ବ୍ରହ୍ମଚାରୀଙ୍କୁ ଆଶୀର୍ବାଦ କରିଥିଲେ । ଏହି ବ୍ରତଘର ଉତ୍ସବର ନିମନ୍ତ୍ରଣପତ୍ରଟି ଓଡ଼ିଆ କିମ୍ବା ଇଂରାଜୀ ବଦଳରେ ସଂସ୍କୃତ ଭାଷାରେ ଲେଖାଯାଇଥିଲା ।

# ୨୮ ନମ୍ବର ୱାର୍ଡରେ ବିଜେଡିର ମହିଳା ସମାବେଶ



**କଟକ,୧୪ ।୩(ସମିସ):** ଆଜି କଟକ ମହାନଗର ନିଗମ ଅନ୍ତର୍ଗତ ୨୮ ନମ୍ବର ୱାର୍ଡ କର୍ପୋରେଟର ବନଲତା ପ୍ରଧାନଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ବାରବାଟୀ-କଟକ ପକ୍ଷରୁ ଏକ ମହିଳା ସମାବେଶ ଆୟୋଜିତ ହୋଇଯାଇଛି । ବିଜେଡି ସରକାର ସମୟରେ ମା' ଭଉଣୀଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆତ୍ମନିର୍ଭରଶୀଳ କରାଯାଇଥିଲା । ବର୍ତ୍ତମାନର ସରକାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାହାଯ୍ୟ ଦେଉ ନଥିବାରୁ ଆର୍ଥିକ କ୍ଷତି ସହୁଛନ୍ତି ବୋଲି ନେତୃବୃନ୍ଦ କହିଥିଲେ । ଏହି ମହିଳା ସମାବେଶରେ କର୍ପୋରେଟର ବନଲତା ପ୍ରଧାନ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବରେ କଟକ ମେୟର ସୁବାସ ସିଂହ, ସମ୍ମାନିତ ଅତିଥି ଭାବରେ ବିଜୁ ଜନତା ଦଳ କଟକ ଜିଲ୍ଲା ମହିଳା ସଭାପତି ଅନିତା ବେହେରା, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଏ ଶ୍ରୀଦେବୀ, କର୍ପୋରେଟର ଇତିଶ୍ରୀ ଦାସ, ପୁଷ୍ପିତା ମହାନ୍ତି, ସଂଯୁକ୍ତା ମହାରଣା, ବନିତା ମହାପାତ୍ର, ମିନାକ୍ଷୀ ପ୍ରଧାନ, ସୁଷମା ପ୍ରଧାନ, ଜୁଲି ପରିଡା, ଶାସନଟି ବେହେରା, ସବିତା ବେହେରା, ବିଦୁଲତା ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ ।

# ସାଇବର ଠକେଇ ଉପରେ ସ୍ୱତନ୍ତ୍ର କର୍ମଶାଳା

**କଟକ,୧୪ ।୩(ସମିସ):** ମାଲଗୋଦାମ ଥାନା ପକ୍ଷରୁ ବରିଷ୍ଠ ନାଗରିକଙ୍କ ସଭା ଆଜି ଆୟୋଜିତ ହୋଇଯାଇଛି । ଏହି ଥାନା ଅଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା, ସୁବିଧା ଓ କଲ୍ୟାଣକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ସଭା ଆୟୋଜିତ ହୋଇଥିଲା । ପୁଲିସ ଓ ବରିଷ୍ଠ ନାଗରିକଙ୍କ ମଧ୍ୟରେ ସମ୍ପର୍କ, ଭରସା ଓ ସହଯୋଗ ବୃଦ୍ଧି କରିବା ପାଇଁ ଏହି ସଭାଟି ଆୟୋଜନ କରାଯାଇଥିବା ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଏସିପି ଅରୁଣ କୁମାର ସ୍ୱାଇଁ, ୱାର୍ଡ ନମ୍ବର ୪୦ ଓ ୪୬ ର କର୍ପୋରେଟର, ପୂର୍ବତନ କର୍ପୋରେଟର, ସ୍ଥାନୀୟ ଅଞ୍ଚଳର ଅନେକ ସମ୍ମାନିତ ବୃଦ୍ଧ ନାଗରିକମାନେ ଯୋଗ ଦେଇଥିଲେ । ସଭା ସମୟରେ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ, ଦୈନନ୍ଦିନ ସମସ୍ୟା ଓ ପୁଲିସ ସହାୟତା ସମ୍ବନ୍ଧୀୟ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ପୁଲିସ ପକ୍ଷରୁ ବୃଦ୍ଧ ନାଗରିକମାନଙ୍କୁ ସାଇବର ଠକେଇ, ଫୋନ୍ ଫ୍ରଡ୍, ଅନଲାଇନ୍ ଧୋକା ଓ ଅନ୍ୟାନ୍ୟ ଅପରାଧ ପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଥିଲା । ଅଜଣା ଫୋନ୍ କଲ୍, ଓଟିପି ସେୟାର କରିବା କିମ୍ବା ସନ୍ଦେହଜନକ ଲୋକଙ୍କୁ ବ୍ୟାଙ୍କ ସୂଚନା ଦେବା ଭଳି କାର୍ଯ୍ୟରୁ ଦୂରେଇ ରହିବାକୁ ସେମାନଙ୍କୁ ସଚେତନ କରାଯାଇଥିଲା । କୌଣସି ସନ୍ଦେହଜନକ ଘଟଣା, ଅସୁବିଧା ପରିସ୍ଥିତି ଦେଖାଦେଲେ ପୁଲିସକୁ ତୁରନ୍ତ ଜଣାଇବା ପାଇଁ ଅନୁରୋଧ କରାଯାଇଥିଲା । କାର୍ଯ୍ୟକ୍ରମକୁ ମାଲଗୋଦାମ ଥାନା ଆଇଆଇସି ଦୀପକ କୁମାର ଖଣ୍ଡାୟତରାୟ ପରିଚାଳନା କରିଥିଲେ ।

# କଟକ ଜିଲ୍ଲାର ବିଭିନ୍ନ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ





**କଟକ,୧୪ ।୩(ସମିସ):**

କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ଓ ଦୌରାଜଜ୍ ଅଦାଲତ ପରିସର, ତାଲୁକ ସ୍ତରରେ ୨୦୨୬ ମସିହାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ମାନସ ରଞ୍ଜନ ପାଠକ ଓ ରାଜ୍ୟ ଆଇନସେବା ପ୍ରାଧିକରଣର ସଦସ୍ୟ ସଚିବ ଅରବିନ୍ଦ ପଟ୍ଟନାୟକ କଟକ ଜିଲ୍ଲାର ସମସ୍ତ ଅଦାଲତ ପରିଦର୍ଶନ କରିଥିଲେ । ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା କଟକ ଜିଲ୍ଲା ଓ ଦୌରାଜଜ୍ ମାନସ ରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଅଦାଲତର ସମସ୍ତ ବିଚାରପତି ନିଜ ନିଜ କୋର୍ଟରେ ଥିବା ମକୋଦ୍ଦମାର ଲୋକ ଅଦାଲତରେ ଫଏସଲା କରାଇଥିଲେ । ଏହି ଲୋକ ଅଦାଲତରେ ୪୨୮୫୮ ମକଦ୍ଦମାରୁ ୧୨୪୮୬ଟିର ଫଏସଲା କରାଯିବା ସହିତ ୩୭,୮୧,୯୨,୮୦୫ ଟଙ୍କା ଜରିମାନା ଓ ଅନୁକମ୍ପା ମୂଳକ ରାଶି ସ୍ଥିରୀକୃତ କରାଯାଇଥିଲା । ଚଳିତ ବର୍ଷର ଏହି ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟର ଯାନ ଦୁର୍ଘଟଣା ମକଦ୍ଦମା, ପାରିବାରିକ, ଜମି ଅଧିଗ୍ରହଣ, ବିଦ୍ୟୁତ୍ ଅଧିନିୟମ ମକଦ୍ଦମା, ଚେକ୍ ବାଉନ୍ସ, ରାଜସ୍ୱ, ରଫାଯୋଗ୍ୟ ଟ୍ରାଫିକ ଚାଲାଣ ମାମଲାର ଫଏସଲା କରାଯାଇଥିଲା । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଦାୟିତ୍ୱରେ ଥିବା ଦୀପଙ୍କର ପଟ୍ଟନାୟକ ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ ।

**ନିଶ୍ଚିନ୍ତକୋଇଲି:** ନିଶ୍ଚିନ୍ତକୋଇଲି ସିଭିଲ ଜଜ୍ କୋର୍ଟ ପକ୍ଷରୁ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଛି । ବିଚାରପତି ରୀତି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତରେ ମୋଟ ୫୦ଟି ଫୌଜଦାରୀ ମାମଲା ଓ ୧ଟି ଦେୱାନୀ ମାମଲାକୁ ବିଚାର କରାଯାଇ ଫଏସଲା କରାଯାଇଛି । ସରକାରୀ ଓକିଲ ଅଶୋକ ମହାପାତ୍ର, ପ୍ରଭାକର ସେଠୀ ଏବଂ ପ୍ରଣତୀ ବେହେରା ମାମଲା ପରିଚାଳନା କରିଥିଲା ବେଳେ ବିଭିନ୍ନ ପକ୍ଷଙ୍କ ସମର୍ଥନରେ ଆଇନଜୀବୀ ଅମରେନ୍ଦ୍ର ନାରାୟଣ ମହାନ୍ତି, ଜିତେନ୍ଦ୍ର ମିଶ୍ର, ଜୟନ୍ତ ସାମନ୍ତରାୟ, ଶିଶିର ମଲିକ, ଭାଗ୍ୟଧର ସାହୁ, ପ୍ରଦୀପ୍ତ କିଶୋର ନନ୍ଦ, ଜିତେନ୍ଦ୍ର ସ୍ୱାଇଁ, ତପନ ଦାସ, ଲକ୍ଷ୍ମୀଧର ବେହେରା, ପ୍ରମୋଦ ଜେନା ପରିଚାଳନା କରିଥିଲେ । ପେସକାର ତପସ୍ୱିତା ସୂତାର, ନାଜର ଚିତ୍ତରଂଜନ ଜେନା, ସିଏସ୍‌ଆଇ କୁନାଲ ସାମଲ ସହଯୋଗ କରିଥିଲେ ।



**ଆଠଗଡ଼:** ଆଠଗଡ଼ ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଶନିବାର ଆଠଗଡ ଅଦାଲତରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ବିଚାରପତି ତଥା ତାଲୁକ ଆଇନସେବା କମିଟିର ଅଧ୍ୟକ୍ଷ ରାଜକୁମାର ଦାଶ ନିଜ ଅଦାଲତ ପରିଚାଳନା କରି ୨୦ଟି ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା ସମାଧାନ କରିଥିଲେ । ଏସଡିଜେଏମ ନରୋଜ ସାହୁ ନିଜ ଅଦାଲତ ପରିଚାଳନା କରି ୬୦ଟି ଫୌଜଦାରୀ ମାମଲା ଓ ୧ଟି ବୈବାହିକ ମାମଲା ସମାଧାନ କରିଛନ୍ତି । ସେହିପରି ଜେଏମଏଫସି ସ୍ଥିତିପ୍ରଜ୍ଞା ଅମୃତତନୟା ନିଜ ଅଦାଲତ ପରିଚାଳନା କରି ୨ଟି ଫୌଜଦାରୀ ମାମଲା ସମାଧାନ କରିଛନ୍ତି । ଆଠଗଡ ଓକିଲ ସଂଘର କର୍ମକର୍ତ୍ତାମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

**ତିଗିରିଆ:** ତିଗିରିଆ ଜେଏମଏଫସି କୋର୍ଟରେ ଆଇନ ସେବା କମିଟିର ଅଧ୍ୟକ୍ଷ ତଥା ତିଗିରିଆ କୋର୍ଟର ବିଚାରପତି ଅନିମେଷ ସାମଲ ଲୋକଅଦାଲତକୁ ଉଦଘାଟନ କରିଥିଲେ । କାଯ୍ୟକ୍ରମରେ ୨୭ଟି ଫୌଜଦାରୀ ମାମଲାରୁ ୧୨ଟି ମାମଲାର ଏବଂ ୧ଟି ଦେୱାନୀ ମାମଲାର ଫଇସଲା ହୋଇଛି । ତିଗିରିଆ ଓକିଲ ସଂଘର ସଭାପତି ମଙ୍ଗଳକୃଷ୍ଣ ଦାଶ, ବରିଷ୍ଠ ଆଇନୀଜୀବୀ ପ୍ରଶାନ୍ତ ପଟ୍ଟନାୟକ, କେଶରୀ ଦାଶ, ରମେଶଚନ୍ଦ୍ର ମାଝି, ସୁବାସଚନ୍ଦ୍ର ସାହୁ, ରଘୁନାଥ ଦାଶ, ଆଶୁତୋଷ ମିଶ୍ର, ରଞ୍ଜନ ମହାରଣା, ତନ୍ମୟ ମିଶ୍ର, ସୁକାନ୍ତ ନାୟକ, ଇଭା ପଣ୍ଡା ଏବଂ ତିଗିରିଆ କୋର୍ଟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ୧୧୨ ବର୍ଷରେ ଜରିପୁଟ ଦଶଦୋଳ ମେଳଣ

# ଏକାଠି ହେଲେ ୧୬ ଖଣ୍ଡ ଗାଁ ଠାକୁର

ଖୋର୍ଦ୍ଧା,୧୪।୩ (ସମିସ)



ଖୋର୍ଦ୍ଧା ସହର ଉପକଣ୍ଠ ଜରିପୁଟ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଆରମ୍ଭ ହୋଇଛି ଦଶଦୋଳ ମେଳଣ। ଜରିପୁଟ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବ ୩ ଦିନ ଧରି ଆଡମ୍ବରରେ ଆୟୋଜିତ ହୋଇଥାଏ। ଜରିପୁଟ ସମେତ ଆଖପାଖ ୧୬ଟି ଗାଁର ଠାକୁର ଏକାଠି ହୋଇଛନ୍ତି। ଗ୍ରାମର ଚନ୍ଦ୍ରଶେଖର ମହାଦେବ ହେଉଛନ୍ତି ଥାନପତି। ରୀତିନୀତି ପରମ୍ପରା ଅନୁସାରେ ରାତିରେ ପଟୁଆରରେ ଚନ୍ଦ୍ରଶେଖର ମହାଦେବ ବାଦ୍ୟ ବାଜଣା, ପାରମ୍ପରିକ ଲୋକନୃତ୍ୟ ମଧ୍ୟରେ ଭକ୍ତଙ୍କ ଗହଳରେ ଏକ ବିଶାଳ ଶୋଭାଯାତ୍ରାରେ ମନ୍ଦିରରୁ ବାହାରି ମେଳଣ ପଡିଆରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଦୋଳ ମଣ୍ଡପରେ ବିଜେ କରିଥିଲେ। ଚନ୍ଦ୍ରଶେଖର ମହାଦେବଙ୍କ ପଛରେ ନିମନ୍ତ୍ରିତ ଅନ୍ୟ ଗାଁର ଠାକୁର ମାନେ ଶୋଭାଯାତ୍ରାରେ ସାମିଲ ହୋଇ ମେଳଣ ପଡିଆରେ ପ୍ରବେଶ କରି ନିଜ ଆସନରେ ବିଜେ କରିଥିଲେ।

ଏହି ମେଳଣ ଉତ୍ସବରେ ଶିଆଳିଆର ମଦନ ମୋହନ, କଦଳିବାଡିର ଭଗବତ ବାସୁଦେବ, ବେରୁହାଁ ର ଶ୍ରୀ ଭଗବତ ବାସୁଦେବ, ଦଳେଇପୁଟ ର ମଦନମୋହନ ଦେବ, ଦେଉଳଟାଙ୍ଗିର ସୋମନାଥ ଦେବ, ଦଧିମାଛଗାଡିଆର ରାଧାମୋହନ ଦେବ, ଭାଟପଡାର ସୋମନାଥ, ଜରିପୁଟର ରଘୁନାଥ ଦେବ, ରାଧାମୋହନ ଦେବ, ଗୋପିନାଥ ଦେବ, କଙ୍କଣହାରର ଐଶାନେଶ୍ୱର, ପାଟପୁରର ରାଧାକାନ୍ତ ଦେବ, ପାନବରଜର ବାଲୁଙ୍କେଶ୍ୱର, ଭାଲିଆବାଡିର ରାଧାକାନ୍ତ ଦେବ, କଲ୍ୟାଣପୁରର ସ୍ୱପ୍ନେଶ୍ୱର, ଜକରା ର ଲୋକନାଥ ଦେବ, ହଳଦିପଦାର ବାବା ମଲ୍ଲକେଶ୍ୱର ଏବଂ ବୋତଲମା ଗ୍ରାମର ଧବଳେଶ୍ୱର ମହାଦେବ ଦୋଳବେଦୀ ରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

ଲୋକକଥା ଅନୁସାରେ, ପ୍ରାୟ ୧୧୨ବର୍ଷ ହେବ ଏହି ମେଳଣ ଆୟୋଜନ ହୋଇ ଆସୁଛି। ପୂର୍ବରୁ ସ୍ୱର୍ଗତ ମୋହନ ସାମନ୍ତରାୟ ମାନସିକ ରଖି ମେଳଣ ଆରମ୍ଭ କରିଥିଲେ। ତାଙ୍କ ଅନ୍ତେ ତାଙ୍କ ପୁଅ କାହ୍ନୁଚରଣ ସାମନ୍ତରାୟ ଏହାକୁ ବଜାୟ ରଖିଥିଲେ। କିଛିବର୍ଷ ଚାଲିବା ପରେ ଏହାକୁ ବନ୍ଦ କରିଦେବାକୁ ସ୍ଥିର କରିଥିଲେ। କିନ୍ତୁ ଏହି ମେଳଣ ଯାତ୍ରା ଜାରି ରଖିବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ। ସେବେଠାରୁ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଏହି ଯାତ୍ରା ଆୟୋଜିତ ହୋଇଆସୁଛି।

ପ୍ରଥମ ଦିନ ରାତିରେ ଠାକୁର ମାନଙ୍କ ଜମାଣ ହୋଇଥାଏ। ତା ପରଦିନ ମେଳଣ ଏବଂ ତାପରଦିନ ଭୋର ସମୟରେ ହରିହର ଭୋଟ ନୀତି ସମ୍ପର୍ଣ୍ଣ ହୋଇଥାଏ। ଅଗଣତି ଶ୍ରଦ୍ଧାଳୁ ଭକ୍ତିଭାବରେ ଏକତ୍ର ସମସ୍ତଙ୍କ ଦେବାଦେବୀଙ୍କ ଦର୍ଶନରେ ଭାବବିହ୍ୱଳ ହୋଇ ଏକାଠି ଫଗୁ, ରଙ୍ଗଠାକୁରଙ୍କ ନିକଟରେ ଅର୍ପଣ କରି ପରସ୍ପରକୁ ଶୁଭେଚ୍ଛା ଜଣାଇଥାନ୍ତି। ଏହି ସମୟରେ ଭକ୍ତ ଓ ଭଗବାନଙ୍କ ଦିବ୍ୟ ସମାହାର ଦୃଶ୍ୟ ଅବର୍ଣ୍ଣନୀୟ। ପରେ ନିମନ୍ତ୍ରିତ ଠାକୁର ଦୋଳ ବିମାନରେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ତିନିଦିନ ବ୍ୟାପି ମେଳଣ ପଡିଆରେ ପ୍ରବଳ ସମାଗମ ହୋଇଥାଏ। ଲୋକଙ୍କ ମନୋରଞ୍ଜନ ଲାଗି ଏଠାରେ ଅପେରା ଚାଲିଥିବାବେଳେ ମୀନାବଜାର, ଘର କରଣା ସାମଗ୍ରୀ, ବିଭିନ୍ନ ଖାଦ୍ୟ ଷ୍ଟଲ ମଧ୍ୟ ଖୋଲିଥାଏ। ଜରିପୁଟ ମେଳଣ ଏକ ଭାଇଚାରାର ବାର୍ତ୍ତା ଦେଇଥାଏ। ଆଖପାଖ ଗାଁ ଗଣ୍ଡାର ଲୋକ ମେଳଣ ସମୟରେ ଏକାଠି ହୁଅନ୍ତି।

ଗ୍ରାମ୍ୟ କମିଟି ସଭାପତି ପ୍ରଶାନ୍ତ ଶ୍ରୀଚନ୍ଦନ କୁହନ୍ତି ପୂର୍ବବର୍ଷ ଭଳି ଚଳିତ ବର୍ଷ ଶାନ୍ତିଶୃଙ୍ଖଳାର ସହ ମେଳନ ଉତ୍ସବ ସମାପନ ଲାଗି ଲକ୍ଷ୍ୟ ରଖାଯାଇଛି। ଗ୍ରାମବାସୀ ଓ ଯୁବକମାନଙ୍କ ସହାୟତାରେ ଜମାଣ ଉତ୍ସବ ଜାକଜମକରେ କରାଯାଇଥିବାବେଳେ ଚଳିତ ବର୍ଷ ଗ୍ରାମ୍ୟ କିମଟିର ସମସ୍ତ କର୍ମକର୍ତ୍ତା ଓ ଗାଁ ର ଯୁବଗୋଷ୍ଠି ମେଳଣ ପରିଚାଳନା ରେ ସହଯୋଗ କରୁଛନ୍ତି। ଶାନ୍ତି ଶୃଙ୍ଖଳା ଲାଗି ଆଦର୍ଶଥାନା ପୁଲିସ ପକ୍ଷରୁ ଗୋଟିଏ ସେକ୍ସନ ଫୋର୍ସ ନିୟୋଜିତ ରହିଛନ୍ତି।

## ଆରମ୍ଭ ହେଲା ମାଣିବନ୍ଧ ଦଶ ଦୋଳଯାତ୍ରା



ବେଗୁନିଆ,୧୪।୩ (ସମିସ): ବୋଲଗଡ ବ୍ଲକ ଅନ୍ତର୍ଗତ ମାଣିବନ୍ଧ ଗ୍ରାମରେ ଶୁକ୍ରବାର ଦିନ ମଧ୍ୟ ରାତ୍ରରୁ ଦଶଦୋଳ ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରାଟି ବିଗତ ୧୫୧ ବର୍ଷ ଧରି ପୁରୁଷାନୁକ୍ରମେ ଚାଲିଥିବା ବେଳେ ଦୀର୍ଘ ୧୫ ବର୍ଷରୁ ଅଧିକ ହେବ ଗ୍ରାମର ବରିଷ୍ଠ ନାଗରିକ ଦିଲ୍ଲୀପ ଛୋଟରାୟଙ୍କ ଆବାହକତ୍ୱ ଗ୍ରାମବାସୀଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳାର ସହ ହେଉଛି। ଏଥିରେ ମାଣିବନ୍ଧ, ବଡପଦର୍, କୋଲୁହା ପାଟଣା, ଗୌଡନୂଆଗାଁ, ସୁଆଁଳ, ଧାନଘର ନୂଆଗାଁ, ଗେଡିଆପଲୀ, ଶାମୁକା ପାଟଣା, ସାଲତରା, କଡ଼ାମଲ ଆଦି ୩୬ଟି ଗ୍ରାମର ୪୦ଟି ସୁସଜ୍ଜିତ ଦୋଳରେ ଆରାଧ୍ୟ ଦେବତା ମାନେ ଏକତ୍ରିତ ହୋଇ ଅଧିପତି ବାବା ମାଣିକେଶ୍ୱର୍ ଅବସ୍ଥାନ ପରେ ଅନ୍ୟ ସମସ୍ତ ଦେବ ଆସ୍ଥାନ ଉପରେ ବିରାଜମାନ କରିଥାନ୍ତି। ଚଳିତ ବର୍ଷ ପାଞ୍ଚ ଦିନ ଲାଗିବ ମେଳା ଲାଗି ଥିବା ବେଳେ ଅନ୍ତିମ ଦିବସରେ ହରିହରଙ୍କ ଅପୂର୍ବ ମିଳନର ସମାଗମ ହୋଇ ଉଦଯାପନ ହୋଇଥାଏ। ଏହି ମେଳା ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳ ସମେତ ବିଭିନ୍ନ ସ୍ଥାନରୁ ଜନ ସାଧାରଣଙ୍କ ସମାଗମ ହୋଇ ଥିବା ବେଳେ ଅସ୍ଥାୟୀ ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟ ଖୋଲା ଯାଇ କ୍ରୟ ଓ ବିକ୍ରୟ ହୋଇଥାଏ।

## ନଇରୀ ଦଶଦୋଳ ମେଳଣ ଉଦ୍‌ଯାପିତ

ଚିଲିକା,୧୪।୩ (ସମିସ): ଚିଲିକା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଐତିହାସିକ ଶୈବପୀଠ ନଇରୀସ୍ଥିତ ଶ୍ରୀ ଶ୍ରୀ ହରିହରେଶ୍ୱର ଦେବଙ୍କ ପୀଠରେ ଚଳିତ ବର୍ଷର ଦଶଦୋଳ ମେଳଣ ଉଦ୍‌ଯାପିତ ହୋଇ ଯାଇଛି। କାହିଁ କେଉଁ ଆବହମାନ କାଳରୁ ଫୁଲ ଦୋଳ ରୂପେ ପ୍ରଖ୍ୟାତ ଏହି ଦଶଦୋଳ ମେଳଣ ପଡ଼ିଆରେ ନବମୀ ଦିନ ବିଳମ୍ବିତ ରାତ୍ରୀରେ ପୀଠାଧିପତି ଶ୍ରୀ ଶ୍ରୀ ହରିହରେଶ୍ୱର ଦେବଙ୍କ ଆମନ୍ତ୍ରଣ କ୍ରମେ ଚିଲିକା ଓ ବାଣପୁର ବ୍ଲକ ର ବିଭିନ୍ନ ଗ୍ରାମରୁ ଶିବ, ବିଷ୍ଣୁ ଓ ଦେବୀଙ୍କ ଚଳନ୍ତି ପ୍ରତିମା ସୁସଜ୍ଜିତ ଦୋଳ ବିମାନ, ବୃଷଭ, ଗରୁଡ଼ ଓ ସିଂହ ବାହନ ଉପରେ ବିରାଜମାନ କରି ବର୍ଣ୍ଣାଢ଼୍ୟ ପଟୁଆର ଓ ଆତସବାଜି ପ୍ରଦର୍ଶନ ମଧ୍ୟରେ ଆସି ମେଳଣ ପଡିଆ ଆସ୍ଥାନ ଉପରେ ଆସୀନ ହୋଇଥିଲେ। ଦଶମୀ ଦିନ ବିଭିନ୍ନ ବୈଦିକ ପୂଜା ଉପଚାର ମାଧ୍ୟରେ ଆଜି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ସନ୍ଧ୍ୟାରେ ଠାକୁର ମାନଙ୍କର ମହା ମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମେଳଣରେ ପୀଠାଧିପତି ଶ୍ରୀ ଶ୍ରୀ ହରିହରେଶ୍ୱର ଦେବଙ୍କ ସମେତ ହରିପୁର ଶାସନ ସ୍ଥିତ ପଶ୍ଚିମାଭିମୁଖୀ ଶମ୍ଭୁ ଶ୍ରୀ ଶ୍ରୀ ପ୍ରତାପେଶ୍ୱର ଦେବ, ଛୋଟରାୟ ପୁରସ୍ଥିତ ଶ୍ରୀ ଶ୍ରୀ ଲୋକନାଥ ଦେବ, ଗଙ୍ଗାଧରପୁରସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ, ସୁନାଖଳା ସ୍ଥିତ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଦେବ ପ୍ରମୁଖ ୩୫ ଦେବା ଦେବୀଙ୍କ ସମାବେଶ ହୋଇଥିଲା।ଦଶଦୋଳ କମିଟି ପକ୍ଷରୁ କର୍ମକର୍ତ୍ତା ସଭାପତି ଲଳିତ ମୋହନ ପଟ୍ଟନାୟକ, ସଂପାଦକ ହାଡିବନ୍ଧୁ ପଟ୍ଟନାୟକ, କାର୍ଯ୍ୟକାରୀ ସଂପାଦକ ପ୍ରମୋଦ କୁମାର ଦାସ,ଅଜୟ କୁମାର ଖୁଣ୍ଟିଆ, ପ୍ରମୁଖଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅଞ୍ଚଳବାସୀ ସକ୍ରିୟ ସହଯୋଗ କରିଥିଲେ। ନାଚୁଣୀ ଥାନା ପୁଲିସ ପକ୍ଷରୁ ବ୍ୟାପକ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇ ଥିଲା। ମେଳଣ ସମୟରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିଲା। ଏହି ମେଳଣ ଅବସରରେ ରାତିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଯାତ୍ରା ନାଟକ ଓ ମେଲୋଡି କାର୍ଯ୍ୟକ୍ରମ ପରିବେଷିତ ହେଉଛି।



## ଠାକୁରାଣୀଙ୍କ ଭୋଗଖିଆକୁ ନେଇ ହଟ୍ଟଗୋଳ

ଟାଙ୍ଗୀ,୧୪।୩ (ସମିସ): ଗତକାଲି ବିଳମ୍ବିତ ରାତିରେ ଚାନ୍ଦପୁର ଗୋପବନ୍ଧୁନଗର ରେ ଠାକୁରଙ୍କ ଭୋଗଖିଆକୁ ନେଇ ବିବାଦରୁ ହଟ୍ଟଗୋଳ। ଠେଲାପେଲା ଯୋଗୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ମା' ରାମଚଣ୍ଡୀ ଦେବୀଙ୍କ ସମେତ ତିନି ଠାକୁରାଣୀ ଠାକୁରଙ୍କୁ ସାହି ରାସ୍ତାରେ ଦେଢ ଘଣ୍ଟା ଅଟକିବାକୁ ପଡିଥିଲା। ଘଟଣାସ୍ଥଳରେ ପୁଲିସ, ଗ୍ରାମ୍ୟ କମିଟି ପହଞ୍ଚିବା ପରେ ଦୋଳ ରେ ଆସିନ ଠାକୁରଙ୍କୁ ବଳପୂର୍ବକ ନେଇଯିବାକୁ ପଡିଥିଲା। ସୂଚନାଯୋଗ୍ୟ ଦୋଳ ପର୍ବ ସମୟରେ ଠାକୁର ଠାକୁରାଣୀ ପ୍ରତି ସାହି ସାହିକୁ ଦୋଳରେ ଆସି ଚାଚେରୀ ଭୋଗ ବିଧି ଭୋଗ ଲାଗି ହେବା ପରମ୍ପରା ରହିଛି ତେବେ ପରମ୍ପରା ଅନୁସାରେ କିଛି ନିର୍ଦ୍ଦିଷ୍ଟ ଜାତିର ଦୁଆରେ ଠାକୁର ଭୋଗ ଖାଇବା ପରମ୍ପରା ନଥିବାରୁ ନିକଟସ୍ଥ ତୁଳସୀ ଚଉରାରେ ସେହି ଜାତି ଲୋକେ ରଖିଥିବା ଭୋଗ ଲାଗି ହୋଇଥାଏ। ତେବେ ବ୍ୟବସ୍ଥାରେ ପକ୍ଷପାତିତା ନ ରଖିବା ମହତ ଉଦ୍ଦେଶ୍ୟରେ ଚାନ୍ଦପୁର ସରପଞ୍ଚ ରଂଜିତା ସେନାପତିଙ୍କ ସ୍ୱାକ୍ଷରିତ ଏକ ପତ୍ର ଗତ ବର୍ଷ ଆରଡିସି କଟକ, ନୟାଗଡ ଜିଲ୍ଲାପାଳ, ରଣପୁର ବିଡିଓ, ରଣପୁର ତହସିଲଦାର, ଚାନ୍ଦପୁର ଥାନା ଆଇଆଇସି, ଚାନ୍ଦପୁର ଗ୍ରାମ୍ୟ କମିଟି ସଭାପତି ସୁକାନ୍ତ କିଶୋର ସେନାପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ତେବେ ଇତିମଧ୍ୟରେ ଏକ ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ପ୍ରତିକାର ହୋଇପାରିଲା ନାହିଁ। ଗତକାଲି ବିଳମ୍ବିତ ରାତିରେ ଆଡମ୍ବର ପୂର୍ଣ୍ଣ ପାଟ ପଟୁଆର ସହିତ ମା' ରାମଚଣ୍ଡୀ ଦେବୀ, ଗୋପୀନାଥ ଦେବ ଓ ରାଧାମୋହନ ଦେବ ଗ୍ରାମରେ ଭୋଗ ଖାଉଥିବା ବେଳେ ନିର୍ଦ୍ଦିଷ୍ଟ ଜାତିର ବ୍ୟକ୍ତି ତୁଳସି ଚଉରାରେ ନୁହେଁ ସାଧାରଣର ବର୍ଗ ଙ୍କ ଦୂଆରେ ଖୁଆଯାଉଥିବା ଭଳି ସେମାନଙ୍କ ଦୁଆରେ ମଧ୍ୟ ବଢାଯାଇଥିବା ଭୋଗ ଖୁଆଇବା ପାଇଁ ଅଡି ବସିଥିଲେ। ପୁରାତନ ଅମଳରୁ ପ୍ରଚଳିତ ପ୍ରଥାରେ ବ୍ୟତିକ୍ରମ କରିବୁ ନାହିଁ ବୋଲି ଜିଦ ଧରିବାରେ ତିନି ଠାକୁରାଣୀ ଠାକୁରଙ୍କୁ ଛାଡି ଦିଆଗଲା ନାହିଁ। ଫଳରେ ଘଟଣାସ୍ଥଳରେ ଠେଲାପେଲା, ମାରପିଟ ଭଳି ଘଟଣା ଦେଖିବାକୁ ମିଳିଲା। ଚାନ୍ଦପୁର ଆଇଆଇସି ଅଭୟ ବେହେରା, ଗାଁ ସଭାପତି ସୁକାନ୍ତ କିଶୋର ସେନାପତି, ପୂର୍ବତନ ସରପଞ୍ଚ ଅଶୋକ କୁମାର ସାହୁ, ଉପସଭାପତି ଶିବପ୍ରସାଦ ସାହୁ, ଗୋପାଳ ନାୟକଙ୍କ ସମେତ ବହୁ ବ୍ୟକ୍ତି ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଘଟଣାର କୌଣସି ସମାଧାନ ପରିବର୍ତ୍ତେ ଠାକୁର ମାନଙ୍କୁ ବଳପୂର୍ବକ ନିଆ ଯାଇଥିଲା। ଏଭଳି ସମ୍ବେଦନଶୀଳ ପରମ୍ପରାର ନିରପେକ୍ଷ ବିଚାର କରାଯିବାକୁ ଚାନ୍ଦପୁର ସରପଞ୍ଚଙ୍କ ସ୍ୱାମୀ ଦିପକ କୁମାର ସେନାପତିଙ୍କ ସମେତ ଏହି ପ୍ରଥାରେ ଶିକାର ହେଉଥିବା ବ୍ୟକ୍ତି ପ୍ରଶାସନର ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି।

## ଦେଶୀ ମଦ ଜବତ, ତିନି ଗିରଫ

ବେଗୁନିଆ,୧୪।୩ (ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ପୁଲିସ ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ଉ ହୋଇଥିଲା। ଏଥିରୁ ମୋଟ ୫୩୩ ଲିଟର ଦେଶୀ ମଦ ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନେ ହେଲେ ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ନୟାଗଡ ଜିଲ୍ଲା ସୁରୁକାବାଡି ଗ୍ରାମର ମନ ମୋହନ ମହାନ୍ତିଙ୍କଠାରୁ ୫୧୦ ଲିଟର ମଦ ସହ ସ୍କୁଟି ଓ ମୋବାଇଲ, ବୋଲଗଡ ଥାନା ଅନ୍ତର୍ଗତ ଖାରଡପଲ୍ଲୀ ଗ୍ରାମର ମାଧବ ନାୟକଙ୍କ ଠାରୁ ୧୫ ଲିଟର ଓ ବାଘମାରୀ ଥାନା ଅନ୍ତର୍ଗତ ଗଁପୁର ଗ୍ରାମର ଗଣେଶ ସେଠୀଙ୍କଠାରୁ ଆସ୍କା ଫର୍ଟି ୮ ଲିଟର ଜବତ ହୋଇଛି।

## ବାଲୁଗାଁ ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ



ବାଲୁଗାଁ, ୧୪।୩ (ସମିସ) : ବାଲୁଗାଁ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ମହାବିଦ୍ୟାଳୟ ପରିସର ସ୍ଥିତ ପ୍ରଜ୍ଞା ଭବନରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ଶାସ୍ତ୍ରୀୟଓଡ଼ିଆ ଭାଷା ଦିବସରେ ମୁଖ୍ୟବକ୍ତା ଭାବେ ଡ. ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ ଓଡ଼ିଆ ଭାଷାର ପ୍ରାମାଣିକ ତଥ୍ୟ ପ୍ରଦାନ ପୂର୍ବକ ଭାଷା ବିଜ୍ଞାନ ଓ ଭାଷାତତ୍ତ୍ୱ ସମ୍ପର୍କରେ ଉପସ୍ଥାପନା କରିଥିଲେ। ଅନ୍ୟତମ ଅତିଥି ଭାବେ ସୁବାଷ ଶ୍ରୀଚନ୍ଦନ, ଡ. କୈଳାସ ଚନ୍ଦ୍ର ମହାରଣା, ଡ. ମୋନାଲିସା ମାନସିଂହ, ବିଦ୍ୟାଧର ଯୁଝାରସିଂହ ଓ ଡ. ମନସ୍ୱିନୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାର ଗୁରୁତ୍ୱ ଓ ମହତ୍ତ୍ୱ ସମ୍ପର୍କରେ ମତବ୍ୟକ୍ତ କରିବା ସହିତ ଓଡ଼ିଆ ଭାଷାର ପ୍ରାଚୀନ ସ୍ୱରୂପ ଓ ସାଂପ୍ରତିକ ପରିସ୍ଥିତିରେ ଓଡ଼ିଆ ଭାଷାର ବିକଶିତ ରୂପ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ ଧୋବୀ ଚରଣ ପରିଡ଼ା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ଦେଇଥିବା ବେଳେ ଅଧ୍ୟାପିକା ଶୁଭଦର୍ଶିନୀ ବିଶ୍ୱାଳ ମଞ୍ଚ ସଂଯୋଜନା କରିଥିଲେ। ଛାତ୍ରୀ ଶାଶ୍ୱତୀ ମିଶ୍ର କବିତା ପାଠ କରିବା ସହ ଧନ୍ୟବାଦ ଦେଇଥିଲେ।

## ବାଣପୁରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ବାଣପୁର,୧୪।୩ (ସମିସ) : ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ବାଣପୁର ବିଚାର ବିଭାଗୀୟ ଅଦାଲତ ପରିସରରେ ଶନିବାରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଇପ୍‌ସିତା ପ୍ରିୟା ଏକ୍କା ଯୋଗଦେଇ ୨୨ଟି ଫୌଜଦାରୀ, ୧୦ଟି ଦେୱାନୀ, ୫୭ଟି ମୋଟର ଯାନ ଏବଂ ଗୋଟିଏ ବୈବାହିକ ବିବାଦ ମକଦ୍ଦମା ସମେତ ସମୁଦାୟ ୯୨ଟି ବିଭିନ୍ନ ମାମଲାର ଫଇସଲା କରିଥିଲେ। ଗୋଟିଏ ବ୍ୟାଙ୍କର ପ୍ରାକ୍ ବିବାଦୀୟ ମୋକଦ୍ଦମାର ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇ ୭୦ ହଜାର ୬୨୦ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ଓକିଲ ସଂଘର ସଭାପତି ବୃନ୍ଦାବନ ପ୍ରଧାନ, ସମ୍ପାଦକ ଜଗଦିଶ ପଟ୍ଟନାୟକ, ରିଟେନର ରାମଚନ୍ଦ୍ର ପଲାଇ, ମନୋଜ ମହାପାତ୍ର, ସୁନିଲ ମହାପାତ୍ର, ସରତ ପଟ୍ଟନାୟକ, ଜଳନ୍ଧର ପ୍ରଧାନ, ମହେନ୍ଦ୍ର ସାମନ୍ତସିଂହାର, ବିପ୍ଳବ ମୁଦୁଲିଙ୍କ ସମେତ ବହୁ ସଦସ୍ୟ, ଅଦାଲତ କର୍ମଚାରୀ ଏବଂ ବାଣପୁର ଓ ବାଲୁଗାଁ ଅଞ୍ଚଳର ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ଉପସ୍ଥିତ ରହି ଅଦାଲତ ପରିଚାଳନାରେ ସହାୟତା କରିଥିଲେ।

## ବିଶ୍ୱ କଳା ମୋତିଆ ସପ୍ତାହ ପାଳିତ

ଟାଙ୍ଗୀ,୧୪।୩ (ସମିସ): କଳାମୋତିଆ ବା ଗ୍ଲୁକୋମା ଅନ୍ଧତ୍ୱର କାରଣ ମାନଙ୍କ ମଧ୍ୟରେ ଅନ୍ୟତମ। ସାଧାରଣତଃ ଚକ୍ଷୁର ଏହି ରୋଗରେ ଲକ୍ଷଣ ଜଣାପଡ଼େ ନାହିଁ ମାତ୍ର ଦୃଷ୍ଟି ଶକ୍ତି ସମୟକ୍ରମେ କମି କମି ଯାଇଥାଏ। ଏହି ରୋଗରେ ଚାଲିଯାଇଥିବା ଦୃଷ୍ଟି ଫେରି ପାରେ ନାହିଁ। ଚିହ୍ନଟ ବେଳକୁ ଯେଉଁ ଦୃଷ୍ଟି ଥାଏ ସଠିକ୍ ଚିକିତ୍ସା ଦ୍ୱାରା ତାହା ବଞ୍ଚାଇବା ସମ୍ଭବ। ଏଣୁ ରୋଗ ଚିହ୍ନଟ ସଅଳ ହେବା ଆବଶ୍ୟକ। ପ୍ରତିବର୍ଷ ଭଳି ମାର୍ଚ୍ଚ ୨ୟ ସପ୍ତାହକୁ ବିଶ୍ୱ ଗ୍ଲୁକୋମା ସପ୍ତାହ ଭାବେ ଆତ୍ମାନନ୍ଦ ଆଇ କେୟାର ହସ୍ପିଟାଲ ଟ୍ରଷ୍ଟ ଭୁବନେଶ୍ୱର ଦ୍ୱାରା ଟାଙ୍ଗୀ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ କଳା ମୋତିଆ ଚିହ୍ନଟ ଶିବିର ଆୟୋଜିତ ହୋଇଯାଇଛି। ଆଖପାଖ ଗ୍ରାମାଞ୍ଚଳରେ ଗ୍ଲୁକୋମା ରୋଗ ସମ୍ପର୍କରେ ସଚେତନତା ଓ ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ସମ୍ପାଦିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟ ରଂଜନ ନନ୍ଦ, ଅପ୍‌ଥାଲ୍ମିକ ଅଧିକାରୀ ଦୁର୍ଗାପ୍ରସାଦ ମହାପାତ୍ର, ଆତ୍ମାନନ୍ଦ ଆଇକେୟାର କେୟାର ହସ୍ପିଟାଲର ଦୃଷ୍ଟି ବିଶାରଦ ଡଃ ନିରଞ୍ଜନ ରାଜ, ନିର୍ମଳ, ରଶ୍ମି, ଗିରିଜା, ପ୍ରମୋଦ ଉପସ୍ଥିତ ରହିଥିଲେ।

## ବିଶିଷ୍ଟ ରାମଲୀଳା ଓ ସଂକୀର୍ତ୍ତନ ଗାୟକ ଧରଣୀଧରଙ୍କ ପରଲୋକ



ବୋଲଗଡ଼, ୧୪।୩ (ସମିସ): ବୋଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମର ବିଶିଷ୍ଟ ସାଂସ୍କୃତିକ ପୁରୋଧା, ସଂକୀର୍ତ୍ତନ ଗାୟକ ତଥା ରାମଲୀଳା ନିର୍ଦ୍ଦେଶକ ଧରଣୀଧର ଉତ୍ତରରାୟଙ୍କ ୯୭ ବର୍ଷ ବୟସରେ ମହାପ୍ରୟାଣ ଘଟିଛି। ଶନିବାର ଭୋର ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଧରଣୀଧର ଉତ୍ତରରାୟ ଅନଙ୍ଗ ନରେନ୍ଦ୍ର କୃତ ରାମଲୀଳା ଏବଂ ସଂକୀର୍ତ୍ତନ ଗାୟନରେ ଜଣେ ଧୁରିଣ ବ୍ୟକ୍ତିତ୍ୱ ଥିଲେ। ଚମ୍ପାଇଲୋର ପ୍ରସିଦ୍ଧ ରାମଲୀଳା ପରମ୍ପରାକୁ ଦୀର୍ଘ ବର୍ଷ ଧରି ଜୀବନ୍ତ ରଖିବାରେ ତାଙ୍କର ମୁଖ୍ୟ ଭୂମିକା ରହିଥିଲା। ଜଣେ ସଂସ୍କୃତି ସାଧକ ଭାବେ ତାଙ୍କର ଶେଷ ସମୟ ମଧ୍ୟ ବେଶ୍ ଆଧ୍ୟାତ୍ମିକମୟ ଥିଲା। ମୃତ୍ୟୁର ମାତ୍ର ୨ ଘଣ୍ଟା ପୂର୍ବରୁ ସେ ରାମଲୀଳା ଗାନ କରିଥିଲେ। ଧରଣୀଧରଙ୍କୁ ପୁରୁଣା ପିଢ଼ିର ଶେଷ ସନ୍ତକ ବୋଲି ଗ୍ରାମବାସୀ ଅଭିହିତ କରିଛନ୍ତି। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁତ୍ର ବିରଞ୍ଚି ଉତ୍ତରରାୟ ମୁଖାଗ୍ନି ଦେଇଥିଲେ।

## ଶନିଶ୍ଚର ଦେବଙ୍କ ବାର୍ଷିକ ମେଳା

ବେଗୁନିଆ,୧୪।୩ (ସମିସ): ବୋଲଗଡ ବ୍ଲକ ଅନ୍ତର୍ଗତ ଆରିକମା ପଞ୍ଚାୟତ ଅନ୍ତର୍ଗତ ଭବାନୀପୁର ଗ୍ରାମର ଦେଶୁଆ ସାହିସ୍ଥିତ ଶନିଶ୍ଚର୍ ଦେବଙ୍କ ୪୧ ତମ ବାର୍ଷିକ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ଯାଜ୍ଞିକ ବ୍ରାହ୍ମଣ ରମେଶ ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ବୈଦିକ ରୀତି ନୀତି ଅନୁଯାଇ ଭକ୍ତି ଓ ନିଷ୍ଠାର ସହ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶରତ କୁମାର ପରିଡ଼ା, ରଙ୍କନିଧି ଜେନା,ରମେଶ ଚନ୍ଦ୍ର ବିଶ୍ୱାଳ, ନିରଞ୍ଜନ ଜେନା, ମାନସ ରଞ୍ଜନ ବିଶ୍ୱାଳ ଓ ସାମ୍ବାଦିକ ଶରତ ଚନ୍ଦ୍ର ବାରିକଙ୍କ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ମା' ବିମଳାକ୍ଷୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବୋଲଗଡ଼,୧୪।୩ (ସମିସ): ବୋଲଗଡ଼ ବ୍ଲକ ଅସରଳା ଗ୍ରାମରେ ଆଜି ସନ୍ଧ୍ୟାରେ ମା' ବିମଳାକ୍ଷୀ ଭଲିବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ବିମଳାକ୍ଷୀ କ୍ଲବର ସ୍ୱେଚ୍ଛାସେବୀ ଯୁବକମାନଙ୍କ ଦ୍ୱାରା ଏହି ଜିଲ୍ଲା ସ୍ତରୀୟ ଦିବାରାତ୍ର ଭଲି ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଉକ୍ତ ଟୁର୍ନାମେଣ୍ଟରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବଛାବଛା ୮ଟି ଭଲି ଟିମ୍ ଅଂଶ ଗ୍ରହଣ କରିଛନ୍ତି। ମୁଖ୍ୟଅତିଥି ଭାବେ ଶିଳ୍ପପତି ରବିନ୍ଦ୍ର କୁମାର ସୁବୁଦ୍ଧି ଯୋଗ ଦେଇଥିବା ଉକ୍ତ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିବା ବେଳେ ଗ୍ରାମାଞ୍ଚଳରେ ଖେଳର ବିକାଶ ପାଇଁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ସ୍ୱାଇଁ, ଶିକ୍ଷାବିତ ସୁବଳ ଜେନା, ରାଜକିଶୋର ବେହେରା, କଂଗ୍ରେସ ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ନଟବର ପାଣ୍ଡେ ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟ ଆୟୋଜକ କ୍ଲବର ସଭାପତି କସ୍ତୁରୀ ଚରଣ ମହାପାତ୍ର, ସଦସ୍ୟ ସୁଶାନ୍ତ ସାମନ୍ତରାୟ, ଦେବାଶିଷ ସାମନ୍ତରାୟ ବିଶ୍ୱ ନନ୍ଦ, ଆକାଶ ମହାପାତ୍ର, ବିଭୂ ପ୍ରସାଦ ମାର୍ଥା, ଶିବରାମ ମହାପାତ୍ର, ସୀତାରାମ ମହାପାତ୍ର, ରଂଜନ ସାହୁ, ପାର୍ଥ ସାରଥୀ କର, ବିବେକ କର, ଲିପୁନ ମଙ୍ଗରାଜ ସହ ଗୁରୁ ପ୍ରସାଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅସରଳା ଗ୍ରାମବାସୀ ସହଯୋଗ କରିଥିଲେ।

## ନିରାକାରପୁର କଲେଜ ପଡ଼ିଆ

# ସାମରିକ ବିଭାଗକୁ ଯିବା ପାଇଁ ଯୁବପିଢ଼ିଙ୍କ ସଫଳତାର ପାହାଚ

ନିରାକାରପୁର,୧୪।୩ (ସମିସ)



କୁହାଯାଏ, ଯଦି ସ୍ୱପ୍ନ ଦେଖିବାର ସାହସ ଅଛି, ତେବେ ପରିଶ୍ରମ କରିବାର ଶକ୍ତି ମଧ୍ୟ ରହିବା ଦରକାର। ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ଶତାଧିକ ଯୁବକଯୁବତୀଙ୍କ ପାଇଁ ଏହି ଉକ୍ତିଟି ବେଶ୍ ପ୍ରାସଙ୍ଗିକ। ସ୍ଥାନୀୟ କଲେଜ ପଡ଼ିଆ ଆଜି କେବଳ ଏକ ଖେଳ ପଡ଼ିଆ ହୋଇ ରହିନାହିଁ, ବରଂ ଏହା ସାମରିକ ଓ ପୁଲିସ ବିଭାଗରେ ଚାକିରି ପାଇବା ପାଇଁ ଏକ 'ତାଲିମ କେନ୍ଦ୍ର' ପାଲଟିଛି। ପ୍ରତିଦିନ ସକାଳ ହେବା ମାତ୍ରେ ନିରାକାରପୁର ଓ ଏହାର ଆଖପାଖ ଅଞ୍ଚଳରୁ ଯୁବକଯୁବତୀମାନେ ଏହି ପଡ଼ିଆରେ ଏକତ୍ରିତ ହୁଅନ୍ତି। ଦେଶ ମାତୃକାର ସେବା କରିବା ପାଇଁ ମନରେ ଇଚ୍ଛା ରଖି ସେମାନେ ଏଠାରେ ଦୌଡ଼, ଉଚ୍ଚ ଡିଆଁ ଓ ଲମ୍ବ ଡିଆଁ, ରୋପିଂ ଓ ବିଭିନ୍ନ ବ୍ୟାୟାମ ଆଦି କଠିନ ଅଭ୍ୟାସ କରନ୍ତି। ବର୍ଷ ବର୍ଷ ଧରି ଏହି ପଡ଼ିଆ ଅନେକଙ୍କୁ ସେନା ଓ ପୁଲିସ ବିଭାଗରେ ନିଯୁକ୍ତି ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି ପଡ଼ିଆର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ଯେଉଁମାନେ ଏଠାରୁ ଅଭ୍ୟାସ କରି ସେନାରେ କାର୍ଯ୍ୟରତ ଅଛନ୍ତି, ସେମାନେ ଯେତେବେଳେ ଛୁଟିରେ ଘରକୁ ଆସନ୍ତି, ସେମାନେ ନିଜ ସମୟକୁ ନଷ୍ଟ ନ କରି ପଡ଼ିଆକୁ ଆସି ନୂଆ ପିଢ଼ିର ଯୁବକଯୁବତୀଙ୍କୁ ମାଗଣାରେ ପ୍ରଶିକ୍ଷଣ ଦିଅନ୍ତି। ୧୦ରୁ ୧୫ କିଲୋମିଟର ଦୂରରୁ ଆଶାୟୀମାନେ ଆସି ଏଠାରେ ଟିପ୍ସ ଗ୍ରହଣ କରନ୍ତି। 'ସଫଳତାର ଏହି କ୍ଷେତ୍ର' ଅନେକଙ୍କୁ ରୋଜଗାର ଓ ସମ୍ମାନ ଦେଇଥିବା ଏହି ପଡ଼ିଆ କିନ୍ତୁ ଆଜି ବିକାଶ ଅପେକ୍ଷାରେ। ସ୍ଥାନୀୟବାସିନ୍ଦା ଓ ଖେଳାଳିଙ୍କ କହିବା ଅନୁଯାୟୀ ପଡ଼ିଆର ଉନ୍ନତିକରଣ ପାଇଁ କୌଣସି ରାଜନୈତିକ ବା ପ୍ରଶାସନିକ ସ୍ତରରେ ପଦକ୍ଷେପ ନିଆଯାଉ ନାହିଁ। ବର୍ଷା ଦିନେ କିମ୍ବା ସାଧାରଣ ସମୟରେ ପଡ଼ିଆର ରକ୍ଷଣାବେକ୍ଷଣ ଅଭାବରୁ ଅଭ୍ୟାସରେ ବାଧା ସୃଷ୍ଟି ହେଉଛି। ଏହି ପଡ଼ିଆରେ ପ୍ରଶିକ୍ଷଣ ନେଉଥିବା କିଛି ପିଲା କୁହନ୍ତି ଆମ ପାଇଁ କେବଳ ମାଟି ନୁହେଁ, ଏହା ଆମର ମନ୍ଦିର। ଏଠାରୁ ବାହାରି ଅନେକ ପିଲା ଆଜି ଦେଶ ସେବା କରୁଛନ୍ତି। ସରକାର ଯଦି ଏହି ପଡ଼ିଆ ପ୍ରତି ଦୃଷ୍ଟି ଦିଅନ୍ତେ ଏବଂ ଏଠାରେ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦିଅନ୍ତେ, ତେବେ ଆଗାମୀ ଦିନରେ ନିରାକାରପୁର ଅଞ୍ଚଳରୁ ଆହୁରି ଅଧିକ ସଂଖ୍ୟକ ଯୁବକଯୁବତୀ ଦେଶର ସୁରକ୍ଷା ବାହିନୀରେ ସାମିଲ ହୋଇ ଓଡ଼ିଶାର ଗୌରବ ବଢ଼ାଇ ପାରନ୍ତେ।